ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୫/୨୦୨୪ (୧୮ ପୃଷ୍ଠା) Bhubaneswar, Friday, January 5/2024 Page 18 ₹ 7.00

୫୦ଶ ଭାଗ ୪୩ ସଂଖ୍ୟା www.orissaksshabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 43 ମୂଲ୍ୟ ₹୭/-

ନାଡାଲ କ୍ୱାର୍ଟରଫାଇନାଲରେ ୧୪

ରାଫାଲ ନାଡାଲ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

ଦ୍ୱିତୀୟ ଜନ୍ମ ପାଇଲି: ଶ୍ରେୟାସ ୦୩

ହୃଦ୍‌ଘାତରୁ ଆରୋଗ୍ୟ ଲାଭ କରି ଦ୍ୱିତୀୟ ଜୀବନ ପାଇଥିବା ବଲିଉଡ୍ ଅଭିନେତା ଶ୍ରେୟାସ ତଲପଡେ କହିଛନ୍ତି।

ଓଡ଼ିଶାରେ ଜେଏନ୍. ୧

ଭୁବନେଶ୍ୱର,୪।୧(ବନ୍ଦନା ସେଠୀ)

୨ ଚିହ୍ନଟ, କେରଳରୁ ଫେରିଥିଲେ

ଭାରତ ସମେତ ସାରା ବିଶ୍ୱରେ ଏବେ ଚିନ୍ତା ବଢ଼ାଇଥିବା କୋଭିଡ୍-୧୯ର ନୂଆ ସବ୍-ଭାରିଆଣ୍ଟ ଜେଏନ୍.୧ ଭୂତାଣୁ ପ୍ରଥମଥର ପାଇଁ ଓଡ଼ିଶାରେ ଚିହ୍ନଟ ହୋଇଛି। ଏଥିରେ ୨ଜଣ ଆକ୍ରାନ୍ତ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି। ଦୁହେଁ କେରଳରୁ ଫେରିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରର ହୋଇଥିବାବେଳେ ଅନ୍ୟ ଜଣେ ସୁନ୍ଦରଗଡ଼ର। ସେହିପରି ୨ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ହୋମ୍ ଆଇସୋଲେଶନ୍‌ରେ ରହିଛନ୍ତି ଏବଂ ଅନ୍ୟଜଣେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସମସ୍ତଙ୍କର ଜିନୋମ ସିକ୍ୟୁଏନ୍ସ ପାଇଁ ପଠାଯାଇଥିଲା। ଏଥିରୁ ୨ଜଣ ଜେଏନ୍.୧ ପଜିଟିଭ୍ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହାବାଦ୍ ଗତ ୨୪ ଘଣ୍ଟାରେ ଅନୁଗୋଳରୁ ଜଣେ କରୋନା



ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଏବେ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ୨୫ଜଣ ସକ୍ରିୟ ରୋଗୀ ଥିବାବେଳେ ମୃତ୍ୟୁ ନେଇ କୌଣସି ସୂଚନା ନାହିଁ। ତେବେ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି, ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରହିଛି। ଏବେ ଚିହ୍ନଟ ହେଉଥିବା ସଂକ୍ରମିତ ସେତେଟା ଗୁରୁତର ହେଉ ନାହାନ୍ତି। ତେବେ ଲୋକମାନେ ସତର୍କ ରହିବା ଆବଶ୍ୟକ। ଏଥିସହ କୌଣସି ଲକ୍ଷଣ ଦେଖାଗଲେ ତୁରନ୍ତ ଟେଷ୍ଟ କରି ଘରେ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଜେଏନ୍.୧ ପାଇଁ ଏବେ ବିଭିନ୍ନ ଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ଭାରତରେ ପ୍ରଥମେ କେରଳରୁ ଏହି ଭୂତାଣୁ ଠାବ ହୋଇଥିବାବେଳେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ସଂକ୍ରମଣ ପୁଣି ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଗତ ଡିସେମ୍ବରରେ କେରଳର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ସତର୍କ କରାଇଛନ୍ତି। ଏଥିସହ ଏହାର ମୁକାବିଲା ଲାଗି ଗାଇଡ୍‌ଲାଇନ୍ ଜାରି କରି ଆବଶ୍ୟକ ଔଷଧ, ବେଡ୍ ଓ ଡାକ୍ତର ପ୍ରସ୍ତୁତ ରଖିବାକୁ କୁହାଯାଇଛି। ତେବେ ଏହା ଭିତରେ ଦେଶର ଅଧିକାଂଶ ରାଜ୍ୟରୁ ଜେଏନ୍.୧ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜୀବନ ଯାଉଥିବା ଜଣାପଡିଛି।

ଭଗବାନ ରାମ ମାଂସ ଖାଉଥିଲେ

ଏନ୍‌ସିପି ନେତାଙ୍କ ବିବାଦୀୟ ମନ୍ତବ୍ୟ

ଜିତେନ୍ଦ୍ର ଆହ୍ୱାଡ

ନୂଆଦିଲ୍ଲୀ,୪।୧

ଭଗବାନ ରାମ ମାଂସ ଖାଉଥିଲେ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଶରଦ ପାୱାରଙ୍କ ଗୋଷ୍ଠୀର ନେତା ଜିତେନ୍ଦ୍ର ଆହ୍ୱାଡ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଛି। ସମାଲୋଚିତ ହେବା ପରେ ଜିତେନ୍ଦ୍ର ତାଙ୍କ ମନ୍ତବ୍ୟ ପାଇଁ ଗୁରୁବାର କ୍ଷମା ମାଗିଛନ୍ତି। ତେବେ ସେ ବିନା ଗବେଷଣାରେ ମନ୍ତବ୍ୟ ଦେଇ ନ ଥିଲେ। ଏ ସମ୍ପର୍କରେ ହିନ୍ଦୁ ଧର୍ମଗ୍ରନ୍ଥ ☞ପୃଷ୍ଠା–୨

ଷ୍ଟିୟରିଂ ଛାଡ଼ିବେ ୫ ଲକ୍ଷ ଡ୍ରାଇଭର

ଆନ୍ଦୋଳନ ଆରମ୍ଭ: ଶନିବାରରୁ ଜୋରଦାର

ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବା ଆଶଙ୍କା

କେନ୍ଦ୍ର ସରକାରଙ୍କ ନୂଆ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୬(୨)ରେ ହିଟ୍ ଆଣ୍ଡ ରନ୍ ଘଟଣା ପାଇଁକଠୋର ଦଣ୍ଡ ବ୍ୟବସ୍ଥାକୁ ବିରୋଧ ବଢ଼ିବାରେ ଲାଗିଛି। ପ୍ରଥମେ ଏହାକୁ ବିରୋଧ କରି ଦେଶର ୧୦ରାଜ୍ୟରେ ଟ୍ରକ୍ ଡ୍ରାଇଭର ସଂଘ ପକ୍ଷରୁ ହରତାଳ ଯୋଗୁ ଯାନବାହନ ଚଳାଚଳ ଏକ ପ୍ରକାର ଠପ୍ ହୋଇଥିବାବେଳେ ଏବେ ଏଥିରେ ଓଡ଼ିଶା ଡ୍ରାଇଭର ମହାସଂଘ ସାମିଲ ହୋଇଛି। ଗୁରୁବାରଠାରୁ ରାଜ୍ୟର କେତେକ ସ୍ଥାନରେ ଡ୍ରାଇଭର ସଂଘ ପକ୍ଷରୁ ଧର୍ମଘଟ ଆରମ୍ଭ କରାଯାଇଥିବାବେଳେ ଶନିବାରଠାରୁ ଏହାକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଯାତ୍ରୀ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହେଲାଣି।

ଭୁବନେଶ୍ୱର,୪।୧(ଅନିଲ ଦାସ)

କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଓଡ଼ିଶା ଡ୍ରାଇଭର ସଂଘ

ଆନ୍ଦୋଳନକୁ ଓହ୍ଲାଇଛି। ହିଟ୍ ଆଣ୍ଡ ରନ୍ ଆଇନକୁ ବିରୋଧ କରି ଗୁରୁବାରଠାରୁ ପୁଣି ଥରେ ସମଗ୍ର ଦେଶରେ ଡ୍ରାଇଭରମାନଙ୍କ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ସମସ୍ତ ଡ୍ରାଇଭର ମଧ୍ୟ ସାମିଲ ହେବେ ବୋଲି ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଘୋଷଣା କରାଯାଇଛି। ଗୁରୁବାରଠାରୁ କେତେକ ଡ୍ରାଇଭର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଗାମୀ ଦୁଇଦିନ ମଧ୍ୟରେ ସମଗ୍ର ରାଜ୍ୟର ଡ୍ରାଇଭର ନିଜ ଗାଡ଼ିକୁ ଘରେ କିମ୍ବା ନିଜ ମାଲିକଙ୍କ ଜିମା ଦେଇ ଆନ୍ଦୋଳନରେ ସାମିଲ ହେବେ। ଏ ନେଇ ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଟୁଲି ସୂଚନା ଦେଇଛନ୍ତି। ରାଜ୍ୟର ପ୍ରାୟ ୫ରୁ ୬ଲକ୍ଷ ଡ୍ରାଇଭର ଏହି ଆନ୍ଦୋଳନରେ ସାମିଲ ହେବେ। ଏହି ଆନ୍ଦୋଳନ ଫଳରେ ରାଜ୍ୟରେ ପେଟ୍ରୋଲ, ଡିଜେଲ ସହିତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇବା ନେଇ ଆଶଙ୍କା ଦେଖାଦେଇଛି।

ପ୍ରଶାନ୍ତ କହିଛନ୍ତି ଯେ ସରକାର ଆମ ଦାବି ଶୁଣୁନାହାନ୍ତି। ୨୦୨୧ରୁ ପ୍ରତିଶ୍ରୁତି ଦେଇ ଆଜିପର୍ଯ୍ୟନ୍ତ ଭୁଆଁ ବୁଲାଉଛନ୍ତି। କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ ଆଇନ୍ ଅନୁଯାୟୀ, ଦୁର୍ଘଟଣା ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ୍, ୭ ଲକ୍ଷ ଟଙ୍କା ଜରିମାନା ଦେବା ନିୟମ ଆଣିବାକୁ ଯାଉଛନ୍ତି। ଏପରି ସ୍ଥିତି ଉପୁଜିଲେ କୌଣସି ବି ଡ୍ରାଇଭର ଏତେ ଟଙ୍କା ଦେବା ସମ୍ଭବ ନୁହେଁ। ଆଇନକୁ ଆମେ ସ୍ୱାଗତ କରୁଛି। ମାତ୍ର ଲୋକମାନଙ୍କ ପାଇଁ ମଧ୍ୟ ସରକାର ଆଇନ କରନ୍ତୁ। ଦୁର୍ଘଟଣା ପରେ ଡ୍ରାଇଭର ଆହତଙ୍କୁ ହସ୍ପିଟାଲ ନେବେ। ଲୋକଙ୍କ ମାଡ ଭୟରେ ଜୀବନ ବଞ୍ଚାଇବା ଡ୍ରାଇଭର ଗାଡି ଛାଡି ପଳାଇବାକୁ ବାଧ ହେଉଛନ୍ତି। ଜଣେ ଡ୍ରାଇଭର ମାସକୁ ୧୦ରୁ ୧୫ ହଜାର ଟଙ୍କା ପାଇବ। ☞ପୃଷ୍ଠା–୨

ଚର୍ଚ୍ଚାରେ ହାଇଟେକ୍ ହସ୍ପିଟାଲ ବିସ୍ଫୋରଣ ଘଟଣା

ଦିଲ୍ଲୀପ ମୃତ ନୁହନ୍ତି ଜୀବିତ

ଭୁବନେଶ୍ୱର,୪।୧ (ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହାଇଟେକ୍ ହସ୍ପିଟାଲ୍‌ରେ ଗତ ୨୯ତାରିଖରେ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲ୍ଲୀପ ସାମନ୍ତରାୟ ମୃତ ନୁହେଁ ବରଂ ଜୀବିତ ଥିବା ଶୁଣିବାକୁ ମିଳୁଛି। ବିସ୍ଫୋରଣରେ ଆହତ ୪ଜଣଙ୍କ ମଧ୍ୟରୁ ଗତ ୩୧ତାରିଖରେ ଦିଲ୍ଲୀପଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏପରି କି ସେହି ଅନୁସାରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପରେ ପରିବାର ଲୋକ ମୃତଦେହକୁ ସଂସ୍କାର କରିଥିଲେ। ତେବେ ମାତ୍ର ୨ବର୍ଷ ତଳେ ବିବାହ କରିଥିବା ଦିଲ୍ଲୀପଙ୍କ ସ୍ତ୍ରୀ ସୌମ୍ୟାଶ୍ରୀ ଜେନା ସ୍ୱାମୀଙ୍କ ମୃତ୍ୟୁକୁ ସହ୍ୟ କରି ନ ପାରି ଗତ ୧ତାରିଖରେ ବାପଘରେ ଦୌଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାର ରାତିରେ ଦିଲ୍ଲୀପ ବଞ୍ଚିଥିବା ନେଇ ଖବର ଜଣାପଡ଼ିବା ପରେ ସଗୁଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି। ଦିଲ୍ଲୀପ ମୃତ୍ୟୁବରଣ କରିଥିବା କହି ତାଙ୍କ ପରିବାରକୁ ଯେଉଁ ମୃତଦେହ ଦିଆଯାଇଥିଲା, ତାହା ଏବେ କାହାର ବୋଲି ପ୍ରଶ୍ନ ଉଠିଛି। ବିସ୍ଫୋରଣରେ ଆହତ ସମସ୍ତଙ୍କ ପରିଚୟ ପ୍ରଦାନ କରା ନ ଯିବା ଏପରି କି ପୋଲିସ ମଧ୍ୟ କିଛି ସୂଚନା ଦେଉ ନ ଥିବାରୁ ଘଟଣା ଅଧିକ ରହସ୍ୟାବୃତ୍ତ ହେଉଛି।

ଦିଲ୍ଲୀପ ବଞ୍ଚିଥିବା ଖବର ଶୁଣାଯିବା ପରେ ସମସ୍ତେ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ଏସି ଏଜେନ୍ସିର ଏହା ବଡ଼ ଭୁଲ ବୋଲି କୁହାଯାଉଛି। କାରଣ ଶୁଣିବାକୁ ମିଳୁଛି ଯେ, ହାଇଟେକ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଦୁଇ ଗୁରୁତରଙ୍କ ମଧ୍ୟରୁ ଜଣଙ୍କ ଚେତା ଫେରିଛି। ଏହାପରେ ସେ ନିଜକୁ ଦିଲ୍ଲୀପ ବୋଲି କହିବାରୁ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି। ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମଞ୍ଚେଶ୍ୱର ଥାନା ପୋଲିସ ଟିମ୍ ଏନେଇ ତନାଘନା ଜାରି ରଖିଥିଲା। ଏପରିକି ଦିଲ୍ଲୀପଙ୍କ ମୃତ ଶରୀରକୁ ଚିହ୍ନଟ କରିଥିବା ଉକ୍ତ ଏଜେନ୍ସି କର୍ତ୍ତୃପକ୍ଷଙ୍କୁ ମଧ୍ୟ ପଚରାଉଚରା କରୁଥିବା ଜଣାପଡ଼ିଛି। ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଏସି ଏଜେନ୍ସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ହିଁ ଏହି ଭୁଲ ହୋଇଛି। ହାଇଟେକ୍ ହସ୍ପିଟାଲରେ କାମ କରୁଥିବା ୪ କର୍ମଚାରୀଙ୍କ ପରିଚୟ ହିଁ ଉକ୍ତ ☞ପୃଷ୍ଠା–୨



ଆଜିର ସମ୍ପାଦକୀୟ

ସବୁଜ ଚିନ୍ତା

ସଂକ୍ଷେପରେ

ପଞ୍ଜାବ ଡିଏସ୍‌ପିଙ୍କୁ ହତ୍ୟାକଲେ ଅଟୋ ଡ୍ରାଇଭର

ଦଲବୀର ସିଂ ଦେଓଲ

ଚଣ୍ଡିଗଡ଼,୪।୧: ପଞ୍ଜାବ ଡିଏସ୍‌ପି ଦଲବୀର ସିଂ ଦେଓଲଙ୍କ ମୃତଦେହ ବୁଧବାର ଜଲନ୍ଧରରୁ ମିଳିଥିବାବେଳେ ତାଙ୍କୁ ଜଣେ ଅଟୋ ଚାଳକ ଗୁଳିକରି ହତ୍ୟା କରିଥିବା ଜଣାପଡ଼ିଛି। ଏକ ମାମୁଲି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡରୁ ହତ୍ୟାକାଣ୍ଡ ଘଟିଥିଲା। ପୂର୍ବରୁ ଦେଓଲ ଜଣେ ଭାରୋତ୍ତୋଳକ ଥିଲେ। ୨୦୦୦ରେ ସେ ଅର୍ଜୁନ ପୁରସ୍କାର ପାଇଥିଲେ। ସେ ଅଟୋ ଡ୍ରାଇଭରଙ୍କୁ ତାଙ୍କ ଗାଁରେ ଛାଡ଼ିଦେବାକୁ କହିଥିଲେ। ଅଟୋ ଡ୍ରାଇଭର ମନା କରିଦେବାରୁ ଏହାକୁ ନେଇ ବଚସା ହୋଇଥିଲା। ନିଶାଗ୍ରସ୍ତ ଅବସ୍ଥାରେ ଥିବା ଅଭିଯୁକ୍ତ ଡ୍ରାଇଭର ଦେଓଲଙ୍କ ସର୍ଭିସ୍ ପିସ୍ତଲ ଛଡ଼ାଇ ନେଇ ତାଙ୍କ ମୁଣ୍ଡକୁ ଗୁଳି ଚଳାଇଥିଲେ। ବିଜୟ କୁମାର ନାମକ ଅଟୋ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଜଳନ୍ଧର ପୋଲିସ କମିଶନର ସ୍ୱପନ ଶର୍ମା କହିଛନ୍ତି।

ଦିଲ୍ଲୀରୁ ହିଜ୍‌ବୁଲ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୪।୧: ଜମ୍ମୁ-କଶ୍ମୀରର ମୋଷ୍ଟୱାଣ୍ଟେଡ୍ ହିଜ୍‌ବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀ ଜାଭିଦ ଅହମଦ ମାଟ୍ଟୁଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସ୍‌ର ସ୍ୱତନ୍ତ୍ର ସେଲ୍ ଗୁରୁବାର ତାଙ୍କୁ ଗିରଫ କରିଛି। କଶ୍ମୀରର ଅନେକ ଆତଙ୍କବାଦୀ ଆକ୍ରମଣ ସହ ମାଟ୍ଟୁ ଜଡ଼ିତ। ସୁରକ୍ଷା ବଳର ୧୦ ଶୀର୍ଷ ଟାର୍ଗେଟ ମଧ୍ୟରେ ସେ ରହିଥିଲେ। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ମାଟ୍ଟୁଙ୍କ ଘର ସୋପୁର ଅଞ୍ଚଳରେ ହୋଇଥିବାବେଳେ ସେ ଅନେକ ସମୟରେ ପାକିସ୍ତାନ ଯାଉଥିଲେ।

ଦିନେଶ ତ୍ରିପାଠୀ ହେଲେ ବାୟୁସେନା ଉପମୁଖ୍ୟ

ନୂଆଦିଲ୍ଲୀ,୪।୧: ଭାଇସ୍ ଆଡମିରାଲ ଦିନେଶ ତ୍ରିପାଠୀ ଗୁରୁବାର ଦେଶର ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ପଦବୀରେ ଥିବା ଭାଇସ୍ ଆଡମିରାଲ ସଞ୍ଜୟ ଜେ. ସିଂଙ୍କୁ ୱେଷ୍ଟର୍ନ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ କରାଯାଇଛି। ଭାଇସ୍ ଆଡମିରାଲ ତ୍ରିପାଠୀ ପୂର୍ବରୁ ୱେଷ୍ଟର୍ନ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବେ କାର୍ଯ୍ୟ କରିଥିଲେ।

ଖାଲିହେବ ୬୮ ରାଜ୍ୟ ସଭା ଆସନ

ଓଡ଼ିଶାର ୩ ଏମ୍‌ପିଙ୍କ କାର୍ଯ୍ୟକାଳ ଶେଷ ହେବ

ନୂଆଦିଲ୍ଲୀ,୪।୧(ପି.ଟି.)

ଚଳିତ ବର୍ଷ ୯ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୬୮ ରାଜ୍ୟ ସଭା ସଦସ୍ୟଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଶେଷ ହେବ। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ୩ ଜଣ ଅଛନ୍ତି। ଓଡ଼ିଶାରୁ ଭାଜପା ଟିକେଟରେ ରାଜ୍ୟ ସଭାକୁ ଯାଇଥିବା ରେଳମନ୍ତ୍ରୀଙ୍କ ସଦସ୍ୟତା ଏପ୍ରିଲରେ ଶେଷ ହେବାକୁ ଯାଉଛି। ସେହିପରି ଦୁଇ ବିଜେଡି ଏମ୍‌ପି ଅମର ପଟ୍ଟନାୟକ ଏବଂ ପ୍ରଶାନ୍ତ ନନ୍ଦଙ୍କ କାର୍ଯ୍ୟକାଳ ସେହି ମାସରେ ଶେଷ ହେବ। ଏପ୍ରିଲରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଭାଜପା ମୁଖ୍ୟ ମୁଖପାତ୍ର ଅନିଲ ବାଲୁନି (ଉତ୍ତରାଖଣ୍ଡ), ମତ୍ସ୍ୟ ସମ୍ପଦ ମନ୍ତ୍ରୀ ପରଷୋତ୍ତମ ରୁପାଲା, ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ, ଏମ୍ଏସ୍ଏମ୍ଇ ମନ୍ତ୍ରୀ ନାରାୟଣ ରାଣେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡ୍‌କର ପ୍ରମୁଖଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି। ଦିଲ୍ଲୀର ୩ ଆସନ ଲାଗି ଇତିମଧ୍ୟରେ ନିର୍ବାଚନ ଘୋଷଣା କରାଯାଇଛି। ଉକ୍ତ ଆସନର ଏଏପି ନେତା ସଞ୍ଜୟ ସିଂ, ନାରାୟଣ ଦାସଗୁପ୍ତା ଏବଂ ସୁଶୀଲ କୁମାର ଗୁପ୍ତାଙ୍କ କାର୍ଯ୍ୟକାଳ ଜାନୁଆରୀ ୨୭ରେ ଶେଷ ହେବାକୁ ଯାଉଛି। ସେହିପରି ସିକିମ୍‌ରୁ ଖାଲିହେବାକୁ ଥିବା ଏକମାତ୍ର ଆସନ ପାଇଁ ମଧ୍ୟ ନିର୍ବାଚନ ଘୋଷଣା କରାଯାଇଛି। ଫେବୃୟାରୀ ୨୩ରେ ଉକ୍ତ ଆସନରୁ ଏମ୍‌ପି ଥିବା ଏସ୍‌ଡିଏଫ୍ ନେତା ହିଶେୟ ଲାଚୁଙ୍ଗପା ଅବସର ନେବେ।

ଉତ୍ତରପ୍ରଦେଶରୁ ସର୍ବାଧିକ ୧୦ ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ବିହାର ଏବଂ ମହାରାଷ୍ଟ୍ରରୁ ୬ଟି ଲେଖାଏ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରୁ ୫ ଲେଖାଏ, କର୍ଣ୍ଣାଟକ ଓ ଗୁଜରାଟରେ ୪ଟି ଲେଖାଏ, ଓଡ଼ିଶା, ତେଲଙ୍ଗାନା, କେରଳ ଓ ଆନ୍ଧ୍ରପ୍ରଦେଶରେ ୩ଟି ଲେଖାଏ ଆସନ ଖାଲି ହେବ। ସେହିପରି ଝାଡ଼ଖଣ୍ଡ ଓ ରାଜସ୍ଥାନରୁ ୨ଟି ଲେଖାଏ ଆସନ ଖାଲି ହେବାକୁ ଥିବାବେଳେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ହରିୟାଣା ଏବଂ ଛତିଶଗଡ଼ରୁ ଗୋଟିଏ ଲେଖାଏ ଆସନ ଖାଲି ହେବାକୁ ଯାଉଛି। ଜୁଲାଇରେ ୪ ମନୋନୀତ ସଦସ୍ୟ ମଧ୍ୟ ଅବସର ନେବେ। ହିମାଚଳପ୍ରଦେଶରେ କଂଗ୍ରେସ କ୍ଷମତାରେ ଥିବାରୁ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଅନ୍ୟ କୌଣସି ରାଜ୍ୟରୁ ରାଜ୍ୟ ସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ସେହିପରି କର୍ଣ୍ଣାଟକ ଓ ତେଲଙ୍ଗାନାରେ କଂଗ୍ରେସ କ୍ଷମତାରେ ଥିବାରୁ ସେଠାରୁ ଦଳୀୟ ପ୍ରତିନିଧିଙ୍କୁ ରାଜ୍ୟ ସଭାକୁ ପଠାଇବ। ମନୋନୀତ ସଦସ୍ୟଙ୍କ ମଧ୍ୟରୁ ମହେଶ ଜେଠମାଲାନି, ସୋନାଲ ମାନ୍‌ସିଂ, ରାମ ଶକଲ ଏବଂ ରାକେଶ ସିହ୍ନା ଜୁଲାଇରେ ଅବସର ନେବେ।

ଲାକ୍ଷାଦ୍ୱୀପ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମୁଦ୍ର ଗର୍ଭରେ ଜୀବନ ସମ୍ପର୍କରେ ଜାଣିବା ପାଇଁ ଆରବ ସାଗରରେ ସନ୍ତରଣ ନିମନ୍ତେ ପ୍ରସ୍ତୁତ ହେଉଛନ୍ତି।

କଂଗ୍ରେସରେ ଯୋଗଦେଲେ ଶର୍ମିଳା

ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ୱାଇ.ଏସ୍. ଶର୍ମିଳା କଂଗ୍ରେସରେ ଯୋଗଦେଉଛନ୍ତି।

ନୂଆଦିଲ୍ଲୀ,୪।୧

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଝିଅ ତଥା ୱାଇଏସ୍ଆର୍ ତେଲଙ୍ଗାନା ପାର୍ଟିର ପ୍ରତିଷ୍ଠାତା ୱାଇ.ଏସ୍. ଶର୍ମିଳା ଗୁରୁବାର କଂଗ୍ରେସରେ ଯୋଗଦେଇଛନ୍ତି। ସେ ତାଙ୍କର ୱାଇଏସ୍ଆର୍ ତେଲଙ୍ଗାନା କଂଗ୍ରେସକୁ କଂଗ୍ରେସରେ ବିଲୀନ କରାଇଛନ୍ତି। ଦଳ ଯାହା ଦାୟିତ୍ୱ ଦେବ ସେ ନିର୍ବାହ କରିବେ ବୋଲି କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଶର୍ମିଳା ସର୍ବପୁରାତନ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ ଦେଶର ସର୍ବବୃହତ୍ ଧର୍ମନିରପେକ୍ଷ ଦଳ, ଯାହା ସବୁ ସମ୍ପ୍ରଦାୟ ଓ ସବୁ ବର୍ଗର ଲୋକଙ୍କ ପାଇଁ କାମ କରିଥାଏ ବୋଲି ଶର୍ମିଳା କହିଛନ୍ତି। ଦିଲ୍ଲୀରେ କଂଗ୍ରେସ ନେତାମାନଙ୍କୁ ଭେଟିବା ପରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବେ ବୋଲି ଗତ ମଙ୍ଗଳବାର ହାଇଦ୍ରାବାଦରେ ୱାଇଏସ୍ଆର୍ ତେଲଙ୍ଗାନା କଂଗ୍ରେସ ପାର୍ଟି ବୈଠକରେ ଶର୍ମିଳା କହିଥିଲେ। ଶର୍ମିଳା ହେଉଛନ୍ତି ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ସାନ ଭଉଣୀ। ତେବେ ଜଗନଙ୍କ ଦଳରେ ଯୋଗଦେବା ଅନୁରୋଧକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ତାଙ୍କ ବାପାଙ୍କ ସ୍ୱପ୍ନ ଥିଲା ବୋଲି ଶର୍ମିଳା କହିଛନ୍ତି। ଏଥିପାଇଁ ସେ କିଛି ଅବଦାନ ଦେଇପାରିଲେ ଖୁସି ହେବେ। ତେଲଙ୍ଗାନାରେ କଂଗ୍ରେସର ବିଜୟରେ ତାଙ୍କର ସହଯୋଗ ରହିଥିଲା ବୋଲି ଶର୍ମିଳା କହିଛନ୍ତି।

ଭାରତକୁ ୧୦ ହଜାର ମେଗାୱାଟ୍ ବିଦ୍ୟୁତ୍ ଯୋଗାଇବ ନେପାଳ

ଚୁକ୍ତିନାମା ସ୍ୱାକ୍ଷରିତ

କାଠମାଣ୍ଡୁ,୪।୧

ଭାରତ ଏବଂ ନେପାଳ ମଧ୍ୟରେ ଗୁରୁବାର ଦୀର୍ଘମିଆଦୀ ବିଦ୍ୟୁତ୍ ବାଣିଜ୍ୟ ଚୁକ୍ତିନାମା ସମେତ ଅନେକ ଚୁକ୍ତି ସ୍ୱାକ୍ଷର ହୋଇଛି। ବିଦ୍ୟୁତ୍ ଚୁକ୍ତିନାମା ଅନୁଯାୟୀ ନେପାଳ ଆଗାମୀ ୧୦ ବର୍ଷ ଯାଏ ଭାରତକୁ ୧୦ ହଜାର ମେଗାୱାଟ୍ ବିଦ୍ୟୁତ୍ ରପ୍ତାନି କରିବ। ନେପାଳର ଶକ୍ତି, ଜଳ ସମ୍ପଦ ଓ ଜଳସେଚନ ମନ୍ତ୍ରୀ ଶକ୍ତିବାହାଦୁର ବସନେଟଙ୍କ ଉପସ୍ଥିତିରେ ନେପାଳର ବିଭାଗୀୟ ସଚିବ ଗୋପାଳ ସିଗଡେଲ୍ ଏବଂ ଭାରତର ଶକ୍ତି ସଚିବ ପଙ୍କଜ ଅଗ୍ରୱାଲ ଦୁଇଦେଶ ତରଫରୁ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଗତବର୍ଷ ମେ'୩୧ରୁ ଜୁନ୍ ୩ ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଭାରତ ଗସ୍ତରେ ଆସିଥିବାବେଳେ ବିଦ୍ୟୁତ୍ ରପ୍ତାନି ନେଇ ଦ୍ୱିପାକ୍ଷିକ ବୁଝାମଣା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳରୁ ବିଦ୍ୟୁତ୍ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ନେପାଳ ପ୍ରତିପକ୍ଷ ଏନ୍.ପି. ସୁଦ୍‌ଙ୍କ ସହ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ତଥା ଫଳପ୍ରଦ ଆଲୋଚନା କରିଥିବାବେଳେ ଅନେକ ଚୁକ୍ତି ସ୍ୱାକ୍ଷର ହୋଇଛି। ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ, ଯୋଗାଯୋଗ ପ୍ରକଳ୍ପ ଏବଂ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଉଭୟ ନେତା ମିଳିତ ଭାବେ ୩ଟି ସୀମାପାର ଟ୍ରାନ୍ସମିଶନଲାଇନ୍‌ରଉଦ୍‌ଘାଟନକରିଥିଲେ।

ତାଲିବାନ୍‌ର ଡ୍ରେସ୍ କୋଡ୍ ଚଢ଼ାଉ: ଖରାପ ହିଜାବ ପାଇଁ ବହୁ ମହିଳା ଗିରଫ

କାବୁଲ,୪।୧

ଆଫଗାନିସ୍ତାନରେ ତାଲିବାନ୍ ୨୦୨୧ରେ କ୍ଷମତାକୁ ଫେରିବା ପରେ ମହିଳାଙ୍କ ଡ୍ରେସ୍ କୋଡ୍‌କୁ ନେଇ ପ୍ରଥମ ଚଢ଼ାଉ କରିଛି। ରାଜଧାନୀ କାବୁଲରେ ଏହି ଚଢ଼ାଉ ବେଳେ ଖରାପ ହିଜାବ ପିନ୍ଧିଥିବା ଅନେକ ମହିଳା ଗିରଫ ହୋଇଛନ୍ତି। ଇରାନରେ ହିଜାବକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ତାଲିବାନ ଶାସକ ନିଜ ଦେଶରେ ନିୟମକୁ କଡ଼ାକଡ଼ି କରିଛନ୍ତି। ସେଠାର ମହିଳା ଓ ଝିଅମାନେ ଶିକ୍ଷା ଓ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବା ସହ ସର୍ବସାଧାରଣ ସ୍ଥାନକୁ ଯିବାର ଅନୁମତି ସେମାନଙ୍କୁ ମିଳୁ ନାହିଁ। ଏବେ ହିଜାବ ଚଢ଼ାଉକୁ ନେଇ ସେମାନେ ଆହୁରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଖରାପ ହିଜାବ କ'ଣ ଏବଂ କେତେ ସଂଖ୍ୟାରେ ମହିଳା ଗିରଫ ହେଲେଣି, ସେନେଇ ବିଭାଗୀୟ ମନ୍ତ୍ରୀ ସ୍ପଷ୍ଟ କରିନାହାନ୍ତି। ମହିଳାମାନେ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ବୁର୍ଖାରେ ଆବୃତ୍ତ କରି ରଖିବାକୁ ୨୦୨୨ ମେ'ରେ ତାଲିବାନ ନିର୍ଦ୍ଦେଶନାମା ଜାରି କରିଥିଲା।

ରାହୁଲଙ୍କ ପଦଯାତ୍ରା ନାଁ ବଦଳିଲା

ନୂଆଦିଲ୍ଲୀ,୪।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରରୁ ମୁମ୍ବାଇ ପର୍ଯ୍ୟନ୍ତ ହେବାକୁ ଥିବା ପଦଯାତ୍ରାର ନାଁ ପରିବର୍ତ୍ତନ କରାଯାଇ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ରଖାଯାଇଛି। ଆସନ୍ତା ୧୪ ତାରିଖରୁ ଏହି ଯାତ୍ରା ଆରମ୍ଭ ହେବ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ବସିଥିବା ଦଳୀୟ ନେତାମାନଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ, ବିଭିନ୍ନ ରାଜ୍ୟର ପ୍ରଭାରୀ, ରାଜ୍ୟ ସଭାପତି ଏବଂ କଂଗ୍ରେସ ବିଧାୟକ ଦଳର ନେତାମାନେ ଉପସ୍ଥିତ ଥିଲେ। ପୂର୍ବରୁ ଯାତ୍ରାର ନାଁ 'ଭାରତ ନ୍ୟାୟ ଯାତ୍ରା' ରଖାଯାଇଥିଲା। ଏହି ଯାତ୍ରା ୧୫ଟି ରାଜ୍ୟ ଦେଇ ୬,୭୧୩ କିଲୋମିଟର ଅତିକ୍ରମ କରିବ। ଏଥିରେ ଭାଗ ନେବାକୁ ଥିବା ଦଳୀୟ ନେତା, କର୍ମୀ ଓ ସମର୍ଥକମାନେ ପାଦରେ ଚାଲି ଓ ବସ୍‌ରେ ଯାତ୍ରା କରିବେ। ମୋଟ ୧୦୦ ଜିଲା, ୧୦୦ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ୩୩୭ ବିଧାନସଭା କ୍ଷେତ୍ରରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କୁ ଏଥିରେ ସାମିଲ ହେବା ଲାଗି ଆମନ୍ତ୍ରଣ କରାଯାଇଛି। ପୂର୍ବରୁ କନ୍ୟାକୁମାରୀରୁ କଶ୍ମୀର ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ଭଳି ରାଜନୀତି ଉପରେ ଆଗାମୀ ଯାତ୍ରାର ପରିବର୍ତ୍ତନକାରୀ ପ୍ରଭାବ ପଡ଼ିବ ବୋଲି ଜୟରାମ କହିଛନ୍ତି।

ଏପ୍‌ଷ୍ଟେଇନ୍‌ଙ୍କ ଫାଇଲ୍‌ରେ ବିଲ୍ କ୍ଲିଣ୍ଟନ, ମାଇକେଲ ଜାକ୍‌ସନ୍‌ଙ୍କ ନାଁ

ବହୁ ନାବାଳିକା ଯୌନ ଅପରାଧରେ ସଂପୃକ୍ତ ଥିଲେ ଏପ୍‌ଷ୍ଟେଇନ୍

ୱାଶିଂଟନ,୪।୧



ଜେଫ୍‌ରି ଏଡ୍‌ୱାର୍ଡ ଏପ୍‌ଷ୍ଟେଇନ୍

ବିଲ୍ କ୍ଲିଣ୍ଟନ

ମାଇକେଲ ଜାକ୍‌ସନ

ଆମେରିକାର କୋଟିପତି ଫାଇନାନ୍ସର ତଥା ଯୌନ ଅପରାଧୀ ଜେଫ୍‌ରି ଏଡ୍‌ୱାର୍ଡ ଏପ୍‌ଷ୍ଟେଇନ୍‌ଙ୍କ ସମ୍ପର୍କିତ କେତେକ ନୂଆ ଦସ୍ତାବିଜ୍ ଆମେରିକାର ଏକ ଅଦାଲତ ବୁଧବାର ପ୍ରକାଶ କରିଛନ୍ତି। ଏପ୍‌ଷ୍ଟେଇନ୍‌ଙ୍କ ବିରୋଧରେ ଯୌନ ଚାଲାଣ ମାମଲା ବିଚାରାଧୀନ ଥିବାବେଳେ ୨୦୧୯ରେ ସେ ଆତ୍ମହତ୍ୟା କରିଥିଲେ। ନୂଆ ଦସ୍ତାବିଜ୍‌ରେ ଏପ୍‌ଷ୍ଟେଇନ୍‌ଙ୍କ ସହ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଡୋନାଲ୍ଡ ଟ୍ରମ୍ପ, ପପ୍ ଷ୍ଟାର ମାଇକେଲ ଜାକ୍‌ସନ ଏବଂ ବ୍ରିଟେନ୍ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ସମ୍ପର୍କ ଥିବା ଜଣାପଡ଼ିଛି। ପାଖାପାଖି ୪୦ଟି ଦସ୍ତାବିଜ୍ ସର୍ବସାଧାରଣରେ ପ୍ରକାଶ କରାଯାଇଥିବାବେଳେ ସେଥିରୁ ଏପ୍‌ଷ୍ଟେଇନ୍‌ଙ୍କ ସମ୍ପର୍କରେ ବହୁ ତଥ୍ୟ ଜଣାପଡ଼ିଛି। ଆଗକୁ ଅଧିକ ଦସ୍ତାବିଜ୍ ପ୍ରକାଶ ପାଇବା ଆଶା କରାଯାଉଛି।

ଜଣେ ୧୪ ବର୍ଷୀୟାଙ୍କୁ ଯୌନକ୍ରିୟା ପାଇଁ ଅର୍ଥ ଦେଉଥିବା ଅଭିଯୋଗରେ ୨୦୦୫ରେ ଏପ୍‌ଷ୍ଟେଇନ୍‌ଙ୍କୁ ଗିରଫ କରାଯାଇଥିଲା। ସେ ଅନେକ ନାବାଳିକାଙ୍କ ସହ ଯୌନ ସମ୍ପର୍କ ରଖିଥିବା ଜଣାପଡ଼ିଥିଲା। ୨୦୦୮ରେ ଏକ ଯୌନ ଅପରାଧ ମାମଲାରେ ସେ କୋର୍ଟରେ ଦୋଷ ସ୍ୱୀକାର କରିଥିଲେ। ତାଙ୍କୁ ୧୩ ମାସ ଜେଲଦଣ୍ଡ ହୋଇଥିଲା। ୨୦୧୯ରେ ନ୍ୟୁୟର୍କର ଫେଡେରାଲ ପ୍ରସିକ୍ୟୁଟରମାନେ ଏପ୍‌ଷ୍ଟେଇନ୍‌ଙ୍କୁ ଯୌନ ଚାଲାଣ ଅଭିଯୋଗରେ ଅଭିଯୁକ୍ତ କରିଥିଲେ।

ଅଦାଲତ ପ୍ରକାଶ କରିଥିବା ଡକ୍ୟୁମେଣ୍ଟ ଅନୁଯାୟୀ ଏପ୍‌ଷ୍ଟେଇନ୍‌ଙ୍କ ପୂର୍ବତନ ବାନ୍ଧବୀ ଘିସ୍‌ଲେନ୍ ମାକ୍ସୱେଲଙ୍କ ନାଁରେ ପୀଡ଼ିତା ଭିର୍ଜିନିଆ ଗିଉଫ୍ରେ ୨୦୧୫ରେ ମାମଲା ଦାଏର କରିଥିଲେ। ଏପ୍‌ଷ୍ଟେଇନ୍ ନାବାଳିକାମାନଙ୍କୁ ତାଙ୍କ ଫ୍ଲୋରିଡା, ନ୍ୟୁୟର୍କ, ଭର୍ଜିନ ଆଇଲାଣ୍ଡ ଏବଂ ନ୍ୟୁ ମେକ୍ସିକୋ ଘରକୁ ନେଇ ଯୌନ ନିର୍ଯାତନା ଦେଉଥିଲେ ବୋଲି ସେଥିରେ ଉଲ୍ଲେଖ ରହିଛି।

ଫୁରସତ

ଦିନରେ ୧୦ ହଜାର ଥର ଶୁଏ

ନୂଆଦିଲ୍ଲୀ: ଦୁନିଆରେ ଅନେକ ଲୋକଙ୍କ ମଧ୍ୟରେ କିଛି ଲୋକ ବହୁତ ଅଳସୁଆ ପ୍ରକୃତିର ଥାନ୍ତି। ଯେଉଁମାନଙ୍କୁ ଅଧିକାଂଶ ସମୟ ଶୋଇବାକୁ ଭଲ ଲାଗେ। ହେଲେ ଏପରି ଏକ ଜୀବ ଅଛି, ଯିଏ ଦିନରେ ୨-୪ ଥର ନୁହେଁ, ୧୦ ହଜାର ଥର ଶୁଏ। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ନିକଟରେ ବୈଜ୍ଞାନିକମାନେ ଏନେଇ ଏକ ତଥ୍ୟ ପ୍ରକାଶ କରିଛନ୍ତି। ଏହି ଜୀବ ହେଉଛି ଚିନ୍‌ସଟ୍ରାପ ପେଙ୍ଗୁଇନ୍। ଆଣ୍ଟାର୍କଟିକାରେ ଦେଖାଯାଉଥିବା ପେଙ୍ଗୁଇନ୍‌ଙ୍କ ଏହା ଏକ ପ୍ରଜାତି। ବୈଜ୍ଞାନିକମାନେ ଆଣ୍ଟାର୍କଟିକାର କିଙ୍ଗ୍ ଜର୍ଜ ଦ୍ୱୀପରେ ଦେଖାଯାଉଥିବା ପକ୍ଷୀଙ୍କ ଉପରେ ଏକ ଗବେଷଣା କରୁଥିଲେ। ସେତେବେଳେ ଏପରି ଏକ ତଥ୍ୟ ସାମ୍ନାକୁ ଆସିଲା। ରିପୋର୍ଟ ମୁତାବକ, ଚିନ୍‌ସଟ୍ରାପ ପେଙ୍ଗୁଇନ୍ ଦୁନିଆର ଏପରି ଏକ ପକ୍ଷୀ, ଯିଏ ଦିନକୁ ୧୦ ହଜାର ଥର ଶୋଇଥାଏ। ତେବେ ସେମାନଙ୍କ ସମସ୍ତ ନିଦ୍ରାର ଅବଧି କେବଳ ୪ ସେକେଣ୍ଡର ହୋଇଥାଏ। ଯେତେବେଳେ ଏମାନଙ୍କ ବେକ ହଲୁଥାଏ, ସେତେବେଳେ ନିଦ୍ରାରେ ଥାନ୍ତି। ନିଜ ଅଣ୍ଡା ଏବଂ ପ୍ରତି ସବୁ ସମୟରେ ବିପଦ ଅନୁଭବ କରିଥାନ୍ତି। ସେଥିପାଇଁ ଏମାନେ ବାରମ୍ବାର ନିଦ୍ରାରୁ ଉଠି ଛୁଆଙ୍କ ପ୍ରତି ନଜର ରଖାଥାନ୍ତି। ବୈଜ୍ଞାନିକଙ୍କ ଅନୁସାରେ, ଏମାନେ ଦିନରେ ୧୧ ଘଣ୍ଟା ନିଦ୍ରାରେ ଆସକ୍ତ ହୋଇଥାନ୍ତି। ୧୯୮୦ ମସିହାରେ ମଧ୍ୟ ଏମାନଙ୍କ ଉପରେ ରିସର୍ଚ୍ଚ ହୋଇଥିଲା। ହେଲେ ସେତେବେଳେ କେବଳ ଏମାନେ ବାରମ୍ବାର ଶୋଉଥିବା ଜଣାପଡ଼ିଥିଲା। କଳା ଏବଂ ଧଳା ରଙ୍ଗର ଚିନ୍‌ସଟ୍ରାପ ପେଙ୍ଗୁଇନ୍ ଦକ୍ଷିଣ ଗୋଲାର୍ଦ୍ଧରେ ରୁହନ୍ତି। ଏମାନଙ୍କ ପାଖରେ ପୁଚ୍ଛ ଥିଲେ ମଧ୍ୟ ଉଡ଼ିପାରନ୍ତି ନାହିଁ। କେବଳ ପହଁରିବାରେ କାମ ଦେଇଥାଏ। ପେଙ୍ଗୁଇନ୍‌ଙ୍କ ମୁଣ୍ଡ ତଳେ ଏକ କଳା ରଙ୍ଗ ପଟି ରହିଥାଏ, ସେଥିପାଇଁ ଏମାନଙ୍କୁ ଚିନ୍‌ସଟ୍ରାପ ପେଙ୍ଗୁଇନ୍ କୁହାଯାଏ। ଖାଦ୍ୟ ଅନ୍ୱେଷଣରେ ଏମାନେ ୭୦ ମିଟର ସମୁଦ୍ର ଭିତରକୁ ଯାଇଥାନ୍ତି। ଏମାନେ ଅଧା ମିନିଟ୍‌ରେ ୧୦ ମିଟର ତଳକୁ ଯାଇ ତାଙ୍କ ଖାଦ୍ୟ ସଂଗ୍ରହ କରିପାରନ୍ତି।

ସବୁଠୁ ଖରାପ ଶହେ ଖାଦ୍ୟ ଲିଷ୍ଟରେ ଆଳୁ, ବାଇଗଣ ଭରତା

ନୂଆଦିଲ୍ଲୀ: ସମସ୍ତଙ୍କ ଘରେ ବିଭିନ୍ନ ପ୍ରକାର ପନିପରିବା ରୋଷେଇ ହୋଇଥାଏ। ଏଥିମଧ୍ୟରୁ କିଛି ଏପରି ହୋଇଥାଏ, ଯାହା ସମସ୍ତଙ୍କୁ ଖାଇବାକୁ ଭଲ ଲାଗେନି। ଏପରି ପରିବା ହେଉଛି କଲରା ଓ ବାଇଗଣ, ଏହାକୁ ସମସ୍ତେ ଖାଇବାକୁ ପସନ୍ଦ କରନ୍ତିନି। ନିକଟରେ ଲୋକେ ପସନ୍ଦ କରୁଥିବା ଖାଦ୍ୟର ସୂଚୀ ପ୍ରକାଶ ପାଇଥିଲା। ସେଥିରେ ଏପରି କିଛି ଖାଦ୍ୟ ଥିଲା, ଯାହାକୁ ଲୋକେ ଅତ୍ୟଧିକ ଖାଉଥିଲେ। ସାଧାରଣତଃ ଘରେ ଆଳୁ, ବାଇଗଣ ଭରତା କିମ୍ବା ଚକଟାକୁ ଅନେକ ଲୋକ ପସନ୍ଦ କରିଥାନ୍ତି। ତେବେ ନିକଟରେ ପ୍ରକାଶ ପାଇଥିବା ଦୁନିଆର ସବୁଠୁ ଖରାପ ଶହେ ଖାଦ୍ୟର ଏକ ଲିଷ୍ଟରେ ଏହାକୁ ବର୍ଗୀକରଣ କରାଯାଇଛି। ଏହି ସୂଚୀରେ ଆଳୁ, ବାଇଗଣ ଭର୍ତ୍ତା ୬୦ତମ ସ୍ଥାନରେ ରହିଛି। ଏହି ଲିଷ୍ଟର ପ୍ରଥମ ସ୍ଥାନରେ ରହିଛି ଆୟର୍ଲାଣ୍ଡରେ ପ୍ରସ୍ତୁତ ଖାଦ୍ୟ 'ହକର୍ଲ'। ଏହାକୁ ୩ ମାସ ତଳର ଷ୍ଟୋର କରି ରଖାଯାଇଥିବା ଶାର୍କ ମାଂସରେ ପ୍ରସ୍ତୁତ କରାଯାଏ। ଏହି ରାଗୁଆ ଖାଦ୍ୟ ଆୟର୍ଲାଣ୍ଡର ଲୋକେ ବେଶ୍ ପସନ୍ଦ କରିଥାନ୍ତି।

ଚଡ଼ି ପିନ୍ଧି ବିଶ୍ୱ ରେକର୍ଡ



କାନବେରା: ପ୍ରତିଦିନ ସୋସିଆଲ ମିଡିଆରେ ଅନେକ ମଜାଦାର ଭିଡିଓ ଭାଇରାଲ ହେଉଛି। ନିକଟରେ ଏପରି କିଛି ମଜାଦାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହା ଏକ ବିଶ୍ୱ ରେକର୍ଡ କରିଛି। ଅଷ୍ଟ୍ରେଲିଆର ନିକୋଲାସ ମାନିଙ୍ଗ ୧୩.୩ ସେକେଣ୍ଡରେ ୧୦ଟି ଚଡ଼ି ପିନ୍ଧି ବିଶ୍ୱ ରେକର୍ଡ କରିଛନ୍ତି, ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ତାଙ୍କର ଏହି ଭିଡିଓରେ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏଥିରେ ୟୁଜର ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ ଦେଇଛନ୍ତି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୫/୨୦୨୪ | Bhubaneswar, Friday, January 5/2024 | ପୃଷ୍ଠା-୧

ଟ୍ୟାଙ୍କର ସହ ଜଳିଗଲେ ଡ୍ରାଇଭର

ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା

ବାଙ୍ଗିରିପୋଷି,୪।୧(ସଞ୍ଜୟ କୁମାର ଅଗ୍ରୱାଲ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାରେ ଗୁରୁବାର ଏକ ମମନ୍ତୁଦ ଦୁର୍ଘଟଣା ଘଟିଛି। କଣ୍ଟେନର ସହ ତେଲ ଟ୍ୟାଙ୍କର ଧକ୍କା ହେବାରୁ ୨ ଚାଳକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଟ୍ୟାଙ୍କରରେ ନିଆଁ ଲାଗିଯିବାରୁ ଏହାର ଚାଳକ ନୟାଗଡ଼ ଜିଲା କର୍ମାକଲା ଗ୍ରାମର ଟୁନ୍‌ଟୁନ୍ ସୋ(୪୫) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେହିପରି କଣ୍ଟେନର ଚାଳକ ହରିଆଣା ଟୋପକାନ ଗ୍ରାମର ସାହାଜାନ (୫୫) ଚାପି ହୋଇ ପ୍ରାଣ ହରାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସକାଳ ୮ଟା ସମୟରେ କଣ୍ଟେନର (ନଂ.ଏଚ୍‌ଆର ୪୭ ସି ୩୬୮୧) ଚା' ପତି ବୋଝେଇ କରି ଘାଟି ରାସ୍ତାରେ ଓହ୍ଲାଉଥିବା ବେଳେ ପଛପଟୁ ଆସୁଥିବା ☞ପୃଷ୍ଠା–୨

୩ ବର୍ଷ ପରେ ଗଡ଼ିବ ଓଡ଼ିଶାର ଟାବ୍‌ଲୋ

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ଆସନ୍ତା ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର କର୍ତ୍ତବ୍ୟପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼(ଟାବ୍‌ଲୋ) ଗଡ଼ିବାକୁ ଯାଉଛି। ଲଗାତର ୩ ବର୍ଷ ୨୦୨୧,୨୦୨୨ ଏବଂ ୨୦୨୩ ସାଧାରଣତନ୍ତ୍ର ଦିବସରେ ଓଡ଼ିଶା ପ୍ରଦର୍ଶିତ କରିବାକୁ ଥିବା ପ୍ରଜ୍ଞାପନ ମେଢ଼କୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଖାରଜ କରିଦେଉଥିଲା। ହେଲେ ଆସନ୍ତା ଜାନୁଆରୀ ୨୬ ପାଇଁ ଏଥର ଓଡ଼ିଶା ଯେଉଁ ମେଢ ପ୍ରଦର୍ଶନ କରିବାକୁ ଯୋଜନା ରଖିଥିଲା ସେଥିରେ କେନ୍ଦ୍ର ଅନେକ କିଛି ଜିନିଷ ପରିବର୍ତ୍ତନ କରିଥିଲେ ମଧ୍ୟ ଶେଷରେ ମନୋନୀତ କରିଛି। ଗତମାସ ଶେଷ ସପ୍ତାହ ବେଳକୁ ଓଡ଼ିଶାର ପ୍ରଜ୍ଞାପନ ମେଢ ମନୋନୀତ ହୋଇଥିବା କୁହାଯାଇଥିଲା। ପ୍ରାୟ ସବୁ ଗଣମାଧ୍ୟମ ଏନେଇ ଖବର ମଧ୍ୟ ପ୍ରକାଶ କରିଥିଲେ। ହେଲେ ଏନେଇ ସରକାରୀ ଭାବେ ବିଧିବଦ୍ଧ କେନ୍ଦ୍ର ସରକାରଙ୍କ ତରଫରୁ କିଛି ବୃତ୍ତାନ୍ତ ଖବର ଦିଆଯାଇ ନ ଥିଲା। ଯେଉଁ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ବୃତ୍ତାନ୍ତ ଚିଠି ଆସିବ ବୋଲି କୁହାଯାଇଥିଲା ସେଥିରେ ମଧ୍ୟ ବ୍ୟତିକ୍ରମ ଦେଖାଦେଇଥିଲା। ଫଳରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏକ ପ୍ରକାର ଚିନ୍ତାରେ ପଡ଼ିଯାଇଥିଲେ। ଏନେଇ ଧରିତ୍ରୀ ବୁଧବାର ସଂସ୍କରଣରେ 'ପ୍ରଜ୍ଞାପନ ମେଢ଼: ଚିଠି ଆସିଲାନି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଗୁରୁବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ରାଜ୍ୟର ପ୍ରଜ୍ଞାପନ ମେଢକୁ ମନୋନୀତ କରାଯାଇଥିବା ସମ୍ପର୍କରେ ଚିଠି ଆସି ପହଞ୍ଚିଛି। ଏହାପରେ ରାଜ୍ୟ ସରକାର ବେଶ୍ ଉତ୍ସାହିତ ଅଛନ୍ତି। ଏଥର ରାଜ୍ୟ ସରକାର ☞ପୃଷ୍ଠା–୨

ଟେଷ୍ଟ ଇତିହାସରେ ସବୁଠୁ ଛୋଟ ମ୍ୟାଚ୍

କେପ୍‌ଟାଉନ୍,୪।୧(ପି.ଟି)

ଟ୍ରଫି ସହ ଉଭୟ ଦଳର ଅଧିନାୟକ।

କେପ୍‌ଟାଉନରେ ଭାରତର ବିରଳ ବିଜୟ

ଦେଢ଼ ଦିନରେ ଖେଳ ଶେଷ, ସିରିଜ୍ ୧-୧ରେ ଡ୍ର

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୭ ଉଇକେଟରେ ଜିତିବା ସହିତ ଭାରତ ଦୁଇ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ରେ ଡ୍ର ରଖିଛି। ବଲ୍ ବ୍ୟବଧାନରେ ଏହା ଟେଷ୍ଟ କ୍ରିକେଟର ସବୁଠୁ ଛୋଟ ମ୍ୟାଚ୍। ଏହା ମାତ୍ର ସାଢେ ୪ ସେସନରେ ଶେଷ ହୋଇଛି। ୧୯୩୨ରେ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ୧୦୯.୨ ଓଭର (୬୫୬ ବଲ୍) ବୋଲିଂ ହୋଇଥିବା ବେଳେ ଏହି ମ୍ୟାଚ୍‌ରେ ୧୦୭ ଓଭର (୬୪୨ ବଲ୍) ବୋଲିଂ ସମ୍ଭବ ହୋଇଛି। ଏହା ସହିତ ପ୍ରଥମ ଏସୀୟ ରାଷ୍ଟ୍ର ଭାବେ ଭାରତ କେପ୍‌ଟାଉନ୍‌ରେ ଐତିହାସିକ ବିଜୟ ହାସଲ କରିଛି। ରେକର୍ଡ ଦୃଷ୍ଟିରୁ ଟେଷ୍ଟ କ୍ରିକେଟରେ ୨୫ ଥର ୨ ଦିନରୁ କମ୍ ସମୟ ମଧ୍ୟରେ ଟେଷ୍ଟ ମ୍ୟାଚ୍ ଶେଷ ହୋଇଛି। ଭାରତର ଏହା ତୃତୀୟ ମ୍ୟାଚ, ଯାହା ୨ ଦିନ ମଧ୍ୟରେ ଶେଷ ହୋଇଛି। ପୂର୍ବରୁ ୨୦୧୮ରେ

ଆଫଗାନିସ୍ତାନ ଓ ୨୦୧୧ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଦୁଇଦିନରୁ କମ୍ ସମୟରେ ଶେଷ ହୋଇଥିଲା। ସେହିପରି ରୋହିତ ଶର୍ମା ଦ୍ୱିତୀୟ ଭାରତୀୟ ଅଧିନାୟକ ଭାବେ ଦକ୍ଷିଣ ଆଫ୍ରିକାରେ ଏକ ଟେଷ୍ଟ ସିରିଜ୍ ଡ୍ର ରଖିବାରେ ସଫଳ ହୋଇଛନ୍ତି। ୨୦୧୦-୧୧ରେ ମହେନ୍ଦ୍ର ସିଂ ଧୋନୀ ପ୍ରଥମେ ଏହି ସଫଳତା ହାସଲ କରିଥିଲେ। ଏଠାରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୭୯ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ଫିର୍‌ରେ ଛୋଟ ସ୍କୋର ମଧ୍ୟ ଚ୍ୟାଲେଞ୍ଜିଂ ହେବ ବୋଲି ଆଶା ☞ପୃଷ୍ଠା–୨

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦେଖି ମଲା ନ ଦେଖି ମଲା
ଦେଇ ମଲା ନ ଦେଇ ମଲା ।

କୃଷ୍ଣଙ୍କୁ ଦେଖି କଂସ ମଞ୍ଚ ଉପରୁ ପଡ଼ି ମରିଥିବାବେଳେ ରାଜା ଦଶରଥ ମଧ୍ୟ ରାମଚନ୍ଦ୍ରଙ୍କୁ ନ ଦେଖି ପ୍ରାଣତ୍ୟାଗ କରିଥିବା ପୁରାଣ ପୃଷ୍ଠାରୁ ଜଣାଯାଏ। ଠିକ୍ ସେହିପରି ବଳି ବାମନଙ୍କୁ ଦୁଇପାଦ ଦାନ ଦେଇ ମରିଥିବା ବେଳେ ରାବଣ ସୀତାଙ୍କୁ ନ ଦେଇ ମୃତ୍ୟୁମୁଖରେ ପଡିଥିଲେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଦକ୍ଷିଣ ପଶ୍ଚିମ ମୁଖେ ଯେ ବସି ଭୁଞ୍ଜଇ
ଏମାନଙ୍କ ପାଶୁ ଯାନ୍ତି ଲକ୍ଷ୍ମୀ ଦୂର ହୋଇ ।

ଦକ୍ଷିଣ ଓ ପଶ୍ଚିମ ଦିଗକୁ ମୁଖ କରି ଆହାର ଭୁଞ୍ଜିବାକୁ ନିଷେଧ କରାଯାଇଛି। ଏଭଳି ସ୍ଥିତିରେ ଭୋଜନକଲେ ଘରୁ ଲକ୍ଷ୍ମୀ ଛାଡ଼ିଯାଆନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

୮ ମାସରେ ସୁନ୍ଦରଗଡ଼କୁ ୯୭୦ କୋଟି ଟଙ୍କା

- **ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ପାଇଁ ୧୦୦ କୋଟି**
- **ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ପାଇଁ ୨ସରକାରୀ ଡିଗ୍ରୀ କଲେଜ**
- **ବଣେଇ ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ୍ ସେଣ୍ଟର ଲାଗି ୧.୮୧କୋଟି**

ଭୁବନେଶ୍ୱର,୪।୧(ଅନିଲ ଦାସ)

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦୁଇଦିନିଆ ସୁନ୍ଦରଗଡ଼ ଗସ୍ତରେ ଯାଇ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହିତ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଆୟୋଜିତ ସାଧାରଣସଭାରେ ଯୋଗଦେଇ ଗତ ୮ମାସ ମଧ୍ୟରେ ସୁନ୍ଦରଗଡ଼ ଜିଲାକୁ ୯୭୦କୋଟି ଟଙ୍କାର ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଭେଟି ଦେଇଥିବା ସେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ଗତ ମାର୍ଚ୍ଚ ୧୨ ତାରିଖରେ ପାଣ୍ଡିଆନ ସୁନ୍ଦରଗଡ଼ ଜିଲା ଗସ୍ତ କରି ଲୋକଙ୍କ ଆପତ୍ତି, ଅଭିଯୋଗ, ଦାବି ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ଏହି ସବୁ ଦରଖାସ୍ତ ଆଧାରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ପାଇଁ ଏହି ଅର୍ଥ ମଞ୍ଜୁର କରିଛନ୍ତି। ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିନରେ ସେ ଜିଲାରେ ଥିବା ସୁନ୍ଦରଗଡ଼, ରାଜଗାଙ୍ଗପୁର, ବୀରମିତ୍ରପୁରର ନୂଆଗାଁ ଏବଂ ବଣେଇ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ଦରଖାସ୍ତ ଗ୍ରହଣ କରିଛନ୍ତି। ଦରଖାସ୍ତ ଗ୍ରହଣ ବେଳେ ପାଣ୍ଡିଆନ କହିଛନ୍ତି ଯେ, ଗତ ମାର୍ଚ୍ଚରେ ଆସିଥିବା ବେଳେ ସେ ଯେଉଁସବୁ ଦରଖାସ୍ତ ସଂଗ୍ରହ କରି ନେଇଥିଲେ ତା' ମଧ୍ୟରୁ ୯୦ପ୍ରତିଶତ ଦରଖାସ୍ତର ଦାବି ପୂରଣ ହୋଇଛି ବା ସମସ୍ୟାର ସମାଧାନ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଏଥିସହ ଏକ ସଶକ୍ତ ଓଡ଼ିଶା ଗଠନ ହେବ ବୋଲି ପାଣ୍ଡିଆନ ସୁନ୍ଦରଗଡ଼ ଜିଲାର ୩ଟି ଯାକ ସାଧାରଣ ସଭାରେ କହିଛନ୍ତି। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର, ଚାଷୀଙ୍କ ସମସ୍ୟା ଓ ରୂପାନ୍ତରଣ ନେଇଥିବା ସମସ୍ୟାର ସମାଧାନ ୧୦ ଦିନ ଭିତରେ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ-ନବୀନ କାର୍ଡର ପଞ୍ଜୀକରଣ ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ହେଉଛି। ସବୁ ଗ୍ରାମାଞ୍ଚଳବାସୀ ଏହାର ଲାଭ ଉଠାଇବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସେହିଭଳି ଜିଲାରେ ଫେବୃଆରୀ ମାସରେ ଲକ୍ଷ୍ମୀବସ୍ ଗଡ଼ିବ। ଏଥିସହ ରାଜ୍ୟ ସରକାର ୨ ମାସ ମଧ୍ୟରେ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବେ ସେ କହିଛନ୍ତି।

ଗସ୍ତର ଦ୍ୱିତୀୟ ଦିନରେ ପାଣ୍ଡିଆନ ପ୍ରଥମେ ସୁନ୍ଦରଗଡ଼ର ସମଲେଇ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ ପରେ ମନ୍ଦିରର ସୌନ୍ଦର୍ଯ୍ୟକରଣ କାମର ଅଗ୍ରଗତି ନେଇ ମନ୍ଦିର ଟ୍ରଷ୍ଟବୋର୍ଡ ସହ ଆଲୋଚନା କରିଛନ୍ତି। ଆସନ୍ତା ୧୦ ଦିନ ଭିତରେ ଜିଲାବାସୀଙ୍କୁ ରାଜ୍ୟ ସରକାର ଖୁସି ଖବର ଦେବେ। ସେମାନଙ୍କର ଯାହା ଦାବି ଅଛି ତାହା ପୂରଣ ହେବ ବୋଲି ପାଣ୍ଡିଆନ୍ କହିଛନ୍ତି। ସମଲେଇ ମନ୍ଦିର ସମେତ ରାଉରକେଲା ବେଦବ୍ୟାସ ମନ୍ଦିର, ଗୋଘର ଶିବମନ୍ଦିର ଓ ବେଲସରା ଶିବ ମନ୍ଦିର ରୂପାନ୍ତରଣ ସମୀକ୍ଷା ମଧ୍ୟ କରିଛନ୍ତି। ରାଜଗାଙ୍ଗପୁରରେ ରେଲୱେ ଓଭରବ୍ରିଜ୍ ପାଇଁ ଦୀର୍ଘଦିନରୁ ଦାବିହୋଇ ଆସୁଥିଲା। ଏଥିପାଇଁ ୪୮କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିବା ସହ କାମ ଚାଲିଛି। ବେଦବ୍ୟାସ ମନ୍ଦିରର ରୂପାନ୍ତରଣ ପାଇଁ ୧୪କୋଟି ୫୦ ଲକ୍ଷ, ସାବିତ୍ରୀ ଦେବୀ ମହିଳା ମହାବିଦ୍ୟାଳୟ, ଡାଲମିୟା କଲେଜ ଓ ବେଦବ୍ୟାସ ମହାବିଦ୍ୟାଳୟ ରୂପାନ୍ତରଣ ପାଇଁ ୧ କୋଟି ୨୫ ଲକ୍ଷ ଲେଖାଏ ମଞ୍ଜୁର କରାଯାଇଛି। ରାଜଗାଙ୍ଗପୁର ସାଧାରଣ ସଭାରେ ଯୋଗଦେବା ପରେ ପାଣ୍ଡିଆନ ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ଭେଟିଥିଲେ। ନୂଆଗାଁଠାରେ ସାଧାରଣ ସଭାରେ ଯୋଗ ଦେଇ ପାଣ୍ଡିଆନ କହିଛନ୍ତି, ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକରେ ଦୁଇଟି ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି। ଚଳିତ ଶିକ୍ଷାବର୍ଷଠାରୁ ଏହି କଲେଜରେ ପିଲାମାନେ ଭର୍ତ୍ତି ହେବେ। ତେବେ ଗୋଟିଏ ନିର୍ବାଚନମଣ୍ଡଳୀରେ ଦୁଇଟି ସରକାରୀ କଲେଜ ଖୋଲାଯିବା ନଜିର ଅନ୍ୟ କେଉଁଠି ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ବୀରମିତ୍ରପୁର ପାଇଁ ଏହା କରିଛନ୍ତି। ଏହି ସଭାରେ ସେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ମାଗିଥିଲେ। ସେହିପରି ବାଣେଶ୍ୱର ମନ୍ଦିର ପାଇଁ ୧ କୋଟି ୨୦ ଲକ୍ଷ ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ। ବଣାଇଗଡ଼ କଲେଜର ଉନ୍ନତି ପାଇଁ ୧ କୋଟି, ଗୁରୁଣ୍ଡିଆ ପଞ୍ଚାୟତ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ୨୫ ଲକ୍ଷ ଅନୁମୋଦନ ହୋଇଥିବା ସେ କହିଥିଲେ। ବଣାଇରେ ଥିବା ସରକାରୀ ହସ୍ପିଟାଲରେ ଖୋଲିବ ସ୍ୱତନ୍ତ୍ର ଡାଏଲିସିସ ୟୁନିଟ୍। ଏଥିଲାଗି ସରକାର ୧ କୋଟି ୮୧ ଲକ୍ଷ ମଞ୍ଜୁର କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

ଟେଷ୍ଟ ଇତିହାସରେ...

କରାଯାଉଥିଲା। ତେବେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୮ ରନ୍‌ର ଇନିଂସ ଖେଳିଥିଲେ। ବିରାଟ କୋହଲି ୧୨ ଓ ଶୁବମନ ଗିଲ ୧୦ ରନ୍ କରିବାକୁ ସକ୍ଷମ ହୋଇଥିବାବେଳେ ଅଧିନାୟକ ରୋହିତ ଶର୍ମା ୧୭ ଓ ଶ୍ରେୟସ୍ ଆୟର ୪ ରନରେ ଅପରାଜିତ ରହି ଭାରତକୁ ବିଜୟୀ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା, ନାନ୍ଦ୍ରେ ବର୍ଗର ଓ ମାର୍କୋ ଜାନ୍‌ସେନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଦିନର ଅସମାପ୍ତ ସ୍କୋର ୬୨/୩ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୧୭୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଭାରତର ଯଶପ୍ରୀତ୍ ବୁମ୍ରା ଅଗ୍ନିବର୍ଷୀ ବୋଲିଂ କରିଥିବା ବେଳେ ଟେଷ୍ଟ କ୍ରିକେଟରେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ ଦକ୍ଷିଣ ଆଫ୍ରିକାର ଏଡେନ୍ ମାରକ୍ରମ। ଯେଉଁ ପିଚ୍‌ରେ ଭାରତୀୟ ଦଳ ବିନା ସ୍କୋରରେ ଏହାର ଅନ୍ତିମ ୬ ଉଇକେଟ ହରାଇଥିଲା, ସେଭଳି ପିଚ୍‌ରେ ବୁମ୍ରା ଓ ସିରାଜଙ୍କ ଭଳି ବୋଲରଙ୍କ ମୁକାବିଲା କରି ଶତକ ହାସଲ କରିଥିଲେ ମାରକ୍ରମ। ୧୦୩ ବଲ୍ ଖେଳି ୧୭ ଚୌକା ଓ ୨ ଛକା ସହିତ ସେ ୧୦୬ରନ୍ ସଂଗ୍ରହ କରିଥିଲେ। କାଗିସୋ ରାବାଡା ମାତ୍ର ୨ ରନ କରିଥିଲେ ହେଁ ତାଙ୍କ ସହିତ ଅଷ୍ଟମ ଉଇକେଟରେ ୫୧ ରନ୍ ଯୋଡିଥିଲେ ଏହି ଦକ୍ଷ ବ୍ୟାଟର। ଦଳୀୟ ସ୍କୋର ୧୬୨ରେ ମାରକ୍ରମ ଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ଇନିଂସ ୧୭୬ ରନରେ ସମାପ୍ତ ହୋଇଥିଲା। ଯଶପ୍ରୀତ୍ ବୁମରା ନିଜ ଟେଷ୍ଟ କ୍ୟାରିୟରରେ ନବମ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକେଶ କୁମାର ୨, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଦିନରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମହମ୍ମଦ ସିରାଜ ୧୫ ରନ୍‌ରେ ୬ ଖେଳାଳିଙ୍କୁ ଆଉଟ କରିବା ଫଳରେ ଦକ୍ଷିଣ ଆଫ୍ରିକା ମାତ୍ର ୫୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ ୧୫୩ ରନ୍‌ରେ ସମସ୍ତ ଉଇକେଟ ହରାଇ ୯୮ ରନ୍‌ରେ ଆଗୁଆ ରହିଥିଲା। ମହମ୍ମଦ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଏବଂ ଡିନ୍ ଏଲ୍‌ଗାର ଓ ଯଶପ୍ରୀତ୍ ବୁମ୍ରାଙ୍କୁ ଯୁଗ୍ମ ଭାବରେ ପ୍ଲେୟର ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା।

୩ ବର୍ଷ ପରେ...

ବିକଶିତ ଭାରତ ଉପରେ ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ସେଥିରେ ରଘୁରାଜପୁର ଗ୍ରାମରେ ମହିଳାମାନେ କିପରି ବିଭିନ୍ନ ପ୍ରକାର ଅଦରକାରୀ ଜିନିଷରୁ ପଟ୍ଟଚିତ୍ର ପ୍ରଦର୍ଶନ କରିବା ଚିତ୍ର, ଏହାସହ ସେଥିରେ ସମ୍ବଲପୁରୀ ସଙ୍ଗୀତ ରଖିବେ। ଏହାକୁ ବିକଶିତ ଭାରତରେ ମହିଳା ସଶକ୍ତୀକରଣ ପ୍ରଜ୍ଞାପନ ମେଢ ବୋଲି କୁହାଯାଇଛି। ଦେଶରୁ ମୋଟ୍ ୧୬ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଜ୍ଞାପନ ମେଢ ପ୍ରଦର୍ଶନ ଲାଗି ମନୋନୀତ କରାଯାଇଛି। ପ୍ରଥମେ ଦେଶକୁ ୬ଟି ଜୋନ୍‌ରେ ବିଭକ୍ତ କରାଯାଇଥିଲା। ପୂର୍ବ ଜୋନ୍‌ରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାର ରାଜ୍ୟ ରହିଥିଲେ। ଏହି ଜୋନ୍‌ରୁ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ମନୋନୀତ କରାଯାଇଛି। ଏହାବାଦ୍ ପ୍ରଜ୍ଞାପନ ମଡେଲ ମନୋନୀତ ଏ ସମ୍ପର୍କିତ ଗାଇଡଲାଇନ ସମ୍ପର୍କିତ ଚିଠି ମଧ୍ୟ ଜାରି କରାଯାଇଛି। ଆସନ୍ତା ୭ ତାରିଖରେ ଓଡ଼ିଶା ଟିମ୍ ଦିଲ୍ଲୀ ଯାଇ ପ୍ରଜ୍ଞାପନ ମେଢ ପ୍ରସ୍ତୁତ ଲାଗି ମନ୍ତ୍ରଣାଳୟଠାରୁ ଟ୍ରଲି ଏବଂ ଟ୍ରେଲର ଗ୍ରହଣ କରିବେ। ଆସନ୍ତା ୧୪ରେ ପ୍ରଜ୍ଞାପନ ମେଢ କାର୍ଯ୍ୟ ଆରମ୍ଭ ହେବ। ଭୁବନେଶ୍ୱରର ଇମାଜେରିକୁ ପ୍ରଜ୍ଞାପନ ମେଢ ପ୍ରସ୍ତୁତ ଲାଗି କାମ ଦିଆଯାଇଛି।

ଟ୍ୟାଙ୍କର ସହ...

ତେଲ ଟ୍ୟାଙ୍କର (ନଂ. ଡବ୍ଲ୍ୟୁବି ୧୯ ଏଫ୍ ୯୦୫୬) ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି ଘାଟି ତଳକୁ ଓଲଟି ପଡ଼ିବା ସହ ତେଲ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଓ ଦମକଳ ବାହିନୀ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିବା ସହ ଉଭୟ ଗାଡ଼ିର ଚାଳକଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଟ୍ୟାଙ୍କର ଚାଳକ ପୋଡ଼ିହୋଇ ଓ କଣ୍ଟେନର ଚାଳକ ଗାଡ଼ି ଭିତରେ ଚାପି ହୋଇ ପ୍ରାଣ ହରାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଘନ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ବାଙ୍ଗିରିପୋଷି ଥାନା ଅଧିକାରୀ କମଳାକାନ୍ତ ଦାସ କହିଛନ୍ତି।

ଷ୍ଟିୟରିଂ ଛାଡ଼ିବେ...

ସେ କେମିତି ଏତେ ଟଙ୍କା ଭରଣା କରିବ। ନୂଆ ଆଇନ କାର୍ଯ୍ୟକାରୀ ହେଲେ ଡ୍ରାଇଭର ପେଷାକୁ ଛାଡିବାକୁ ପଡିବ ବୋଲି ମେଣ୍ଡୁଲି କହିଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରିବାରୁ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ୧୦ଟି ଦାବି ଥିଲା। ସେଥିରୁ ଗୋଟିଏ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଲେ। ହେଲେ ଆଜି ପର୍ଯ୍ୟନ୍ତ ସେ ଦାବି ପୂରଣ ହୋଇ ପାରିଲା ନାହିଁ। ଏହାକୁ ବିରୋଧ କରି ସମଗ୍ର ରାଜ୍ୟରେ ଗୁରୁବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହେବ। ଯେଉଁ ଡ୍ରାଇଭରମାନେ ବାହାର ରାଜକୁ ଯାଇଛନ୍ତି ସେମାନଙ୍କ ପାଇଁ ଅପେକ୍ଷା କରାଯାଇଛି। ସେମାନେ ଘରେ ପହଞ୍ଚିଲେ ସମସ୍ତ ଡ୍ରାଇଭର ଆନ୍ଦୋଳନରେ ସାମିଲ ହେବେ।

ବୁଧବାର ଦିଲ୍ଲୀର ଜନ୍ତରମନ୍ତର ଠାରେ ଏନେଇ ସବୁ ରାଜ୍ୟର ଡ୍ରାଇଭର ସଂଘଗୁଡିକର ମିଳିତ ବୈଠକ ହୋଇଥିଲା। କେନ୍ଦ୍ର ସରକାର ନିକଟରେ ୩ ନୂଆ ଅପରାଧିକ ଆଇନ ସଂଶୋଧନ କରିଛନ୍ତି। ଯଦି କୌଣସି ଟ୍ରକ୍ କିମ୍ବା ଡମ୍ପର ଡ୍ରାଇଭର କାହା ଉପରେ ଗାଡ଼ି ମାଡ଼ କରନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତା'ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ମିଳିବ। ଏଥିସହ ସେମାନଙ୍କୁ ୭ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଦେବାକୁ ପଡିବ। ପୂର୍ବରୁ ଯେଉଁ ଆଇନ୍ ଥିଲା ସେଥିରେ ହିଟ୍ ଆଣ୍ଡ ରନ୍ ମାମଲାରେ ଫସିଥିବା ଡ୍ରାଇଭରଙ୍କୁ ଅଳ୍ପ ଦିନ ମଧ୍ୟରେ ଜାମିନ ମିଳି ଯାଉଥିଲା। ମାତ୍ର ୨ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା। ଏବେ ଏହି ଆଇନ୍ ବିରୋଧରେ ଡ୍ରାଇଭରମାନେ ରାସ୍ତାକୁ ଓହ୍ଲାଇବା ସହ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିଛନ୍ତି।

ହିଟ୍ ଆଣ୍ଡ ରନ ମାମଲାରେ ଥିବା ଦଣ୍ଡ ବ୍ୟବସ୍ଥାକୁ ଦେଶର ବିଭିନ୍ନ ଭାଗରେ ବିରୋଧ କରାଯାଉଛି। ଓଡିଶା ରାଜ୍ୟ ଟ୍ରକ ମାଲିକ ଫେଡେରେଶନ ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥି କହିଛନ୍ତି ଯେ ସଂଶୋଧିତ ଆଇନକୁ ଠିକ୍ ଭାବେ ନ ବୁଝି ଡ୍ରାଇଭରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଯାଉଛି। ମାମଲାର ଗମ୍ଭୀରତାକୁ ଦେଖି ଆଇନ ଅନୁଯାୟୀ କୋର୍ଟ ଦଣ୍ଡ ବିଧାନ କରିଥାଆନ୍ତି। ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଏହି ଆଇନକୁ ନେଇ ଡ୍ରାଇଭରଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରାଯାଉଛି। ତେବେ ଦଣ୍ଡ ପରିମାଣ ହ୍ରାସ କରିବାକୁ ସର୍ବଭାରତୀୟ ଟ୍ରକ ଫେଡେରେଶନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ଆମେ ବାଧ୍ୟ ହୋଇ ସମର୍ଥନ କରିବୁ ବୋଲି ସେ କହିଛନ୍ତି।

ରାଜ୍ୟ ଘରୋଇ ବସ ମାଲିକ ସଂଘ ମୁଖ୍ୟପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ହିଟ ଆଣ୍ଡ ରନ ମାମଲାରେ ଅଧିକ ଦଣ୍ଡ ବ୍ୟବସ୍ଥା କରାଯାଇଛି। ଏହାକୁ ସଂଘ ବିରୋଧ କରିବ। ଏହାଦ୍ୱାରା ଗାଡି ଚଳାଇବା ପାଇଁ ଡ୍ରାଇଭର ଅଭାବ ଦେଖା ଦେବ। ଦଣ୍ଡକୁ ଦେଖି ଡ୍ରାଇଭରମାନେ ଆଉ ଗାଡି ଚଳାଇବାକୁ ରାଜି ହେବେ ନାହିଁ। ହିଟ ଆଣ୍ଡ ରନ ମାମଲାରେ ସାଧାରଣଙ୍କ ଆକ୍ରୋସରୁ ବର୍ତ୍ତିବା ପାଇଁ ଡ୍ରାଇଭର ଗାଡି ଛାଡି ପଳାଇଲେ ମଧ୍ୟ ଦଣ୍ଡ ବିଧାନରୁ ଖସି ପାରିବେ ନାହିଁ। ସଂଶୋଧିତ ଆଇନରେ ଥିବା ଦଣ୍ଡକୁ ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କୁ ସଂଘ ପକ୍ଷରୁ ଚିଠି ଲେଖାଯାଇଛି ବୋଲି ସେ କହିଛନ୍ତି।

ଭଗବାନ ରାମ...

ରାମାୟଣରେ ଉଲ୍ଲେଖ ରହିଥିବା ସେ କହିଛନ୍ତି। ବୁଧବାର ମହାରାଷ୍ଟ୍ରର ଶିରିଡିଠାରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେବାବେଳେ ଜିତେନ୍ଦ୍ର କହିଥିଲେ, ରାମ ବହୁଜନ ସମ୍ପ୍ରଦାୟର। ସେ ବନବାସରେ ଥିବାବେଳେ ଶିକାର କରି ମାଂସ ଖାଉଥିଲେ। ଜାନୁଆରୀ ୨୨ରେ ଅଯୋଧ୍ୟାର ରାମମନ୍ଦିର ପ୍ରାଣପ୍ରତିଷ୍ଠା ଦିନ ଲୋକମାନେ ଆମିଷ ନ ଖାଇବା ପାଇଁ କୁହାଯାଉଛି। କିନ୍ତୁ ଆମେ ଯାହାଙ୍କୁ ଆଦର୍ଶ ମାନୁଛେ, ସେ ନିରାମିଷାଶୀ ନ ଥିଲେ, ମାଂସ ଖାଉଥିଲେ। ତାଙ୍କର ମନ୍ତବ୍ୟକୁ ଭାଜପା ନେତାମାନେ କଡ଼ା ସମାଲୋଚନା କରିବା ସହ ଭଗବାନ ରାମଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଏତଲା ଦାଏର କରିଛନ୍ତି।

ଦିଲ୍ଲୀପଙ୍କ ମୃତ...

ଏଜେନ୍ସି ଦେଇଥିଲା। ତେବେ ଖବର ପାଇ ତାଙ୍କ ଗର୍ଭବତୀ ସ୍ତ୍ରୀ ସୌମ୍ୟାଶ୍ରୀ ଜେନା ଆତ୍ମହତ୍ୟା କରିଥିବାରୁ ଏହା ଏକ ସମ୍ବେଦନଶୀଳ ମାମଲାର ରୂପ ନେଇଛି। ଦିଲ୍ଲୀପ ବଞ୍ଚିଥିବା ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଡିସେମ୍ବର ୩୧ରେ ଦିଲ୍ଲୀପଙ୍କ ମୃତଦେହ ୭୦ ପ୍ରତିଶତ ପୋଡ଼ି ହୋଇଯାଇଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ଥିଲା। ପରେ ତାଙ୍କ ମା' ଓ ଶ୍ୱଶୁର ଘର ଲୋକ ଭୁବନେଶ୍ୱରରେ ପହଞ୍ଚି ଉକ୍ତ ମୃତଦେହକୁ ଦିଲ୍ଲୀପଙ୍କର ବୋଲି କହି ପୈତୃକ ଗାଁକୁ ନେଇଥିଲେ। ଦିଲ୍ଲୀପଙ୍କ ମୃତଦେହ ଚିହ୍ନିବା ଅବସ୍ଥାରେ ନ ଥିବାରୁ ପରିବାର ଲୋକେ ଜାଣିପାରି ନ ଥିଲେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ହସ୍ପିଟାଲ ଛାତ ଉପରେ ଏଜେନ୍ସିଦ୍ୱାରା ଏସି ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଡିସେମ୍ବର ୨୯ ସନ୍ଧ୍ୟା ପ୍ରାୟ ୫ଟା ବେଳେ ଏହି ଅଘଟଣ ଘଟିଥିଲା। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ଏଥିରେ ୪ଜଣ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାରେ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଶ୍ରୀତମ୍ ସାହୁଙ୍କ ବୁଧବାର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ଅଛନ୍ତି। ଦିଲ୍ଲୀପ ବଞ୍ଚିଥିବା ଘଟଣା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା ଓ ନିରପେକ୍ଷ ନ୍ୟାୟ କରି ଚର୍ଚ୍ଚିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ ସତ କିନ୍ତୁ ଏଥିପାଇଁ ବହୁତ ମେହେନତ କରିବାକୁ ପଡିପାରେ। ପ୍ରତ୍ୟେକ କଥାରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯଦ୍ୱାରା କି ସମାଲୋଚନାର ପାତ୍ର ହେବାକୁ ପଡିପାରେ।

ବୃଷ
ସହକର୍ମୀଙ୍କ ସହ ଯୁକ୍ତିତର୍କଜନିତ ଅଶାନ୍ତି କୌଣସି ସମସ୍ୟାର ସମ୍ମୁଖୀନ କରାଇପାରେ। କହିବାକୁ ଚାହୁଁଥିଲେ ମଧ୍ୟ ପରିବାରରେ ଗୋପନୀୟ କଥାଟିକୁ ପ୍ରକାଶ କରିପାରିବେ ନାହିଁ। ଅଯଥା ଗୁଡାଏ ମୂଳହୀନ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସାମାଜିକ ସ୍ତରରେ ଟିକେ ପ୍ରଶଂସା ପାଇବା ସକାଶେ ହାତରୁ ଖାଇ ପର ପାଇଁ ଖଟିବେ।

ମିଥୁନ
ପୂର୍ବାଲୋଚନା କ୍ରମରେ ଆଜି ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ କଥାବାର୍ତ୍ତା କରିପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନାବଶ୍ୟକ ଖର୍ଚ୍ଚ କରି ଅନୁତାପ କରିପାରନ୍ତି।

କର୍କଟ
ବନ୍ଧୁଙ୍କ ସହାନୁଭୂତିଭରା କଥା ପଦୁଏ ଏବଂ ପାରିବାରିକ ଆଶ୍ୱାସନା ହେତୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅନ୍ୟଦ୍ୱାରା ଆକସ୍ମିକ ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ପଡ଼ୋଶୀମାନେ ବାକ୍‌ଚାତୁରି କଥା କହି କାର୍ଯ୍ୟ ହାସଲ କରିବେ।

ସିଂହ
ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ନିଶ୍ଚିତ ସଫଳତା ପାଇବେ। ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀ ସହମତିରେ କାମ କଲେ ଉପକୃତ ହେବେ। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ କିନ୍ତୁ ପ୍ରଶାସନିକ ସ୍ତରରେ ସମସ୍ୟା ସୁଧୁରିବ ନାହିଁ। ଅବଶ୍ୟ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ଆଜି ପାଇବେ। ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

ତୁଳା
ଶନିଙ୍କ ପ୍ରଭାବାନୁଯାୟୀ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଅଚିରେ ବିଳମ୍ବରେ ପାଇବେ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ କିନ୍ତୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଅର୍ଥାଭାବ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

ବିଛା
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ବିଫଳତାର ମୁଖ୍ୟ କାରଣ ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଅବଶ୍ୟ କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ। ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ।

ଧନୁ
ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆତ୍ମୀୟ ସ୍ୱଜନଙ୍କ ସାହାଯ୍ୟରୁ ପାରିବାରିକ ବ୍ୟତିକ୍ରମରୁ ଟେନସନ୍ କିଛି ମାତ୍ରାରେ କମିଯିବ। ରାଜନୀତି, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ଚର୍ଚ୍ଚା ପାଇଁ ଦିନଟି ଭଲ। ବହୁତ ଦିନରୁ ଦେଖି ନ ଥିବା ପ୍ରିୟବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ।

ମକର
କର୍ମକ୍ଷେତ୍ରରେ ଖଳ ଲୋକମାନଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଏକ ଭିନ୍ନ ପରିବେଶରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କୌଣସି ବିଶେଷ କାରଣ ନ ଥାଇ ମଧ୍ୟ ଦୋଷୀସାବ୍ୟସ୍ତ ହୋଇପାରନ୍ତି।

କୁମ୍ଭ
ଆଜିର ଆଲୋଚନା ପରିସରରେ ବନ୍ଧୁମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆପଣଙ୍କ କଥାକୁ ବିଶ୍ୱାସ କରି ମିତ୍ରମାନେ ସହଯୋଗର ହାତ ବଢାଇପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ମୀନ
ନିଜ ଚତୁଃପାର୍ଶ୍ୱରେ ରହୁଥିବା ଖଳଲୋକମାନଙ୍କ କୃତ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ମାନସିକ ଅସ୍ଥିରତା ବଶତଃ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସକାଶରୁ ଅନାଦର ପାଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ।

ଆଜି ଜାନୁଆରୀ ୫ ତାରିଖ, ପୌଷ କୃଷ୍ଣ ନବମୀ ଶୁକ୍ରବାର। ରାଶିନକ୍ଷତ୍ର-ଚିତ୍ରା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୬ମି. ଗତେ ଘ.୦୭।୦୯ ମି. ମଧ୍ୟେ, ଘ.୦୭।୫୩ ମି. ଗତେ ଘ.୦୯।୦୯ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୦ ମି. ଗତେ ଘ.୧୧।୫୧ ମି. ମଧ୍ୟେ ରାହୁକାଳ।

୫- ଟି ନିୟମ ଅନୁସରଣ କର: ମୁଖ୍ୟମନ୍ତ୍ରୀ

ଜଳସମ୍ପଦ ବିଭାଗରେ ନିଯୁକ୍ତି ପାଇଲେ ୪୪୧ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୪।୧(ଅନିଲ ଦାସ)

ଜଳ ସମ୍ପଦ ବିଭାଗରେ ୪୪୧ ଜଣ କନିଷ୍ଠ(ସିଭିଲ) ଯନ୍ତ୍ରୀ ନିଯୁକ୍ତି ପାଇଛନ୍ତି। ଏନେଇ ଗୁରୁବାର ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଯନ୍ତ୍ରୀମାନଙ୍କୁ ୫-ଟି ନିୟମାବଳୀ ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପଗୁଡ଼ିକରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଉଛି। ନୂତନ ବୈଷୟିକ ଜ୍ଞାନକୌଶଳ ସହିତ ନବନିଯୁକ୍ତ ଯନ୍ତ୍ରୀମାନେ ନିଜକୁ ଅପ୍‌ଡେଟ କରିବା ଆବଶ୍ୟକ। ଏଥିସହିତ ଆସୁଥିବା ସମସ୍ୟାର ସମାଧାନ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସାଧାରଣ ସେବାରେ ଯୋଗ ଦେଇଥିବାରୁ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଏବଂ ପ୍ରତିବଦ୍ଧତାର ସହ ଲୋକମାନଙ୍କୁ ଉଚ୍ଚମାନର ସେବା ଯୋଗାଇ ଦେବାକୁ ନବନିଯୁକ୍ତ ଯନ୍ତ୍ରୀମାନଙ୍କୁ ସେ କହିଛନ୍ତି। ଆମର ପ୍ରତ୍ୟେକ କାମ ଲୋକମାନଙ୍କର ଜୀବନଶୈଳୀ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ଲୋକମାନଙ୍କର

ଜଳସମ୍ପଦ ବିଭାଗରେ ନବ ନିଯୁକ୍ତ କନିଷ୍ଠ (ସିଭିଲ) ଯନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଆଶା ଓ ଆକାଂକ୍ଷା ପୂରଣ ଦିଗରେ ସମ୍ବେଦନଶୀଳ ହେବା ସହ ସର୍ବୋତ୍ତମ ସେବା ଯୋଗାଇ ଦେବାକୁ ହେବ। ଜଳସେଚନ ବିଭାଗ ରାଜ୍ୟ ସରକାରଙ୍କ ଏକ ଜଟିଳ ବିଭାଗ। ଏହାର କାର୍ଯ୍ୟ ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିଥାଏ। ଜମିକୁ ଜଳସେଚନ କରିବାଠାରୁ ଆରମ୍ଭ କରି ବନ୍ୟା ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ମତ୍ସ୍ୟ ଚାଷ ଏବଂ ଜୀବନଶୈଳୀ ପରିବର୍ତ୍ତନ କରିବା ଭଳି କାର୍ଯ୍ୟ ବିଭାଗର ଯନ୍ତ୍ରୀମାନଙ୍କ ଉପରେ ନ୍ୟସ୍ତ ହୋଇଥାଏ। ରାଜ୍ୟରେ ୪ ହଜାରରୁ ଊର୍ଦ୍ଧ୍ୱ ଡ୍ୟାମ୍ ଥିବାବେଳେ ଆହୁରି ଅନେକ ନିର୍ମାଣାଧୀନ ରହିଛି। ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୩୦ଟି ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟ ନିର୍ମାଣ ହାତକୁ ନେଇଛନ୍ତି। ଅନ୍ୟ ୪୧ଟି ପ୍ରକଳ୍ପ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସମ୍ପନ୍ନ ହେବ। ଏହି ପ୍ରକଳ୍ପ ଜଳ ସଂରକ୍ଷଣ ସହିତ ଗ୍ରାମାଞ୍ଚଳକୁ ଜଳ ଯୋଗାଣ ଏବଂ ଭୂଗର୍ଭ ଜଳ ସଞ୍ଚରଣରେ ସହାୟତା କରିବ। ଏହି ଅବସରରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି,ମୁଖ୍ୟମନ୍ତ୍ରୀଙ୍କ ନୂତନ ଓଡ଼ିଶା ଲକ୍ଷ୍ୟରେ ପ୍ରଥମରେ ରହିଛନ୍ତି କୃଷକ। ଚାଷ ଜମିକୁ ଜଳସେଚନ କରିବା ପାଇଁ ବିଭାଗର ଯନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୪୪୧ ନବନିଯୁକ୍ତଙ୍କ ମଧ୍ୟରେ ୫୦ ପ୍ରତିଶତ ମହିଳା ନିଯୁକ୍ତି ପାଇଛନ୍ତି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଆଜିଠୁ ୩ଦିନିଆ ଓଡିଶା ଗସ୍ତରେ ରେଳମନ୍ତ୍ରୀ

ନୂଆଗାଁ-ଦଶପଲ୍ଲା ରେଳ ସେକ୍ସନର ଉଦ୍‌ଘାଟନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ

ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୪।୧ (ଅନୁରାଧା ମହାରଣା)

ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତିନିଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବୈଷ୍ଣବ ଭୁବନେଶ୍ୱରରେ ପହଞ୍ଚିବେ। ଶନିବାର ୬ ତାରିଖରେ ନୟାଗଡ଼ ଜିଲାର କଣ୍ଟିଲୋଠାରେ ଡାକ ବିଭାଗର କାର୍ଯ୍ୟକ୍ରମ ଓ ଖଣ୍ଡପଡ଼ାଠାରେ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଦଶପଲ୍ଲା ରେଳ ଷ୍ଟେଶନ ବିଲ୍ଡିଂ ଏବଂ ନବନିର୍ମିତ ନୂଆଗାଁ-ଦଶପଲ୍ଲା ରେଳ ସେକ୍ସନର ଉଦ୍‌ଘାଟନ କରିବେ। ଏହି ଅବସରରେ ୪ଟି ଟ୍ରେନର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ। ୧୮୪୨୩/୧୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ, ୦୮୪୨୯/୦୮୪୩୦ ଭୁବନେଶ୍ୱର-ନୂଆଗାଁ ରୋଡ୍-ଭୁବନେଶ୍ୱର ପାସେଞ୍ଜର ସ୍ପେଶାଲ, ୦୮୪୨୩/୦୮୪୨୪ ପୁରୀ-ନୂଆଗାଁ ରୋଡ-ପୁରୀ ପାସେଞ୍ଜର ସ୍ପେଶାଲ ଏବଂ ୦୮୫୫୫/୦୮୫୫୬ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନଗୁଡିକର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ୭ରେ କଟକ ଜିଲାର ଆଠଗଡ଼, ବଡମ୍ବା ଓ ନରସିଂହପୁର ଅଞ୍ଚଳରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

'ଘରେ ଘରେ ପୁଷ୍ଟି' ଯୋଜନାରେ ୮ ଲକ୍ଷ ୨୦ ହଜାର ପରିବାରଙ୍କୁ ପନିପରିବା ଚାରା,ମଞ୍ଜି ଯୋଗାଣ

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମହିଳା ଓ ବାଳିକାଙ୍କ ମଧ୍ୟରେ ଅପପୁଷ୍ଟି ଏବଂ ରକ୍ତହୀନତା ଦୂର ଉଦ୍ଦେଶ୍ୟରେ ଗତବର୍ଷ ରାଜ୍ୟ ସରକାରଙ୍କ ଘରେ ଘରେ ପୁଷ୍ଟି ଯୋଜନା କୃଷି ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା। ଏଥିରେ ରାଜ୍ୟର ଚିହ୍ନଟ ପରିବାରଙ୍କୁ ଘର ଅଗଣାରେ ୬ ପ୍ରକାର ପୁଷ୍ଟିଯୁକ୍ତ ପନିପରିବା ମଞ୍ଜି ଏବଂ ୫ ପ୍ରକାର ପନିପରିବା ଚାରା ଯୋଗାଇ ଦିଆଯାଇଥିଲା। ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ରାଜ୍ୟର ସମସ୍ତ ଜିଲାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୭ ଲକ୍ଷ ୩୮ ହଜାର ପରିବାରଙ୍କୁ ଏହି ପନିପରିବା ବିହନ ପାଇଁ ମଞ୍ଜି ଓ ଚାରା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଜନାରେ କମ୍ ଓଜନର ଏବଂ ସ୍ୱାଭାବିକ ବୃଦ୍ଧି ପାଉ ନ ଥିବା ପିଲା, ଦିବ୍ୟାଙ୍ଗ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବିଧବା ମୁଖ୍ୟ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତି ଗୋଷ୍ଠୀଙ୍କ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଫଳରେ ଏହି ଯୋଜନାରେ ରାଜ୍ୟର ମୋଟ ୮ ଲକ୍ଷ ୨୦ ହଜାର ପରିବାର ଉପକୃତ ହୋଇଥିଲେ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

୨ ଟ୍ରକ୍ ସହ ଧକ୍କା ହେଲା ପିକ୍‌ନିକ୍ ବସ୍

ଦୁର୍ଘଟଣାଗ୍ରସ୍ତ ବସ୍, ଟ୍ରେଲର ଓ ହାଇୱା।

୩୫ ଆହତ, ୫ ଗୁରୁତର

କାମାକ୍ଷାନଗର,୪।୧ (ଅମଜାଦ୍ ଖାନ୍)

୧୪୯ ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ଭେଜିଆ ଛକ ନିକଟରେ ଗୁରୁବାର ସକାଳେ ଘଟିଛି ସିରିଜ୍ ଦୁର୍ଘଟଣା। ଯାଜପୁର ଜିଲା ବଡ଼ଚଣା ଅଞ୍ଚଳରୁ ଲୋକଙ୍କୁ ନେଇ ପିକ୍‌ନିକ୍‌ରେ ସମ୍ବଲପୁର ଯାଇଥିବା ଏକ ବସ୍ ସେଠାରୁ ବଡ଼ଚଣା ଫେରୁଥିବା ବେଳେ ପ୍ରଥମେ ଏକ ଟ୍ରେଲର ଓ ପରେ ହାଇୱାକୁ ଧକ୍କା ଦେଇଥିଲା। ଫଳରେ ୩୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ସହ ଟ୍ରେଲର ଚାଳକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ତାଳଚେରସ୍ଥିତ ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର କେତେଜଣ ଲୋକ ନିରୁପମା ବସ୍ (ନଂ. ଓଡି୦୪ ଜେ-୫୮୮୫)ରେ ସମ୍ବଲପୁରକୁ ପିକ୍‌ନିକ୍ ପାଇଁ ଯାଇଥିଲେ। ପିକ୍‌ନିକ୍ ସାରି ସେଠାରୁ ବସ୍‌ରେ ଫେରୁଥିବା ବେଳେ ଭେଜିଆ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏକ ଗାଡ଼ିକୁ ଓଭରଟେକ କରୁଥିବା ସମୟରେ ବସ୍ ଚାଳକ କୁହୁଡ଼ି ଯୋଗୁ ଆସୁଥିବା ଟ୍ରେଲର (ନଂ. ଓଡି୦୪ ଆର୍ ୪୦୬୦)କୁ ଦେଖିପାରି ନ ଥିଲେ। ଫଳରେ ବସ୍‌ଟି ଟ୍ରେଲର ସହିତ ଧକ୍କା ହୋଇ ରାସ୍ତା କଡ଼କୁ ମାଡ଼ିଯିବା ସହ ଏକ ଜଳଖିଆ ଦୋକାନ ସମ୍ମୁଖରେ ଥିବା ହାଇୱାରେ ପିଟି ହୋଇଥିଲା। ଖବରପାଇ ମହାବିରୋଡ଼ ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତ ଥାନା କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ୫ ଜଣ ଗୁରୁତରଙ୍କୁ ମଣ୍ଡାପାଳ ଡାକ୍ତରଖାନା ପଠାଯାଇଥିଲା।

ବିଶ୍ୱ ମାନର ଶିକ୍ଷା ପ୍ରଦାନ କେନ୍ଦ୍ର ସରକାରଙ୍କ ପ୍ରମୁଖ ଏଜେଣ୍ଡା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ବିଦ୍ୟାଳୟ ଶିକ୍ଷାରେ ନୂଆ କ୍ରାନ୍ତି ଆଣିବା ଦିଗରେ ପିଏମ୍ ଶ୍ରୀ ସ୍କୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ଉତ୍ତର ପ୍ରଦେଶରେ ପିଏମ୍ ଶ୍ରୀ ସ୍କୁଲର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଚୟନ ହୋଇଥିବା ୯୨୮ ବିଦ୍ୟାଳୟ ଏବଂ ୮୧ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟକୁ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ କରାଯାଇଛି। ବିଦ୍ୟାଳୟରେ ଉତ୍ତମ ଓ ଅତ୍ୟାଧୁନିକ ଭିତ୍ତିଭୂମି ଏବଂ ବିଶ୍ୱମାନର ଶିକ୍ଷା ପ୍ରଦାନ କରିବା କେନ୍ଦ୍ର ସରକାରଙ୍କ ପ୍ରମୁଖ ଏଜେଣ୍ଡା। ଏହି ମର୍ମରେ ଉତ୍ତରପ୍ରଦେଶରେ ପିଏମ୍ ଶ୍ରୀ ଅନ୍ତର୍ଗତ ୧୦୦୦ରୁ ଅଧିକ ବିଦ୍ୟାଳୟର ଉନ୍ନତି ଏବଂ ଆଧୁନିକୀକରଣ କରାଯାଇଛି। ପିଏମ୍ ଶ୍ରୀ ସ୍କୁଲ କ୍ରିୟାନ୍ୱୟନ କରିବାରେ ୟୁପିର ଅଗ୍ରଣୀ ଭୂମିକା ପ୍ରଶଂସନୀୟ। ନୂଆ ରାଷ୍ଟ୍ରୀୟ ଶିକ୍ଷାନୀତି ହେଉ କିମ୍ବା ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀଙ୍କ ନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ଉତ୍ତରପ୍ରଦେଶ ଏକ ଉଦାହରଣ।

ଏହାଦ୍ୱାରା ସମଗ୍ର ଦେଶର ଆତ୍ମବିଶ୍ୱାସ ବଢ଼ୁଛି। ପ୍ରଗତି ଆଜି ଉତ୍ତରପ୍ରଦେଶର ଚରିତ୍ର ହୋଇଛି। ୟୁପିରେ ଛାତ୍ରୀଛାତ୍ର ଏବଂ ଯୁବତୀ,ଯୁବକମାନଙ୍କୁ ବିଶ୍ୱମାନର ଶିକ୍ଷା ଉପଲବ୍ଧ କରାଇବା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଡବଲ ଇଞ୍ଜିନ ସରକାରର ଦାୟିତ୍ୱ ଅଛି। ୟୁପି ମଡେଲ ଆଗାମୀ ଦିନରେ ସମଗ୍ର ଦେଶର ମଡେଲ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ୫୦୦ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ପବିତ୍ର ଅଯୋଧ୍ୟା ଧାମରେ ଭବ୍ୟ ରାମ ମନ୍ଦିରର ସ୍ୱପ୍ନ ପୂରଣ ହେଉଛି। ଆଜି ଅଯୋଧ୍ୟା ଭାରତର ବିକାଶ ଏବଂ ସମୃଦ୍ଧିର କେନ୍ଦ୍ର ହୋଇଛି ବୋଲି ସେ କହିଛନ୍ତି।

ଆଜିଠୁ ଭିତରକନିକା ବନ୍ଦ

ରାଜନଗର, ୪।୧ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ଗଣନା ଜାନୁଆରୀ ୫ରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ। ଏଥିଲାଗି ଆଜିଠୁ ପର୍ଯ୍ୟଟକଙ୍କ ଲାଗି ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ। ଏଥିସହ ଜାତୀୟ ଉଦ୍ୟାନ ସଂଲଗ୍ନ ବିଭିନ୍ନ ଆର୍ଦ୍ରଭୂମିରେ ପାଦ ଥାପିଥିବା ବିଦେଶୀ ପକ୍ଷୀଙ୍କର ଆସନ୍ତା ୬ରୁ ଗଣନା କରାଯିବ। ପ୍ରଚଣ୍ଡ ଶୀତ ପ୍ରକୋପରୁ ରକ୍ଷା ପାଇବାକୁ ହିମାଳୟ ପାଦଦେଶ ସମେତ ଅଷ୍ଟ୍ରେଲିଆ, ଫ୍ରାନ୍ସ, ରୁଷିଆ, ମଙ୍ଗୋଲିଆ, ମାଲେସିଆ ପ୍ରଭୃତି ଶୀତପ୍ରଧାନ ଦେଶରୁ ରଙ୍ଗ ବେରଙ୍ଗ ପକ୍ଷୀମାନେ ଭିତରକନିକାରେ ପହଞ୍ଚିଛନ୍ତି।

ବିଡିଏ ଜବରଦଖଲ ଉଚ୍ଛେଦ ବ୍ୟବସ୍ଥା ହେବ କଡ଼ାକଡ଼ି

- **୬୭ ନୂଆ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**
- **ସୃଷ୍ଟି ହେବ ୧ ଆସିଷ୍ଟାଣ୍ଟ କମିଶନର, ୬ ଏଏସ୍‌ଆଇ, ୬୦ କନ୍‌ଷ୍ଟେବଲ ପଦବୀ**

ଭୁବନେଶ୍ୱର,୪।୧(ଅନିଲ ଦାସ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଭୁବନେଶ୍ୱର ମହାନଗର ନିଗମକୁ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ନୂତନ ରୂପରେଖ ଦେବାର ଗୁରୁଦାୟିତ୍ୱ ବହନ କରିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରର ସୌନ୍ଦର୍ଯ୍ୟକରଣ ଓ ବିଭିନ୍ନ ଭିତ୍ତିଭୂମି ନିର୍ମାଣ ଉଦ୍ଦେଶ୍ୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ବିଡିଏ ପକ୍ଷରୁ କରାଯାଉଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ଅଧିକ ଫଳପ୍ରଦ ଓ ସୁସଂହତ କରିବା ଉଦ୍ଦେଶ୍ୟରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬୭ଟି ପଦବୀ ସୃଷ୍ଟି ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦବୀଗୁଡ଼ିକ ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସୃଷ୍ଟି କରାଯାଇ ପୂରଣ ହେବ। ସେଗୁଡ଼ିକ ହେଲା ଗୋଟିଏ ଆସିଷ୍ଟାଣ୍ଟ କମିଶନର ଅଫ୍ ପୋଲିସି(ଏସିପି), ୬ଟି ଏଏସ୍‌ଆଇ ଏବଂ ୬୦ଟି ପୋଲିସ କନ୍‌ଷ୍ଟେବଲ ପଦବୀ। ଭୁବନେଶ୍ୱର ପୂର୍ବ ଭାରତର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ସହର। ସହରାଞ୍ଚଳ ଯୋଜନାବଦ୍ଧ ବିକାଶ ପାଇଁ ଏହି ପଦବୀଗୁଡ଼ିକ କାର୍ଯ୍ୟ କରିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ ଅନୁଯାୟୀ, ସମଗ୍ର ଭୁବନେଶ୍ୱର ସହରରେ ଏସବୁ କାର୍ଯ୍ୟ ନିମନ୍ତେ ୨୫ଟି ଯୁଗ୍ମ ଟିମ୍ ଓ ୫ଟି ରିଜର୍ଭ ଟିମ୍‌ର ଆବଶ୍ୟକତା ଥିଲା। ପ୍ରତି ଟିମ୍‌ରେ ୨ଜଣ ପୋଲିସ କନଷ୍ଟେବଲ ରହିବେ। ଏହି ଟିମ୍‌ଗୁଡ଼ିକର ସମନ୍ୱୟ ଓ ସୁପରିଚାଳନା ପାଇଁ ଜଣେ ଆସିଷ୍ଟାଣ୍ଟ କମିଶନର, ୬ ଜଣ ଏଏସ୍‌ଆଇ କାର୍ଯ୍ୟ କରିବେ।ଏହି ପଦବୀଗୁଡ଼ିକ ପୂରଣ ଦ୍ୱାରା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସହଜ ଓ ତ୍ୱରାନ୍ୱିତ ହେବ।

ଆଜି ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ରାଜ୍ୟରେ ଭୋଟର ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସବୁ ଜାତୀୟ/ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ସମ୍ପର୍କରେ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଅବଗତ କରାଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳ ସହ ଆଲୋଚନା ପରେ ନିର୍ବାଚନ ଇସ୍ତାହାର ପାଇଁ ନିୟମ ପ୍ରଣୟନ କରିଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ମୁଖ୍ୟ ନିର୍ବାଚନ ଅଧିକାରୀ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନିର୍ବାଚନ ଇସ୍ତାହାରର (ଓଡ଼ିଆ/ହିନ୍ଦୀ/ଇଂରାଜୀ) ଉଭୟ ଭାଷାର ୩ଟି ଲେଖା କପି ଆଣିପାରିବେ। ପ୍ରାର୍ଥୀ କିମ୍ବା ରାଜନୈତିକ ଦଳଗୁଡ଼ିକ ଯେତେବେଳେ ନିର୍ବାଚନ ଇସ୍ତାହାର ଘୋଷଣା କରୁଛନ୍ତି ସେତେବେଳେ ଆଦର୍ଶ ଆଚରଣ ବିଧି ସଂହିତାର ଅଧିନିୟମ ୮(୩)କୁ କଡ଼ାକଡ଼ି ପାଳନ କରିବାକୁ ନିର୍ବାଚନ ଆୟୋଗ ଦର୍ଶାଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ପ୍ରକାଶ କରିଛନ୍ତି। ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସରି ଗତ ୨୭ ତାରିଖରେ ଠିଠା ଭୋଟର ତାଲିକା ପ୍ରକାଶ ପାଇଛି। ଶୁକ୍ରବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ପ୍ରକାଶିତ ହେବାକୁ ଥିବା ଚୂଡ଼ାନ୍ତ ଭୋଟର ତାଲିକା ୨୦୨୪ ଅନୁସାରେ ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦। ସେଥିମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୮ ଲକ୍ଷ ୫୦ ହଜାର ୯୪୯ ଓ ମହିଳା ଭୋଟରଙ୍କ ସଂଖ୍ୟା ୧ କୋଟି ୬୩ ଲକ୍ଷ ୮୨ ହଜାର ୩୧ ଜଣ। ରାଜ୍ୟରେ ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ହେଲା ୩୩୮୦ ଜଣ। ରାଜ୍ୟରେ ଯୁବ ଭୋଟର (୧୮-୧୯ ବର୍ଷ)ଙ୍କ ସଂଖ୍ୟା ହେଲା ୭ ଲକ୍ଷ ୫୪ ହଜାର ୯୪୬ ଜଣ, ଯାହାକି ଗତ ୫ ବର୍ଷରେ ସର୍ବାଧିକ (୨.୨୭%)। ମୋଟ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ହେଲା ୪ ଲକ୍ଷ ୫୭ ହଜାର ୮୨୧ ଜଣ, ଅର୍ଥାତ୍ ୧.୩୮% ବୋଲି ଧଳ କହିଛନ୍ତି।

ଦ୍ୱିତୀୟ ଜନ୍ମ ପାଇଲି

ମୁମ୍ବାଇ: ବଲିଉଡ୍ ଅଭିନେତା ଶ୍ରେୟାସ ତଲପଡେଙ୍କ ଦ୍ୱିତୀୟ ଜନ୍ମ ହୋଇଛି। ଡିସେମ୍ବର ୪ରେ ଏକ ଫିଲ୍ମ ଶୁଟିଂ ସମୟରେ ତାଙ୍କର ହଠାତ୍ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ସେ ଘରେ ପହଞ୍ଚିବା ବେଳକୁ ତାଙ୍କ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ି ଯାଇଥିଲା। ପରେ ସେ ହୃଦ୍‌ଘାତରେ ପୀଡିତ ଥିବା ଜଣାପଡ଼ିଥିଲା। ଏବେ ସେ ସୁସ୍ଥ ହେବା ପରେ ଦ୍ୱିତୀୟ ଜନ୍ମ ପାଇଥିବା କହିଛନ୍ତି। ଶ୍ରେୟାସ କହିଛନ୍ତି, ସେ କେବେ ହସ୍ପିଟାଲରେ ଭର୍ତ୍ତି ହୋଇ ନ ଥିଲେ। ମଝିରେ ଥରେ ତାଙ୍କ ଗୋଡ଼ ଭାଙ୍ଗିବା ସମୟରେ ମଧ୍ୟ ସେ ହସ୍ପିଟାଲ ଯାଇ ନ ଥିଲେ। ହେଲେ ତାଙ୍କର ଏପରି ହେବ ବୋଲି ସେ କେବେ ଭାବି ନ ଥିଲେ। ସେ ଅଢ଼େଇ ବର୍ଷ ହେବ ବିଶ୍ରାମ ନ କରି କାମ କରୁଥିଲେ। ତାଙ୍କୁ ଅଣନିଃଶ୍ୱାସୀ ଲାଗିବାରୁ ପରୀକ୍ଷା କରି କୋଲେଷ୍ଟରଲ ଥିବା ଜାଣି ଔଷଧ ଖାଇବା ଆରମ୍ଭ କରିଥିଲେ। ଶୁଟିଂ ଦିନ ତାଙ୍କ ବାମ ହାତରେ ଯନ୍ତ୍ରଣା ହେବାରୁ ସେ ସେଠାରୁ ଚାଲି ଆସିଲେ। ଘରେ ତାଙ୍କ ସ୍ତ୍ରୀ ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲେ। ପରେ ତାଙ୍କର ହୃଦ୍‌ଘାତ ହେବାରୁ ସେ ଚେତା ହରାଇଥିଲେ। ଡାକ୍ତର ତାଙ୍କୁ ଇଲେକ୍ଟ୍ରିକ୍ ଶକ୍ ଦେବାରୁ ସେ ପୁଣି ଜୀବନ ପାଇଥିବା କହିଛନ୍ତି। ତେବେ ଶେଷଥର ପାଇଁ ଶ୍ରେୟାସଙ୍କୁ 'ଥୋକ୍ ଦେ ହସିନା' ମୁଭିରେ ଦେଖିବାକୁ ମିଳିଥିଲା।

ଶ୍ରେୟାସ ତଲପଡେ

୧୮ ବ୍ଲକରେ ଖୋଲିବ ମହାବିଦ୍ୟାଳୟ

୨୦୨୪-୨୫ ଶିକ୍ଷାବର୍ଷରୁ ନାମଲେଖା, ପାଠପଢ଼ା

ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)

ରାଜ୍ୟର ୧୮ଟି ବ୍ଲକ୍‌ରେ ଖୋଲିବ ସ୍ନାତକସ୍ତରୀୟ (ଯୁକ୍ତ୩) ମହାବିଦ୍ୟାଳୟ। ଏଠାରେ କଳା ବିଭାଗ ଖୋଲିବା ସହ ୨୦୨୪-୨୫ ଶିକ୍ଷାବର୍ଷଠାରୁ ନାମଲେଖା ଓ ପାଠପଢ଼ା ମଧ୍ୟ ଆରମ୍ଭ ହେବ। ଶିକ୍ଷାରେ ସମାନତା, ଓ ଉତ୍କର୍ଷ ଆଣିବା ସହ ଶିକ୍ଷାକୁ ସୁଦୂର ପ୍ରସାରୀ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗଜପତିର ଗୁମ୍ମା, ଗଞ୍ଜାମର ଧରାକୋଟ, କଳାହାଣ୍ଡିର ଥୁଆମୂଳ-ରାମପୁର, କନ୍ଧମାଳର ଖଜୁରିପଡ଼ା, କୋରାପୁଟର ବନ୍ଧୁଗାଁ, ନାରାୟଣପାଟଣା, ମାଲକାନଗିରିର ଚିତ୍ରକୋଣ୍ଡା, ମୟୂରଭଞ୍ଜର ତିରିଂ, ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ, ରାଇଗଡ଼, ରାୟଗଡ଼ାର କାଶୀପୁର, ରାମନାଗୁଡ଼ା, ଚନ୍ଦ୍ରପୁର, ସୁନ୍ଦରଗଡ଼ର ନୂଆଗାଁ, ଗୁରୁଣ୍ଡିଆ, କୁଆଁରମୁଣ୍ଡା ଆଦି ବ୍ଲକରେ ଏହି ସ୍ନାତକ ମହାବିଦ୍ୟାଳୟ ଖୋଲାଯିବ। ଏହିସବୁ ମହାବିଦ୍ୟାଳୟ ପାଇଁ ବ୍ଲକ ହେଡ଼କ୍ୱାର୍ଟରଠାରୁ ୫କିମି ପରିସୀମା ଭିତରେ ୧୦ ଏକର ଜମି ଯୋଗାଇଦେବାକୁ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମହାବିଦ୍ୟାଳୟଗୁଡ଼ିକର ନିଜସ୍ୱ ଭିତ୍ତିଭୂମି ବିକାଶ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଗୃହରେ ଶିକ୍ଷାଦାନ କରିବାକୁ କୁହାଯାଇଛି।

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି– ତଦ୍ଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି– ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! –ଶ୍ରୀଅରବିନ୍ଦ

ସବୁଜ ଚିନ୍ତା

ଏମାନୁଏଲ ମାକ୍ରଁ

ୟୁକ୍ରେନ୍‌ରେ ୨୦୨୨ ପ୍ରଥମାର୍ଦ୍ଧରୁ ଯୁଦ୍ଧ ଲାଗି ରହିଛି। ଅନ୍ୟପଟେ ଗତବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ସୀମା ମଧ୍ୟରେ ହମାସ୍‌ର ବର୍ବର ଆକ୍ରମଣ ପରେ ଗାଜାରେ ସଂଘର୍ଷ ଜାରି ରହିଛି। ଏହି ଦୁଇଟି ଯୁଦ୍ଧ ସ୍ଥିତି ବିଶ୍ୱରେ କାର୍ବନ ନିର୍ଗମନ ହ୍ରାସ, ୨୦୨୫ ସୁଦ୍ଧା ସମ୍ମିଳିତ ଭାବେ କାର୍ବନ ଶୂନସ୍ତର ହାସଲ, ଜୈବବିବିଧତା ସଂରକ୍ଷଣ ଏବଂ ଦାରିଦ୍ର୍ୟ ଓ ଅସମାନତା ବିରୋଧୀ ଲଢ଼େଇର ଲକ୍ଷ୍ୟ ଭଳି ପ୍ରାଥମିକତାରୁ ଆମେ ପଥଚ୍ୟୁତ ହେବା ଉଚିତ ନୁହେଁ। ଏହି ସିଦ୍ଧାନ୍ତକୁ ପ୍ୟାରିସ୍ ପ୍ୟାକ୍ଟ ଫର୍ ପିପୁଲ୍ ଏବଂ ଦି’ ପ୍ଲାନେଟ୍ ଆଣ୍ଡ ୱାନ ପ୍ଲାନେଟ୍ ସମିଟି ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ଫ୍ରାନ୍ସ କାର୍ଯ୍ୟକାରୀ କରୁଛି। ଆମ ରଣନୀତିର ଆଧାରଶିଳା ପରିସଂସ୍ଥାଗତ ପରିବର୍ତ୍ତନ ଓ ଦାରିଦ୍ର୍ୟ ବିରୋଧୀ ଲଢ଼େଇକୁ ଗତିଶୀଳ କରିବା ଦରକାର। ଶିଳ୍ପ ବିପ୍ଳବ ପରଠାରୁ କାର୍ବନ ନିର୍ଗମନକାରୀ ପ୍ରମୁଖ ଧନୀ ତଥା ସବୁଠୁ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପ୍ରଥମେ ଜୀବାଶ୍ମ ଇନ୍ଧନଠାରୁ ଦୂରେଇ ଯିବା ଉଚିତ। ଯଦି ପ୍ୟାରିସ୍ ଜଳବାୟୁ ଚୁକ୍ତିର ଲକ୍ଷ୍ୟ ହାସଲ କରିବାକୁ ଆମେ ଚାହୁଁଛେ, ତେବେ ଏହା ଉପରେ ବୁଝାମଣା କରାଯିବା ଦରକାର। ବିଜ୍ଞାନ ଆମକୁ ପଥ ଦେଖାଇଛି। ଏହି ଧାରାରେ ଆମକୁ ୨୦୩୦ ସୁଦ୍ଧା କୋଇଲା ଏବଂ ୨୦୪୫ ସୁଦ୍ଧା ଜୀବାଶ୍ମ ତୈଳ ବ୍ୟବହାର ବନ୍ଦ କରିବାକୁ ହେବ। ଏକ୍ଷେତ୍ରରେ ଜି୭ ଦେଶଗୁଡ଼ିକ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିବା ଆବଶ୍ୟକ।

କୋଇଲାରୁ ସୃଷ୍ଟି ହେଉଥିବା ବିପଦକୁ ପ୍ରଥମେ ସମାଧାନ କରିବା ଉଚିତ। ଏବେ ସ୍ଥାପନ କରାଯାଉଥିବା ୨,୦୦୦ ଗିଗାୱାଟ ଉତ୍ପାଦନକାରୀ କୋଇଲାଚାଳିତ ତାପଜ ବିଦ୍ୟୁତ୍ କେନ୍ଦ୍ର ଏତେ କାର୍ବନ ନିର୍ଗମନ କରୁଛି ଯେ, ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସ ଟପିବାକୁ ଆମକୁ ବେଶି ସମୟ ଲାଗିବନି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରତିବର୍ଷ ୯୨ ଗିଗାୱାଟ ହ୍ରାସ କରିବାକୁ ଅନ୍ତର୍ଜାତୀୟ ଶକ୍ତି ସଂଗଠନ (ଆଇଇଏ) ସୁପାରିସ କରିଥିବାବେଳେ ଅତିରିକ୍ତ ୫୦୦ ଗିଗାୱାଟ ଉତ୍ପାଦନ ପାଇଁ ଯୋଜନା କରାଯାଇ ସାରିଲାଣି। ୨୦୩୦ ସୁଦ୍ଧା କୋଇଲା ବ୍ୟବହାରଠାରୁ ଦୂରେଇଯିବା ଜି୭ର ଦାୟିତ୍ୱ ହୋଇଥିବାବେଳେ (କିନ୍ତୁ ଜି୭ ଦେଶ ଫ୍ରାନ୍ସ ୨୦୨୭ ସୁଦ୍ଧା ଏହା କରିବ) ବିକଶିତ ଦେଶଗୁଡ଼ିକ ଏବେ ସବୁଠୁ ଅଧିକ କୋଇଲା ବ୍ୟବହାର କରୁଛନ୍ତି। ଏହିସବୁ ଦେଶରେ ଆମକୁ ଅକ୍ଷୟଶକ୍ତି ଓ ଆଣବିକ ଶକ୍ତି ଉପରେ ଅଧିକ ପୁଞ୍ଜି ନିବେଶ କରିବାକୁ ହେବ। କାରଣ କାର୍ବନ ନିର୍ଗମନ ହ୍ରାସ କରିବାରେ ଏହିସବୁ ଶକ୍ତି ପ୍ରମୁଖ ଭୂମିକା ନେବ। ପ୍ୟାରିସ୍ ଚୁକ୍ତି ଅନୁସାରେ ଘରୋଇ ପୁଞ୍ଜି ଓ ବାଣିଜ୍ୟକୁ କାମରେ ଲଗାଇବା ଦରକାର। ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ କମ୍ପାନୀ କିମ୍ବା ସଂସ୍ଥାଗୁଡ଼ିକ ପାଇଁ ନିବେଶ ମୂଲ୍ୟ ଅଧିକ ହେବା ଉଚିତ। ସେହିପରି ବାଣିଜ୍ୟ ଚୁକ୍ତିରେ ଆମକୁ ଏକ ଜଳବାୟୁ ବିଷୟ ସ୍ଥାନିତ କରିବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ଏବଂ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ସକାଶେ ସବୁଜ ଓ ନୂଆ ଜ୍ଞାନକୌଶଳ ପାଇବାରେ ଅର୍ଥ ଯୋଗାଇବାକୁ ସବୁଠୁ ଅଧିକ ବିପଦରେ ଥିବା ଦେଶଗୁଡ଼ିକ କିଭଳି ସକ୍ଷମ ହେବେ ସେଥିପାଇଁ ଏକ ସର୍ତ୍ତ ରଖିବାକୁ ହେବ। ଏଥିରୁ ବୁଝାପଡୁଛି ଯେ, ପାରମ୍ପରିକ ବିକାଶ ସହାୟତାଠାରୁ ଆଗକୁ ଯିବାକୁ ପଡ଼ିବ ଏବଂ କୋଭିଡ୍–୧୯ ସମୟରେ ଧନୀ ଦେଶଗୁଡ଼ିକ ସେମାନଙ୍କ ପାଇଁ ଯେଉଁଭଳି ଏକ ଅଣପରମ୍ପରାଗତ ବିତ୍ତୀୟ ଓ ଆର୍ଥିକ ନୀତି ଆପଣାଇଥିଲେ ବିକାଶଶୀଳ ଦେଶଗୁଡ଼ିକ ପାଇଁ ତାହା କରିବାକୁ ପଡ଼ିବ। ୨୦୨୧ରେ ପ୍ୟାରିସ୍‌ଠାରେ ଆମେ ନେଇଥିବା ପଦକ୍ଷେପ ପରେ ମାତ୍ର ଦୁଇ ବର୍ଷ ମଧ୍ୟରେ ପରିଣାମ ସାମ୍ନାକୁ ଆସିସାରିଲାଣି। ବିପଦରେ ଥିବା ଦେଶଗୁଡ଼ିକୁ ସ୍ପେସିଆଲ ଡ୍ରଇଂ ରାଇଟ୍ସ (ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ରିଜର୍ଭ ଆସେଟ)ରେ ୧୦୦ ବିଲିୟନ ଡଲାର ଦେଇସାରିଛୁ। କାର୍ଯ୍ୟରେ ନ ଲାଗି ପଡ଼ିରହିଥିବା ଅର୍ଥକୁ ଜଳବାୟୁ ପଦକ୍ଷେପ ଓ ଗରିବ ଦେଶଗୁଡ଼ିକରେ ମହାମାରୀ ମୁକାବିଲା ସକାଶେ ପାଖାପାଖି ଶୂନ ସୁଧ ହାରରେ ୨୦ ବର୍ଷିଆ ଋଣ ପ୍ରଦାନ କରୁଛୁ। ଏହିଭଳି ଦେଶଗୁଡ଼ିକୁ ପାଣ୍ଠି ପ୍ରଦାନ କରିବା ପାଇଁ ଋଣ ନିୟମରେ ପରିବର୍ତ୍ତନ କରିବା ଆରମ୍ଭ କରିଛୁ। ଆମେ ମଧ୍ୟ ବିଶ୍ୱ ବ୍ୟାଙ୍କ ଭଳି ଅନ୍ୟ ବହୁଦେଶୀୟ ବିକାଶ ବ୍ୟାଙ୍କଗୁଡ଼ିକର ଔପଚାରିକ ନିୟମକୁ ପରିବର୍ତ୍ତନ କରିଛୁ, ଯଦ୍ଦ୍ୱାରା ସେମାନେ ଦାୟିତ୍ୱ ନେବେ ଓ ଘରୋଇ ଅର୍ଥକୁ ଅଧିକ ସଞ୍ଚାଳନ କରିବେ।

ଜଳବାୟୁ ବିପଦକୁ ଦୃଷ୍ଟିରେ ରଖି ନୂଆ ଘରୋଇ ଇନ୍‌ସ୍ୟୁରାନ୍ସ ପଦ୍ଧତିଗୁଡ଼ିକୁ ଗତିଶୀଳ କରିବା ଲାଗି ନୂଆ ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡର ଢାଞ୍ଚା ମାଧ୍ୟମରେ କାମ କରୁଛୁ। ସବୁଠୁ ଅଧିକ କ୍ଷତିଗ୍ରସ୍ତ ଦେଶଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଲକ୍ଷ୍ୟ କରି ଆମେ କାମ କରିବୁ। ୨୦୨୪ର ପ୍ରଥମାର୍ଦ୍ଧରେ ଫ୍ରାନ୍ସ ଓ ବାଂଲାଦେଶ ଜଳବାୟୁ ମୁକାବିଲା ଏବଂ ଲସ୍ ଆଣ୍ଡ ଡ୍ୟାମେଜ୍‌କୁ ପାଣ୍ଠି ଯୋଗାଇବା ପାଇଁ ୧.୧ ବିଲିୟନ ଡଲାର ଯୋଗାଇ ଦେଉଥିବା ଫ୍ରେଞ୍ଚ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି ଓ ନୂଆ ଋଣରେ ୧ ବିଲିୟନ ଡଲାରର ଏସ୍‌ଡିଆର୍‌ଏସ୍ ଯାଏ ଯୋଗଦାନ ଥିବା ଆଇଏମ୍‌ଏଫ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିବେ। ଏହା ସୂଚିତ କରେ ଯେ, ଆଗାମୀ ବର୍ଷଗୁଡ଼ିକରେ ସମ୍ମୁଖୀନ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ପାଇଁ ଶାସନ ପଦ୍ଧତି ଓ ବୈଶ୍ୱିକ ମାନକ ସ୍ଥିର କରିବାକୁ ହେବ। ଆହ୍ୱାନଗୁଡ଼ିକ ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଳ ଉପଲବ୍ଧତା। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୦୨୪ରେ ଜାତିସଂଘ ସାଧାରଣ ସଭା ଅବସରରେ ଫ୍ରାନ୍ସ ଓ କାଜାକ୍ସ୍ଥାନ ୱାନ ୱାଟର ସମିଟି ଆୟୋଜନ କରିବେ।

ତେବେ ପ୍ରକୃତିଦତ୍ତ ସେବାଗୁଡ଼ିକ ପାଇଁ ଅର୍ଥ ଯୋଗାଇ ଦେବାକୁ ଏକ ଜୈବ ଅର୍ଥ ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପଡ଼ିବ। ବିଶେଷକରି ୩ଟି ଟ୍ରପିକାଲ ଫରେଷ୍ଟ ଅବବାହିକାରେ କାର୍ବନକୁ ଶୋଷଣ କରୁଥିବା ଓ ଜୈବବିବିଧତା ସଂରକ୍ଷଣ କରୁଥିବା ଦେଶଗୁଡ଼ିକ ଅଧିକ ସଂସାଧନ ପାଇବା ଉଚିତ। କପ୍ ୨୮ରେ ଫ୍ରାନ୍ସ ଏହି ପ୍ରକାର ୩ଟି ଚୁକ୍ତି ଅଲଗା ଭାବେ ପପୁଆ ନ୍ୟୁଗିନି, ରିପବ୍ଲିକ ଅଫ୍ କଙ୍ଗୋ ଏବଂ ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ ସହ କରିସାରିଛି। କିନ୍ତୁ ସ୍ୱେଚ୍ଛାକୃତ କାର୍ବନ ମାର୍କେଟ ସଂସ୍କାରର ଆବଶ୍ୟକତା ରହିଛି। ଏକ ଅନ୍ତର୍ଜାତୀୟ କାର୍ବନ ଆଣ୍ଡ ବାୟୋଡାଇଭର୍ସିଟି ଏକ୍ସଚେଞ୍ଜ ଆରମ୍ଭ କରିବାକୁ ପଡ଼ିବ, ଯାହା ସରକାରୀ ଓ ଘରୋଇ ସଂସ୍ଥାଗୁଡ଼ିକୁ କାର୍ବନ କ୍ରେଡିଟ୍ ଅର୍ଥ ବିନିମୟକୁ ଅନୁମତି ଦେବ। ସବୁଜ କ୍ଷୟ ରୋକିବା ଓ ସ୍ଥାନୀୟ ଲୋକଙ୍କୁ ପାରିଶ୍ରମିକ ଦେବା ଲାଗି ପର୍ଯ୍ୟାପ୍ତ ମହତ୍ତ୍ୱାକାଂକ୍ଷୀ ମାନଦଣ୍ଡ ଆଧାରରେ କାର୍ବନ କ୍ରେଡିଟ୍ ଦେବାକୁ ହେବ।

ମହାସାଗରର କାର୍ବନ ଶୋଷିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଆମେ ଏହାର ସୁରକ୍ଷା କରିବା ଦରକାର। ଜୁନ୍ ୨୦୨୫ରେ ଫ୍ରାନ୍ସ ଏବଂ କୋଷ୍ଟାରିକା ତୃତୀୟ ଜାତିସଂଘ ମହାସାଗର ସମ୍ମିଳନୀ ଆୟୋଜନ କରିବେ। ପ୍ଲାଷ୍ଟିକ ପ୍ରଦୂଷଣ ନିଷେଧ ଏବଂ ଗଭୀର ତଥା ସମୁଦ୍ର ଉପର ଭାଗର ସୁରକ୍ଷା ପାଇଁ ଅନ୍ତଃରାଷ୍ଟ୍ରୀୟ ଆଇନର ନବୀକରଣ କରାଯିବା ଲକ୍ଷ୍ୟରେ ଏହା କରାଯିବ। ଏଭଳି ସଂସ୍କାର ସମୁଦ୍ରର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆର୍ଥିକ ଜୋନ୍ ଥିବା ଦେଶଗୁଡ଼ିକୁ ଜାତୀୟ ରଣନୀତି ବିକାଶ କରିବାକୁ ସକ୍ଷମ କରିବ। ଶେଷରେ ବିଶ୍ୱବ୍ୟାଙ୍କ ଓ ଆଇଏମ୍‌ଏଫ୍‌କୁ ପୁନର୍ଗଠନ ନ କଲେ ଆମେ ସଫଳ ହୋଇପାରିବା ନାହିଁ। କାରଣ ବିଶ୍ୱସ୍ତରରେ ଏହିସବୁ ବ୍ୟାଙ୍କ ସବୁଜ ପରିବର୍ତ୍ତନ ପାଇଁ ନୀତି ନିର୍ଦ୍ଧାରଣ ଓ ପାଣ୍ଠି ଯୋଗାଣରେ ମୁଖ୍ୟ ଭୂମିକା ନେଉଛନ୍ତି। ସେଗୁଡ଼ିକ ଗଠନ ହେବାର ୮୦ ବର୍ଷ ପରେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଓ ଜନସଂଖ୍ୟାର ଆକାରକୁ ଦେଖିଲେ ସେମାନଙ୍କ ନିକଟରେ ପାଣ୍ଠିର ଅଭାବ ରହିଛି। ଏହା ସହ ଧନୀ ଓ ବିକାଶଶୀଳ ଦେଶସବୁ ସେଗୁଡ଼ିକର ପରିଚାଳନାରୁ ଦୂରେଇ ରହିଆସିଛନ୍ତି। କିନ୍ତୁ ଏକ ସମାନତା ଆଧାରରେ ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଦେଶ ବୁଝାମଣା ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆମେ ଲକ୍ଷ୍ୟ ଓ ଅର୍ଥ ଯୋଗାଣରେ ସହମତ ହୋଇପାରିବୁ ନାହିଁ। ଶେଷରେ ଆର୍ଥିକ ପରିଚାଳନାରେ ବ୍ରିଟେନ ଉଡ୍ସ ପଦ୍ଧତିକୁ ସମୀକ୍ଷା କରିବା ସହ ବିଶ୍ୱସ୍ତରରେ ସାର୍ବଜନୀନ ହିତ ଲାଗି ପାଣ୍ଠି ପ୍ରଦାନରେ ଧନୀ ଦେଶଗୁଡ଼ିକୁ ସେମାନଙ୍କ ଭାଗୀଦାରିର ଉତ୍ତରଦାୟିତ୍ୱ ଗ୍ରହଣ କରିବାକୁ କହିବା ଦରକାର।

ରାଷ୍ଟ୍ରପତି, ଫ୍ରାନ୍ସ

ସଫଳ ନେତୃତ୍ୱ

ଇଂ. ମୁରଲୀଧର ହୋତା

ଏକଦା ହେନେରୀ ଫୋର୍ଡ କହିଥିଲେ, ‘‘ଏକଜୁଟ ହେଲେ ‘ଆରମ୍ଭ’, ମିଳିମିଶି ରହିପାରିଲେ ‘ପ୍ରଗତି’ ଓ ମିଳିମିଶି କାମକଲେ ‘ବିଜୟ’ ପ୍ରାପ୍ତି ହୋଇଥାଏ।’’ ଫୋର୍ଡଙ୍କ ଏହି ଉକ୍ତିଟି ଏକ ଅନୁଷ୍ଠାନ ଗଢ଼ିବାରେ ଶତ ପ୍ରତିଶତ ସତ୍ୟ ସାବ୍ୟସ୍ତ ହୋଇଥାଏ। ଅନୁଷ୍ଠାନଟି ଗଢ଼ିବା ପାଇଁ ନିର୍ଦ୍ଦିଷ୍ଟ କିଛି ସକାରାତ୍ମକ ଲକ୍ଷ୍ୟ ନେଇ କେତେକ ଲୋକ ଏକଜୁଟ ହୋଇଥାଆନ୍ତି। ପରେ ପରେ ସଭ୍ୟ ସଂଖ୍ୟା ବୃଦ୍ଧିପାଇଁ ଉଦ୍ୟମ ଚାଲୁରହେ। ଏହି ସଭ୍ୟସଂଖ୍ୟା ସମମାନସିକତା ସମ୍ପନ୍ନ ଲୋକମାନଙ୍କୁ ନେଇ ବଢ଼ି ଚାଲେ। ଏହି ବଢ଼ି ଚାଲୁଥିବା କାଳଖଣ୍ଡଟି, ଗଢ଼ିଉଠୁଥିବା ଅନୁଷ୍ଠାନଟି ପାଇଁ ଏକ ସ୍ୱର୍ଣକାତର ସମୟ ଭାବରେ ବିବେଚିତ ହୋଇଥାଏ। ଆଜିର ସମାଜରେ ପଦ ଏବଂ ପ୍ରତିଷ୍ଠା ପାଇଁ କିଏ ବା ଲାଳାୟିତ ନୁହେଁ? ଏହି ଅବସରରେ ଗଢ଼ିଉଠୁଥିବା ଅନୁଷ୍ଠାନର ବିକଳ୍ପ ନେତୃତ୍ୱ ଆପଣାଇବା ପାଇଁ କେହି କେହି ଆଶାୟୀ ହେଲେ, ମିଳିମିଶି ରହିବା ଆଉ ସମ୍ଭବ ହୁଏ ନାହିଁ। ତେଣୁ ଅନୁଷ୍ଠାନର ପ୍ରଗତି ବ୍ୟାହତ ହୁଏ। ଖାଲି ମିଳିମିଶି ରହିଲେ ହେବନାହିଁ; ଅନୁଷ୍ଠାନର ଲକ୍ଷ୍ୟ ପୂରଣ ପାଇଁ, ବିଜୟ ପ୍ରାପ୍ତି ପାଇଁ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହୁଏ। ଏହି ମିଳିମିଶି କାମକରିବା ପ୍ରକ୍ରିୟାଟି ନିର୍ଭରକରେ ଅନୁଷ୍ଠାନର ସର୍ବୋଚ୍ଚ କର୍ମକର୍ତ୍ତାଙ୍କ ଦକ୍ଷତା, ବ୍ୟକ୍ତିତ୍ୱ, ନୀତିବାଦିତା, କର୍ମପ୍ରବଣତା, ନିରପେକ୍ଷ ବିଚାର ମାନସିକତା ଉପରେ। ତେବେ ଯାଇ ସହଯୋଗିତା ଓ ସହଭାଗିତାରେ ଅନୁଷ୍ଠାନର ସମସ୍ତକର୍ମ ସଂପାଦିତ ହୋଇଥାଏ।

ପୃଥିବୀରେ ଏପରି କେହି ବ୍ୟକ୍ତି ନାହାନ୍ତି, ଯିଏ ସାମାଜିକ ଅନୁଷ୍ଠାନଗୁଡ଼ିକରୁ କୌଣସି ନା କୌଣସି ସମୟରେ, କୌଣସି ନା କୌଣସି ପରିସ୍ଥିତିରେ ଉପକୃତ ଅଥବା ସାହାଯ୍ୟପ୍ରାପ୍ତ ନ ହୋଇଛନ୍ତି। ଏହି ଅନୁଷ୍ଠାନଗୁଡ଼ିକର ଉତ୍ସ ଅନନ୍ତସ୍ରାବୀ ନୁହେଁ। ତେଣୁ ଉପକୃତ ହୋଇଥିବା ଲୋକମାନଙ୍କର ବିଶେଷ ଭାବରେ ସମାଜପ୍ରତି ଦାୟିତ୍ୱବୋଧ ଏବଂ କର୍ତ୍ତବ୍ୟବୋଧ ରହିବା ବିଧେୟ। ସେହି ଅନୁଯାୟୀ ଜନମଙ୍ଗଳକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଯଥାସମ୍ଭବ ସହାୟତା ପ୍ରଦାନ କରିବା ଅଥବା ନିଜସ୍ୱ ଉଦ୍ୟମରେ ନୂତନ ସେବାମୂଳକ ଅନୁଷ୍ଠାନ ଗଢ଼ି ସମାଜ ସେବାରେ ବ୍ରତୀ ହେବା ସେମାନଙ୍କର ନୈତିକ ଅଥବା ସାମାଜିକ କର୍ତ୍ତବ୍ୟ।

ଆମ ସମାଜରେ କାର୍ଯ୍ୟରତ ଥିବା/ ଗଢ଼ିଉଠିଥିବା ଅନୁଷ୍ଠାନଗୁଡ଼ିକ ମୁଖ୍ୟତଃ ରକ୍ତଦାନ ଶିବିରର ଆୟୋଜନ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ, ଗଣ ସାକ୍ଷରତା କାର୍ଯ୍ୟକ୍ରମ, ତମାଖୁ ସେବନ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି କାର୍ଯ୍ୟକ୍ରମକୁ ଆୟୋଜନ କରିଥାନ୍ତି। ଏଥିପାଇଁ ଆବଶ୍ୟକ ପଡୁଥିବା ଅର୍ଥରାଶି କେତେକ କ୍ଷେତ୍ରରେ ସରକାରୀ ଅନୁଦାନ, ବଦାନ୍ୟ ବ୍ୟକ୍ତିବିଶେଷ ତଥା ସଭ୍ୟମାନଙ୍କର ସହାୟତା ଏବଂ ଆନ୍ତର୍ଜାତିକ ଦାତବ୍ୟ ଫାଉଣ୍ଡେଶନ ତରଫରୁ ମିଳିଥାଏ। ଆଜିର ସମାଜରେ ଅଧିକାଂଶ ଲୋକ ଲାଭ ଓ ଲୋଭର ବଶବର୍ତ୍ତୀ ହୋଇ ସମାଜସେବା ବିମୁଖ ହୋଇ ପଡ଼ିଛନ୍ତି। ଆମ ସମାଜର ଉନ୍ନତି କଳ୍ପେ ଆମେ ଆଗ୍ରହ ପ୍ରକାଶ ନ କଲେ ଅନ୍ୟମାନେ କାହିଁକି ବା ଏଥିରେ ମୁଣ୍ଡ ଖେଳାଇବେ?

ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଭିତରୁ କେହି ଅପରିହାର୍ଯ୍ୟ ନୁହନ୍ତି। କୌଣସି କାରଣରୁ ନେତୃତ୍ୱ ନେଉଥିବା ପଦାଧିକାରୀଙ୍କ ମଧ୍ୟରେ ପରିବର୍ତ୍ତନ ଘଟିଲେ, ନୂତନ ନିର୍ବାଚିତ ଅଥବା ମନୋନୀତ ସଭ୍ୟମାନେ ସେମାନଙ୍କର ନୂତନ ଦାୟିତ୍ୱ ଗ୍ରହଣକରି ଅନୁଷ୍ଠାନଟିକୁ ଆଗକୁ ବଢ଼ାଇନେବାକୁ ସେମାନଙ୍କର ସକଳ ପ୍ରୟାସ ଜାରିରଖନ୍ତି। କୌଣସି ଉଚ୍ଚପଦାଧିକାରୀ ଯଦି ନିଜର ଅହଂଭାବ ଏବଂ ସର୍ବଜ୍ଞାତା ଭାବକୁ ଅନୁଷ୍ଠାନ ଉପରେ ଲଦିଦେବାକୁ ଚେଷ୍ଟା କରନ୍ତି ତେବେ ସଭ୍ୟମାନଙ୍କ ଭିତରେ ଅସନ୍ତୋଷ ଏବଂ ନୈରାଶ୍ୟଭାବ ବୃଦ୍ଧିପାଏ। କ୍ରମେ ଅନୁଷ୍ଠାନର ପତନ ପ୍ରକ୍ରିୟା ଆରମ୍ଭ ହୋଇଯାଏ। ତେଣୁ ସହମତିଭିତ୍ତିରେ କାର୍ଯ୍ୟକରିବା ଏହାର ଏକମାତ୍ର ଉପାୟ; ଯାହାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇ ନାହିଁ ଅଥବା ସୃଷ୍ଟି ହେବାର ସମ୍ଭାବନା ମଧ୍ୟ ନାହିଁ। ଶେଷରେ ଏତିକିମାତ୍ର କହିବି, ଯେଉଁ ନେତୃତ୍ୱ ପାରମ୍ପରିକ ଢଙ୍ଗରେ ଅନୁଷ୍ଠାନଟିକୁ ଚଳାଇ ରଖେ ସେଥିରେ ନ ଥାଏ ବିକାଶର ପଦ ଚିହ୍ନ ଅଥବା ନୂତନ ଭାବରେ କିଛି କରିଦେଖାଇବାର ଅଭୀପ୍ସା। ସେ ନେତୃତ୍ୱକୁ ଆମେ କାମଚଳା ନେତୃତ୍ୱର ଆଖ୍ୟା ଦେଇପାରିବା। ନୂତନ ଭାବରେ କିଛି କରିଦେଖାଇ ପାରିଲେ ଅନୁଷ୍ଠାନର ନେତୃତ୍ୱ ପ୍ରତି ଆସ୍ଥା, ବିଶ୍ୱାସ, ସମ୍ମାନବୋଧ ବୃଦ୍ଧିପାଏ। ବାସ୍ତବରେ ଏହାକୁ ହିଁ କହିପାରିବା ସଫଳ ନେତୃତ୍ୱ।

ମୋ:୯୮୬୧୧୪୦୧୬୯

ଏଇ ଭାରତରେ

ଫରିଦାବାଦର ଉପକଣ୍ଠରେ ଏକ ଏନ୍‌ଜିଓକୁ ଗଲେ ସେଠାରେ ଅନେକ ଅସହାୟ ଓ ଦିବ୍ୟାଙ୍ଗଙ୍କ ପିଲାଙ୍କୁ ଦେଖିବାକୁ ପାଇବେ। ସେମାନଙ୍କୁ ଷ୍ଟେଶନ କିମ୍ବା ବିଭିନ୍ନ ସ୍ଥାନରୁ ବୀଣା ଲାଲ୍ ଉଦ୍ଧାର କରି ସେଠାରେ ଶିକ୍ଷା ପ୍ରଦାନ କରୁଛନ୍ତି। ବୀଣାଙ୍କ ବୟସ ଏବେ ୫୬। ଚାଇଲ୍ଡ ୱେଲଫେୟାର କମିଟି (ସିଡବ୍ଲ୍ୟୁସି) ସହାୟତାରେ ସେ ପିଲାଙ୍କୁ ଉଦ୍ଧାର କରୁଛନ୍ତି। ବୀଣା ୧୯୯୭ରେ ‘କର୍ମମାର୍ଗ’ ଏନ୍‌ଜିଓ ପ୍ରତିଷ୍ଠା କରି ଏଭଳି ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ଦୀର୍ଘ ୨୬ ବର୍ଷ ମଧ୍ୟରେ ସେ ୧୫୦୦ ପିଲାଙ୍କୁ ଉଦ୍ଧାର କରି ଶିକ୍ଷା ଦେଇପାରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ସ୍କୁଲରେ ନାମ ଲେଖାଇ ପଢ଼ାଇବା ବ୍ୟବସ୍ଥା କରିଥିବା ବେଳେ ଆଉ କେତେଜଣଙ୍କୁ ଏନ୍‌ଜିଓ ଗୃହରେ ଶିକ୍ଷା ଦେଉଛନ୍ତି। ୬ରୁ ୧୮ ବର୍ଷ ବୟସର ପିଲାମାନେ ତାଙ୍କ ପାଖରେ ରହିଛନ୍ତି। ସେ ତାଙ୍କ ରୋଜଗାରର ସଞ୍ଚିତ ଅର୍ଥରେ ୨ ଏକର ଜାଗା କିଣି ସେଠାରେ ପିଲାମାନଙ୍କ ପାଇଁ ରହିବା ଘର, ରୋଷେଇଘର, ପଢ଼ାଘର, ପ୍ରଶିକ୍ଷଣ ଗୃହ ଆଦି ନିର୍ମାଣ କରିଛନ୍ତି। ସେଠାରେ ପିଲାମାନଙ୍କ ଖାଦ୍ୟ ପାଇଁ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ପିଲାମାନଙ୍କୁ ମଧ୍ୟ ଜୈବିକ ଚାଷ ଓ ଜଳ ସଂରକ୍ଷଣ ସମ୍ପର୍କରେ ଶିକ୍ଷା ଦେଉଛନ୍ତି।

୫୦ ବର୍ଷ ତଳର ଧରିତ୍ରୀ

୫ ଜାନୁଆରୀ ୧୯୭୫

- ରୁମାନିଆନ୍ ବିମାନ କାର୍ପାଥିଆନ୍ ପର୍ବତମାଳା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୩ ଜଣ ବ୍ୟକ୍ତି ନିହତ।
- ଆଇ.ଏ.ଏସ୍.ମାନଙ୍କ ପରି ଦରମା ହାରରେ ସମତା ଓ ପଦବୀ ତଥା ଚାକିରି ସର୍ତ୍ତାବଳୀର ସ୍ଥିରତା ନେଇ ବିହାର ଡାକ୍ତରମାନେ ଆରମ୍ଭ କରିଥିବା ଆନ୍ଦୋଳନକୁ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍‌ର ସମର୍ଥନ।

ସଙ୍କଟଜନକ ସ୍ଥିତିରେ ନଦୀ

ପଞ୍ଚାନନ ଅଗ୍ରୱାଲ

ଦେଶରେ ୩୫୧ ନଦୀର ଜଳ ପ୍ରଦୂଷିତ ହୋଇଥିବାବେଳେ ସେଥି ମଧ୍ୟରେ ଓଡ଼ିଶାର ୧୮ଟି ନଦୀ ରହିଛି। ବିଶେଷ କରି ସହରାଞ୍ଚଳରୁ ପ୍ରତିଦିନ ନିର୍ଗତ ହେଉଥିବା ବର୍ଜ୍ୟଜଳ ଯୋଗୁ ନଦୀଜଳ ପ୍ରଦୂଷିତ ହୋଇ ବିଷାକ୍ତ ପାଲଟୁଛି। ଯେଉଁଥିପାଇଁ ଅଧିକାଂଶ ସମୟରେ ଲୋକେ ଚର୍ମରୋଗ ଓ ଜଳବାହିତ ରୋଗର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କେତେକ ଅଭିଯୋଗକୁ ଆଧାର କରି ଜାତୀୟ ସବୁଜ ପ୍ରାଧିକରଣ ପକ୍ଷରୁ ୨୦୧୮ରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ତାଗିଦ କରାଯାଉଛି।

ସରକାରୀ ତଥ୍ୟ ହିସାବରେ, ରାଜ୍ୟର ସହରାଞ୍ଚଳଗୁଡ଼ିକରୁ ପ୍ରତିଦିନ ୮୮୦ ନିୟୁତ ଲିଟରରୁ ଊର୍ଦ୍ଧ୍ୱ ବର୍ଜ୍ୟଜଳ ନିର୍ଗମନ ହେଉଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ବର୍ଜ୍ୟ ବିଶୋଧନ ପ୍ଲାଣ୍ଟର ବ୍ୟବସ୍ଥା କରାଯାଇଛି। କଟକର କାଠଯୋଡ଼ି ନଦୀ ଅଞ୍ଚଳରେ ବିଶୋଧନ ବର୍ଜ୍ୟ ନିଷ୍କାସନ ପାଇଁ ପ୍ରକଳ୍ପ ଅଞ୍ଚଳ ଚିହ୍ନଟ ହୋଇଛି। ଏଥିପାଇଁ ଭୁବନେଶ୍ୱର ଓ କଟକ ଅଞ୍ଚଳର ଜନବସତି ଏବଂ ବର୍ଜ୍ୟ ନିର୍ଗମନକୁ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତୁତ ହୋଇଛି, ହେଲେ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ।

ସରକାରଙ୍କ ପରିବେଶ ନିୟନ୍ତ୍ରଣ ନୀତିର ଖୋଲା ଖୋଲି ଉଲ୍ଲଂଘନ କରାଯାଇ ନାଗାବଳୀ ନଦୀ ଶଯ୍ୟାରୁ ଖନନ କରାଯାଉଛି। ଏହାଦ୍ୱାରା ନଦୀର ଜଳଧାରଣ କ୍ଷମତା କମିବାରେ ଲାଗିଛି। ରାଜ୍ୟର ଅନ୍ୟତମ ପୁଣ୍ୟତୋୟା ବୈତରଣୀ ନଦୀ ଏବେ ବିପଦରେ। ଏହା ପୋତିହେବାକୁ ବସିଛି। ନଦୀ ପାର୍ଶ୍ୱରେ ଖଣି ଖନନ, କମ୍ପାନୀର ବର୍ଜ୍ୟବସ୍ତୁ ନଦୀକୁ ଛାଡ଼ିବା ଓ ମୃତ୍ତିକା କ୍ଷୟ ଏହାର ମୁଖ୍ୟ କାରଣ ବୋଲି ଖଣି ମହାଦୁର୍ନୀତି ତଦନ୍ତ କରୁଥିବା ଶାହା କମିଶନ ରିପୋର୍ଟରେ ଦର୍ଶାଇଥିଲେ। କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଅଧୀନ ଗୋନାସିକା ପାହାଡ଼ରୁ ବୈତରଣୀ ବାହାରି ପ୍ରାୟ ୩୫୦ କି.ମି. ଅତିକ୍ରମ କରି ଭଦ୍ରକ ଜିଲା ଦେଇ ବଙ୍ଗୋପସାଗରରେ ମିଶିଛି। ବୈତରଣୀର ବାମ ପାର୍ଶ୍ୱରୁ ୩୫ ଓ ଡାହାଣ ପାର୍ଶ୍ୱରେ ୩୦ ନାଳ, ଝରଣା ଆଦି ମିଶୁଥିବାବେଳେ ସେ ସବୁ ମଧ୍ୟ ପ୍ରଦୂଷିତ ହେଉଛି। ବହୁ ଖଣି ସଂସ୍ଥା ଓ କମ୍ପାନୀ ଆଇନକୁ ଫାଙ୍କି ଅବିଚାରିତ ଖଣି ଖନନ ଓ ଶିଳ୍ପ ଚଳାଇ ଆସୁଛନ୍ତି। ସେ ସବୁରୁ ନିର୍ଗତ ବର୍ଜ୍ୟବସ୍ତୁର ପରିଚାଳନା ଠିକ୍ ଭାବେ ହୋଇପାରୁ ନ ଥିବାରୁ ନଦୀରେ ମିଶୁଛି।

ଦିନ ଥିଲା ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ଜଳଉତ୍ସ ତଥା ଜୀବନ ରେଖା ଭାବେ ପରିଚିତ ଥିଲା ଐତିହ୍ୟସମ୍ପନ୍ନ ମୃଷାନଈ। ଏହା ଏବେ ଜମି ମାଫିଆଙ୍କ କବଳରେ ପଡ଼ି ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି। ହୁଲୁହୁଲିଆ ପୋଲ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଜବରଦଖଲ ହେବା ଫଳରେ ମୃଷାନଈ ସଙ୍କୁଚିତ ହୋଇଗଲାଣି। ନଦୀ ପ୍ରବାହିତ ହେବାପାଇଁ ଖାଲିସ୍ଥାନ ନ ଥିବାରୁ ଏହା କ୍ରମଶଃ ପୋତି ହୋଇପଡୁଛି। ମୃଷାନଈର ପ୍ରଥମ ନାମ ଥିଲା ଅଠରନଳା ନଦୀ। ଭାର୍ଗବୀ ନଦୀର ଶାଖା ମୃଷାନଈ ହୁଲୁହୁଲିଆ ପୋଲ ଦେଇ ଅଠରନଳା ତଳେ ଯାଇ ମଙ୍ଗଳା ନଦୀରେ ମିଶିଥିଲା।

ସରକାରୀ ସ୍ତରରେ ମୃଷାନଈର ପୁନରୁଦ୍ଧାର ପାଇଁ ୨୦୦୫ରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର ତାହା ଫଳପ୍ରଦ ହୋଇ ପାରିନାହିଁ।

ଅନୁଗୋଳ ଜିଲା ତାଳଚେର ସହରର ଜୀବନ ରେଖା କୁହାଯାଉଥିବା ବ୍ରାହ୍ମଣୀ ନଦୀରେ ବହଳିଆ କଳାପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳୁଛି। ତାଳଚେର କୋଲଫିଲ୍ଡର କୋଇଲା ଗୁଣ୍ଡମିଶା କଳାପାଣି ବଙ୍ଗାରୁ ଯୋର ଦେଇ ବ୍ରାହ୍ମଣୀରେ ମିଶିଛି, ଆଉ ନଦୀର ଉପର ମୁଣ୍ଡରେ ଥିବା କାରଖାନାରୁ ରାସାୟନିକ ପଦାର୍ଥ ମିଶ୍ରିତ ପାଣି ନଦୀରେ ଆସୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡର ଜୀବନ ରେଖା ସାଜିଥିବା ବଂଶଧାରା ନଦୀ ଏବେ ବାଲୁକା ଶଯ୍ୟାରେ ପରିଣତ ହେବାକୁ ଯାଉଛି। ୨୦୦୫ରେ ସରକାର ବଂଶଧାରା, ଋଷିକୁଲ୍ୟା ନଦୀ ସଂଯୋଗୀକରଣ ନିମନ୍ତେ ଉପରମୁଣ୍ଡ ଗୁଡ଼ାରିଠାରେ ଶିଳାନ୍ୟାସ କରିଥିଲେ। ଇତି ମଧ୍ୟରେ ୧୮ବର୍ଷ ଅତିକ୍ରମ ହୋଇସାରିଥିଲେ ମଧ୍ୟ ଏହା ଶିଳାନ୍ୟାସରେ ହିଁ ସୀମିତ ରହିଛି।

କେନ୍ଦ୍ରାପଡ଼ାର ଗୁପ୍ତ ଗଙ୍ଗା ଭାବେ ପରିଚିତ ଗୋବରୀ ନଦୀ ନିଜ ଅସ୍ତିତ୍ୱକୁ ନେଇ ଏବେ ସଂଗ୍ରାମ କରୁଛି। ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମର ୫ଲକ୍ଷ ଲୋକଙ୍କ ଜୀବିକା ସହ ଗୋବରୀ ଜଡ଼ିତ ରହିଆସିଛି। ଗୋବରୀ ନଦୀ ପଠାର ଏକାଧିକ ସ୍ଥାନରେ ମାଟି ତାଡ଼ିହୋଇଯିବାରୁ ନଦୀବନ୍ଧ କେଉଁ ଆଡ଼େ ଲୁଚିଗଲାଣି। ନଦୀର ଜଳସ୍ତର ଆସି ଭୂପତନ ସହ ମିଶିଗଲାଣି। ପୌରାଣିକ ଓ ଐତିହାସିକ ମାନ୍ୟତା ବହନ କରୁଥିବା ଜୀରାନଦୀ ଆଜି ସ୍ଥିତି ହରାଇବାକୁ ବସିଲାଣି। ନଦୀ ପଠା ଜବରଦଖଲ, ନଦୀ ଭିତରେ ବେଆଇନ ରାସ୍ତାଘାଟ ନିର୍ମାଣ, ମନ୍ଦିର ଓ ଶ୍ମଶାନ ନାଁରେ ଜମି ଜବରଦଖଲ ଯୋଗୁ ନଦୀ ତା’ର ପ୍ରାକୃତିକ ଉତ୍ସ ହରାଇଛି। ନଦୀବକ୍ଷରେ ଏକ ଆନିକଟ୍‌ର ଆବଶ୍ୟକତା ରହିଛି। ଇତିହାସ ଓ ପୁରାଣ ବର୍ଣ୍ଣନାରେ ପ୍ରାଚୀ ନଦୀର ସ୍ଥାନ ସ୍ୱତନ୍ତ୍ର। କଟକ ନରାଜଠାରୁ ମହାନଦୀରୁ ସୃଷ୍ଟି ପ୍ରାଚୀ ନଦୀକୁ ପୂର୍ବ ଭାରତର ସରସ୍ୱତୀ ଭାବେ ସମ୍ବୋଧନ କରାଯାଇଥାଏ। ଗବେଷକଙ୍କ ମତ ଅନୁଯାୟୀ କପିଳମୁନିଙ୍କ କମଣ୍ଡଳରୁ ପ୍ରାଚୀ ଆବିର୍ଭୂତ ହୋଇଥିବାର ବିଶ୍ୱାସ କରାଯାଏ। ତେବେ ଏହି ଐତିହ୍ୟସମ୍ପନ୍ନ ପ୍ରାଚୀ ନଦୀ ପ୍ରାୟ ଅସ୍ତିତ୍ୱ ହରାଇ ଧରାପୃଷ୍ଠରୁ ନିଶ୍ଚିହ୍ନ ହେବାକୁ ବସିଛି। ଅବରୋଧ ଓ ଜବର ଦଖଲ କରାଯିବା ଯୋଗୁ ଅଟକି ଯାଇଛି ପ୍ରାଚୀ ନଦୀର ଗତପଥ। ବିଭିନ୍ନ ବର୍ଜ୍ୟବସ୍ତୁ ନଦୀକୁ ଛଡ଼ାଯାଉଛି।

କଳାହାଣ୍ଡିରେ ପ୍ରବାହିତ ନଦନଦୀମାନଙ୍କ ମଧ୍ୟରେ ରେତ ଏକ ପ୍ରମୁଖ ନଦୀ। ଭବାନୀପାଟଣା ଉପଖଣ୍ଡବାସୀଙ୍କ ପାଇଁ ରେତ ଜୀବନ ରେଖା ସଦୃଶ। ଏହା ନର୍ଲାରୁ ପ୍ରବାହିତ ହୋଇ ଲାଞ୍ଜିଗଡ଼ ବ୍ଲକ ମଧ୍ୟ ଦେଇ କେସିଙ୍ଗା ବ୍ଲକର ବାହାଦୁର ପଦର ନିକଟରେ ତେଲନଦୀରେ ମିଶିଛି। ନଦୀଗର୍ଭ କ୍ରମେ ପୋତି ହେବାସହ ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ଏଭଳି ସ୍ଥିତି ଯଦି ଲାଗୁ ରହେ ତେବେ ଏହା ନିଶ୍ଚୟ ଭାବେ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ରହିଛି। ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ ତା’ ପଛରେ ମୁଖ୍ୟ କାରଣ ହେବ ଜଳସଙ୍କଟ। ଏଥିପାଇଁ ନଦୀ ସୁରକ୍ଷା ଦରକାର।

ରାଧିକା ଟାୱାର, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ମୋ :୯୭୭୭୭୪୦୭୧

sudoku – ସୁ–ଡୋ–କୁ
Puzzles by Srikant Ghosh

					3			
		6		2			7	
5								9
1					4	7		
			9		2		3	
				1			5	
9	3					2		
		7	6				8	5
				4		1		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

7	9	2	5	8	3	1	4	6
8	3	4	6	7	1	9	5	2
6	1	5	4	2	9	8	7	3
2	6	9	7	3	4	5	8	1
5	7	3	1	9	8	2	6	4
4	8	1	2	5	6	7	3	9
3	2	8	9	6	5	4	1	7
9	4	6	8	1	7	3	2	5
1	5	7	3	4	2	6	9	8

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

କାଏମା ବଜାର ଭଙ୍ଗାନଯାଉ

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ଅନ୍ତର୍ଗତ କାଏମାର ବୌଦ୍ଧକୀର୍ତ୍ତି ଅନ୍ତର୍ଜାତୀୟ ମାନ୍ୟତା ପାଇଛି। ଏହି ଦୃଷ୍ଟିରୁ କାଏମାର ସ୍ୱତନ୍ତ୍ରତା ରହିଛି। ହେଲେ ଏହି କାଏମାର ବଜାର ଭଙ୍ଗା ପାଇଁ ଯୋଜନା ଚାଲିଛି। ଧର୍ମଶାଳାରୁ ବଡ଼କାଏମା ଦେଇ ଯାଇଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ରାସ୍ତା ସଂପ୍ରସାରଣରେ ଲୋକଙ୍କ ଘର ସହ ଅନେକ ଦୋକାନ ଗୃହ ଭଙ୍ଗାଯିବ ବୋଲି ଜଣାପଡ଼ିଛି। ଏଥିନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଉଛି। ଏବେ ବି ରାସ୍ତାଟି ଦୁଇଥାକିଆ ରହିଛି। ଏହି ରାସ୍ତା ସଂପ୍ରସାରଣ ହେଲେ ଏଠାରେ ଅନେକ ଲୋକ ଜୀବନ ଜୀବିକା ହରାଇବେ। ରାସ୍ତାର ଉଭୟ ପଟକୁ ସଂଯୋଗ କରୁଥିବା ବାଇପାସ ରାସ୍ତାକୁ ସଂପ୍ରସାରଣ କଲେ ଗମନାଗମନ ଅଧିକ ସହଜ ହେବ। ଧର୍ମଶାଳା ଶାନ୍ତିବଜାରରୁ କାଏମା ସ୍କୁଲ ପାଖରୁ କେନାଲ ବନ୍ଧ, ଡିଗ୍ରୀ ପଡିଆ ନଦୀବନ୍ଧ ଦେଇ କାଏମା ବ୍ରିଜ ତଥା ଆର ଆଣ୍ଡ ବି ରାସ୍ତାକୁ ପ୍ରଶସ୍ତୀକରଣ କରାଯାଉ। ବାଇପାସ୍ ଦେଇ ବଡ଼ ଗାଡ଼ି ପାସ କଲେ କାଏମା ବଜାରର ସୌନ୍ଦର୍ଯ୍ୟ ବଢ଼ିବ, ବଜାର ଅଂଚଳ ପ୍ରଦୂଷଣ ହେବ ନାହିଁ ଏବଂ ଲୋକଙ୍କ ଘର ତଥା ଦୋକାନ ଭାଙ୍ଗିବ ନାହିଁ। ଏଥିନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପରେ ପାଣିକୋଇଲି ଆର ଆଣ୍ଡ ବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟକୁ ଅଭିଯୋଗର ବିଚାର ପାଇଁ ନିର୍ଦ୍ଦେଶ ଆସିଛି। ହେଲେ ଏଥିନେଇ କୌଣସି ପଦକ୍ଷେପ ନିଆଯାଉନାହିଁ।

ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର

ଚିରନ୍ତନୀ

ମରମେ ବାଜିଛି ଜଗତଯାକର ବ୍ୟଥା,
ଫାଶୀକାଠ ପାଖେ ସିଧା ରଖିଅଛ ମଥା।
ନଇଁବା କେମନ୍ତ କେବେ ତ ଶିଖିଲ ନାହିଁ,
ଜାଣିଲ ନାହିଁ ତ ପଛକୁ କେସନ ଚାହିଁ,
ନ ବୁଝିଲ କିଆଁ ମଣିଷ ହୁଅଇ ଭୀତ
ରହିଲ ଅନୁଆଁ ଆମରଣ ଅବିନୀତ।
–(ଡୁମେଟି ଚାଲିବା ଜାଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ପୂର୍ବ ଶତ୍ରୁତାରୁ ଭାଇବୋହୂଙ୍କୁ ବଳାତ୍କାର ଉଦ୍ୟମ

ନିମାପଡ଼ା,୪।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ରେଙ୍ଗାଳୋ ବଡ଼ମାଛପୁର ଗ୍ରାମରେ ପୂର୍ବ ଶତ୍ରୁତା ଓ ପାରିବାରିକ କଳହକୁ କେନ୍ଦ୍ର କରି ଦେଢଶୁର ତାଙ୍କ ଭାଇବୋହୂଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ମହିଳାଙ୍କ ସ୍ୱାମୀ ଗୁରୁବାର ଅଭିଯୋଗ କରିଛନ୍ତି। ଏପରିକି ଦେଢଶୁର ଭାଇବୋହୂଙ୍କ ଘରୁ ସୁନା ଗହଣା, ଚାଉଳ ଆଦି ଲୁଟି ନେଇଛନ୍ତି। ଏହି ଘଟଣାରେ ଦେଢଶୁରଙ୍କ ସ୍ତ୍ରୀ, ପୁଅ ଓ ଝିଅ ମିଶି ବାରମ୍ବାର ଗଣ୍ଡଗୋଳ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏ ସମ୍ପର୍କରେ ନିର୍ଯାତନାକାରୀ ୪ ଜଣଙ୍କ ବିରୋଧରେ ୩/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ପରେ ଦେଢଶୁର ଫେରାର ଥିବା ଜଣାପଡ଼ିଛି। ମହିଳାଙ୍କ ସ୍ୱାମୀ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ସ୍ତ୍ରୀ ଘରେ ଏକୁଟିଆ ରୁହନ୍ତି। ଏହାର ସୁଯୋଗ ନେଇ ଦେଢଶୁର ଓ ତାଙ୍କ ପରିବାର ସଂଘବଦ୍ଧ ମାଡ଼ ମାରି ନିର୍ଯାତନା ଦେଇ ହଇରାଣ କରୁଛନ୍ତି।

ଚିଲିକାରେ ୧୧ଲକ୍ଷ ୩୭ ହଜାର ୭୫୯ ପକ୍ଷୀ

ବାଲୁଗାଁ,୪।୧ (ସଂଗ୍ରାମ ପାଇକରାୟ)

ଚଳିତ ବର୍ଷ ବଢ଼ିଛନ୍ତି ୫,୮୩୦

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଗୁରୁବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତବର୍ଷ ଚିଲିକାରେ ୧୧ଲକ୍ଷ ୩୭ହଜାର ୭୫୯ ପକ୍ଷୀଙ୍କ ସମାଗମ ହୋଇଛି। ସେଥିମଧ୍ୟରୁ ୧୦୮ପ୍ରଜାତିର ୧୦ଲକ୍ଷ ୯୮ହଜାର ୮୧୩ଟି ବିଦେଶୀ ପକ୍ଷୀ ଥିବା ବେଳେ ସ୍ଥାନୀୟ ୭୯ ପ୍ରଜାତିର ୩୮ହଜାର ୯୪୬ଟି ପକ୍ଷୀ ରହିଛନ୍ତି। ଗତବର୍ଷ ଚିଲିକାରେ ୧୧ଲକ୍ଷ ୩୧ହଜାର ୯୨୯ଟି ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ୫ ହଜାର ୮୩୦ଟି ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହିପରି ଗତ ବର୍ଷ ୧୮୪ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧୮୭ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି। ଏଥର ନୂତନ ଅତିଥିଭାବେ ଗୋଟିଏ ପଲାସ ଫିସ୍ ଇଗଲ୍ ନାମକ ପକ୍ଷୀ ଦୃଷ୍ଟିଗୋଚର ହୋଇଛି। ଚିଲିକାର ଶୋଭା ବର୍ଦ୍ଧନକାରୀ ଫ୍ଲେମିଂ ଗୋ (ଏରା) ହଂସଜାତୀୟ ପକ୍ଷୀ ଗତବର୍ଷ ୩୭୩ଟି ଦୃଷ୍ଟି ଗୋଚର ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୮୨୦ରେ ପହଞ୍ଚିଛି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦର୍ନ ପିଣ୍ଟେଲ୍ ୨ଲକ୍ଷ ୧୮ହଜାର ୬୫୪, ଗଡୱାଲ୧ଲକ୍ଷ ୫୬ହଜାର ୬୩୬, ୟୁରାସିଆନ୍ ୱିଜିଅନ୍ ୧ଲକ୍ଷ ୪୦ହଜାର ୩୨୨, ବ୍ଲାକ୍ ଟେଲ୍ଡ ଗଡୱିଟ୍ ୬୬ହଜାର ୮୫୩, କମନ କୁଟ୍ ୬୬ହଜାର ୫୫୨ ଏବଂ ନର୍ଦ୍ଦର୍ନ ସୋଭଲର ୩୯ହଜାର ୪୪୭ ସଂଖ୍ୟାରେ ଅଛନ୍ତି। ନୂତନ ଅତିଥି ପଲାସ ଫିସ୍ ଇଗଲ ଏବଂ ପେଲିକାନ୍ ଗୋଟିଏ ଲେଖାଏ ଦେଖାଯାଇଛି। ସର୍ବାଧିକ ସଂଖ୍ୟାରେ ବାଲୁଗାଁ ରେଞ୍ଜ ଅନ୍ତର୍ଗତ ନଳବଣରେ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଦ୍ୱିତୀୟରେ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର ଏବଂ ସର୍ବନିମ୍ନଭାବେ ରମ୍ବା ରେଞ୍ଜରେ ପକ୍ଷୀଙ୍କ ଚିହ୍ନଟ ହୋଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ ଚିଲିକା, ସାତପଡ଼ା, ରମ୍ବା, ବାଲୁଗାଁ ଓ ଟାଙ୍ଗୀ ଚିଲିକାଞ୍ଚଳରେ ଏହି ପକ୍ଷୀ ଗଣନା କରାଯାଇଥିଲା। ବିଭାଗ ପକ୍ଷରୁ ଚିଲିକାକୁ ୨୧ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୧ଟି ଦଳକୁ ନିୟୋଜିତ କରାଯାଇଥିଲା। ସଡ଼କ ପଥରେ ଦୁଇଟି ଗ୍ରୁପ ଏବଂ ଜଳପଥରେ ୧୯ଟି ଗ୍ରୁପ ରହି ପକ୍ଷୀଗଣନା କରିଥିଲେ। ନଳବଣରେ କେବଳ ୬ଟି ଦଳ ପକ୍ଷୀ ଗଣନା କରିଥିବା ବେଳେ ସ୍ଥଳଭାଗରେ ୨ଟି ଏବଂ ଅବଶିଷ୍ଟ ୧୩ଟି ଦଳ ଅନ୍ୟାନ୍ୟ ଜୋନ୍ ବାଲିପାଟପୁରଠାରୁ ସାତଭାୟା, ରମ୍ବା, ମଙ୍ଗଳଯୋଡ଼ିଠାରୁ ଭୂଷୁଣ୍ଡପୁର, ସୋରଣଠାରୁ ନଈରୀ, କୃଷ୍ଣପ୍ରସାଦ, କାଳିଜାଈଠାରୁ ଚନ୍ଦ୍ରାପୁଟ, ସାତପଡ଼ାଠାରୁ ଗମ୍ଭାରୀ ଓ ଗୁରୁବାଇ, ଅରଖକୁଦା, ଗୋଠକୁଦଠାରୁ ନୂଆପଡ଼ା ଆଦି ଅଞ୍ଚଳରେ ଗଣନା କରିଥିଲେ। ପକ୍ଷୀ ଗଣନାକାରୀଙ୍କୁ ୧୯ଟି ଡଙ୍ଗା ଯୋଗାଇ ଦିଆଯାଇଥିଲା। ଗୁରୁବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନାରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟ୍‌ର ଡାଇରେକ୍ଟର ପି.ସାଥିଆ ସେଲଭମ, ଆରସିସିଏଫ୍ ଡ.ସଞ୍ଜିତ୍ କୁମାର, ପିସିସିଏଫ୍ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆଏଫଏସ୍ ପି.କେ. ମିଶ୍ର, ପ୍ରଫେସର ଡ.ଶ୍ୱେତାଶ୍ରୀ ପୁରୋହିତ, ଡିଏଫ୍ଓ ଅମ୍ଲାନ ନାୟକ,ଏସିଏଫ୍ ପ୍ରମୋଦ ସେଠୀଙ୍କ ସମେତ ସିଡିଏ କର୍ତ୍ତୃପକ୍ଷ, ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସମେତ ଓୟୁଏଟି, ୱାଇଲ୍ଡ ଓଡ଼ିଶା, ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମୋଟ ୧୩୨ ଜଣ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ।

ନୂତନ ଅତିଥି 'ପଲାସ ଫିସ୍ ଇଗଲ'

ଚିଲିକା: ୫ ବର୍ଷର ପକ୍ଷୀ ସାରଣୀ

ମସିହା	ସମଗ୍ର ଚିଲିକା
୨୦୨୦	୧୧,୦୫,୦୪୦
୨୦୨୧	୧୨,୪୨,୮୨୬
୨୦୨୨	୧୦,୭୪,୧୭୩
୨୦୨୩	୧୧,୩୧,୯୨୯
୨୦୨୪	୧୧,୩୭, ୭୫୯

ଜଙ୍ଗଲରୁ ନାବାଳକଙ୍କ ମୁଣ୍ଡବିହୀନ ମୃତଦେହ ଜବତ

ନୂଆବର୍ଷ ବଣଭୋଜିକୁ ଆସିଥିଲେ: ନିଖୋଜ, ହତ୍ୟା ସନ୍ଦେହ

କାଲିମେଳା, ୪।୧(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ତଥା ଏମ୍‌ଭି ୭୯ ଥାନା ଅନ୍ତର୍ଗତ ଏମ୍‌ଭି ୧୨୬ ଜଙ୍ଗଲରେ ନୂଆବର୍ଷ ଦିନ ଏକ ହତ୍ୟାକାଣ୍ଡ ଘଟିଛି। ଘଟଣାର ୩ ଦିନ ପରେ ଅର୍ଥାତ୍ ଗୁରୁବାର ଜଣେ ନାବାଳକଙ୍କ ମୁଣ୍ଡବିହୀନ ମୃତଦେହ ଜବତ କରାଯାଇଛି। ତାଙ୍କ ନାଁ ବଜା ମିଚ୍ଛୁ (୧୬)।

ନୂଆବର୍ଷ ଦିନ ବଣଭୋଜି କରିବା ପାଇଁ ଜଙ୍ଗଲକୁ ୪ ଜଣ ସାଙ୍ଗ ଯାଇଥିବା ବେଳେ ଜଣେ ନାବାଳକଙ୍କର ମୁଣ୍ଡବିହୀନ ମୃତଦେହ ଜବତ ହୋଇଛି। ମୃତକ ଟାଗୁରକୋଟା ଗ୍ରାମର ବଜା।

ଖବରରୁ ଜଣାପଡିଛି, ନୂଆବର୍ଷ ଦିନ ଟାଗୁରକୋଟା ଗ୍ରାମର ବଜା ସେହି ଗ୍ରାମର ଇରମା କାଟାମ (୩୦),ମହେଶ କାଟାମ (୧୩) ଏବଂ ଚିରାମୋର ମିଚ୍ଛୁ (୨୫) ସାଙ୍ଗଙ୍କ ସହ ବଣଭୋଜି ପକରିବାକୁ ବାହାରିଥିଲେ। ରାତି ପର୍ଯ୍ୟନ୍ତ ବଜା ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ୨ ଦିନ ଧରି ପୁଅକୁ ପାଇ ନ ଥିଲେ। ଫଳରେ ପୁଅ ନିଖୋଜ ନେଇ ବାପା କାନା ମୋଟୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ବଜାଙ୍କ ମୁଣ୍ଡବିହୀନ ମୃତଦେହ ଜଙ୍ଗଲରୁ ଜବତ ହୋଇଛି। ମୃତଦେହ ଠାବ କରାଯିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ବଜାଙ୍କ ସହ ଆସିଥିବା ଅନ୍ୟ ସାଙ୍ଗମାନେ ବର୍ତ୍ତମାନ ଫେରାର ଥିବା ଗ୍ରାମବାସୀ କହିଛନ୍ତି। ତଦନ୍ତ ପରେ ବଜାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

PARADIP PORT AUTHORITY / ADMINISTRATIVE DEPARTMENT (ESTATE WING)

FORM "C"

Form of notice under sub-section (1) of Section 6 of the public premises, (Eviction of Unauthorized Occupants) Act,1971

To 1. M/s Kalinga Engineers Ltd. Engineering Workshop. Area-Ac.2.00 and 21.780 Sqft Atharabanki, Paradip
2. M/s Dishnet Wireless Ltd (Aircel), Area-2000 Sqft. near Cabin Market Madhuban, Paradip

Whereas on the 10.11.2021. you were evicted from the public premises described in the Schedule below which was unauthorizedly occupied by you: Now therefore, in exercise of the powers conferred on me by sub-section (1) of Section 6 of the Act, I hereby give you notice that after fourteen days of the service of this notice on you, any property remaining on the said premises will be liable to be removed or disposed of by public auction. In case you desire to take possession of your property and to remove the same from the said premises, you will be permitted to do so on written authority from the undersigned provided any arrears of rent damages/costs due from you are paid within the said period of fourteen days.

SCHEDULE

Description of the Public Premises	Area under Unauthorized Occupation
Unauthorized structure over a portion of land in	
1. Plot No.6 Khata No.24	1. Ac.2.00 & 21.780 Sqft.
2. Plot No.11 Khata No 27	2. 2,000 Sqft.
Village: Sandhakud,PO/PS-Paradip, Dist:Jagatsighpur	

PPA/PR/77/2023-2024 dtd.03.01.2024

Sd/- ESTATE OFFICER
PARADIP PORT TRUST UNDER P.P.ACT

ଚକଜମିର ବିକ୍ରୟ, ହସ୍ତାନ୍ତର, ବଣ୍ଟନ ପ୍ରକ୍ରିୟା ପ୍ରତିବନ୍ଧକମୁକ୍ତ ହେବ

ଭୁବନେଶ୍ୱର,୪।୧(ସୁନିତ୍ ମିଶ୍ର)

ଓଡ଼ିଶାର ପ୍ରାୟ ୮ ହଜାର ଗ୍ରାମର ଲକ୍ଷାଧିକ ଲୋକ ଲାଭବାନ ହେବେ। ଚକଜମିର ବିକ୍ରୟ,ହସ୍ତାନ୍ତର, ବଣ୍ଟନ ପ୍ରକ୍ରିୟା ସ୍ୱଚ୍ଛ ଓ ପ୍ରତିବନ୍ଧକମୁକ୍ତ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ପରେ ଚକବନ୍ଦୀ ଜମିର ବିକ୍ରୟ/ହସ୍ତାନ୍ତର/ବଣ୍ଟନ ପ୍ରତିବନ୍ଧକ ସମସ୍ୟାର ସମାଧାନ କରିବା ନିମନ୍ତେ ସରକାର ଅଣ୍ଟା ଭିଡ଼ିଥିଲେ। ଏଠାରେ ସୂଚନାଯୋଗ୍ୟ, ଓଡ଼ିଶା ଚକବନ୍ଦୀ ଓ ଭୂମିର ବିଭକ୍ତୀକରଣ ନିବାରଣ ଅଧିନିୟମ, ୧୯୭୨ ଚକ ଜମିର ଖଣ୍ଡବିଖଣ୍ଡନକୁ ରୋକିଥାଏ। ଉକ୍ତ ଆଇନ ଉଲ୍ଲଂଘନ କରି କରାଯାଇଥିବା ଯେକୌଣସି ଜମି ହସ୍ତାନ୍ତରୀକରଣ କିମ୍ବା ବଣ୍ଟନ ବେଆଇନ ଥିଲା। ଏହି ପ୍ରତିବନ୍ଧକଗୁଡିକ ଲୋକଙ୍କ ଅଧିକାର ଉପରେ ପ୍ରତିକୂଳ ପ୍ରଭାବ ପକାଉଥିଲା ଏବଂ ସେମାନେ ଆବଶ୍ୟକତା ସମୟରେ ନିଜ ଜମିର ବିକ୍ରୟ/ହସ୍ତାନ୍ତର/ବଣ୍ଟନ କରିବାରୁ ବଞ୍ଚିତ ହେଉଥିଲେ। ଏହି ପ୍ରତିବନ୍ଧକ ଜମି ରେକର୍ଡଗୁଡିକର ସଂଶୋଧନରେ ପ୍ରତିବନ୍ଧକ ସୃଷ୍ଟି ସହ ଜମି ଦଖଲ ନିମନ୍ତେ ଭବିଷ୍ୟତରେ ମକଦ୍ଦମା ସୃଷ୍ଟି କରିବାରେ ଏକ ପ୍ରମୁଖ କାରଣ ହେଉଥିଲା। ଏହି ସମସ୍ୟାକୁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ ରାଜସ୍ୱ ଟାସ୍କଫୋର୍ସରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପରିବର୍ତ୍ତିତ ପରିସ୍ଥିତିରେ ଉକ୍ତ ଅଧିନିୟମକୁ ସଂଶୋଧନ କରିବା ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ପରେ ଓଡ଼ିଶା ବିଧାନସଭାରେ ପାରିତହୋଇ ବିଧି ବିଭାଗ ଦ୍ୱାରା ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ହୋଇଛି।

NOTICE

The Ministry of Environment, Forest and Climate Change **(MoEF& CC)** has accorded the revalidation of the EC for establishment of **13.2 MPTA** integrated steel plant at Erasama block, Jagatsinghpur district, Odisha vide **F. No. IA-J-11011/524/2017-IA-II(I) dated 15th September, 2023.**

The revalidation document has been submitted to the Office of the Collector, Jagatsinghpur; State Pollution Control Board, Bhubaneswar; RO, Paradeep; Tehshildar, Erasama & Kujang ; the Sarpanch office of Dhinkia, Nuagaon & Gada Kujang and other heads of local bodies & Municipality.

The document in entirety is available on the company website :**https://www.jswsteel.in/investors/jsw-steel-investor-information-environmental-clearances**

KASTURABA GANDHI BALIKA VIDYALAYA SORADA BLOCK, GOUDAGOTHA

TENDER CALL NOTICE

LT No. 01/24 Date: 02.01.2024

Sealed tenders are invited from the registered/reputed firms and manufacturer for supply of items like **Grocery, Dress materials & Bedding Items, Cosmetic & Toilet items, Office & Student stationaries, Slipper & Sports Shoe** to the Kasturba Gandhi Balika Vidyalaya, GOUDAGOTHA, Block SORADA, District GANJAM for the year- 2023-24. Interested parties/firms can purchase the tender forms from office of the KGBV, GOUDAGOTHA w.e.f. 05.01.2024 to 20.01.2024 in all working day from 10.00 A.M. to 4.00 P.M. on payment of 500/-(five hundred) only non refundable in cash. The Tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the HM KGBV EPF AC GOUDAGOTHA payable at State Bank of India, Branch SURADA would only received up to 4.00 P.M. of dated 20.01.2024. Tender form should be submitted through Speed/Registered Post only. Tenders submitted without EMD will be summarily rejected. Last date of receipt of tender form is upto 4.00PM of dated 20.01.2024. The KGBV Level Purchase Committee meeting will be held on 21.01.2024 at 11.00 PM in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

Sd./- HEADMISTRESS, KGBV, GOUDAGOTHA

ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି

1) ମଡେଲ ନଂ. ସିବି_ଟାଟା_ସିଗ୍ନା_4825_6ଃ_ସିଏବି_ବେସିସ୍_ବିଏସ୍6
ଗାଡ଼ି ନଂ.- OD19T1312
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 1925000.00

2) ମଡେଲ ନଂ. ସିବି_ଭି_ଏ୍ଭେଜର୍_6035
ଗାଡ଼ି ନଂ.- OD09K8355
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1178906.20

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍,
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001
ଠିକଣାରେ ପଠାଇପାରିବେ କିମ୍ବା
ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

ସର୍ବସାଧାରଣ ବିଜ୍ଞପ୍ତି

ଉଚ୍ଚସ୍ତରୀୟ କମିଟି - ଏକ ଦେଶ, ଏକ ନିର୍ବାଚନ

ଦେଶରେ ଏକ ସମୟରେ ନିର୍ବାଚନ କରାଇବା ପାଇଁ ବିଦ୍ୟମାନ ଆଇନଗତ ପ୍ରଶାସନିକ ଢାଞ୍ଚାରେ ଉପଯୁକ୍ତ ପରିବର୍ତ୍ତନ କରିବା ଲାଗି ଜନସାଧାରଣଙ୍କଠାରୁ ପ୍ରସ୍ତାବ ଆମନ୍ତ୍ରଣ କରାଯାଉଛି ।

ଭାରତ ସରକାର ରାଜପତ୍ର ଅଧିସୂଚନା ସଂଖ୍ୟା ୨୧୧ ତାରିଖ ସେପ୍ଟେମ୍ବର ୨, ୨୦୨୩ (https://onoe.gov.in/onoe-gazette-notification) ମାଧ୍ୟମରେ ଏକ ଦେଶ, ଏକ ନିର୍ବାଚନ ଉପରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । କମିଟିକୁ ବିଚାରାର୍ଥ ବିଷୟଗୁଡ଼ିକ ଅଧୀନରେ ସ୍ଥାୟୀ ରୂପେ ଏକା ସମୟରେ ନିର୍ବାଚନ କରିବା ପାଇଁ ଏକ ଉପଯୁକ୍ତ ଆଇନଗତ ଏବଂ ପ୍ରଶାସନିକ ଢାଞ୍ଚାର ନିର୍ମାଣ, ସମ୍ବିଧାନ ଏବଂ ସମ୍ବନ୍ଧିତ ନିର୍ବାଚନ ବିଧିରେ ଆବଶ୍ୟକ ସଂଶୋଧନଗୁଡ଼ିକୁ ଚିହ୍ନଟ କରିବା, ସାଧାରଣ ଇଲେକ୍ଟୋରାଲ ରୋଲ୍ ପ୍ରସ୍ତୁତ କରିବା, ଇଭିଏମ୍/ଭିଭିପିଏଟି ଭଳି ଲଜିଷ୍ଟିକ୍ସ ଆଦିର ବ୍ୟବସ୍ଥା କରିବା ନିମନ୍ତେ ସୁପାରିସ କରିବାକୁ ହେବ ।

କମିଟିର ସନ୍ଦର୍ଭର ସର୍ତ୍ତାବଳୀ ଏବଂ ବିଶେଷଜ୍ଞ ସଂସ୍ଥାଗୁଡ଼ିକର ରିପୋର୍ଟର ବିବରଣୀ ୱେବ୍‌ସାଇଟ୍ https://onoe.gov.in/onoe-reportsରେ ଦେଖାଯାଇପାରିବ । ଦେଶରେ ଏକା ସମୟରେ ନିର୍ବାଚନ କରାଇବା ଲାଗି ବିଦ୍ୟମାନ ଆଇନଗତ ପ୍ରଶାସନିକ ଢାଞ୍ଚାରେ ଉପଯୁକ୍ତ ପରିବର୍ତ୍ତନ କରିବା ଲାଗି ଜନସାଧାରଣଙ୍କଠାରୁ ଲିଖିତ ପ୍ରସ୍ତାବ ଆହ୍ୱାନ କରାଯାଉଛି । **୧୫ ଜାନୁଆରୀ, ୨୦୨୪** ସୁଦ୍ଧା ପ୍ରାପ୍ତ ସମସ୍ତ ପ୍ରସ୍ତାବଗୁଡ଼ିକୁ କମିଟିର ବିଚାର ନିମନ୍ତେ ତାହା ସମ୍ମୁଖରେ ଉପସ୍ଥାପନ କରାଯିବ । ପ୍ରସ୍ତାବଗୁଡ଼ିକୁ କମିଟିର ୱେବ୍‌ସାଇଟ୍ https://onoe.gov.inରେ କିମ୍ବା ଇମେଲ୍ ଦ୍ୱାରା sc-hlc@gov.inରେ ଅଥବା ନିମ୍ନପ୍ରଦତ୍ତ ଠିକଣାରେ ଡାକ ଯୋଗେ ପଠାଯାଇପାରିବ ।

ସଚିବ
ଉଚ୍ଚସ୍ତରୀୟ କମିଟି - ଏକ ଦେଶ, ଏକ ନିର୍ବାଚନ
ଯୋଧପୁର ଅଫିସର୍ସ ହଷ୍ଟେଲ, (ବ୍ଲକ୍ ନଂ.୯)
ନ୍ୟାଶନାଲ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟସ୍ ନିକଟ
'ସି' ହେକ୍ସାଗନ (ଇଣ୍ଡିଆ ଗେଟ୍ ସର୍କଲ)
CBC 24301/11/0003/2324 ନୂଆଦିଲ୍ଲୀ – ୧୧୦୦୦୩

ଗାନ୍ଧୀ ଦର୍ଶନ ଅଜର ଅମର

ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧବାର୍ଷିକୀ

କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୪।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ସୂଚନା ଭବନରେ 'ଚତୁର୍ଦ୍ଦଶ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତା' ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ନାୟକ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତ ଯୋଗଦେଇ 'ଆମ ସ୍ୱପ୍ନର ଭାରତରେ ମହାତ୍ମା ଗାନ୍ଧୀ' ଶୀର୍ଷକ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଲେ, ଗାନ୍ଧୀ ଦର୍ଶନ ଅଜର ଅମର, ଏହାର ମୃତ୍ୟୁ ନାହିଁ। ମୁଖ୍ୟବକ୍ତା ଭାବେ ଗୁଜରାଟ ଗାନ୍ଧୀ ବିଦ୍ୟାପୀଠର ପୂର୍ବତନ କୁଳପତି ପ୍ରଫେସର ଡ. ସୁଦର୍ଶନ ଆୟଙ୍ଗର କହିଲେ, ବିଭିନ୍ନ ବିରୋଧାଭାସ ସତ୍ତ୍ୱେ ଗାନ୍ଧୀଙ୍କ ବିଚାରଧାରା ସହିତ ଏବେ ବିଏ ଦେଶର ଯୁବପିଢି ସମ୍ପୃକ୍ତ ଅଛନ୍ତି। ଏହା ବେଶ୍ ଆଶ୍ୱାସନାର ବିଷୟ। ରଚନାତ୍ମକ କାର୍ଯ୍ୟ, ସତ୍ୟାଗ୍ରହ ଏବଂ ଆତ୍ମ ଅନୁଶାସନ ଉପରେ ସମସ୍ତେ ଚିନ୍ତା କରିବା ଉଚିତ ବୋଲି ସେ କହିଥିଲେ। ପ୍ରମୁଖ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଯତୀନ ନାୟକ ମହାତ୍ମାଗାନ୍ଧୀଙ୍କ ବିଭିନ୍ନ କାର୍ଯ୍ୟଧାରା କିଭଳି ରାଜକିଶୋରଙ୍କ ଆଚରଣ ଓ କାର୍ଯ୍ୟଧାରାରେ ପ

ସଂକ୍ଷେପରେ

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମା’, ପୁଅକୁ ଆକ୍ରମଣ

ବଳଙ୍ଗା,୪।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ନିକଟ ବାଲିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘରେ ପଶି ମା’ ଓ ପୁଅକୁ ଆକ୍ରମଣ ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ପୂର୍ବାହ୍ନରେ ପ୍ରଣତି ପାତ୍ରଙ୍କ ଘରେ କେହି ନ ଥିବା ସୁଯୋଗରେ ସେହି ଗ୍ରାମର ପ୍ରଫୁଲ୍ଲ ପାତ୍ରଙ୍କ ପରିବାର ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଧରି ପଶିଥିଲେ। ପୁଅ ଦେବପ୍ରସାଦ ପାତ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଦେବପ୍ରସାଦ ପାଟି କରିବାରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଚାଲିଯାଇଥିଲେ। ଖବରପାଇ ପ୍ରଣତି ଘରେ ଆସି ପହଞ୍ଚିବା ପରେ ଆକ୍ରମଣକାରୀ ପ୍ରଣତିଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଥାନାରେ ଅଭିଯୋଗ କଲେ ପରିସ୍ଥିତି ଭୟାବହ ହେବ ବୋଲି ଆକ୍ରମଣକାରୀ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

୩୩/୧୧ କେଭି ସବ୍‌ଷ୍ଟେଶନ ଭିତ୍ତିପ୍ରସ୍ତର ସ୍ଥାପନ

ଚାରିଛକ,୪।୧(ଶିଶିର ସ୍ୱାଇଁ):

ଚାରିଛକ ଥାନା ଅଧୀନ ଛଣିଜଙ୍ଗ ଗ୍ରାମପଞ୍ଚାୟତ ଅଳକୁଣ୍ଡଠାରେ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗୁରୁବାର ୩୩/୧୧ କେଭି ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ଦ୍ୱାରା ଛଣିଜଙ୍ଗ, ତମ୍ପାଳ, ବାହାରଣା ଓ ଗୋପର ପୟରା ପଞ୍ଚାୟତର ୧୦ ହଜାର ଉପଭୋକ୍ତା ଉପକୃତ ହେବେ। ଅତିଥିଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟା ସସ୍ମିତା ନାୟକ, ଅଜୟ ସ୍ୱାଇଁ, ମହେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ବେହେରା, ରଚିଦାନନ୍ଦ ଖଟୋଇ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀ ବିଶ୍ୱ ରଞ୍ଜନ ବେହେରା, ଏସ୍‌ଡିଓ ସୁନିଲ ଭୂୟାଁ, ଜେଇ ଶିବବ୍ରତ ନାୟକଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା

କୋଣାର୍କ,୪।୧(ଜ୍ୟୋତିରାଜ ମହାନ୍ତି):

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ପୁରୀ ପକ୍ଷରୁ କୋଣାର୍କରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଗୁରୁବାର କୋଣାର୍କ ଭଗବତୀ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର, ଆର୍‌ଟିଓ ରବୀନ ପଟ୍ଟନାୟକ, କୋଣାର୍କ ଥାନା ଆଇଆଇସି ପଞ୍ଚାନନ ପରିଡ଼ା, ଇନ୍ସପେକ୍ଟର ସୁଶାନ୍ତ ପାତ୍ର, ଏନ୍‌ସିସି ଅଧିକାରୀ ବିନୟ ଭୂଷଣ ମହାନ୍ତି, ଅଧ୍ୟାପକ ଅରବିନ୍ଦ ସାହୁ ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଭଗବତୀ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ସର୍ବଦା ଟ୍ରାଫିକ ନିୟମ ମାନିବା, ଗାଡ଼ି ଚାଳନାବେଳେ ମୋବାଇଲ ଫୋନ ନ ଧରିବା, ମଦ୍ୟପାନ କରି ଗାଡ଼ି ନ ଚଲାଇବା, ଗାଡ଼ି ଚାଳନାବେଳେ ସର୍ବଦା ହେଲ୍‌ମେଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ଆଦି ସ୍ଲୋଗାନ ଥିବା ପ୍ଲାକାର୍ଡ ଧରି ବଜାର ପରିକ୍ରମା କରିଥିଲେ। ଥାନା ଛକରେ ଗାଡ଼ି ଚାଳକଙ୍କୁ ସଚେତନତା କରାଯାଇଥିଲା।

ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୬ ମତ୍ସ୍ୟଜୀବୀ ଅଟକ

ଅସ୍ତରଙ୍ଗ,୪।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ତେବେ ଗୁରୁବାର ଦେବୀ ମୁହାଣ ନିକଟରେ ମା’ ଜାଗେଶ୍ୱରୀ ନାମକ ଟ୍ରଲର (ଆଇ ଏନ୍ ଡି –ଓ ଆର୍ –୦୫– ଏମ୍ ଏମ୍ –୩୩୯) ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଅସ୍ତରଙ୍ଗ ବନ ବିଭାଗ ପହଞ୍ଚି ତାକୁ ଜବତ କରିଛି। ଜବତ ଟ୍ରଲରରୁ ୬ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଅଟକ ରଖିଛି। ଟ୍ରଲର ଜବତ ସମୟରେ ବନବିଭାଗ ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ନିର୍ମଳ ପାତ୍ର, ଯୋଗେନ୍ଦ୍ର ପ୍ରଧାନ, ଶଶିକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଲିଭରିଡ୍‌ଲେ କଇଁଛଙ୍କ ଆଗମନ ଯୋଗୁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି। ତେବେ ନଭେମ୍ବର ୧ରେ ନିଷିଦ୍ଧାଞ୍ଚଳରୁ ପାରାଦୀପ ଅଞ୍ଚଳର ଏକ ଟ୍ରଲର ଜବତ ହୋଇଥିଲା, ନଭେମ୍ବର ୨ରେ ବାଲେଶ୍ୱର ଅଞ୍ଚଳର ମଙ୍ଗଳା ନାମକ ଟ୍ରଲର ଜବତ ମଧ୍ୟ ହୋଇଥିଲା।

୪୦ ବିଜେଡି ପରିବାର ଭାଜପାରେ ସାମିଲ

ଅତିଥିମାନଙ୍କ ଗହଣରେ ଭାଜପାରେ ସାମିଲ ହୋଇଥିବା ନୂତନ କର୍ମୀମାନେ।

ନିମାପଡ଼ା,୪।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଭାଜପା ପକ୍ଷରୁ ଭାଜପା ଗ୍ରାମୀଣମଣ୍ଡଳ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସମାରୋହରେ ଦଳର ବରିଷ୍ଠ ନେତା ଦୃଢ ସଂଗଠକ ଦିଲୀପ ନାୟକ ଯୋଗଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଲୋକେ ଅହଂକାରୀ ଶାସନକୁ ଉଚିତ୍ ଜବାବ ଦେବେ ଓ ଭାଜପାକୁ ବିଜୟୀ କରାଇବେ ବୋଲି ନାୟକ କହିଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରଭାରୀ ବାସୁଦେବ ବେହେରା, ଯୁବନେତା ନିରଞ୍ଜନ ମହାପାତ୍ର, ଦିଲୀପ ପାତ୍ର, ଶୁଭ୍ରଜିତ୍ ବାରିକ୍, ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା, କର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାରୋହରେ ନିମାପଡ଼ା ବ୍ଲକ ଅଧୀନ ସଲଙ୍ଗ ଓ ଅନ୍ଧୁଆର ଆଦି ୨ଟି ପଞ୍ଚାୟତର ପ୍ରାୟ ୪୦ଟି ବିଜେଡି ପରିବାର ଭାଜପାରେ ସାମିଲ ହୋଇଥିବା ଦଳୀୟ ନେତୃବୃନ୍ଦମାନେ କହିଛନ୍ତି। ପ୍ରଧାନମନ୍ତ୍ରୀ ଦକ୍ଷ ସରକାର ଓ ବରିଷ୍ଠ ନେତା ଦିଲୀପ ନାୟକଙ୍କ ଦୃଢ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଏହି ନୂତନ କର୍ମୀମାନେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ଦଳରେ ଯୋଗଦେଇଥିବା ନୂତନ କର୍ମୀମାନଙ୍କୁ ଅତିଥିମାନେ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଦଳର ଏହି ମିଶ୍ରଣ ପର୍ବ ଜାରି ରହିବ ବୋଲି ନାୟକ କହିଛନ୍ତି।

ଜାତୀୟତାବାଦ ଉପରେ ସାହିତ୍ୟ ସୃଷ୍ଟି ପାଇଁ ଆହ୍ୱାନ

୨୮ତମ ପୁସ୍ତକ ମେଳା ଉଦ୍‌ଯାପିତ

ପୁରୀ, ୪।୧(ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ମିଳିତ ସହଯୋଗରେ ପୁରୀ ଶରଧାବାଲିରେ ଏଗାର ଦିନ ବ୍ୟାପି ଚାଲିଥିବା ୨୮ତମ ପୁସ୍ତକ ମେଳା ଗୁରୁବାର ଉଦଯାପିତ ହୋଇଯାଇଛି। ଶିକ୍ଷାବିତ ଡ. କୈଳାଶ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱ ଓ ସାହିତ୍ୟିକ ସମ୍ପାଦକ ଚକ୍ରଧର ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ବରିଷ୍ଠ ସେବାୟତ ତଲୁଛ ନୀଳକଣ୍ଠ ମହାପାତ୍ର, ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ଜାତୀୟତାବାଦ ଓ ଦେଶାତ୍ମବୋଧ ଉପରେ ଅଧିକରୁ ଅଧିକ ସାହିତ୍ୟ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅନାମ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗଣମାଧ୍ୟମ ସମ୍ପାଦକ ବଦ୍ରି ମିଶ୍ରଙ୍କ ସଂଯୋଜନାରେ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମଗ୍ରିକ ସାହିତ୍ୟ କୃତି ପାଇଁ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ରାଜ୍ୟସ୍ତରୀୟ ସାହିତ୍ୟିକ ସମ୍ମାନ, ପ୍ୟାରୀମୋହନ ପଟ୍ଟନାୟକଙ୍କୁ ପୁସ୍ତକ ମେଳା ସାରସ୍ୱତ ଗବେଷକ ସମ୍ମାନ, କବି ସୁଚେତା ମିଶ୍ର ଓ ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ରଙ୍କୁ ସାରସ୍ୱତ କବି ଓ ପ୍ରାବନ୍ଧିକ ସମ୍ମାନ ଏବଂ କଟକର ଶାରଳା ବୁକ୍ସଙ୍କୁ ସାରସ୍ୱତ ପ୍ରକାଶକ ସମ୍ମାନରେ ସମ୍ମାନିତ କରାଯାଇଛି। ପରେ ଏହି ମଞ୍ଚରେ ସୁକାନ୍ତ ପଣ୍ଡାଙ୍କ ସଂପାଦିତ ଷୋଡଶ ବର୍ଷ ସଂଖ୍ୟା ଶିଶୁ ସମାଚାର ଓ ଦାସଶ୍ରୀ କବି ଧର୍ମପଦଙ୍କ କାବ୍ୟ ‘ସ୍ମୃତିର ମାଣିକପାଟଣା’ ପୁସ୍ତକ ଉନ୍ମୋଚନ ହୋଇଥିଲା। ଉଦଯାପନୀ ମଞ୍ଚରେ ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ପ୍ରସନ୍ନ ମିଶ୍ର, ସୁନୀଲ ରଥ, ରଘୁନାଥ ମହାପାତ୍ର, ପୁଷ୍କର ମହାପାତ୍ର, ପ୍ରତିମା ମିଶ୍ର, ସୁରେନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବୀରେନ୍ଦ୍ର ମହାନ୍ତି, ଭାସ୍କର ମିଶ୍ର, ସୁକାନ୍ତ ପଣ୍ଡା, ବିପିନ୍ ଦଳାଇ,ଶ୍ୟାମପ୍ରକାଶ ସେନାପତି, ସ୍ୱାଧୀନ ପଣ୍ଡା, ରଘୁନାଥ ମିଶ୍ର, ଶ୍ରୀକାନ୍ତ ମହାନ୍ତି, ଭବାନୀ ବଳିୟାରସିଂହ ଓ ଗୀତାଞ୍ଜଳି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ମେଳା କମିଟି ପକ୍ଷରୁ ଆୟୋଜିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ପୁସ୍ତକ ମେଳାରେ ପ୍ରାୟ ଏକକୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିବା ବେଳେ ଦୁଇଲକ୍ଷରୁ ଅଧିକ ପାଠିକାପାଠକ ଯୋଗଦେଇଥିଲେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

‘ଭାଷା, ସାହିତ୍ୟ ସୁରକ୍ଷାରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ପୁରୀ,୪।୧(ଅଜିତ୍ ମହାନ୍ତି):

ଆଧୁନିକ ଅପସଂସ୍କୃତିରେ ପ୍ରସୁତ କେତେକ ଓଡ଼ିଆ ସଙ୍ଗୀତ ପାଇଁ ଆଜି ଆମ ଭାଷା ଓ ସାହିତ୍ୟ ଉପରେ ବିପଦ ଆସିଛି। ଏହାକୁ ରକ୍ଷା କରିବାକୁ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶରଧାବାଲିର ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ଆୟୋଜିତ ‘ଓଡ଼ିଆ ଭାଷା–ସାହିତ୍ୟ ସୁରକ୍ଷାରେ ଗଣମାଧ୍ୟମର ଭୂମିକା’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ବଦ୍ରି ମିଶ୍ର, କାଳିପଦ ପଣ୍ଡା, ତାରିଣୀ ପ୍ରସାଦ ମହାନ୍ତି ଏବଂ ପର୍ଶୁରାମ ବେହେରା ପ୍ରମୁଖ ଯୋଗଦେଇ ଏହି ମତ ରଖିଛନ୍ତି। କବି ଜୟନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆର୍ତ୍ତତ୍ରାଣ ସାହୁ, ସ୍ୱର୍ଣ୍ଣଲତା ତ୍ରିପାଠୀ, ପ୍ରଶାନ୍ତ କର, ବିଷ୍ଣୁପ୍ରିୟା ପ୍ରତାପସିଂହ, କୁନି ତ୍ରିପାଠୀ, ପ୍ରେମାନନ୍ଦ କୁସୁମ, ସଞ୍ଜୟ ବରାଳ, ଗୌତମ ମହାରଣା, ବୃନ୍ଦାବନ ସୁବୁଦ୍ଧି, ବିକ୍ରମ ଚମ୍ପତି, ଜୟନ୍ତୀ ପାଣିଗ୍ରାହୀ, ସମ୍ପତ୍ତି ପଟ୍ଟନାୟକ, ସୁଧାଞ୍ଜଳି ମିଶ୍ର, ବିକ୍ରମ ବରାଳ, କୈଳାଶ ପଟ୍ଟନାୟକ, କନ୍ଦର୍ପ ସାହୁ, ଲୋହିତ ନାରାୟଣ ମହାପାତ୍ର, ଲଳିତେନ୍ଦୁ ପଲାଭାରୀଙ୍କୁ ସମ୍ମାନିତ କରାଯାଇଥିଲା। ନମାମୀ ନୃତ୍ୟ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ବିଜୟଲକ୍ଷ୍ମୀ ମହାକୁଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କୋଣାର୍କ ଶାଖା ବୈଠକ



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ।

କୋଣାର୍କ,୪।୧(ଜ୍ୟୋତିରାଜ ମହାନ୍ତି):

ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କୋଣାର୍କ ଶାଖାର ଏକ ବୈଠକ କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିର୍ମଳ ପ୍ରଧାନଙ୍କ ଆବାହକତ୍ୱରେ ବୈଠକରେ କୋଣାର୍କ ଶାଖାର ସଭାପତି ବାବା ଶକ୍ତିଦେବ ଶତପଥୀ ନୂତନ ଭାବେ ଯୋଗଦେଇଥିବା ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଆଗାମୀ ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚନ କରିବାକୁ ସ୍ଥିର କରାଯିବାର ପ୍ରସ୍ତାବ ଗ୍ରହଣ କରିବା ସହିତ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଦାୟିତ୍ୱ, ସରକାରଙ୍କ ଯୋଜନା ଆଦି ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କୋଣାର୍କ ସୂର୍ଯ୍ୟ ମନ୍ଦିରରେ ହେଉଥିବା ଅନିୟମିତତା, ସୂର୍ଯ୍ୟ ମନ୍ଦିରର ସୁରକ୍ଷା, ମନ୍ଦିର ମଧ୍ୟକୁ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ସ୍ଥାନୀୟ ଜନସାଧାରଣଙ୍କୁ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା ଆଦି ଦାବିମାନ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଥ ପ୍ରଦର୍ଶକ ବିଶ୍ୱେଶ୍ୱର ଦାଶ, ସଂଗଠନ ସମ୍ପାଦକ ବାଇଧର ଖଟୁଆ, ବରିଷ୍ଠ ନାଗରିକ ନରେନ୍ଦ୍ର ଓଝା, ବଂଶୀଧର ଦଳାଇ, କିଶୋର ସେଠ୍ ପ୍ରମୁଖ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ରାସ୍ତା ସମ୍ପ୍ରସାରଣ ନିମନ୍ତେ ଜବରଦଖଲକାରୀଙ୍କୁ ନୋଟିସ

ନିମାପଡ଼ା,୪।୧(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା– ପିପିଲି ମୁଖ୍ୟରାସ୍ତାର ଅଲଣ୍ଡି ଛକଠାରୁ ଦୋଳବେଦୀ ଛକ ନିକଟ କୁଶଭଦ୍ରା ବ୍ରିଜପର୍ଯ୍ୟନ୍ତ ଦୀର୍ଘ ୪କି.ମି. ରାସ୍ତା ସମ୍ପ୍ରସାରଣ ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି। କିନ୍ତୁ କେତେଜଣ ଜବରଦଖଲକାରୀ ରାସ୍ତାରୁ ହଟି ନ ଥିବାରୁ ଗୁରୁବାର ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ତୁରନ୍ତ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ତହସିଲଦାର ବିଦ୍ୟାଧର ପତି, ପୌରନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପୌରପରିଷଦ ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ରାଜସ୍ୱ ନିରୀକ୍ଷକ ଓ ତହସିଲ ଅମିନ ପ୍ରମୁଖ ମାପଚୁପରେ ସାମିଲ ହୋଇଥିଲେ।

ପିପିଡବ୍ଲ୍ୟୁଓ ପକ୍ଷରୁ ଆନ୍ତର୍ଜାତିକ ବ୍ରେଲ ଦିବସ

ନିମାପଡ଼ା,୪।୧(ବିଚିତ୍ରାନନ୍ଦ ସାହୁ)

ପିଙ୍ଗଳାକ୍ଷୀ ପବ୍ଲିକ ୱେଲ ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ଦ୍ୱାରା ପରିଚାଳିତ ପିଙ୍ଗଳାକ୍ଷୀ କଲେଜ ଅଫ୍ ସ୍ପେଶାଲ ଏଜୁକେଶନ ଓ ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶହଶହ ଛାତ୍ରୀଙ୍କ ଦ୍ୱାରା ଆନ୍ତର୍ଜାତିକ ବିଶ୍ୱ ବ୍ରେଲ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବ୍ରେଲ ଲିଖନ ଓ ପଠନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅତିଥି ଭାବେ ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ଅଧ୍ୟାପକ ସହଦେବ ସାହୁ, ସାମାଜିକ କର୍ମୀ ପବିତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଦିବସର ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ଦିଗରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରିୟଦର୍ଶିନୀ ପ୍ରଧାନ, ପ୍ରଜ୍ଞା ପରମିତା ପରିଡ଼ା, ମୌସୁମୀ ରାୟସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସଂଯୋଜନା ଓ ପରିଚାଳନା କରିଥିଲେ।

ବିଶ୍ୱ ବ୍ରେଲ ଦିବସ ପାଳନ ସମାରୋହରେ ମଞ୍ଚାସୀନ ଅତିଥି।

ଶ୍ରୀମନ୍ଦିରରେ କେବଳ ହିନ୍ଦୁ ପୋଲିସଙ୍କୁ ନିୟୋଜନ ପାଇଁ ଦାବି

ପୁରୀ,୪।୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ହିନ୍ଦୁ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଦାବି କରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ମାସ ୩୦ ତାରିଖରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଯେ, ଶ୍ରୀମନ୍ଦିର ଭିତରେ ଡ୍ୟୁଟିରେ ଥିବା ଓଏସଏପିର କେତେଜଣ ପୋଲିସ୍ କର୍ମଚାରୀ ଖାଦ୍ୟ ସହିତ ପିଆଜ ଖାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଭକ୍ତ ଓ ସେବାୟତ ବିରୋଧ କରିବାକୁ ସେମାନେ ବାହାରକୁ ପଳାଇ ଆସିଥିଲେ। ଏହା ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ଭାବନାକୁ ଗଭୀର ଆଘାତ ପହଞ୍ଚାଇଛି। ତେଣୁ ଶ୍ରୀମନ୍ଦିରରେ କେବଳ ହିନ୍ଦୁ ପୋଲିସଙ୍କୁ ନିଯୁକ୍ତ କରାଯିବାକୁ ଦାସ ଦାବି କରିଛନ୍ତି।

କ୍ରୀଡ଼ା ପ୍ରତିଯୋଗୀଙ୍କୁ ଖାଦ୍ୟପେୟରେ ଅନିୟମିତତା

ଅସ୍ତରଙ୍ଗ,୪।୧(ପ୍ରଦୀପ୍ତ ଦୀକ୍ଷିତ):

ସରକାରଙ୍କ ‘ନୂଆ–ଓ’ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ଖାଦ୍ୟପେୟ ଅସୁବିଧା ଘଟଣା ସାମ୍ନାକୁ ଆସିଛି। ଏପରି ଘଟଣା ଅସ୍ତରଙ୍ଗ ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ, ସୁରେନ୍ଦ୍ରନାଥ ବିଦ୍ୟାପୀଠ, ମାଣ୍ଡୁକି ଉଚ୍ଚ ବିଦ୍ୟାଳୟ ଓ ଖାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ‘ନୂଆ–ଓ’ କ୍ରୀଡ଼ା ପ୍ରତିଯୋଗିତା ଚାଲିଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସ୍ଥାନୀୟ ପ୍ରଶାସନକୁ ଆସୁଛି। କିନ୍ତୁ ସ୍ଥାନୀୟ ପ୍ରଶାସନ ମନମୁଖି କାର୍ଯ୍ୟ ସହ ପ୍ରତିଯୋଗିତା ପାଇଁ ଆସିଥିବା ଲକ୍ଷାଧିକ ଟଙ୍କା ହରିଲୁଟ୍ କରିବା ଉଦ୍ଦେଶ୍ୟରେ ପ୍ରତିଯୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପରିବର୍ତ୍ତେ ବଜାରକିଣା ଖାଦ୍ୟ ପ୍ରଦାନ କରାଯାଉଛି।

ସୂଚନା ମୁତାବକ, ଗୁରୁବାର ଅସ୍ତରଙ୍ଗ ବ୍ଲକ ଅଧୀନ ଖାଡ଼ଲିଙ୍ଗ ଖେଳପଡ଼ିଆରେ ଆୟୋଜିତ ପ୍ରତିଯୋଗିତାରେ ଅଧିକ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ହେଲେ ମାତ୍ର ୮୦ ଜଣ ଖାଦ୍ୟ ଖାଇବା ପରେ ତାହା ସରିଯାଇଥିଲା, ଯାହାକୁ ନେଇ ପ୍ରତିଯୋଗୀ ଅସନ୍ତୁଷ୍ଟ ହେବା ସହ ଖାଦ୍ୟ ପାଇଁ ଦୀର୍ଘ ସମୟ ଅପେକ୍ଷା କରିଥିଲେ। କିଛି ସମୟ ପରେ ବଜାରରୁ ଖାଦ୍ୟ କିଣାଯାଇ ସେମାନଙ୍କୁ ଦିଆଯାଇଥିଲା। ହେଲେ ଏଠାରେ ସରକାରଙ୍କଠାରୁ ଆସିଥିବା ଲକ୍ଷାଧିକ ଟଙ୍କା ଖେଳାଳିଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ପରିବର୍ତ୍ତେ ବଜାରର ଖାଦ୍ୟ କାହିଁକି ଦିଆଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଅସ୍ତରଙ୍ଗ ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କୁ ପଚାରିବାରେ, କେବଳ ଟିଫିନ ଦେବାକୁ ନିୟମ ଅଛି, ମିଲ୍ ଦେବାକୁ ନିୟମ ନାହିଁ। ସେ ଏ ବିଷୟରେ କ୍ରୀଡ଼ା ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ଜଣାଇବେ ବୋଲି କହିଥିଲେ। ସ୍ଥାନୀୟ ଲୋକେ ଏହାର ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି।

ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିଲେ କଲେଜ ଛାତ୍ର

ନିମାପଡ଼ା,୪।୧(ବିଚିତ୍ରାନନ୍ଦ ସାହୁ)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଗୁରୁବାର ପୁରୀ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନିମାପଡ଼ା ଥାନା ପୋଲିସ ସହାୟତା ଓ ସହଯୋଗରେ ନିମାପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୋଭାଯାତ୍ରା ସହର ପରିକ୍ରମା କରିଥିବାବେଳେ ନୂଆ ବସଷ୍ଟାଣ୍ଡଠାରେ ଏକ ସଚେତନତା ଧର୍ମୀ ସାଧାରଣ ସଭା ଆୟୋଜିତ ହୋଇଥିଲା। ଶୋଭାଯାତ୍ରାକୁ ପୁରୀ ଆର୍‌ଟିଓ ରବିନ ପଟ୍ଟନାୟକ, ଏମ୍‌ଭିଆଇ ଅମିତ ରଣା, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିମାପଡ଼ାସ୍ଥିତ ସ୍ୱାଧୀନ ଆବାସିକ ମହାବିଦ୍ୟାଳୟର ୨ଶହରୁ ଉର୍ଦ୍ଧ୍ୱ ଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରି ଗାଡ଼ି ଚାଳକଙ୍କୁ ଗାଳି ଧୀରେ ଚଳାଇବା, ସିଟ୍‌ବେଲ୍ଟ, ହେଲ୍‌ମେଟ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଆଦି ସମ୍ପର୍କରେ ଚାଳକଙ୍କୁ ଅବଗତ କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

ଅତିଥି ସଡକ ସୁରକ୍ଷା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ବିଡିଓଙ୍କୁ ଅଭିଯୋଗ ଜଣାଇଲେ ୩୧ ପଞ୍ଚାୟତର ସମିତି ସଭ୍ୟାସଭ୍ୟ

ଗୋପ,୪।୧(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବ୍ଲକ ପଞ୍ଚାୟତ ସମିତି ବୈଠକ ହେବା ପ୍ରସଙ୍ଗରେ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କୁ ଗୁରୁବାର ଭେଟିଛନ୍ତି। ଯେ ପର୍ଯ୍ୟନ୍ତ ସମସ୍ୟା ସମାଧାନ ନ କରାଯିବ, ସେ ପର୍ଯ୍ୟନ୍ତ ସମିତି ବୈଠକ ହୋଇ ପାରିବନି ବୋଲି ସମିତି ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗୋପ ବ୍ଲକଟି ୩ ଗୋଟି ବିଧାନସଭା ଓ ଦୁଇ ଗୋଟି ଲୋକ ସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିବାରୁ ବିଭିନ୍ନ ସମୟରେ ଏହି ବ୍ଲକ ପ୍ରତି ବିଧାୟକ, ମନ୍ତ୍ରୀ ଦୃଷ୍ଟି ଦେଉନାହାନ୍ତି। ଫଳରେ ବିଭିନ୍ନ ସରକାରୀ ଯୋଜନାକୁ ବିନା ସମିତି ବୈଠକ ଅନୁମତିରେ ମଞ୍ଜୁର କରାଯାଇ ଖର୍ଚ୍ଚ କରାଯାଉଛି। ଏପରିକି ବୀରତୁଙ୍ଗ ଓ ସୁତନ ପଞ୍ଚାୟତରେ ବିନା ସମିତି ବୈଠକ ମଞ୍ଜୁରରେ ଆସିଥିବା ୩୦ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଛି। ବ୍ଲକର ୩୧ ଗୋଟି ପଞ୍ଚାୟତରେ ଥିବା ସମିତି ସଭ୍ୟାସଭ୍ୟଙ୍କୁ କୌଣସି କ୍ଷେତ୍ରରେ ବ୍ଲକ ପକ୍ଷରୁ ସୂଚନା ନ ମିଳିବା ନେଇ ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି। ମହଲପଡା ପଞ୍ଚାୟତ ସମିତି ସଭ୍ୟ ତଥା ସଭାପତି ବିଜୟ ନାୟକଙ୍କ ନେତୃତ୍ୱରେ ୨୧ଜଣ ସମିତି ସଭ୍ୟାସଭ୍ୟ ବିଡିଓ ସାହୁଙ୍କୁ ଭେଟି ଏପରି ଅଭିଯୋଗ ଆଣି ସମିତି ବୈଠକ ବନ୍ଦ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବ୍ଲକରେ ୧ ବର୍ଷ ଧରି ସମିତି ବୈଠକ ହୋଇ ନାହିଁ। ଗତ ଡିସେମ୍ବର ୨୯ରେ ବୈଠକ ଡକାଯାଇଥିଲା। ହେଲେ ବୈଠକରେ ସମିତି ସଭ୍ୟାସଭ୍ୟ ଯୋଗ ଦେବେନି ବୋଲି ଅଭିଯୋଗ ଆସିବା ପରେ ବୈଠକ ବାତିଲ ହୋଇଥିଲା। ପୁନର୍ବାର ଆସନ୍ତା ୯ ତାରିଖରେ ବୈଠକ ଡକାଯିବା ନେଇ ପ୍ରସ୍ତୁତି ଚାଲିଥିବାବେଳେ ଗୁରୁବାର ସମିତି ସଭ୍ୟାସଭ୍ୟ ବୈଠକ ବାତିଲ କରିଛନ୍ତି। ଏଥିସହ ସରକାରୀ ଯୋଜନା ଓ ପୂର୍ବ ସମିତି ବୈଠକର ମଞ୍ଜୁରୀ କାଗଜପତ୍ର ବିଡିଓଙ୍କ ନିକଟରେ ଥିବା ଦାବି କରିଛନ୍ତି। ଏବେ ସମିତି ବୈଠକକୁ ନେଇ ରାଜନୀତି ଆରମ୍ଭ ହୋଇ ଯାଇଥିବାବେଳେ ବ୍ଲକ ଅଧ୍ୟକ୍ଷାଙ୍କ ମନମୁଖି ଶାସନକୁ ମଧ୍ୟ ବିରୋଧ କରାଯିବା ଦେଖିବାକୁ ମିଳିଛି। ସଭ୍ୟାସଭ୍ୟ ଏବେ ବିଭିନ୍ନ ଦାବିକୁ ନେଇ ଷ୍ଟ୍ରାଇକ୍‌ରେ ବସିଥିବାବେଳେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ କିପରି ବୈଠକ ଡାକୁଛନ୍ତି ବୋଲି ଅସନ୍ତୋଷ ସୃଷ୍ଟି ହୋଇଛି। ଆସନ୍ତା ୭ ତାରିଖରେ ବ୍ଲକ ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରେ ଏକ ବୈଠକ ଡକାଯାଇ ଆଲୋଚନା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଭାପତି ବିଜୟ ନାୟକ କହିଛନ୍ତି। ଏନେଇ ବିଡିଓଙ୍କୁ ପଚାରିବାରେ, ସମିତି ସଭ୍ୟାସଭ୍ୟଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଉଛି ବୋଲି କହିଥିଲେ। ସେପଟେ ବ୍ଲକ ଅଧ୍ୟକ୍ଷା ଏପରି ଅଭିଯୋଗ ଉପରେ କୌଣସି ମତାମତ ଦେଇନାହାନ୍ତି।

ବିଡିଓଙ୍କୁ ସମିତି ସଭ୍ୟାସଭ୍ୟମାନେ ଅଭିଯୋଗ ଜଣାଉଛନ୍ତି ।

୭ରେ ବୈଠକ ପରେ ନିଷ୍ପତ୍ତି ନିଆଯିବ

ସଂକ୍ଷେପରେ

ବେଆଇନ ୩ ବାଲି ଚାଲାଣ ହାଇୱା ଜବତ

ବାରଙ୍ଗ,୪ା୧ (ଲିଙ୍ଗରାଜ ରାଉତ)

୩ଟି ବାଲି ବୋଝେଇ ହାଇୱାକୁ ଲଘୁଖଣିଜ ବିଭାଗର ଅଧିକାରୀ ବୁଧବାର ବିଳମ୍ବିତ ରାତିରେ ଜବତ କରି ବାରଙ୍ଗ ଥାନାରେ ଜିମା ଦେଇଛନ୍ତି। ଜବତ ଗାଡ଼ିଗୁଡ଼ିକ ହେଲା ଓଡ଼ି ୦୨ ବିଏସ୍ ୧୪୧୭, ଓଡ଼ି ୦୨ ଏଲ୍ ୨୦୪୦ ଏବଂ ଓଡି ୦୫ ଟି ୫୫୮୧। ଏହି ଗାଡ଼ିଗୁଡ଼ିକ ବାରଙ୍ଗ ତହସିଲ ଅଞ୍ଚଳର ବିଭିନ୍ନ ବାଲି ଘାଟରୁ ବେଆଇନ ଭାବେ ବାଲି ନେଇ ଚାଲାଣ କରୁଥିବାବେଳେ ଧରାପଡ଼ିଥିଲା। ବାଲି ଚାଲାଣର ଠିକ୍ କାଗଜପତ୍ର ନ ଦେଖାଇ ପାରିବାରୁ ଗାଡ଼ିକୁ ଜବତ କରାଯାଇଛି। ଗତ କିଛି ଦିନ ହେବ ବାରଙ୍ଗ ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ମାଫିଆମାନେ ସ୍ଥାନୀୟ ପ୍ରଶାସନକୁ ହାତଗୁଞ୍ଜା ଦେଇ ନିର୍ବିଘ୍ନରେ ଚଳାଇଥିବା ଦେଖିବାକୁ ମିଳିଛି।

ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ରାଜ୍ୟ ବାହାରକୁ ଯିବ ପୋଲିସ

ଚୋରା ମୋବାଇଲରୁ ଟଙ୍କା ଲୁଟ୍ ଘଟଣା

ଭୁବନେଶ୍ୱର,୪ା୧ (ସୂର୍ଯ୍ୟକାନ୍ତ ବେହେରା)

ମୋବାଇଲ ଚୋରି ପରେ ୟୁପିଆଇ ଜରିଆରେ ଆକାଉଣ୍ଟରୁ ଟଙ୍କା ଲୁଟୁଥିବା ଆନ୍ତଃରାଜ୍ୟ ଗ୍ୟାଙ୍ଗର ୯ଜଣ ଧରାପଡିବା ପରେ ର୍‍ୟାକେଟର ଗୁମର ଖୋଲୁଛି କମିଶନରେଟ ପୋଲିସ। ତେବେ ଏହି ଗ୍ୟାଙ୍ଗ୍ ବିଭିନ୍ନ ରାଜ୍ୟରେ ସକ୍ରିୟ ରହିଥିବାବେଳେ ଏହାର ମାଷ୍ଟରମାଇଣ୍ଡ ଓ ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ପୋଲିସ ବହୁ ତଥ୍ୟ ପାଇଛି। ତେଣୁ ସେମାନଙ୍କୁ ଧରିବାକୁ କମିଶନରେଟ ପୋଲିସର ଏକ ଟିମ୍ ରାଜ୍ୟ ବାହାରକୁ ଯିବ ବୋଲି ସୂଚନା ମିଳିଛି। ଏହି ଗ୍ୟାଙ୍ଗରେ ଏକାଧିକ ସାଇବର ଏକ୍ସପର୍ଟ ରହିଥିବାରୁ ସେମାନଙ୍କୁ ଖୋଜି ବାହାର କରାଯିବ। ତେଣୁ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ କେତେଜଣଙ୍କୁ ରିମାଣ୍ଡରେ ଆଣି ପୂରା ନେଟ୍‌ୱର୍କର ଚେର ବାହାର କରିବାକୁ କମିଶନରେଟ ପୋଲିସ ଲକ୍ଷ୍ୟ ରଖିଛି।

ସୂଚନାନୁସାରେ, ଅଭିଯୁକ୍ତମାନେ ଦୀର୍ଘଦିନ ହେବ ଓଡ଼ିଶାରେ ରହି ମୋବାଇଲ୍ ଚୋରି କରୁଥିଲେ। ସେମାନେ ଭାଗ ଭାଗ ହୋଇ ଭୁବନେଶ୍ୱର, ପୁରୀ, କଟକ ଆଦି ପ୍ରମୁଖ ସହରକୁ ଯାଇ ବିଶେଷକରି ବସ୍‌ଷ୍ଟାଣ୍ଡ, ମନ୍ଦିର, ହସ୍ପିଟାଲ ନିକଟ ଅଞ୍ଚଳରେ ରହି ନେଟ୍‌ୱର୍କ ଚଳାଉଥିଲେ। ପର୍ବ, ଉତ୍ସବ କିମ୍ବା ବଡ଼ଧରଣର ସମାବେଶକୁ ସେମାନେ ଟାର୍ଗେଟ କରି ଭିଡ଼ ଥିବା ବସ୍, ଜନଗହଳିପୂର୍ଣ୍ଣ ସ୍ଥାନ, ମାର୍କେଟ, ମନ୍ଦିରରେ ଲୋକଙ୍କଠାରୁ ମୋବାଇଲ ଫୋନ୍ ଚୋରି ଓ ଲୁଟ୍‌କରି ଫେରାର ହେଉଥିଲେ। ଉକ୍ତ ମୋବାଇଲ୍‌ର ସିମ୍, ମେମୋରି ଚିପ୍ ଆଦି ବ୍ୟବହାର କରି ଗ୍ୟାଙ୍ଗ୍ ମୁଖ୍ୟ ବା ମାଷ୍ଟରମାଇଣ୍ଡ ୟୁପିଆଇ ଜରିଆରେ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିଲେ। କମିଶନରେଟ ପୋଲିସର ବିଭିନ୍ନ ଥାନା ଓ ସାଇବର ଥାନାରେ ଏଭଳି ଏକାଧିକ ଅଭିଯୋଗ ହେବାପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ସହ ଗ୍ୟାଙ୍ଗ୍ ସମ୍ପର୍କରେ ଜାଣିବାକୁ ପାଇଥିଲା।

ବର୍ଷକରେ ୭୫ ଅଭିଯୁକ୍ତଙ୍କୁ ବାନ୍ଧିଛି ଏସ୍‌ଟିଏଫ୍

ଭୁବନେଶ୍ୱର,୪ା୧ (ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୨୦୨୩ରେ ୪୧ ମାମଲାରେ ସମ୍ପୃକ୍ତ ୭୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୭ଜଣ ଅଭିଯୁକ୍ତ ବାହାର ରାଜ୍ୟରୁ ରହିଛନ୍ତି। ମଣିପୁର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆସାମ ଓ ଜମ୍ମୁକଶ୍ମୀରରୁ ଜଣେ ଲେଖାଏ ଅଭିଯୁକ୍ତ ରହିଥିବାବେଳେ ଦୁଇଜଣ ପଶ୍ଚିମବଙ୍ଗରୁ ରହିଛନ୍ତି। ଏସ୍‌ଟିଏଫ୍ ପକ୍ଷରୁ ଗୁରୁବାର ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ପଞ୍ଜୀକୃତ ହୋଇଥିବା ମୋଟ୍ ମାମଲାରୁ ୧୩ଟି ଏନ୍‌ଡିପିଏସ୍ ମାମଲା ରହିଛି। ଏହି ମାମଲାଗୁଡ଼ିକରେ ୮ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର, ୪୫୬ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ୨ କେଜି ୮୮୦ ଗ୍ରାମର ଅଫିମ ଜବତ ହୋଇଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୭୫ ଲକ୍ଷ ଟଙ୍କାର ସମ୍ପତ୍ତି ମଧ୍ୟ ଏସ୍‌ଟିଏଫ୍ ଜବତ କରିଛି। ସେହିପରି ୧୭ଟି ବନ୍ୟଜନ୍ତୁ ମାମଲାରେ ୧୪ଟି କଲରାପତରିଆ ବାଘଛାଲ, ଗୋଟିଏ ମହାବଳ ବାଘ ଛାଲ, ୧୦ଟି ଜୀବନ୍ତ ବଜ୍ରକାପ୍ତା, ୬ଟି ହରିଣ ଛାଲ, ଗୋଟିଏ ବାର୍‌ହା ଦାନ୍ତ ଓ ଗୋଟିଏ କଇଁଛ ଖପୁରି ଜବତ ହୋଇଛି। ସେହିପରି ଦୁଇଟି ନକଲି ନୋଟ୍ କାରବାର ମାମଲାରେ ୭୨ ଲକ୍ଷ ୪୩ ହଜାର ୫୦୦ ଟଙ୍କାର ନକଲି ନୋଟ୍ ମଧ୍ୟ ଜବତ ହୋଇଛି। ସେହିପରି ୫ଟି ମାମଲାରେ ବହୁ ଖଣିଜପଦାର୍ଥ ମଧ୍ୟ ଜବତ ହୋଇଛି। ଅନ୍ୟପକ୍ଷରେ ଏସ୍‌ଟିଏଫ୍ ପକ୍ଷରୁ ବହୁ ନିଶା ସାମଗ୍ରୀକୁ ନଷ୍ଟ କରିବା ପ୍ରକ୍ରିୟା ଜାରି ରହିଛି। ୨୦୨୩ରେ ୩୨ ମାମଲାରେ ଜବତ ୩୯ କେଜି ବ୍ରାଉନସୁଗାର ଓ ୨୨ ମାମଲାରେ ଜବତ ହୋଇଥିବା ୮୦ କୁଇଣ୍ଟାଲ୍ ଗଞ୍ଜେଇ ପୋଡ଼ାଯାଇ ନଷ୍ଟ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

କ୍ରୀଡ଼ା ଶିକ୍ଷକଙ୍କ ଅଷ୍ଟମ ପର୍ଯ୍ୟାୟ ତାଲିମ ସରିଲା

ଭୁବନେଶ୍ୱର,୪ା୧ (ଅନୁରାଧା ମହାରଣା)

ମାଧ୍ୟମିକ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ଶାରୀରିକ ଶିକ୍ଷକଙ୍କ ଅଷ୍ଟମ ପର୍ଯ୍ୟାୟ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଅଶ୍ୱଥି ଏସ୍ ଯୋଗଦେଇଥିଲେ। ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ାଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ତାଲିମ୍ ଓ ଜ୍ଞାନକୌଶଳକୁ ନିଜ କର୍ମସ୍ଥଳରେ ଉପଯୋଗ କରି ବିଦ୍ୟାଳୟକୁ କିପରି ଚଳଚଞ୍ଚଳ କରିବେ ଓ ପିଲାଙ୍କ ପାଇଁ ବିଭିନ୍ନ ଖେଳର ସୁଯୋଗ ସୃଷ୍ଟି କରିବେ ସେ ଦିଗରେ କ୍ରୀଡ଼ା ଶିକ୍ଷକମାନେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ ହୋଇଥିବା କ୍ରୀଡାଙ୍ଗନ କ୍ଲବରେ ଶାରୀରିକ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ୭ଟି ଜିଲାରୁ ମୋଟ ୧୧୭ଜଣ ପ୍ରଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାଧନ କର୍ମୀ ଗ୍ରୁପ୍ କ୍ୟାପଟେନ ଦିନେଶ ସୁରି, ଲେଫ୍ଟନାଣ୍ଟ କର୍ଣ୍ଣେଲ ଏ. ରାଜେଶ, ବିଭାଗର ବରିଷ୍ଠ ଖେଳ ବିଜ୍ଞାନ ନିର୍ଦ୍ଦେଶକ ଡ. ସୌମିତ୍ର ମଣ୍ଡଳ, ପି. ଧର୍ମାରାଓ, ଡ. ଦିନେଶ ବେହେରା, 'ମୋ ସ୍କୁଲ'ର ଓଏସ୍‌ଡି କାବେରୀ ମୁଦୁଲି, ଯୁଧିଷ୍ଠିର ପାଣିଗ୍ରାହୀ ଓ ଯୋଗ ପ୍ରଶିକ୍ଷକ ଦୀପକ ଗିରି ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓସେପାର ଯୁଗ୍ମ ନିର୍ଦ୍ଦେଶକ, ଶିକ୍ଷକ-ଶିକ୍ଷା ଡ. ସନାତନ ପଣ୍ଡା ପ୍ରଶିକ୍ଷଣ ପରଚାଳନା କରିଥିବାବେଳେ ସହ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ | ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ଏକ ଆମ୍ବଗଛରେ ଆମ୍ବ ବଡ଼ ହୋଇଥିବାବେଳେ ସେଥିରେ ଏବେ ବି ବଉଳ ଧରୁଛି। (ଫଟୋ: ମନୋରଞ୍ଜନ ମିଶ୍ର)

ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ଚିକିତ୍ସା ସୁବିଧା ମିଳୁ

ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଅଧିବେଶନ

ଭୁବନେଶ୍ୱର,୪ା୧ (ଅନୁରାଧା ମହାରଣା)

ରାଜ୍ୟର ୯୦ ଭାଗ ନାଗରିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସୁବିଧା ପାଇବା ନେଇ ସରକାର ଘୋଷଣା କରିଥିବାବେଳେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବା ବରିଷ୍ଠ ନାଗରିକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏମାନଙ୍କୁ ରାଜ୍ୟ ସରକାର ଚିକିତ୍ସା ସୁବିଧା ଦିଅନ୍ତୁ ବୋଲି ଗୁରୁବାର ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ପଞ୍ଚଦଶତମ ଅଧିବେଶନରେ ମତ ପ୍ରକାଶ ପାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଦିଗରେ ସରକାର ଶୀଘ୍ର ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଗଠନର ମୁଖ୍ୟ ଉପଦେଷ୍ଟା ଦୁର୍ଗାଚରଣ ନାୟକ ଉଦ୍‌ଘାଟନ କରିଥିଲେ। ସଭାପତି ଶରତ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ସର୍ବଭାରତୀୟ ରାଜ୍ୟ ପେନସନର୍ସ ଫେଡ଼େରେଶନ ଅଧ୍ୟକ୍ଷ ପି. କେ. ଶର୍ମା ମୁଖ୍ୟ ଅତିଥି, ମହାସଚିବ ଡି. ସୁଧାକର ମୁଖ୍ୟବକ୍ତା, ଅର୍ଥ ସଚିବ ଏ. ରାଜେନ୍ଦ୍ର ବାବୁ ଏବଂ ପେନସନର୍ସ ଭଏସ୍‌ର ମୁଖ୍ୟ ସମ୍ପାଦକ ଏସ୍.ଏସ୍ ଦୁବେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଲୋକନାଥ ରଥ କହିଲେ, ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ସୁବିଧା, କମିଶନଙ୍କ ସୁପାରିସ ଅନୁଯାୟୀ ପେନ୍‌ସନ ସମ୍ପର୍କିତ ପ୍ରଥମ ଫର୍ମୁଲା ରାଜ୍ୟରେ କାର୍ଯ୍ୟକାରୀ କରାଯାଉନାହିଁ। ଏହି ବ୍ୟତିକ୍ରମଗୁଡ଼ିକ ଦୂର କରିବା ସହିତ ଅତିରିକ୍ତ ପେନସନ ୬୫ ବର୍ଷରୁ ଦେବା, ସ୍ଥଗିତ ମହଙ୍ଗା ଭତ୍ତା ପ୍ରଦାନ, ସର୍ବନିମ୍ନ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି, ପୁରୁଣା ପେନସନ ନିୟମ ଓ ବରିଷ୍ଠ ନାଗରିକଙ୍କୁ ରେଳଯାତ୍ରାରେ ରିହାତି ପ୍ରଦାନର ପୁନଃ ପ୍ରଚଳନ ଆଦି ଦାବି ପୂରଣ ପାଇଁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସଂଘର ୨ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା।

ବଇଚୁଆଁରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ

ବାଲିଅନ୍ତା,୪ା୧ (ନୀଳମାଧବ ସାହୁ)

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ବାଲିଅନ୍ତା ବ୍ଲକର ବଇଚୁଆଁ ପଞ୍ଚାୟତ ଅଧୀନ ବଔଇ ସାହିରେ ଗୁରୁବାର ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ କ୍ଲବ ଗୃହରେ ଖୋର୍ଦ୍ଧା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ ଆନୁକୂଲ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଖୋର୍ଦ୍ଧାର ଉପନିର୍ଦ୍ଦେଶକ ପ୍ରବୀଣା ନାୟକ, ହସ୍ତଶିଳ୍ପ ବିକାଶ ଅଧିକାରୀ ବିଜୟ ଲକ୍ଷ୍ମୀ ପରିଡ଼ା, ଗୌରବ ସେନାପତି, ଉତ୍କଳିକାର ବୋର୍ଡ ମେମ୍ବର ଜୟରାମ ସାହୁ, ଯତିନ ସାହୁ, କଂସାରି ସମାଜ ଉନ୍ନୟନ ପରିଷଦ ସଭାପତି ନବୀନ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ତାଲିମକାରୀଙ୍କୁ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ଗ୍ରାମର ନିପୁଣ ହସ୍ତଶିଳ୍ପୀ ଧରଣୀଧର ସାହୁ ୧୫ ଜଣ ମହିଳା ଓ ପୁରୁଷଙ୍କୁ କଂସା, ପିତଳ ବାସନ ଉପରେ ବିଭିନ୍ନ ଚିତ୍ରାଙ୍କନ ତାଲିମ ପ୍ରଦାନ କରିବେ।

ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ୍ ଲିଭର ସାଇନ୍ସ ପକ୍ଷରୁ ଆଡ୍‌ଭାନ୍ସ ଏଣ୍ଡୋସ୍କୋପି ସମ୍ମିଳନୀ

ଭୁବନେଶ୍ୱର,୪ା୧ (ଅନୁରାଧା ମହାରଣା)

ସାଇ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ୍ ଲିଭର ସାଇନ୍ସ ପକ୍ଷରୁ ବୁଧବାର ଆଡ୍‌ଭାନ୍ସ ଏଣ୍ଡୋସ୍କୋପି ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡ଼ିଓ ବାର୍ତ୍ତା ଉପସ୍ଥାପନା କରାଯାଇଥିଲା। ଦେଶବିଦେଶରୁ ଅନେକ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଆଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ କହିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟକୁ କେତେ ଗୁରୁତ୍ୱ ଦେବା କଥା ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଆଧୁନିକ ଏଣ୍ଡୋସ୍କୋପିର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଓ ମେଡ଼ିସିନ୍ ବିଭାଗର ବହୁ ବରିଷ୍ଠ ଡାକ୍ତର ଯୋଗଦେଇ ଏଣ୍ଡୋସ୍କୋପିକ୍ ଚିକିତ୍ସା ଉପରେ କହିଥିଲେ। ଡା. ଆଶୁତୋଷ ମହାପାତ୍ର ସ୍ୱାଗତ ଭାଷଣ ଓ ଡାକ୍ତର ସୋନମୁନ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେଣ୍ଟ୍ରାଲ ବ୍ୟାଙ୍କ ସେବା ନିବୃତ୍ତ କର୍ମଚାରୀଙ୍କ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,୪ା୧ (ଶର୍ମିଷ୍ଠା ପାଣିଗ୍ରାହୀ)

ସେଣ୍ଟ୍ରାଲ ବ୍ୟାଙ୍କ ସେବା ନିବୃତ୍ତ କର୍ମଚାରୀଙ୍କ ବାର୍ଷିକ ସମ୍ମିଳନୀ ଗୁରୁବାର ବୁଦ୍ଧ ମନ୍ଦିରଠାରେ ବିଶ୍ୱରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ସଂଶୋଧନ, ସ୍ୱାସ୍ଥ୍ୟବୀମା ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ ନିମନ୍ତେ ନିରଞ୍ଜନ ମିଶ୍ର, ଶରତ ଚନ୍ଦ୍ର ରାଉତ ଓ କିଶୋର ଚନ୍ଦ୍ର ଜେନା ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ଡ. ଅଭିରାମ ଦାସ ଓ ଜି. ଅମୂଲ ରାଓ କଳା, ସାହିତ୍ୟ, ଧର୍ମ ଓ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ରବୀନ୍ଦ୍ରନାଥ ଦାସ, ଓଁକାର ମହାନ୍ତି, ନିରଞ୍ଜନ ରାଉତ, ବୈଦ୍ୟନାଥ ପଣ୍ଡା ଓ କୈଳାସ ଚନ୍ଦ୍ର ପରିଡା ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଦାବି ଓ ବ୍ୟାଙ୍କରେ ଥିବା ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ଆଲୋଚନା କରିଥିଲେ। ସୁଦର୍ଶନ ରାଜ ଅବସର ପରେ କିଭଳି ସରଳ ଜୀବନଯାପନ ସହ ସ୍ୱାସ୍ଥ୍ୟର ଯତ୍ନ ନେଇ ହେବ ସେ ଉପରେ ଆଲୋକପାତ କରିଥିଲେ। ରବୀନ୍ଦ୍ରନାଥ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ୟୁନିଭର୍ସାଲ ବ୍ରେଲ କିଟ୍ ବଣ୍ଟନ

ଭୁବନେଶ୍ୱର, ୪ା୧ (ବନ୍ଦନା ସେଠୀ)

ସ୍ୱାଭିମାନ ଏବଂ କିଓରବେ କ୍ଲିନିକ ପକ୍ଷରୁ ବିଶ୍ୱ ବ୍ରେଲ ଦିବସ ଓ ଲୁଇସ ବ୍ରେଲଙ୍କ ୨୧୫ତମ ଜୟନ୍ତୀ ଭାରତୀୟ ବିଦ୍ୟା ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ଲୁଇସ୍ ବ୍ରେଲ୍‌ଙ୍କ ଜୀବନୀ ସମ୍ପର୍କରେ ଅତିଥିମାନେ କହିଥିଲେ। ଏଥିସହ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୩୦ଜଣ ଦୃଷ୍ଟିହୀନ ମେଧାବୀ ଛାତ୍ରୀଛାତ୍ରଙ୍କୁ ୟୁନିଭର୍ସାଲ ବ୍ରେଲ କିଟ୍ ବଣ୍ଟନ କରାଯାଇଥିଲା। ଉକ୍ତ କିଟରେ ଜର୍ମାନର ବ୍ରେଲ ସ୍ଲେଟ, ଷ୍ଟାଇଲସ, ଆବାକସ, ଟେଲର ଫ୍ରେମ, ମୋବିଲିଟୀ କେନ, ହିନ୍ଦୀ ଓ ଇଂଲିଶ ବ୍ରେଲ ବର୍ଣ୍ଣମାଳା ବୋର୍ଡ, ଟେକ୍‌ଟାଇଲ ଜାମିତିକ ସାମଗ୍ରୀ, ଷ୍ଟୋରୀବୁକ ଏବଂ ବ୍ରେଲ ଲିପିରେ ମୁଦ୍ରିତ ହୋଇଥିବା ନୂତନ ବର୍ଷର କ୍ୟାଲେଣ୍ଡର ଭଳି ଉପକରଣ ରହିଛି। ଏହା ପିଲାଙ୍କୁ ପାଠପଢ଼ାରେ ସାହାଯ୍ୟ କରିବ। ଅତିଥି ଭାବେ ଅନ୍ତର୍ନିବେଶୀ ଶିକ୍ଷାର ସଂଯୋଜକ ଅଶୋକ କୁମାର ମହାପାତ୍ର, ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପଶାସନ ସଚିବ ସନ୍ୟାସୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବ୍ରେଲ କିଟ୍‌ପ୍ରଦାନ କରିଥିଲେ। ଏଥିସହ ସେମାନଙ୍କ ନିମନ୍ତେ ବ୍ରେଲି ଅକ୍ଷରର ଆବଶ୍ୟକତା ଏବଂ ସରକାରଙ୍କ ନିୟମ ଏବଂ ସୁବିଧା ବିଷୟରେ ଅବଗତ କରାଇଥିଲେ। ନିମନ୍ତ୍ରିତ ଅତିଥି ଓ ବିଭିନ୍ନ ଜିଲାରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନୂତନ ବର୍ଷର କ୍ୟାଲେଣ୍ଡର ଏବଂ ଦିବ୍ୟାଙ୍ଗଙ୍କ ଅଧିକାର ଅଧିନିୟମ ୨୦୧୬ର ବ୍ରେଲ ଲିପିରେ ମୁଦ୍ରିତ ହୋଇଥିବା ପୁସ୍ତକ ପ୍ରଦାନ କରାଯାଇଥିଲା। ଭାବଗ୍ରାହୀ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସହ କୁଇଜ ପ୍ରତିଯୋଗିତା ଏହି ଦିବସର ମୁଖ୍ୟ ଆକର୍ଷଣ ଥିଲା।

ଅତିଥିଙ୍କଠାରୁ ୟୁନିଭର୍ସାଲ ବ୍ରେଲ କିଟ୍ ଗ୍ରହଣ ଅବସରରେ ଦୃଷ୍ଟିହୀନ ମେଧାବୀ ଛାତ୍ରୀଛାତ୍ର।

ରାଜ୍ୟପାଳଙ୍କୁ ଦିଆସିଲି କାଠିର କଳାକୃତି ଉପହାର ଦେଲେ ଶାଶ୍ୱତ

ପୁରୀ,୪ା୧ (ଅଜିତ୍ ମହାନ୍ତି)

ରାଜଭବନରେ ଗୁରୁବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଦିଆସିଲ କାଠିରେ ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରିଛନ୍ତି ପୁରୀ କୁମ୍ଭାରପଡ଼ା ଅଞ୍ଚଳର ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ। ରାଜ୍ୟପାଳ ଏହି କଳାକୃତି ଦେଖି ତାଙ୍କୁ ପ୍ରଶଂସା କରିଥିଲେ। ରାଜ୍ୟପାଳଙ୍କୁ ଭେଟିବା ଓ ଉପହାର ଦେବା ମୋ ପାଇଁ ସ୍ମରଣୀୟ ମୁହୂର୍ତ୍ତ ବୋଲି ଶାଶ୍ୱତ କହିଛନ୍ତି। ଏହି ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଶାଶ୍ୱତଙ୍କୁ ୩ ଦିନ ଲାଗିଥିବା ବେଳେ କଳାକୃତିରେ ସମୁଦାୟ ୬୨୨ଟି ଦିଆସିଲି କାଠି ବ୍ୟବହାର କରିଛନ୍ତି।

ଦେବୋତ୍ତର ଆୟୁକ୍ତଙ୍କ ବିନା ଅନୁମତିରେ ଡିପିଆର୍ ପ୍ରସ୍ତୁତ

କଟକ ସଦର,୪ା୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳରେ ଥିବା ପରମହଂସନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୫- ଟି ଆନୁକୂଲ୍ୟରେ ପ୍ରାୟ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ତାଲିକା(ଡିପିଆର) ପ୍ରସ୍ତୁତ କରିବାକୁ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ.୨ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଡିପିଆର ପ୍ରସ୍ତୁତ ସମୟରେ ମନ୍ଦିର ପରିଚାଳନା କମିଟିର କୌଣସି ଅଧିକାରୀ କିମ୍ବା ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ନିଆଯାଇ ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ଏହାଛଡା ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ

ପରମହଂସନାଥ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ପ୍ରସଙ୍ଗ

ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ମଧ୍ୟ ସମ୍ପୃକ୍ତ ସଂସ୍ଥାର ଆଗୁଆ ଅନୁମତି ନିଆଯାଇନାହିଁ। ଦେବୋତ୍ତର ଆୟୁକ୍ତଙ୍କ ବିନା ଅନୁମତିରେ ଏବେ ଉକ୍ତ ଡିଭିଜନ ପକ୍ଷରୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଡିଭିଜନର ଜନସୂଚନା ଅଧିକାରୀ ତଥା ସହକାରୀ ନିର୍ବାହୀଯନ୍ତ୍ରୀ ପତ୍ରସଂଖ୍ୟା ୯୩୨୧ / ୩୦।୧୨।୨୦୨୩ରେ ତଥ୍ୟ ପ୍ରଦାନ କରିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗତବର୍ଷ ସେପ୍ଟେମ୍ବର ୯ ତାରିଖରେ ପରମହଂସ ଗସ୍ତ କରିବାବେଳେ ମନ୍ଦିରର ଉନ୍ନତି ପାଇଁ ସ୍ଥାନୀୟ ଲୋକମାନେ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେଥିପାଇଁ ରାଜ୍ୟ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ଦତ୍ତ ପତ୍ରସଂଖ୍ୟା ୧୬୫୮୭ / ୬।୧୦।୨୦୨୩ରେ କଟକର ରାସ୍ତା ଓ କୋଠାବାଡ଼ି ଡିଭିଜନ ନଂ.୨ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଉକ୍ତ ଡିଭିଜନ ପକ୍ଷରୁ ୪ କୋଟି ୯୬ ଲକ୍ଷ ୪୦ ହଜାର ଟଙ୍କାର ଡିପିଆର ପ୍ରସ୍ତୁତ କରାଯାଇଛି। ମାତ୍ର ହାଇକୋର୍ଟରେ ମାମଲା ରୁଜୁ ହୋଇଥିବାରୁ ମନ୍ଦିରର ଟ୍ରଷ୍ଟ ବୋର୍ଡ ଗଠନ କରାଯାଇନାହିଁ। ସେହିପରି ସାମୟିକ ଭାବେ ମନ୍ଦିର ପରିଚାଳନା ଦାୟିତ୍ୱ ତୁଲାଉଥିବା କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ଡିପିଆର୍ ପ୍ରସ୍ତୁତବେଳେ ନିଆଯାଇନାହିଁ ବୋଲି ସମ୍ପୃକ୍ତ ସୂଚନା ଅଧିକାରୀଙ୍କ ପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ୧୯୯୮ ଅକ୍ଟୋବର ୫ରେ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନକୁ ଯାଇଛି। ଓଡ଼ିଶା ପ୍ରାଚୀନ କୀର୍ତ୍ତି ସଂରକ୍ଷଣ ଆଇନ ୧୯୫୬ ଧାରା ୫ ଓ ୧୬ ମୁତାବକ ମୁଖ୍ୟ ମନ୍ଦିରର ୧୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ନିର୍ମାଣ ହୋଇପାରିବ ନାହିଁ। ଏହାଛଡା ଅନ୍ୟ କୌଣସି ନିର୍ମାଣ ଆରମ୍ଭ ପୂର୍ବରୁ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଯନ୍ତ୍ରୀଙ୍କ ଉପସ୍ଥିତି ସହ ଅନୁମତି ନିହାତି ଆବଶ୍ୟକ ବୋଲି ପତ୍ରସଂଖ୍ୟା ୨୩୫୬/୧୫।୩।୨୦୨୩ରେ ପ୍ରତ୍ନତତ୍ତ୍ୱ ବିଭାଗ ଜଣାଇଛି। ସେହିପରି ମନ୍ଦିରର ଅସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ମଲ୍ଲଙ୍କୁ ମଧ୍ୟ କିଛି ପଚରା ଯାଇ ନ ଥିବା ସେ କହିଛନ୍ତି।

ସଂକ୍ଷେପରେ

ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୬ ମତ୍ସ୍ୟଜୀବୀ ଅଟକ

ଅସ୍ତରଙ୍ଗ,୪।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ତେବେ ଗୁରୁବାର ଦେବୀ ମୁହାଣ ନିକଟରେ ମା' ଜାଗେଶ୍ୱରୀ ନାମକ ଟ୍ରଲର (ଆଇ ଏନ୍ ଡି -ଓ ଆର୍ -୦୫-ଏମ୍ ଏମ୍ -୩୩୯) ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଅସ୍ତରଙ୍ଗ ବନ ବିଭାଗ ପହଞ୍ଚି ତାକୁ ଜବତ କରିଛି। ଜବତ ଟ୍ରଲରରୁ ୬ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଅଟକ ରଖିଛି। ଟ୍ରଲର ଜବତ ସମୟରେ ବନବିଭାଗ ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ନିର୍ମଳ ପାତ୍ର, ଯୋଗେନ୍ଦ୍ର ପ୍ରଧାନ, ଶଶିକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଲିଭରିଡ୍‌ଲେ କଇଁଛଙ୍କ ଆଗମନ ଯୋଗୁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି। ତେବେ ନଭେମ୍ବର ୧ରେ ନିଷିଦ୍ଧାଞ୍ଚଳରୁ ପାରାଦୀପ ଅଞ୍ଚଳର ଏକ ଟ୍ରଲର ଜବତ ହୋଇଥିଲା, ନଭେମ୍ବର ୨ରେ ବାଲେଶ୍ୱର ଅଞ୍ଚଳର ମଙ୍ଗଳା ନାମକ ଟ୍ରଲର ଜବତ ମଧ୍ୟ ହୋଇଥିଲା।

ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ଡେଲାଙ୍ଗ,୪।୧(ରଶ୍ମିରଞ୍ଜନ ପ୍ରଧାନ)

ଭୁବନେଶ୍ୱରସ୍ଥିତ ହାଇଟେକ୍ ହସ୍ପିଟାଲର ଏସି ମରାମତିବେଳେ କମ୍ପ୍ରେସର ଗ୍ୟାସ ଫାଟିଯିବାରୁ ୪ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତ ଶ୍ରୀମନ୍ତ ସାହୁ (୨୩)ଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ୧ ତାରିଖରେ ହରିରାଜପୁର ପଞ୍ଚାୟତ ବଅଙ୍ଗ ଗ୍ରାମର ଦିଲୀପ ସାମନ୍ତରାୟଙ୍କ ମୃତ୍ୟୁ ଘଟିଥିଲା। ଉଭୟ ଶୋକ ସନ୍ତପ୍ତ ପରିବାରଙ୍କୁ ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ଦିଲୀପ ରାଉତରାୟ, ଜୟମନ୍ୟୁ ସାମନ୍ତରାୟ, ସୁଶାନ୍ତ ସେଠୀ, ବିଜୟ ପ୍ରଧାନ ଓ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା ପ୍ରମୁଖ ଭେଟି ପରିବାରକୁ ସାନ୍ତ୍ୱନା ଦେବା ସହ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ପରିବାର ପାଖରେ ଜିଲା ପ୍ରଶାସନ ପହଞ୍ଚି ନ ଥିବା ମିଶ୍ର ଆରୋପ କରିଛନ୍ତି।

ବେଆଇନ ୩ ବାଲି ବୋଝେଇ ହାଇୱା ଜବତ

ବାରଙ୍ଗ,୪।୧(ଲିଙ୍ଗରାଜ ରାଉତ)

୩ଟି ବାଲି ବୋଝେଇ ହାଇୱାକୁ ଲଘୁଖଣିଜ ବିଭାଗର ଅଧିକାରୀ ବୁଧବାର ବିଳମ୍ବିତ ରାତିରେ ଜବତ କରି ବାରଙ୍ଗ ଥାନାରେ ଜିମା ଦେଇଛନ୍ତି। ଜବତ ଗାଡ଼ିଗୁଡିକ ହେଲା ଓଡ଼ି ୦୨ ବିଏସ୍ ୧୪୧୭, ଓଡ଼ି ୦୨ ଏଲ୍ ୨୦୪୦ ଏବଂ ଓଡି ୦୫ ଟି ୫୫୮୧। ଏହି ଗାଡ଼ିଗୁଡ଼ିକ ବାରଙ୍ଗ ତହସିଲ ଅଞ୍ଚଳର ବିଭିନ୍ନ ବାଲି ଘାଟରୁ ବେଆଇନ ଭାବେ ବାଲି ନେଇ ଚାଲାଣ କରୁଥିବାବେଳେ ଧରାପଡ଼ିଥିଲା। ବାଲି ଚାଲାଣର ଠିକ୍ କାଗଜପତ୍ର ନ ଦେଖାଇ ପାରିବାରୁ ଗାଡ଼ିକୁ ଜବତ କରାଯାଇଛି। ଗତ କିଛି ଦିନ ହେବ ବାରଙ୍ଗ ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ମାଫିଆମାନେ ସ୍ଥାନୀୟ ପ୍ରଶାସନକୁ ହାତଗୁଞ୍ଜା ଦେଇ ନିର୍ବିଘ୍ନରେ ଚଳାଇଥିବା ଦେଖିବାକୁ ମିଳିଛି।

ଉଦ୍‌ଘାଟନ ପରଠୁ ଶୌଚାଳୟରେ ତାଲା

ଖୋର୍ଦ୍ଧା,୪।୧(ପ୍ରଭାତ ପାଣିଗ୍ରାହୀ)

ଲୋକେ ହଇରାଣ
- ସ୍ୱଚ୍ଛତା, ପରିମଳ ଆଳରେ ଅର୍ଥ ଶ୍ରାଦ୍ଧ
- ନୀରବଦ୍ରଷ୍ଟା ସାଜିଛି ପୌର ପ୍ରଶାସନ

ଖୋର୍ଦ୍ଧା ପୌର ପରିଷଦରେ ସ୍ୱଚ୍ଛତା ଏବଂ ପରିମଳ ପ୍ରହସନ ପାଲଟିଛି। ଲୁ(ପରିସ୍ରାଗାର)ରେ ତାଲା ଝୁଲୁଥିବା ବେଳେ ୩ବର୍ଷ ପରେ ନୂଆ ବସ୍‌ଷ୍ଟାଣ୍ଡ ଏବଂ ପୁରୁଣା ମେଡିକାଲ ରୋଡ୍ (ପୁରୁଣା ପେଟ୍ରୋଲ ପମ୍ପ ନିକଟ) ରେ ପୁନରୁଦ୍ଧାର ହୋଇଥିବା ଦୁଇଟି ଶୌଚାଳୟ ଉଦ୍‌ଘାଟନ ପରେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଉଭୟ ସ୍ଥାନରେ ଅପେକ୍ଷା କରୁଥିବା ଲୋକେ ପରିସ୍ରା କରିବାକୁ ହଇରାଣ ହେଉଛନ୍ତି। ବିଶେଷକରି ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ରାସ୍ତାପାର୍ଶ୍ୱରେ ପରିସ୍ରା କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଉଭୟ ଶୌଚାଳୟ ତାଲା ଝୁଲୁଥିବା ବେଳେ ଆଗରେ ଅଳିଆ, ଆବର୍ଜନା ପଡ଼ିରହିଛି। ଲୋକେ ହଇରାଣ ହେଉଥିବା ବେଳେ ପୌର ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ପୌର ପ୍ରଶାସନ ବିଫଳ ହୋଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଉଭୟ ସ୍ଥାନରେ ସୁଲଭ ଅନୁଷ୍ଠାନ ଅଧୀନରେ ଏହି ଶୌଚାଳୟ ଚାଲିଥିଲା। ୨୦୨୦ ମସିହାରୁ ଏହା ବନ୍ଦ ରହିଥିଲା। ଏନେଇ ବିଭିନ୍ନ ମହଲରେ ପ୍ରତିବାଦ ପରେ ପୌର ପ୍ରଶାସନ ପକ୍ଷରୁ ୨୦୨୩ ମସିହାରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର କରାଯାଇଥିଲା। ପୁରୁଣା ପେଟ୍ରୋଲ ପମ୍ପ ନିକଟ ଶୌଚାଳୟ ଗତ ସ୍ୱାୟତ୍ତ ଶାସନ ଦିବସ ଅଗଷ୍ଟ ମାସ ଏବଂ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଶୌଚାଳୟ ଡିସେମ୍ବରରେ ଉଦ୍‌ଘାଟନ ହୋଇଥିଲା। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ଏବଂ ସ୍ଥାନୀୟ କାଉନସିଲରଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଗତ ଡିସେମ୍ବରରୁ ଏହି ଦୁଇ ଶୌଚାଳୟ କାର୍ଯ୍ୟକ୍ଷମ ହେବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଶୌଚାଳୟ ଖୋଲିବା ପରିବର୍ତ୍ତେ ତାଲା ଝୁଲୁଛି। ତେବେ କେଉଁ ଉଦ୍ଦେଶ୍ୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଛି, ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସାମାଜିକ କର୍ମୀ ପ୍ଲାବନ ପଟ୍ଟନାୟକ କହିଛନ୍ତି, ସ୍ୱଚ୍ଛତା ଏବଂ ପରିମଳ ପାଇଁ ପୌର ପ୍ରଶାସନ ପକ୍ଷରୁ ଅର୍ଥ ଶ୍ରାଦ୍ଧ ହେଉଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ପୌର ପ୍ରଶାସନ ଏକପ୍ରକାର ସ୍ଥାଣୁ ପାଲଟିଛି ବୋଲି ଖୋର୍ଦ୍ଧା ସଚେତନ ମଞ୍ଚ ଆବାହକ ଶୋଭନ ଘୋଷ କହିଛନ୍ତି। ସ୍ଥାନୀୟ ବାସିନ୍ଦା ବିଷ୍ଣୁନାରାୟଣ ସାହୁ କୁହନ୍ତି, ବହୁ ଦିନ ହେଲା ଶୌଚାଳୟ ବନ୍ଦ ପଡିଛି। ତାହା ଆଗରେ ଅଳିଆ ଆବର୍ଜନାମୟ ହୋଇପଡିଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ। ଜନଜାଗରଣ ମଞ୍ଚ ଆବାହକ ରଣଜିତ ମହାପାତ୍ର କହିଛନ୍ତି, ସହରରେ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପରିସ୍ରାଗାର ନିର୍ମାଣ କରାଯାଇଥିବା ବେଳେ ଏହା ଆରମ୍ଭ ଦିନଠାରୁ ତାଲା ଝୁଲୁଛି। ସ୍ଥାନୀୟ ବ୍ୟବସାୟୀ ଶ୍ୟାମ ସୁନ୍ଦର ଦାଶ କହିଛନ୍ତି, ବ୍ୟବସାୟୀଙ୍କଠାରୁ ସାଧାରଣ ଲୋକେ ବହୁ ହଇରାଣ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ବରିଷ୍ଠ ନାଗରିକ ଆଜମ ଖାଁ କୁହନ୍ତି, ପ୍ରଶାସନ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇପାରୁନାହିଁ। ଜିଲା ମୁଖ୍ୟାଳୟ ସତ୍ତ୍ୱେ ଏଠାରେ ଶୌଚାଳୟ ନାହିଁ। ଅନ୍ୟପକ୍ଷରେ ଏନେଇ ପୌର ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି କହିଛନ୍ତି, ଖୁବଶୀଘ୍ର ଏହି ଦୁଇ ଶୌଚାଳୟ କାର୍ଯ୍ୟକ୍ଷମ କରାଯିବ। ପରିସ୍ରାଗାରକୁ ନିୟମିତ ଭାବେ ଖୋଲିବା ପାଇଁ ଗୁରୁତ୍ୱ ଦିଆଯିବ।

ବ୍ଲକ୍‌ସ୍ତରୀୟ ଆଲୁମ୍‌ନି କମିଟି ବୈଠକ

ଟାଙ୍ଗୀ,୪।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକସ୍ତରୀୟ ଆଲୁମ୍‌ନି କମିଟି ବୈଠକ ଆଭାସି ମାଧ୍ୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଦୁଇ ଜଣ ଲେଖାଏ ଆଲୁମ୍‌ନି ସଦସ୍ୟ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ମଧ୍ୟ ଯୋଗଦେଇଥିଲେ। ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ସାମିଲ ହୋଇଛନ୍ତି। ସରକାର ଏହି କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ତେଣୁ ଅଧିକ ସଂଖ୍ୟାରେ ପୁରାତନ ଛାତ୍ରୀଛାତ୍ର ସେମାନଙ୍କର ଶିକ୍ଷାନୁଷ୍ଠାନ ସହିତ ଯୋଡି ହେବା ପାଇଁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଟାଙ୍ଗୀ ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ବଳରାମ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ପୁରାତନ ଛାତ୍ର ସଂସଦ ଉପସଭାପତି ଡା. ମଧୁସୂଦନ ସେନାପତି ଓ ସମ୍ପାଦକ ବିଜୟ କୁମାର ରାଉତ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।

ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ବିଜେବି ହାଇସ୍କୁଲ, ସିଗ୍‌ମା ପବ୍ଲିକ ସ୍କୁଲ ଏବଂ ଜାଗୃତି ଅନୁଷ୍ଠାନ ପକ୍ଷରୁ ଗୁରୁବାର ବାହାରିଥିବା ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା।

ସଡ଼କ ସୁରକ୍ଷା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା,୪।୧(ପ୍ରଭାତ ପାଣିଗ୍ରାହୀ)

ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ବିଜେବି ହାଇସ୍କୁଲ, ସିଗ୍‌ମା ପବ୍ଲିକ ସ୍କୁଲ ଏବଂ ସାମାଜିକ ଅନୁଷ୍ଠାନ ଜାଗୃତି ମିଳିତ ଆନୁକୂଲ୍ୟରେ ଗୁରୁବାର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ, ଶିକ୍ଷୟିତ୍ରୀ ଓ ଶିକ୍ଷକ, ସାମାଜିକ କର୍ମୀ ପ୍ରମୁଖ ସାମିଲ ହୋଇ ସଚେତନତା ବାର୍ତ୍ତା ଦେଇଥିଲେ। ଭୁବନେଶ୍ୱର ପରିବହନ ଅଧିକାରୀ-୨ ସନତ୍ ଜେନା ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରି କହିଥିଲେ, ୨୦୨୨ରେ ଓଡ଼ିଶାରେ ୫୪୬୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧,୬୬୩ ଦୁର୍ଘଟଣା ଘଟିଛି। ୧୮ରୁ ୪୫ରୁ ମୃତକଙ୍କ ସଂଖ୍ୟା ୬୯ପ୍ରତିଶତ ରହିଛି। ପ୍ରତିବର୍ଷ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଚଳିତ ବର୍ଷ ବାର୍ତ୍ତା ରହିଛି ସଡ଼କ ସୁରକ୍ଷା ଜୀବନ ରକ୍ଷା। ଯାନବାହନ ଚଳାଇବା ବେଳେ ସଚେତନ ରହିଲେ ସୁରକ୍ଷିତ ରହିବେ। ଟ୍ରାଫିକ ନିୟମ ମାନି ଯାନବାହନ ଚଳାଇଲେ, ଦୁର୍ଘଟଣାରୁ ବର୍ତ୍ତିପାରିବେ। ବାଇକ ଚଳାଇବା ବେଳେ ହେଲମେଟ୍ ଏବଂ କାର ଚଳାଇବା ବେଳେ ସିଟ ବେଲ୍ଟ ବାନ୍ଧନ୍ତୁ। ସେହିପରି ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ କହିଥିଲେ, ନାବାଳକଙ୍କୁ ଗାଡି ଚଳାଇବାକୁ ଦିଅନ୍ତୁ ନାହିଁ। ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏଥିଲାଗି ଅଭିଭାବକମାନେ ସଚେତନ ହେବା ଜରୁରୀ। ପ୍ରତିବର୍ଷ ଜିରୋ ଟଲରାନ୍ସ ପ୍ରତି ଗୁରୁତ୍ୱ ଦିଆଯାଉଛି। କାର୍ଯ୍ୟକ୍ରମରେ ବିଜେବି ହାଇସ୍କୁଲ ଏନ୍‌ସିସି ଅଫିସର ବିଭୁ ପ୍ରସାଦ ସେନାପତି, ଜାଗୃତି ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଗୋପାଳ ଦାସ, ସିଗ୍‌ମା ପବ୍ଲିକ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଖୋର୍ଦ୍ଧା ଏମ୍‌ଭିଆଇ ଦେବାଶିଷ ପାଇକରାୟ, ଭୁବନେଶ୍ୱର ଏମ୍‌ଭିଆଇ ସୁସ୍ମିତା ବେହେରା, ଟିଏସଆଇ ତୃପ୍ତିମୟୀ ଜେନା, ଟିଆଇ ସୁମନ୍ତ ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜାଙ୍କ ଶ୍ରାଦ୍ଧବାର୍ଷିକୀ

ବୋଲଗଡ଼,୪।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମସ୍ଥିତ ଗୋପୀନାଥ ପରିଜା ସ୍ମୃତି ପରିଷଦ ଆନୁକୂଲ୍ୟରେ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଓ ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁ, ସରପଞ୍ଚ ଜଳଧର ମହାନ୍ତି, ସମିତି ସଭ୍ୟା ବିନୋଦିନୀ ଦତ୍ତ, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ରବୀନ୍ଦ୍ର ପରିଡ଼ା, ବିଜୟ ମହାନ୍ତି ଯୋଗଦେଇଥିଲେ। ଉତ୍ସବରେ ଶିକ୍ଷାବିତ୍ ସୁମନ୍ତ ଛୋଟରାୟ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଦୟାନିଧି କର ବେଦ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ବିଜୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜ ପରିବର୍ତ୍ତନ ପାଇଁ ଭଲଲୋକ ଏକାଠି ହୁଅନ୍ତୁ ବୋଲି ମୁଖ୍ୟ ଅତିଥି ପଟ୍ଟନାୟକ କହିଥିଲେ। ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ର ସାଥୁଆ, ଶ୍ରୀଧର ଦତ୍ତ, ନିରଞ୍ଜନ ନାୟକ ସହଯୋଗ କରିଥିଲେ। ଶିକ୍ଷାବିତ୍ ଗୋପୀନାଥ ବେହେରା ଧନ୍ୟବାଦ ଦେଇଥିଲେ।

ଚକ୍ଷୁ ପରୀକ୍ଷା ଶିବିର

ଖୋର୍ଦ୍ଧା,୪।୧(ପ୍ରଭାତ ପାଣିଗ୍ରାହୀ)

ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଖୋର୍ଦ୍ଧା ବସ୍ ମାଲିକ ସଂଘ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ ଏକ ଚକ୍ଷୁ ପରୀକ୍ଷଣ ଶିବିର ନୂଆ ବସ୍‌ଷ୍ଟାଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସହ ଅନୁବନ୍ଧିତ ସଦସ୍ୟାମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗ ବିଶେଷଜ୍ଞ ଡା. ଅର୍ଚ୍ଚନା ରଥଙ୍କ ସମେତ ଏକ ଟିମ୍ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଶିବିରରେ ଭୁବନେଶ୍ୱର ଆରଟିଓ-୨ ସନାତନ ଜେନା, ଖୋର୍ଦ୍ଧା ଏମ୍‌ଭିଆଇ ଦେବାଶିଷ ପାଇକରାୟ, ଭୁବନେଶ୍ୱର ଏମ୍‌ଭିଆଇ ସୁସ୍ମିତା ବେହେରା, ଟିଏସଆଇ ତୃପ୍ତିମୟୀ ଜେନା, ଟିଆଇ ସୁମନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବସ୍ ମାଲିକ ସଂଘର କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଶୃଙ୍ଖଳିତ ଶିକ୍ଷା ଦ୍ୱାରା ସୁନ୍ଦର ଭବିଷ୍ୟତ ଗଠନ ସମ୍ଭବ

ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ,୪।୧(ହର ପ୍ରସନ୍ନ ପଣ୍ଡା)

ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ତମ ବାର୍ଷିକୋତ୍ସବ

ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ତମ ବାର୍ଷିକୋତ୍ସବ ଓ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତଲତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଅନୁନିବନ୍ଧକ ଅମିତ କୁମାର ସେଠୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଏବଂ ସମ୍ମାନିତ ଅତିଥିଭାବେ ପୁରାତନ ଛାତ୍ର ସଂସଦର ସଭାପତି ଡ.ହରି ପ୍ରସାଦ ଦାସ, ପରିଚାଳନା କମିଟି ସଭାପତି ଶିବ କୁମାର ମୁନି, ଶିକ୍ଷୟିତ୍ରୀ ପ୍ରତିମା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟ, ପୁରାତନ ଛାତ୍ର ସଂସଦର ସମ୍ପାଦକ ଦେବାଶିଷ ସାହୁ, ବରିଷ୍ଠ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁ ଦାସ ଏବଂ ପ୍ରତିଷ୍ଠାତା ନରସିଂହ ଷଡଙ୍ଗୀଙ୍କ ପ୍ରତିମୂର୍ତ୍ତୀରେ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୃଙ୍ଖଳିତ ଶିକ୍ଷା ଦ୍ୱାରା ସୁନ୍ଦର ଭବିଷ୍ୟତ ଗଠନ ସମ୍ଭବ। ଆଧୁନିକ ଯୁଗରେ ପିଲାମାନେ ସବୁବେଳେ ଉନ୍ନତମାନର ଶିକ୍ଷାକୁ ଆପଣେଇ ଦେଶମାତୃକାର ଟେକ ବଜାୟ ରଖ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀସ୍ମିତା ବିଦ୍ୟାଳୟର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ଶିକ୍ଷକ ରବୀନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅଜିତ କୁମାର ପୁରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

୨ ଦିନିଆ ରିମାଣ୍ଡରେ ଶ୍ରୀବସ୍ତ

ଖୋର୍ଦ୍ଧା,୪।୧(ପ୍ରଭାତ ପାଣିଗ୍ରାହୀ)

ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ବରୁଣେଇ ନଗରର ଶ୍ରୀବସ୍ତ ପରମଗୁରୁଙ୍କୁ ଗିରଫ କରି ଜେଲକୁ ପଠାଇଥିଲା। ତେବେ ଦୁଇଦିନ ରିମାଣ୍ଡରେ ଶ୍ରୀବସ୍ତଙ୍କୁ ନେବା ପାଇଁ ପୋଲିସ ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ଲାଗି ଅନୁମତି ଦେଇଛନ୍ତି। ପୋଲିସ ପ୍ରଥମ ଦିନରେ ତାଙ୍କୁ ଜେରା କରିଛି। ଏହି ବନ୍ଧୁକ କେଉଁଠୁ ଆଣିଥିଲେ, ତାଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି,ଏହାର ଚେର କେଉଁଆଡେ ଲମ୍ବିଛି, ପୋଲିସ ଏହାର ଖୋଲତାଡ଼ କରିଛି। ପ୍ରକାଶ ଯେ, ଗତ ଜାନୁୟାରୀ ପହିଲାରେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଶ୍ରୀବସ୍ତଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କଠାରୁ ୩୨ହଜାର ୬ ଶହ ଟଙ୍କା, ଏକ ମାଗାଜିନ ଓ ୨ଟି ଗୁଳି ଜବତ ହୋଇଥିଲା। ଏହି ସମୟରେ ଅଭିଯୁକ୍ତଙ୍କ ସ୍ତ୍ରୀ କୌଶଳକ୍ରମେ ବନ୍ଧୁକ ଓ ଗୁଳି ନେଇ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ଜବରଦଖଲ ଉଚ୍ଛେଦ ପରେ ଅନଶନ ପ୍ରତ୍ୟାହୃତ

ବୋଲଗଡ଼,୪।୧(ଦେବବ୍ରତ ହୋତା)

ବୋଲଗଡ଼ ଗ୍ରାମର ସିଆଳିଆ ନୂଆସାହିରେ ଜଣେ ବ୍ୟକ୍ତି ସରକାରୀ ଜାଗା ଜବରଦଖଲ କରି ଘର କରିଥିବା ବେଳେ ଉକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ବୋଲଗଡ ତହସିଲ ଅଫିସ ଆଗରେ ବୁଧବାର ଆମରଣ ଅନଶନରେ ବସିଥିଲେ ସୁରେନ୍ଦ୍ର ଦଳାଇ। ଏହି ଅନଶନକୁ ସମର୍ଥନ ଜଣାଇ ସାହିର ଅନେକ ମହିଳା ଓ ପୁରୁଷ ମଧ୍ୟ ଧାରଣାରେ ବସିଥିଲେ। ସାହିର ଏକ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଥିବା ସରକାରୀ ଜାଗାରେ ନିର୍ମିତ ଏହି ଘର ଉଚ୍ଛେଦ ପାଇଁ ସାହିବାସିନ୍ଦା ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ତେବେ ଗାନ୍ଧୀ ଫଟୋ ରଖି ଆମରଣ ଅନଶନ କରିବା ପରେ ତହସିଲଦାର ଓ ଥାନା ନୀରିକ୍ଷିକା ସାହିବାସିନ୍ଦାଙ୍କୁ ବହୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଉଚ୍ଛେଦ ପାଇଁ ଅଡି ବସିଥିଲେ। ବେଆଇନଭାବେ ନିର୍ମାଣ ହୋଇଥିବା ଉକ୍ତ ଘରକୁ ଗୁରୁବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ତହସିଲଦାର ନିବେଦିତା ପରିଡ଼ା ଓ ଆଇଆଇସି ସ୍ନିଗ୍ଧାମୟୀ ବରାଳ ଏହି ଉଚ୍ଛେଦ କାର୍ଯ୍ୟ ତଦାରଖ କରିଥିବା ବେଳେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା ଓ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଉଚ୍ଛେଦ ପରେ ମଧ୍ୟାହ୍ନରେ ସାହିବସିନ୍ଦାଙ୍କ ଅନଶନ ପ୍ରତ୍ୟାହୃତ ହୋଇଛି।

ଡ୍ରୋଜର ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

ଫାଇନାଲରେ ଏମ୍‌କେସିସି କ୍ରିକେଟ କ୍ଲବ

ନିରାକାରପୁର,୪।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ମା'ଖଣ୍ଡେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ଜିଲା ଲେମ୍ବୋ ପଞ୍ଚାୟତ ଆରେଡି ଗ୍ରାମ ଖେଳପଡ଼ିଆରେ ଚାଲିଥିବା ମା'ଖଣ୍ଡେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ମା'ଯୋଗେଶ୍ୱରୀ କ୍ରିକେଟ କ୍ଲବ ଯାମୋଳଗଦା ଓ ଏମ୍‌କେସିସି କ୍ରିକେଟ କ୍ଲବ ମୁକୁନ୍ଦପ୍ରସାଦ ମଧ୍ୟରେ ହୋଇଥିଲା। ଟସ୍ ଜିତି ଏମ୍‌କେସିସି କ୍ରିକେଟ କ୍ଲବ ମୁକୁନ୍ଦପ୍ରସାଦ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ବିନିମୟରେ ୨୩୬ ରନ ସଂଗ୍ରହ କରିଥିଲା। ଜବାବରେ ଯୋଗେଶ୍ୱରୀ କ୍ରିକେଟ କ୍ଲବ ଯାମୋଳଗଦା ଟିମ୍ ୧୧ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଏମ୍‌କେସିସି କ୍ରିକେଟ କ୍ଲବ ମୁକୁନ୍ଦପ୍ରସାଦ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟୁଲୁ ଚରଣ ଜେନା ଓ ଅମରେନ୍ଦ୍ର ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଖବରଦାତା ଉମେଶ ପଟ୍ଟନାୟକ, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ର, ସାହୁପଡ଼ା ସରପଞ୍ଚ ଭିକାରୀ ବଳିୟାରସିଂ, ବଡାଲ ସରପଞ୍ଚ ଧନେଶ୍ୱର ଜେନା, ସାମାଜିକକର୍ମୀ ବିକ୍ରମ ନାଥ, ଲଛମନ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୌରଭ ପଟ୍ଟନାୟକ, ଶ୍ରୀକୃଷ୍ଣ ଶ୍ରୀଚନ୍ଦନ, ପ୍ରୀତିଶ ବଳିୟାରସିଂ, ବସନ୍ତ କୁମାର ଗଜେନ୍ଦ୍ର, ବିଶ୍ୱରଞ୍ଜନ ଜେନା, ସୁବାସ ଗଜେନ୍ଦ୍ର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଡିଲାୟନ୍ସ କ୍ଲବ ରାୟପୁର ଓ ଇଅଙ୍ଗଷ୍ଟାର ନିରାକାରପୁର ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଟାଉନ ଟାଇଗର କ୍ଲବ ନୟାଗଡ଼ ସେମିରେ

ବେଗୁନିଆ,୪।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଠାମଳିମ ଗ୍ରାମସ୍ଥିତ ଖେଳପଡିଆରେ ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ନୟାଗଡର ଟାଉନ ଟାଇଗର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର କ୍ୱାର୍ଟର ଫାଇନାଲ ମ୍ୟାଚ ନୟାଗଡ଼ ଟାଉନ ଟାଇଗର କ୍ଲବ ଓ ଖୋର୍ଦ୍ଧା ଜୟ ଦୁର୍ଗା କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହା ଉପରେ ଗୋଲ ଦେଇପାରିନଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଟିମ୍ ପରସ୍ପରଙ୍କୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୫-୩ ଗୋଲରେ ନୟାଗଡ଼ ଟାଉନ ଟାଇଗର କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ, ଟୁଟୁ ବାହିନୀପତି, ସଗିର ଅହମ୍ମଦ ଓ ପ୍ରଫୁଲ୍ଲ କୁମାର ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ଦୟାନ ଖାଁ ମ୍ୟାଚ କମିଶନର ଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଏବଂ ସାମାଜିକ କର୍ମୀ ସନାତନ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ବାଙ୍କୀର ମା'ମଙ୍ଗଳା କ୍ଲବ ଓ ଖଣ୍ଡପଡା ଟାଉନ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବର ସଭାପତି ସୂଚନା ଦେଇଛନ୍ତି।

‘କଟକର ଗୌରବ ହରିଣ ପାର୍କ ରହିବ’

କଟକ,୪।୧(କାର୍ତ୍ତିକ ସାହୁ)

■ ୧୦ରୁ ୨୦ ହରିଣ ରଖିବାକୁ ଅନୁମତି ପାଇଁ ପ୍ରକ୍ରିୟା ଆରମ୍ଭ

■ ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯିବ

ପାର୍କ ପରିସରରେ ଥିବା ହରିଣପଲ।

ମହାନଦୀ ରିଂ ବନ୍ଧ ପାର୍ଶ୍ୱସ୍ଥ ତୁଳସୀପୁର ମଧୁସୂଦନ ନଗର ଅଞ୍ଚଳରେ ଥିବା ହରିଣ ପାର୍କ କଟକର ଗୌରବ। ଏହି ଗୌରବ ବହନ କରୁଥିବା ପାର୍କରେ ଆକର୍ଷଣ ସାଜିଥିବା ହରିଣମାନେ ଆଇନଗତ କାରଣରୁ ଅନ୍ୟତ୍ର ସ୍ଥାନାନ୍ତର ହେବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ତେବେ ବିଭିନ୍ନ ମହଲରୁ ହରିଣ ସ୍ଥାନାନ୍ତର ନେଇ ପ୍ରତିବାଦର ସ୍ୱର ଉଠିଛି। ସ୍ଥାନୀୟ ବାସିନ୍ଦାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନ ଓ ବର୍ଗର ଲୋକେ ହରିଣ ପାର୍କ ସମ୍ପୂର୍ଣ୍ଣ ଉଚ୍ଛେଦକୁ ବିରୋଧ କରିଛନ୍ତି। ଭାଜପା କଟକ ନଗର ପକ୍ଷରୁ ମଧ ଏନେଇ ସ୍ୱର ଉତ୍ତୋଳନ କରାଯାଇଛି। ଶେଷରେ ଉକ୍ତ ପାର୍କରେ କିଛି ହରିଣ ରଖିବା ନିମନ୍ତେ ଆଇନଗତ ଦିଗ ତର୍ଜମା କରି ସରକାରୀ ନିୟମପ୍ରାପ୍ତ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ସିଏମ୍‌ସି ମେୟର ସୁବାସ ସିଂ ଗୁରୁବାର ଗଣମାଧମକୁ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ୧୯୮୧ରେ ମହାନଦୀ ରିଂ ବନ୍ଧ ପାର୍ଶ୍ୱରେ ପ୍ରାୟ ୨.୫ ଏକର ପରିମିତ ଜମିରେ ଆରମ୍ଭ ହୋଇଥିଲା ହରିଣ ପାର୍କ। ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମତିକ୍ରମେ ପ୍ରାଥମିକ ଅବସ୍ଥାରେ ୬ଟି ହରିଣରୁ ଆରମ୍ଭ ହୋଇଥିଲା ଏହି ପାର୍କ। କ୍ରମାଗତ ଭାବରେ ହରିଣଙ୍କ ସଂଖ୍ୟାବୃଦ୍ଧି ଘଟି ଏବେ ୨୯୪ରେ ପହଞ୍ଚିଛି। ତେବେ ସୀମିତ ଜାଗାରେ ବହୁ ସଂଖ୍ୟକ ହରିଣ ରହିବା କାରଣରୁ ବିଭିନ୍ନ ସମସ୍ୟା ଉପୁଜିଲା। ହରିଣମାନେ ପରସ୍ପର ମଧ୍ୟରେ ଲଢ଼େଇ ଲାଗି ମୃତ୍ୟୁବରଣ କଲେ। ସ୍ୱଳ୍ପ ଜାଗାରେ ବେଶି ହରିଣ ହୋଇଯିବାରୁ ସେମାନଙ୍କ ରହିବା କଷ୍ଟକର ହୋଇ ପଡ଼ିଲା। ଏହାକୁ ନେଇ କିଛିବର୍ଷ ଧରି ବାଦବିବାଦ ଲାଗି ରହିଥିଲା। କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ୟତ୍ର ୨ୟ ହରିଣ ପାର୍କ କରିବା ପାଇଁ ବିଭିନ୍ନ ସମୟରେ ଉଦ୍ୟମ କରିଥିଲେ ସୁଦ୍ଧା ତାହା ଫଳପ୍ରଦ ହୋଇ ନ ଥିଲା। ଏନେଇ ହାଇକୋର୍ଟରେ ମାମଲା ମଧ ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ବିଚାର କରି ସିଏମ୍‌ସିକୁ ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ମାନିବାକୁ ନିର୍ଦ୍ଦେଶ ଦେଇଥିଲେ। ମେୟର ସୁବାସ ସିଂଙ୍କ କହିବାନୁସାରେ, ପ୍ରତିବର୍ଷ ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ହରିଣ ପାର୍କ ଚଳାଇବା ପାଇଁ ଅନୁମତି ପ୍ରଦାନ କରିଆସୁଥିଲେ। ହେଲେ ଏଥର ଆଉ ଅନୁମତି ଦେଲେ ନାହିଁ। ଫଳରେ ହରିଣ ପାର୍କ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଥିବା ହରିଣଗୁଡ଼ିକ ପର୍ଯ୍ୟାୟକ୍ରମେ ଚନ୍ଦକା ଜଙ୍ଗଲକୁ ସ୍ଥାନାନ୍ତର କରାଯାଉଛି। ସେଠାରେ ତିଆରି କରାଯାଇଥିବା ଏନ୍‌କ୍ଲୋଜର ମଧ୍ୟରେ ସେମାନଙ୍କୁ ରଖାଯାଉଛି। ୬ ମାସ ଅଥବା ବର୍ଷେ ପରେ ସେମାନଙ୍କୁ ଜଙ୍ଗଲକୁ ଛଡ଼ାଯିବ। ଏବେ ହଠାତ୍ ଜଙ୍ଗଲକୁ ଛାଡ଼ିଦେଲେ ସେମାନଙ୍କ ବଞ୍ଚିବା କଷ୍ଟକର ହୋଇଯିବ। ବର୍ତ୍ତମାନ ସୁଦ୍ଧା ୫ଟି ପର୍ଯ୍ୟାୟରେ ୯୬ଟି ହରିଣଙ୍କୁ ସ୍ଥାନାନ୍ତର କରାଯାଇଛି। ସିଏମ୍‌ସି ପକ୍ଷରୁ ଏହି ହରିଣମାନଙ୍କର ସ୍ଥାନାନ୍ତର ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବିଭିନ୍ନ ମହଲରେ ହରିଣ ପାର୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ବିରୋଧ ହେବାକୁ ନେଇ ମେୟର କହିଛନ୍ତି, ହରିଣ ପାର୍କ କଟକର ଗର୍ବ ଓ ଗୌରବ। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ନାହିଁ। ପ୍ରାୟ ୧୦ରୁ ୨୦ଟି ହରିଣ ଏଠାରେ ରଖାଯିବାକୁ ଆଇନଗତ ପ୍ରକ୍ରିୟା କରାଯାଉଛି। ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଅନୁମତି ପାଇଁ ଆବେଦନ କରାଯିବ। ଏହା ପୂର୍ବରୁ ବିଭିନ୍ନ ଆଇନଗତ ଦିଗକୁ ତର୍ଜମା କରାଯାଉଛି।

୫ ଦଫା ଦାବି ପୂରଣ କରାଯାଉ

ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର।

କଣ୍ଟାପଡା,୪।୧(ସୁରନାରାୟଣ ସାହୁ)

ତହସିଲଦାରଙ୍କୁ ଦାବିପତ୍ର

୫ ଦଫା ଦାବି ପୂରଣ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୁରୁବାର କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାପଡା ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଗୋବିନ୍ଦପୁର-ପାର୍ବତୀପୁରକୁ ସଂଯୋଗ ପାଇଁ ନିର୍ମାଣ କରାଯାଉଥିବା ବିଜୁସେତୁର ଆପ୍ରୋଚରୋଡ ନିର୍ମାଣ ନିମନ୍ତେ ଜଣେ ଯୁବକଙ୍କୁ ହାତକରି ଏକ ଠିକାସଂସ୍ଥା ବେଆଇନ ଭାବେ ନଦୀପଠାକୁ ମାଟି ତାଡି ନେଇଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବେଆଇନ ଭାବେ ମାଟି ତାଡିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବିଜୁସେତୁ କାର୍ଯ୍ୟ ତୁରନ୍ତ ଶେଷ କରିବା, ନିର୍ମାଣ କାର୍ଯ୍ୟରେ ବିଳମ୍ବ କରୁଥିବା ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବାଲିବୋଝେଇ କରି ଦ୍ରୁତଗତିରେ ଯାତାୟାତ କରୁଥିବା ହାଇୱା ଉପରେ ଅଙ୍କୁଶ ଲଗାଇବା ପାଇଁ ଦାବି କରାଯାଇଛି। ଆମ କଣ୍ଟାପଡା ସାମାଜିକ ସଙ୍ଗଠନ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ମହାନ୍ତିଙ୍କ ନେତୃତ୍ୱରେ ତୃପ୍ତିରଞ୍ଜନ ବେହେରା, ପ୍ରଶାନ୍ତ ପ୍ରଧାନ, ବିଦ୍ୟାଧର ବେହେରା, ସଂଗ୍ରାମ ପଟ୍ଟନାୟକଙ୍କ ସମେତ ବହୁ ସାମାଜିକ କର୍ମୀ ଓ ବିଭିନ୍ନ ସଙ୍ଗଠନର ସଦସ୍ୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ କହିଛନ୍ତି, ନଦୀପଠାରୁ ବେଆଇନ ମାଟି ଉଠାଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ଉକ୍ତ ଦାବିପତ୍ର ଜିଲାପାଳଙ୍କ ନିକଟକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ସଂକ୍ଷେପରେ

ବାର୍ଷିକ କ୍ରୀଡ଼ା ଉତ୍ସବ

ଫୁଲନଖରା,୪।୧(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟର ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗଗନ ବିହାରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଘ୍ନେଶ୍ୱର ତରାଇ, ସମ୍ମାନିତ ଅତିଥି ଭାବେ ଆଲୁମ୍ନି କମିଟିର ଉପ ସଭାପତି ତଥା ଖବରଦାତା ରମେଶ ଚନ୍ଦ୍ର ପ୍ରଧାନ ଓ ପରିଚାଳନା କମିଟିର ସଦସ୍ୟ ବାବାଜୀ ଚରଣ ମହାନ୍ତି ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଚୌଧୁରୀ ସୁକୁମାର ଦାସ, ତନ୍ମୟ ବିଶୋଇ ଓ ବୃନ୍ଦାବତୀ ଦେଇ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ।

ଶତାୟୁ ମହିଳାଙ୍କ ପରଲୋକ

ଚୌଦ୍ୱାର,୪।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ଅଧୀନ ନୂଆସାହିର ରାଧାରାଣୀ ଦାସ(୧୦୭)ଙ୍କର ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବରପାଇ ନୂଆସାହି ତଥା ଏହାର ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସାହି ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର ଅମ୍ଳା ଦାସ ମୁଖାଗ୍ନି ଦେଇଥିଲେ।

ଭାଜପା କର୍ମୀ ସମ୍ମିଳନୀ

ମଙ୍ଗୁଳି-ଜଗତପୁର,୪।୧(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଅଙ୍ଗତରାଡିଅସ୍ଥିତ କନକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭାଜପାର କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବା ସହ ଅଞ୍ଚଳର ମୁଖ୍ୟ ସମସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ପବିତ୍ର ମୋହନ ଷଡ଼ଙ୍ଗୀ, ବାବୁଲି ଗାଙ୍ଗୁଲି, ଝୁନୁରାଣୀ ଦାସ, ବର୍ଷାରାଣୀ ପଲେଇ, କମଳା ସ୍ୱାଇଁ, ସଂଯୁକ୍ତା ସାହୁ, ମିନା ସ୍ୱାଇଁ, ଦିଲୀପ ପାଣିଗ୍ରାହୀଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ କଟକ ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

ଓଡ଼ିଶୀ ନୃତ୍ୟରେ ଝୁମିଲେ ଦର୍ଶକ

କଟକ,୪।୧ (କାର୍ତ୍ତିକ ସାହୁ)

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଳାବିକାଶ କେନ୍ଦ୍ରରେ ଚାଲିଥିବା ୧୫ତମ କଟକ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିଛି ଓଡ଼ିଶୀ ନୃତ୍ୟ। ଶିଶୁମାନଙ୍କ ଦଳଗତ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ପଶ୍ଚିମବଙ୍ଗର ମୀତା ମଣ୍ଡଳ ଓ ମହୁଆ ତାଲୁକଦାରଙ୍କ ଓଡ଼ିଶୀ ନୃତ୍ୟରେ ଦର୍ଶକ ଝୁମିଥିଲେ। ଏଥିସହ ପଶ୍ଚିମବଙ୍ଗର ଦେବଦ୍ରିତା ଭଟ୍ଟାଚାର୍ଯ୍ୟ ଓ ଦେଓ୍ୱାସରୁ ଈଶା ମଣ୍ଡଳଙ୍କ କଥକ ନୃତ୍ୟର ଯାଦୁକରି ଭଙ୍ଗୀ ପ୍ରେକ୍ଷାଳୟରେ ଉଷ୍ମତା ଭରି ଦେଇଥିଲା। କଟକର ଆଦ୍ୟାଶା ସାହୁଙ୍କ କଣ୍ଠ ସଙ୍ଗୀତ ଶ୍ରୋତାଙ୍କୁ ମୁଗ୍ଧ କରିଥିଲା। ଅନୁରୂପା ରଥ ଓ ଅମରେନ୍ଦ୍ର ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିବସବ୍ୟାପୀ ବିଭିନ୍ନ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ।

ମକରଯାତ୍ରା ପ୍ରସ୍ତୁତି ବୈଠକ

ଚୌଦ୍ୱାର,୪।୧(ଆଶୁତୋଷ ଦାସ)

ମଙ୍ଗରାଜପୁର ପଞ୍ଚାୟତ ଅଧୀନ କୋଚିଲା ନୂଆଗାଁସ୍ଥିତ ଡମଡମଣୀ ପୀଠରେ ପ୍ରସିଦ୍ଧ ମକର ଯାତ୍ରା ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଉକ୍ତ ପୀଠରେ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚୌଦ୍ୱାର ଥାନା ଏସ୍‌ଆଇ ସସ୍ମିତା ଖିଲାର, ଦିଲ୍ଲିପ ମର୍ଦ୍ଦରାଜ ଭୂୟାଁ, ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ, କମିଟି ସମ୍ପାଦକ ରବୀନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟା, ସଦସ୍ୟ ଯୋଗଦେଇଥିଲେ। ଦେବୀଙ୍କ ସମସ୍ତ ନୀତିକାନ୍ତି, ଅଖଣ୍ଡ ହୋମଯଜ୍ଞ ଓ ଭିଡ ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତିବର୍ଷ ମକର ମେଳାରେ ମା’ଙ୍କ ଦର୍ଶନ ଓ ପ୍ରାକୃତିକ ପରିବେଶରେ ବଣଭୋଜି କରିବା ପାଇଁ ବହୁ ଜନସମାଗମ ହୋଇଥାଏ। ଚଳିତବର୍ଷ ବହୁ ଜନସମାଗମ ହେବ ବୋଲି ଆଶା କରାଯାଇଛି। ତେଣୁ ଦୁର୍ଘଟଣା ରୋକିବା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କୁ କମିଟି ତରଫରୁ ଅନୁରୋଧ କରାଯାଇଥିଲା। ସମିତି ସଭ୍ୟା ମମତା ସାମାଡ଼, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁଦର୍ଶନ ରାଉତ, ପରମାନନ୍ଦ ରାଉତଙ୍କ ସହ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

ଆଜି ଆସିବ ଏଆଇଜି ଟିମ୍

କଟକ,୪।୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବିରେ ଲିଭର ପ୍ରତିରୋପଣ ବ୍ୟବସ୍ଥା

ଏସ୍‌ସିବି ମେଡିକାଲରେ ଲିଭର୍ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହେବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ଏଆଇଜି ଟିମ୍ ମେଡିକାଲକୁ ଆସିବ। ଉକ୍ତ ଟିମ୍‌ରେ ହାଇଦ୍ରାବାଦସ୍ଥିତ ଏଆଇଜି ଲିଭର୍ ଟ୍ରାନ୍ସପ୍ଲାଣ୍ଟର ନିର୍ଦ୍ଦେଶକ ପି. ବାଲ୍‌ଚନ୍ଦ୍ରନ ମେନନ୍ ଓ ଉପସଭାପତି ସନ୍ତୋଷ କୁମାର ସାହୁ ରହିବେ। ଟିମ୍ ଏସ୍‌ସିବିରେ ପହଞ୍ଚିବା ପରେ ହେପାଟୋଲୋଜି ବିଭାଗରେ ରୋଗୀମାନଙ୍କର ସ୍କ୍ରିନିଂ କରାଯିବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ସ୍କ୍ରିନିଂ ପ୍ରକ୍ରିୟା ଜାରି ରହିବ। ଯୋଗ୍ୟ ଦାତା ଏବଂ ଗ୍ରହୀତା ଚୟନ କରାଯିବା ପରେ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଉକ୍ତ ଟିମ୍ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବ। ଏଥିସହ ଲିଭର୍ ପ୍ରତିରୋପଣ ୟୁନିଟ୍‌ର ଭିତ୍ତିଭୂମି ଅନୁଧ୍ୟାନ କରିବ। ଏହାପରେ ମେଡିକାଲର ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଲିଭର୍ ପ୍ରତିରୋପଣ ବ୍ୟବସ୍ଥା ସମ୍ପର୍କରେ ବିଶେଷଜ୍ଞ ଟିମ୍ ସହ ଆଲୋଚନା ହେବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଉକ୍ତ ବୈଠକରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଲିଭର ପ୍ରତିରୋପଣ ବ୍ୟବସ୍ଥାର ନୋଡାଲ ଅଫିସର ଡା. ରାଜେଶ କୁମାର ଦୋରା, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ଉକ୍ତ ବିଭାଗର ବିଶେଷଜ୍ଞ ଓ ଲିଭର୍ ପ୍ରତିରୋପଣ ପାଇଁ ଗଠନ ହୋଇଥିବା ଟିମ୍ ସଦସ୍ୟଙ୍କ ସହ ଆଲୋଚନା କରାଯିବ।

‘ଯୁବ ଆଇନଜୀବୀଙ୍କ ପାଇଁ ଉପଯୁକ୍ତ ତାଲିମ ଅପରିହାର୍ଯ୍ୟ’

କଟକ,୪।୧ (କାର୍ତ୍ତିକ ସାହୁ)

ଆଇନ ସମ୍ପର୍କିତ କର୍ମଶାଳା

ହାଇକୋର୍ଟ ବାର୍ ଆସୋସିଏସନ୍ ଓ ଲୟର୍ସ ଏକାଡେମୀ ପକ୍ଷରୁ ସଫଳ ଆଇନଜୀବୀଙ୍କ ମୂଳତତ୍ତ୍ୱ ଶୀର୍ଷକ ଆଇନ କର୍ମଶାଳା ହାଇକୋର୍ଟ ପରିସରସ୍ଥ ଲୟର୍ସ ଏକାଡେମୀ ହଲ୍‌ରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି ଯୁବ ଆଇନଜୀବୀଙ୍କ ପାଇଁ ଉପଯୁକ୍ତ ତାଲିମ ଅପରିହାର୍ଯ୍ୟ ବୋଲି କହିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଉପସଭାପତି ବିଦ୍ୟାଧର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରି କର୍ମଶାଳାର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟା ଅଙ୍କିତା ତ୍ରିପାଠୀ ଅତିଥି ପରିଚୟ ଓ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ସ୍ପନ୍ଦନ ମହାନ୍ତି ଓ ବିଶ୍ୱଜିତ୍ ସାହୁ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ହାଇକୋର୍ଟ ବିଚାରପତି ମୁରାହରି ଶ୍ରୀରମଣ, ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ଶୁଭବିକାଶ ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ଡ. କହ୍ନେୟାଲାଲ ଶର୍ମାଙ୍କ ସମେତ ବହୁ ସଂଖ୍ୟକ ଯୁବ ଆଇନଜୀବୀ କର୍ମଶାଳାରେ ଉପସ୍ଥିତ ଥିଲେ।

ଦେବୋତ୍ତର ଆୟୁକ୍ତଙ୍କ ବିନା ଅନୁମତିରେ ଡିପିଆର୍ ପ୍ରସ୍ତୁତ

କଟକ ସଦର,୪।୧(ସୁଶାନ୍ତ କୁମାର ଜେନା)

ପରମହଂସନାଥ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ପ୍ରସଙ୍ଗ

କଟକ ସଦର ବ୍ଲକ ଅଞ୍ଚଳରେ ଥିବା ପରମହଂସନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୫- ଟି ଆନୁକୂଲ୍ୟରେ ପ୍ରାୟ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ତାଲିକା(ଡିପିଆର) ପ୍ରସ୍ତୁତ କରିବାକୁ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ.୨ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଡିପିଆର ପ୍ରସ୍ତୁତ ସମୟରେ ମନ୍ଦିର ପରିଚାଳନା କମିଟିର କୌଣସି ଅଧିକାରୀ କିମ୍ବା ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ନିଆଯାଇ ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ଏହାଛଡା ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ମଧ୍ୟ ସମ୍ପୃକ୍ତ ସଂସ୍ଥାର ଆଗୁଆ ଅନୁମତି ନିଆଯାଇନାହିଁ। ଦେବୋତ୍ତର ଆୟୁକ୍ତଙ୍କ ବିନା ଅନୁମତିରେ ଏବେ ଉକ୍ତ ଡିଭିଜନ ପକ୍ଷରୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଡିଭିଜନର ଜନସୂଚନା ଅଧିକାରୀ ତଥା ସହକାରୀ ନିର୍ବାହୀଯନ୍ତ୍ରୀ ପତ୍ରସଂଖ୍ୟା ୯୩୨୧/୩୦।୧୨।୨୦୨୩ରେ ତଥ୍ୟ ପ୍ରଦାନ କରିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗତବର୍ଷ ସେପ୍ଟେମ୍ବର ୯ ତାରିଖରେ ପରମହଂସ ଗସ୍ତ କରିବାବେଳେ ମନ୍ଦିରର ଉନ୍ନତି ପାଇଁ ସ୍ଥାନୀୟ ଲୋକମାନେ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେଥିପାଇଁ ରାଜ୍ୟ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ଦତ୍ତ ପତ୍ରସଂଖ୍ୟା ୧୬୫୮୭/୬।୧୦।୨୦୨୩ରେ କଟକର ରାସ୍ତା ଓ କୋଠାବାଡ଼ି ଡିଭିଜନ ନଂ.୨ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଉକ୍ତ ଡିଭିଜନ ପକ୍ଷରୁ ୪ କୋଟି ୯୬ ଲକ୍ଷ ୪୦ ହଜାର ଟଙ୍କାର ଡିପିଆର ପ୍ରସ୍ତୁତ କରାଯାଇଛି। ମାତ୍ର ହାଇକୋର୍ଟରେ ମାମଲା ରୁଜୁ ହୋଇଥିବାରୁ ମନ୍ଦିରର ଟ୍ରଷ୍ଟ ବୋର୍ଡ ଗଠନ କରାଯାଇନାହିଁ। ସେହିପରି ସାମୟିକ ଭାବେ ମନ୍ଦିର ପରିଚାଳନା ଦାୟିତ୍ୱ ତୁଲାଉଥିବା କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ଡିପିଆର୍ ପ୍ରସ୍ତୁତବେଳେ ନିଆଯାଇନାହିଁ ବୋଲି ସମ୍ପୃକ୍ତ ସୂଚନା ଅଧିକାରୀଙ୍କ ପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ୧୯୯୮ ଅକ୍ଟୋବର ୫ରେ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନକୁ ଯାଇଛି। ଓଡ଼ିଶା ପ୍ରାଚୀନ କୀର୍ତ୍ତି ସଂରକ୍ଷଣ ଆଇନ ୧୯୫୬ ଧାରା ୫ ଓ ୧୬ ମୁତାବକ ମୁଖ୍ୟ ମନ୍ଦିରର ୧୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ନିର୍ମାଣ ହୋଇପାରିବ ନାହିଁ। ଏହାଛଡା ଅନ୍ୟ କୌଣସି ନିର୍ମାଣ ଆରମ୍ଭ ପୂର୍ବରୁ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଯନ୍ତ୍ରୀଙ୍କ ଉପସ୍ଥିତି ସହ ଅନୁମତି ନିହାତି ଆବଶ୍ୟକ ବୋଲି ପତ୍ରସଂଖ୍ୟା ୨୩୫୬/୧୫।୩।୨୦୨୩ରେ ପ୍ରତ୍ନତତ୍ତ୍ୱ ବିଭାଗ ଜଣାଇଛି। ସେହିପରି ମନ୍ଦିରର ଅସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ମଲ୍ଲଙ୍କୁ ମଧ କିଛି ପଚରା ଯାଇ ନ ଥିବା ସେ କହିଛନ୍ତି।

କଟକସ୍ଥିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ଅଡିଟୋରିୟମ୍‌ରେ ପ୍ରଫେସର ମହେନ୍ଦ୍ର କୁମାର ରାଉତଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ‘ସର୍ବୋଦୟ ବିଚାର’କୁ ଉନ୍ମୋଚନ କରୁଛନ୍ତି।

ବିଧାୟକଙ୍କ ଉପସ୍ଥିତିକୁ ବିରୋଧ କଲେ ସରପଞ୍ଚ

ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥ ଭଙ୍ଗାରୁଜା ଘଟଣା

ଧାମନଗର,୪।୧ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସରେଇ ଚୁଡ଼ାକୁଟି ପଞ୍ଚାୟତର ମେଳଣ ପଡ଼ିଆରେ ବୁଧବାର ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ବେଳେ ବ୍ୟାନର ଚିରା ଓ ରଥ ଭଙ୍ଗାରୁଜା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଗୁରୁବାର ବିଭିନ୍ନ ପଞ୍ଚାୟତର ସରପଞ୍ଚ ବିଡିଓ ଏବଂ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତ ପରିସରରେ ହେବାକୁ ନେଇ ବିଡିଓ ସମସ୍ତ ସରପଞ୍ଚଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ସରେଇ ଚୁଡ଼ାକୁଟି ପଞ୍ଚାୟତ ପରିସରରେ କାର୍ଯ୍ୟକ୍ରମ ହେବା ଲାଗି ନିର୍ଦ୍ଦେଶ ଥିବାବେଳେ ଧାମନଗର ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ମେଳଣ ପଡ଼ିଆରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ପରେ ଏକ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ ସମୟରେ ବିଧାୟକଙ୍କ ଉପସ୍ଥିତିରେ ରଥ ଗାଡ଼ିର କାଚ ଭାଙ୍ଗିବା ସହ ଲାଗିଥିବା ବ୍ୟାନରକୁ ମଧ୍ୟ ଦୁର୍ବୃତ୍ତମାନେ ଚିରି ଦେଇଥିଲେ। ଧାମନଗର ପୋଲିସ ଘଟଣାସ୍ଥଳରୁ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ସରକାରୀ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ନେଇ ସରପଞ୍ଚମାନେ ସିଧାସଳଖ ବିଧାୟକଙ୍କୁ ଦାୟୀ କରିଛନ୍ତି। ଆଗାମୀ ଦିନରେ ଉକ୍ତ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଉପସ୍ଥିତ ନ ରହିବାକୁ ସେମାନେ ଦାବି କରିବା ସହ ପୋଲିସ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି। ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମରେ ସରପଞ୍ଚମାନେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସରପଞ୍ଚ ନରେନ୍ଦ୍ର ନାରାୟଣ ଦାଶ, ଅଜୟ ମଲିକ, ମିନା ମାଝୀ, ସୀତାକାନ୍ତ ମିଶ୍ର, କାଞ୍ଚନ ସ୍ୱାଇଁ, ମଧୁସ୍ମିତା ନାଥ, ଦୀପାଞ୍ଜଳି ନାୟକ, କସ୍ତୁରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବିଧାୟକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ଦାବିପତ୍ର ଦେବାକୁ ଆସିଥିବା ସରପଞ୍ଚମାନେ।

ଓଡ଼ିଶାର ୭ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳିବା ଗର୍ବର ବିଷୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୧ (ସୁନିତ୍ ମିଶ୍ର)

ଓଡ଼ିଶାର ୭ଟି ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ଗର୍ବର ବିଷୟ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି , ଢେଙ୍କାନାଳର ସ୍ୱାଦିଷ୍ଟ ମଗଜି, କୋରାପୁଟ ଜିଲାରେ ଜନଜାତି ସମୁଦାୟଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା କଳାଜିରା ଚାଉଳ, ମୟୂରଭଞ୍ଜର କାଇ ଚଟଣି, ନୟାଗଡ଼ କଣ୍ଟେଇମୁଣ୍ଡି ବାଇଗଣ, ଖଜୁରିଗୁଡ଼ ସମେତ ଡଙ୍ଗରିଆ କନ୍ଧ ଏମ୍ବ୍ରୋଡରି ଶାଲ୍ ଓ ଲାଞ୍ଜିଆ ସୌରା ଚିତ୍ରକଳାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ଗର୍ବର ବିଷୟ। ଓଡ଼ିଶାରେ ଉତ୍ପାଦିତ ହେଉଥିବା ପ୍ରତ୍ୟେକ ଖାଦ୍ୟ ସାମଗ୍ରୀ ତଥା କଳା ଏବଂ ଉତ୍ପାଦର ସ୍ଥାନ ସ୍ୱତନ୍ତ୍ର। ଏ ସବୁର ପ୍ରଚାରପ୍ରସାର ସହ ବିଶ୍ୱବିଦିତ କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀକୁ ଜାତୀୟ ସ୍ତରରେ ସ୍ୱୀକୃତି ଦେଇ ସ୍ଥାନୀୟ ଅର୍ଥନୀତି ବଢ଼ାଇବା ଦିଗରେ ନିରନ୍ତର ସମର୍ଥନ ଦେଉଥିବାରୁ ଧର୍ମେନ୍ଦ୍ର ରାଜ୍ୟବାସୀଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଭାରତୀୟ ବାୟୁ ସେନା INDIAN AIR FORCE

ଅଗ୍ନିବୀରବାୟୁ ଭାବେ ଭାରତୀୟ ବାୟୁସେନାରେ ଯୋଗ ଦିଅନ୍ତୁ

ଭାରତୀୟ ବାୟୁସେନା ଅଗ୍ନିପଥ ଯୋଜନା ଅଧୀନରେ ଅଗ୍ନିବୀରବାୟୁ ଭର୍ତ୍ତି ୦୧/୨୦୨୫ ନିମନ୍ତେ ମନୋନୟନ ପରୀକ୍ଷା ଲାଗି ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆମନ୍ତ୍ରଣ କରୁଛି

ଅନ୍‌ଲାଇନ୍ ପଞ୍ଜୀକରଣ ତାରିଖ : ୧୭ ଜାନୁଆରୀ ୨୦୨୪ ୧୧.୦୦ ଘ.ରୁ ୦୬ ଫେବୃଆରୀ ୨୦୨୪ ୨୩.୦୦ ଘ.।
ଅନ୍‌ଲାଇନ୍ ପରୀକ୍ଷା ତାରିଖ : ୧୭ ମାର୍ଚ୍ଚ ୨୦୨୪ ପରଠାରୁ।
ପଞ୍ଜୀକରଣ ପାଇଁ ୱେବ୍‌ପୋର୍ଟାଲ୍ : https://agnipathvayu.cdac.in
ଜନ୍ମ ତାରିଖ ସୀମା : ୦୨ ଜାନୁଆରୀ ୨୦୦୪ ଓ ୦୨ ଜୁଲାଇ ୨୦୦୭ ମଧ୍ୟରେ ଜନ୍ମ (ଉଭୟ ତାରିଖ ଅନ୍ତର୍ଭୁକ୍ତ)
ଶିକ୍ଷାଗତ ଯୋଗ୍ୟତା :

(କ) **ବିଜ୍ଞାନ ବିଷୟ**
ପ୍ରାର୍ଥୀମାନେ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ପରିଷଦରୁ ଗଣିତ, ପଦାର୍ଥ ବିଜ୍ଞାନ ଏବଂ ଇଂରାଜୀ ସହିତ ଇଣ୍ଟରମିଡିଏଟ୍/୧୦+୨/ସମତୁଲ୍ୟ ପରୀକ୍ଷାରେ ସର୍ବମୋଟ ୫୦% ମାର୍କ ଏବଂ ଇଂରାଜୀରେ ୫୦% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
କିମ୍ବା
କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସ୍ୱୀକୃତିପ୍ରାପ୍ତ ପଲିଟେକ୍ନିକ୍ ଅନୁଷ୍ଠାନରୁ ସର୍ବମୋଟ ୫୦% ମାର୍କ ଏବଂ ଡିପ୍ଲୋମା ପାଠ୍ୟକ୍ରମରେ (କିମ୍ବା ଇଣ୍ଟରମିଡିଏଟ୍/ମାଟ୍ରିକ୍ୟୁଲେଶନ୍‌ରେ, ଯଦି ଡିପ୍ଲୋମା ପାଠ୍ୟକ୍ରମରେ ଇଂରାଜୀ ଏକ ବିଷୟ ହୋଇ ନ ଥାଏ) ଇଂରାଜୀରେ ୫୦% ମାର୍କ ସହିତ ତିନିବର୍ଷିଆ ଇଞ୍ଜିନିୟରିଂରେ ଡିପ୍ଲୋମା ପାଠ୍ୟକ୍ରମ (ମେକାନିକାଲ/ଇଲେକ୍ଟ୍ରିକାଲ/ଇଲେକ୍ଟ୍ରୋନିକ୍ସ/ଅଟୋମୋବାଇଲ/କମ୍ପ୍ୟୁଟର ବିଜ୍ଞାନ/ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଟେକ୍ନୋଲୋଜି/ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି)ରେ ଉତ୍ତୀର୍ଣ୍ଣ ହୋଇଥିବେ।
କିମ୍ବା
କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସ୍ୱୀକୃତିପ୍ରାପ୍ତ ଶିକ୍ଷା ପରିଷଦରୁ ଅଣ-ଧନ୍ଦାମୂଳକ ବିଷୟ ଯଥା ପଦାର୍ଥ ବିଜ୍ଞାନ ଓ ଗଣିତ ସହିତ ଦୁଇବର୍ଷିଆ ଧନ୍ଦାମୂଳକ ପାଠ୍ୟକ୍ରମରେ ସର୍ବମୋଟ ୫୦% ମାର୍କ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମରେ (କିମ୍ବା ଇଣ୍ଟରମିଡିଏଟ୍/ମାଟ୍ରିକ୍ୟୁଲେଶନ୍‌ରେ, ଯଦି ଧନ୍ଦାମୂଳକ ପାଠ୍ୟକ୍ରମରେ ଇଂରାଜୀ ଏକ ବିଷୟ ହୋଇ ନ ଥାଏ) ଇଂରାଜୀରେ ୫୦% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବେ।

(ଖ) **ବିଜ୍ଞାନ ବିଷୟଗୁଡ଼ିକୁ ଛାଡ଼ି ଅନ୍ୟାନ୍ୟ ବିଷୟ**
କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ପରିଷଦରୁ ଯେକୌଣସି ଶୃଙ୍ଖଳା/ବିଷୟରେ ସର୍ବମୋଟ ୫୦% ମାର୍କ ଏବଂ ଇଂରାଜୀରେ ୫୦% ମାର୍କ ସହିତ ଇଣ୍ଟରମିଡିଏଟ୍/୧୦+୨/ସମତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।
କିମ୍ବା
କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ପରିଷଦରୁ ସର୍ବମୋଟ ୫୦% ମାର୍କ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମରେ (କିମ୍ବା ଇଣ୍ଟରମିଡିଏଟ୍/ମାଟ୍ରିକ୍ୟୁଲେଶନ୍‌ରେ, ଯଦି ଧନ୍ଦାମୂଳକ ପାଠ୍ୟକ୍ରମରେ ଇଂରାଜୀ ଏକ ବିଷୟ ହୋଇ ନ ଥାଏ) ଇଂରାଜୀରେ ୫୦% ମାର୍କ ସହିତ ଦୁଇବର୍ଷିଆ ଧନ୍ଦାମୂଳକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବେ।

ଦ୍ରଷ୍ଟବ୍ୟ-୧: ବିଜ୍ଞାନ ବିଷୟ ପରୀକ୍ଷା (ଇଣ୍ଟରମିଡିଏଟ୍/ ୧୦+୨/ ଇଞ୍ଜିନିୟରିଂରେ ତିନିବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ କିମ୍ବା ଭୌତିକ ବିଜ୍ଞାନ ଓ ଗଣିତର ଅଣ-ଧନ୍ଦାମୂଳକ ବିଷୟ ସହିତ ଦୁଇବର୍ଷିଆ ଧନ୍ଦାମୂଳକ ପାଠ୍ୟକ୍ରମ ସମେତ) ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନେ ବିଜ୍ଞାନ ବିଷୟଗୁଡ଼ିକୁ ଛାଡ଼ି ଅନ୍ୟାନ୍ୟ ବିଷୟର ପରୀକ୍ଷା ନିମନ୍ତେ ମଧ୍ୟ ଯୋଗ୍ୟ ଅଟନ୍ତି ଏବଂ ଅନ୍‌ଲାଇନ୍ ପଞ୍ଜୀକରଣ ଫର୍ମ ପୂରଣ କରିବା ସମୟରେ ସେମାନଙ୍କୁ ଗୋଟିଏ ସିଟିଂରେ ଉଭୟ ବିଜ୍ଞାନ ବିଷୟ ଓ ବିଜ୍ଞାନ ବିଷୟଗୁଡ଼ିକୁ ଛାଡ଼ି ଅନ୍ୟାନ୍ୟ ବିଷୟର ପରୀକ୍ଷାରେ ଭାଗ ନେବାର ବିକଳ୍ପ ଦିଆଯିବ।

ପଞ୍ଜୀକରଣ ଓ ପରୀକ୍ଷା ଦେୟ: ଟ.୫୫୦/- ଯୁକ୍ତ ଜିଏସ୍‌ଟି।

ପ୍ରବେଶସ୍ତରୀୟ ଯୋଗ୍ୟତା, ସ୍ୱାସ୍ଥ୍ୟଗତ ମାନକ ଉପରେ ସବିଶେଷ ସୂଚନା, ନିୟମ ଓ ସର୍ତ୍ତାବଳୀ, ଅନ୍‌ଲାଇନ୍ ଦରଖାସ୍ତ ପୂରଣ କରିବାର ନିର୍ଦ୍ଦେଶାବଳୀ ତଥା ଅଗ୍ନିବୀରବାୟୁ ଭର୍ତ୍ତି ୦୧/୨୦୨୫ ନିମନ୍ତେ ପଞ୍ଜୀକରଣ କରିବା ଲାଗି https://agnipathvayu.cdac.inରେ ଲଗ୍ ଅନ୍ କରନ୍ତୁ।

ଆବେଦନର ସୂଚନା ଏବଂ ପଞ୍ଜୀକରଣ ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

CBC 10803/11/0010/2324

ପଦ୍ମଶ୍ରୀ କମଳା ପୂଜାରୀ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

ଜୟପୁର,୪।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ପାତ୍ରପୁଟସ୍ଥିତ ଘରେ ରହୁଥିବା ପଦ୍ମଶ୍ରୀ କମଳା ପୂଜାରୀ ଗୁରୁବାର ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର କ୍ୟାବିନରେ ରଖି ଚିକିତ୍ସା କରାଯାଉଥିଲା। କିନ୍ତୁ ଜିଲାପାଳ ଅବଦୁଲ ମହମ୍ମଦ ଅଖତାର ତାଙ୍କୁ ଅଧିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। କମଳାଙ୍କ ଅସୁସ୍ଥ ଖବର ଜଣାପଡ଼ିବା ପରେ ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡ଼ା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର ଡାକ୍ତଖାନାରେ ପହଞ୍ଚି ତାଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଥିଲେ। କମଳାଙ୍କ ଆନେମିଆ (ରକ୍ତହୀନତା)ଥିବା ଜଣାଯାଇଛି।

ପ୍ରତିଶ୍ରୁତି ମିଳିଲା, ହଟିଲା ରାସ୍ତାରୋକୋ

ବସ୍ ଧକ୍କାରେ ଛାତ୍ର ମୃତ୍ୟୁ ଘଟଣା

ସମ୍ବଲପୁର,୪।୧ (ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ଏକ ବସ୍ ଧକ୍କାରେ ଛାତ୍ର ମୃତ୍ୟୁ ଘଟଣା ଗୁରୁବାର ଉଗ୍ର ରୂପ ନେଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ସହରକୁ ଭାରିଯାନ ପ୍ରବେଶ କଟକଣା, ନୋଏଣ୍ଟ୍ରି ସମୟରେ ସହରକୁ ବେଆଇନ ବସ୍ ପ୍ରବେଶ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୋଲିସ ଅଟକ ରଖିଥିବା ମୃତକଙ୍କ ପରିବାର ଲୋକଙ୍କ ସହିତ ସମସ୍ତ ପରିଜନଙ୍କୁ ତୁରନ୍ତ ଖଲାସ କରିବା ଦାବିରେ ପୂର୍ବାହ୍ନ ସାଢେ ୧୦ଟାରୁ ଆମ୍ବେଦକର ନଗରବାସୀ ମୃତଦେହ ରଖି ମୁଦିପଡ଼ାରୁ ସମଲେଶ୍ୱରୀ ମନ୍ଦିରକୁ ଯାଇଥିବା ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା। ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତି ସକାଶେ ସଦର ତହସିଲଦାରଙ୍କ ସହିତ ଅତିରିକ୍ତ ଏସ୍‌ପି, ସଦର ଏସ୍‌ଡିପିଓ ଓ ବିଭିନ୍ନ ଥାନାର ଆଇଆଇସିଙ୍କ ସହ ଶତାଧିକ ପୋଲିସ ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳକୁ ଘେରି ରହିଥିଲେ। ଆନ୍ଦୋଳନକାରୀଙ୍କୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ବୁଝାଶୁଝା କରି ଅଟକଥିବା ଲୋକଙ୍କ ମଧ୍ୟରୁ ବସ୍ ଭଙ୍ଗାରୁଜାରେ ସମ୍ପୃକ୍ତଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଛାଡ଼ିଦିଆଯିବ, ମୁଦିପଡ଼ା ଛକରୁ ସମଲେଶ୍ୱରୀ ମନ୍ଦିର ରାସ୍ତାରେ ଭାରିଯାନ ପ୍ରବେଶ ଉପରେ କଟକଣା ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅପରାହ୍ନ ସାଢ଼େ ୪ଟା ସମୟରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ମୃତ ଛାତ୍ରଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି।

ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ସୂଚନାଯୋଗ୍ୟ, ବୁଧବାର ରାତିରେ ସମ୍ବଲପୁର ସହର ପଟ୍ଟନାୟକପଡ଼ା ଫ୍ରେଜର କ୍ଲବ ସମ୍ମୁଖରେ ଏକ ତୀର୍ଥଯାତ୍ରୀ ବସ୍ ଧକ୍କାରେ ଆମ୍ବେଦକର ନଗରର ୯ମ ଶ୍ରେଣୀ ଛାତ୍ର ଦିଶାନ୍ତ ନାୟକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବସ୍‌କୁ ଜବତ କରି ଚାଳକଙ୍କୁ ଗିରଫ କରିଥିଲା। ମାତ୍ର ଉତ୍ତ୍ୟକ୍ତ ଲୋକେ କଚେରି ଛକରେ ଥିବା ଉକ୍ତ ବସ୍‌କୁ ଭଙ୍ଗାରୁଜା କରି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ କେତେଜଣ ଯୁବକଙ୍କୁ ଥାନାକୁ ଧରି ନେଇଥିଲା। ମାତ୍ର ଉତ୍ତେଜନା ପ୍ରଶମିତ ହେବା ବଦଳରେ ବୃଦ୍ଧି ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଟାଉନ ଥାନା ଘେରାଉ କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଅଟକ ବ୍ୟକ୍ତିଙ୍କୁ ଖଲାସ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେଣୁ ପୋଲିସ ବାଧ ହୋଇ ସେଠାରେ ମୃଦୁ ଲାଠିଚାଳନା କରିବାରୁ ଆନ୍ଦୋଳନକାରୀ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗୋଡ଼ାଇ ଗୋଡ଼ାଇ ୧୨ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ହରିଶ ପାଣ୍ଡେ କହିଛନ୍ତି, ଆଇନ ଅନୁସାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବ। ମାତ୍ର ନୋଏଣ୍ଟ୍ରି ସମୟରେ ସହରକୁ ବସ୍ ପ୍ରବେଶକୁ ନେଇ ଆରକ୍ଷୀ ଅଧୀକ୍ଷକଙ୍କ ସହ ଟ୍ରାଫିକ ଡିଏସ୍‌ପିଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସକାଳେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ିରେ ଜବତ ଦୁର୍ଘଟଣାଗ୍ରସ୍ତ ବସ୍ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି।

ଭିଜିଲାନ୍ସ ଜାଲରେ ଫରେଷ୍ଟ ଗାର୍ଡ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୪।୧ (ସଦାଶିବ ପ୍ରହରାଜ /ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ବିଟ୍‌ର ଫରେଷ୍ଟ ଗାର୍ଡ ବିନାୟକ ଚନ୍ଦ୍ର ସୋରୀ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଖାତିଗୁଡ଼ାରୁ ୧ଲକ୍ଷ ୫୩ହଜାର ଟଙ୍କା ନେଇ ଯାଉଥିବାବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ।

ସୂଚନାନୁଯାୟୀ, ଫରେଷ୍ଟ ଗାର୍ଡ ବିନାୟକଙ୍କ ଘର ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗୋନା ଅଞ୍ଚଳରେ। ସେ ଗୁରୁବାର ଏକ ବ୍ୟାଗ୍‌ରେ ୧ଲକ୍ଷ ୫୩ ହଜାର ଟଙ୍କା ନେଇ ଯାଉଥିବା ସମ୍ପର୍କରେ ଭିଜିଲାନ୍ସ ଟିମ୍ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନେ ଖାତିଗୁଡ଼ା ନିକଟସ୍ଥ ଇନ୍ଦ୍ରାବତୀ ପୋଲ ନିକଟରେ ବିନାୟକଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଏତେ ଟଙ୍କା କେଉଁଠୁ ଆସିଲା ଓ କିଏ ଦେଇଥିଲା ବୋଲି ଭିଜିଲାନ୍ସ ଅଧିକାରୀମାନେ ପ୍ରଶ୍ନ କରିଥିଲେ। ବନ ବିଭାଗ କାମରେ ନିୟୋଜିତ ଶ୍ରମିକଙ୍କୁ ଏହି ଟଙ୍କା ଦିଆଯିବ ବୋଲି ସେ କହିଥିଲେ। ତାଙ୍କ ଉତ୍ତର ସନ୍ତୋଷଜନକ ନ ଲାଗିବାରୁ ବିନାୟକଙ୍କୁ ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ପଚରାଉଚରା କରାଯାଉଛି।

ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

୨୦୨୩-୨୪ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀଭାଇମାନଙ୍କ ପାଇଁ ବିଶେଷ ସୂଚନା

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ନାମ ପଞ୍ଜୀକୃତ କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚଳିତ ୨୦୨୩-୨୪ ଖରିଫ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଆପାତତଃ ଜିଲ୍ଲାର ୧୦୨ ଗୋଟି ସେବା ସମବାୟ ସମିତି ଓ ୫୭ ଗୋଟି ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଚଳିତ ଡିସେମ୍ବର ମାସ ୨୯ ତାରିଖଠାରୁ ସିଧାସଳଖ ଧାନ କ୍ରୟ ଆରମ୍ଭ ହେବ। ଚାଷୀଭାଇମାନେ ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତି/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ତଥା ଧାନ କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ନିଜ ନିଜର ବଳକା ଧାନ ଝୋଟ ବ୍ୟାଗ୍‌ରେ ଧାନ ମଣ୍ଡିକୁ ଆଣି ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିପାରିବେ।

ଚାଷୀଭାଇମାନେ ସେମାନଙ୍କର ବଳକା ଓ ବିକ୍ରୟ ଯୋଗ୍ୟ ଧାନକୁ ଭଲଭାବରେ ସୁଖାଇ, ସଫାସୁତୁରା ଓ ବ୍ୟବସାୟ ଉପଯୋଗୀ ତଥା FAQ ମାନର କରି ଆଧାର କାର୍ଡ, ବ୍ୟାଙ୍କ ଖାତାଗୁଡ଼ିକୁ ପରିଚୟପତ୍ର ଭାବରେ ବ୍ୟବହାରକରି ସକାଳ ୮ ଘଟିକାଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଧାର୍ଯ୍ୟ କାର୍ଯ୍ୟ ଦିବସମାନଙ୍କରେ ଧାନ କ୍ରୟ କେନ୍ଦ୍ରକୁ ଧାନ ବିକ୍ରୟ କରିବା ପାଇଁ ଆଣିପାରିବେ। ଧାନ କ୍ରୟ ପୂର୍ବରୁ ଚାଷୀଭାଇ ଓ ଭଉଣୀମାନଙ୍କୁ ସେମାନଙ୍କ ମୋବାଇଲ ଫୋନ୍‌ରେ SMS ମାଧ୍ୟମରେ ଧାନ ବିକ୍ରୟ ପାଇଁ ଟୋକନ୍ ପ୍ରଦାନ କରାଯିବ ଏବଂ ଟୋକନ୍ ଅବଧି ୩୦ ଦିନ ମଧ୍ୟରେ ଚାଷୀଭାଇମାନେ ଧାନ ବିକ୍ରୟ କରିବେ।

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ

ସରକାରଙ୍କ ଦ୍ୱାରା ଚଳିତ ୨୦୨୩-୨୪ ଖରିଫ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା।

ସାଧାରଣ କିସମ ଧାନ (ଏଫ୍.ଏ.କ୍ୟୁ.)	କ୍ୱିଣ୍ଟାଲ ପ୍ରତି – ଟ୨୧୮୩/-ଙ୍କା
ଗ୍ରେଡ୍ 'ଏ' କିସମ ଧାନ (ଏଫ୍.ଏ.କ୍ୟୁ.)	କ୍ୱିଣ୍ଟାଲ ପ୍ରତି– ଟ୨୨୦୩/-ଙ୍କା

ଧାନର ଗୁଣାତ୍ମକ ମାନ (FAQ Quality) ନିମ୍ନମତେ ହେବା ଆବଶ୍ୟକ

ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମ ହୋଇଥିବା ଆବଶ୍ୟକ।

କ୍ର.ସଂ.	ଧାନରେ ମିଶ୍ରିତ ଓ ବାହ୍ୟ ପଦାର୍ଥ	ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା
୧	(କ) ବାଲି, ମାଟି, ଗୋଡ଼ି, ପଥର, ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ	୧%
	(ଖ) କାଠି, କୁଟା, ଧୂସ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ପଦାର୍ଥ	୧%
୨	ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି (ଖରାପ, ପାଣିଫୁଲା, ପୋକା ଇତ୍ୟାଦି ସର୍ବାଧିକ ୪% ମଧ୍ୟରେ ସୀମିତ ଥିବା ଦରକାର)	୫%
୩	ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଂକୁଚିତ ଇତ୍ୟାଦି	୩%
୪	ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ)	୬%
୫	ଆର୍ଦ୍ରତା ବା ଜଳୀୟ ଅଂଶ	୧୭%

ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଏଫ୍.ଏ.କ୍ୟୁ. ମାନର ଧାନ କ୍ରୟ କରାଯିବ। ଧାନ ବିକ୍ରିର ଅର୍ଥ ସିଧାସଳଖ ପି. ପାସ୍ ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧ ଦିନରୁ ସର୍ବାଧିକ ୨ ଦିନ ମଧ୍ୟରେ ଜମା ହୋଇଯିବ। ସେଥିପାଇଁ ଚାଷୀମାନେ ବ୍ୟାଙ୍କ ପାସ୍ ବହି ଓ ଆଧାର ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ। ଚାଷୀଭାଇମାନେ ଧାନ କ୍ରୟ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଜିଲ୍ଲା ମୁଖ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟ କଣ୍ଟ୍ରୋଲ୍ ରୁମ୍ ଫୋନ୍ ନମ୍ବର ୦୬୭୮୪-୨୫୧୪୨୪ କିମ୍ବା ସହ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ଫୋନ୍ ନମ୍ବର ୦୬୭୮୪- ୨୯୯୯୪୭ଙ୍କ ସହ ଯୋଗାଯୋଗ କରିପାରିବେ।

ଅଧିକ ସବିଶେଷ ବିବରଣୀ ପାଇଁ ନିକଟସ୍ଥ ପ୍ରାଧିକୃତ ସମବାୟ ସମିତି କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ୱା./- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

ସ୍ୱା./- ଉପଜିଲ୍ଲାପାଳ, ଭଦ୍ରକ
ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

ଜିଲ୍ଲା ଯୋଗାଣ ନିଗମ ଲିଃ, କେନ୍ଦ୍ରାପଡ଼ା
ଧାନ କ୍ରୟ ନିମନ୍ତେ ବିଜ୍ଞାପନ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୩-୨୪ ନିମନ୍ତେ ତା ୦୫।୦୧।୨୦୨୪ରିଖଠାରୁ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ଯୋଗାଣ ନିଗମ ଜରିଆରେ ଜିଲ୍ଲାର ନିମ୍ନଲିଖିତ ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଉଅଛି। ଧାନକ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ, କ୍ରୟ ଦିବସ ଓ କ୍ରୟ କେନ୍ଦ୍ରକୁ ସଂପୃକ୍ତ କରାଯାଇଥିବା ଗ୍ରାମ ପଞ୍ଚାୟତର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ) ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁଯାୟୀ ଟୋକନ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ, ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ଧାର୍ଯ୍ୟ କରାଯାଇଥିବା ଦିବସରେ ଧାନ ବିକ୍ରୟ କରିପାରିବେ। ଧାର୍ଯ୍ୟ ଦିନଗୁଡିକରେ ସକାଳ ୮ ଘଟିକାଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା।

ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ	ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା
• ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ	୧.୦%
• କାଠି, କୁଟା, ଧୂସ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ	୧.୦%
• ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି	୫.୦%
• ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି	୩.୦%
• ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ)	୬.୦%
• ଆର୍ଦ୍ରତା ବା ଜଳୀୟ ଅଂଶ	୧୭.୦%
ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ:-	
• ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ଦର	ଟ. ୨୧୮୩.୦୦
• ଗ୍ରେଡ୍ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର	ଟ. ୨୨୦୩.୦୦

କେନ୍ଦ୍ରାପଡ଼ା ପ୍ରାଥମିକ କୃଷି ସମବାୟ ସମିତିଗୁଡିକର ତାଲିକା

କ୍ରମିକ ନମ୍ବର	(PACS) ଧାନ କ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ.	ସଂଲଗ୍ନ ଗ୍ରାମପଞ୍ଚାୟତ
	୧. କେନ୍ଦ୍ରାପଡ଼ା ବ୍ଲକ୍– (ପ୍ରତି ସୋମବାର, ବୁଧବାର, ଶନିବାର)	
୧	ଆୟେବା – ୯୪୩୭୭୯୪୫୫୪	ଆୟେବା, ପୁରୁଷୋତ୍ତମପୁର, ଗଙ୍ଗାରାମପୁର
୨	ବଗଡ଼ା – ୭୦୬୪୨୨୩୫୫୭	ବଗଡ଼ା, କଳପଡା
୩	ବାରୋ– ୯୫୫୬୦୩୬୯୬୬	ବାରୋ, କୋରୋ
୪	ଭରତପୁର – ୯୯୩୭୭୫୮୨୧୧	ଭରତପୁର, ଶ୍ୟାମସୁନ୍ଦରପୁର, ଚକ୍ରୋଡା
୫	ଚନ୍ଦନକୁଲାଟ – ୯୪୩୭୬୯୮୪୨୨	ଚନ୍ଦନପୁର, କେଶପୁର, ସାନମାଣଠିଆ, ପଦ୍ମସିଂହା
୬	ଗୁଲନଗର – ୯୭୭୭୮୯୪୨୪୧	ଗୁଲନଗର, କପାଳେଶ୍ୱର
୭	ଇନ୍ଦୁପୁର – ୭୦୬୪୨୨୩୫୫୭	ଇନ୍ଦୁପୁର, ଧୁମାତ, ଚାରିଗାଁ, ନିକିରାଇ
୮	ଜମଧର – ୮୩୨୮୮୬୪୮୬୯	ଜମଧର, ଭାଗବତପୁର, ଚକ୍ରୋଡା, ଶ୍ୟାମସୁନ୍ଦରପୁର
୯	କୋର – ୯୯୩୭୮୯୪୬୫୯	କୋର
୧୦	ଓସ୍ତପୁର – ୮୬୩୭୨୯୨୧୦୮	ଓସ୍ତପୁର, କଂସାର
୧୧	କୁତୁରଙ୍ଗ – ୯୪୩୯୬୯୮୪୨୨	ଡୋଳ, ନିକିରାଇ, କୁତୁରଙ୍ଗ
	୨. ଡେରାବିଶ ବ୍ଲକ୍ – (ପ୍ରତି ସୋମବାର, ବୁଧବାର, ଶନିବାର)	
୧୨	ଦାନପୁର – ୯୯୩୮୨୮୭୭୮୪	ଦାନପୁର, ଚାନ୍ଦୋଳ, ଖମୋଳ, ମୁକୁନ୍ଦପୁର, ଜଅଁରାବାରିମୂଳ
୧୩	ଗୋଲରାହାଟ – ୯୧୭୮୩୨୮୨୩୫	ଗୋଲରାହାଟ, ବାଲିଆ, ଲକ୍ଷ୍ମୀନାରାୟଣପୁର
୧୪	କପିଳେଶ୍ୱର – ୯୭୭୭୮୯୪୨୪୨	ଜଅଁରା ବାରିମୂଳ, ଇନ୍ଦାଳ, ହରିଅଙ୍କ
୧୫	କୁଶିଆପାଳ – ୯୪୩୭୩୧୪୦୧୫	କୁଶିଆପାଳ, ଗୁହାଳସିଂହ, ବାରିମୂଳ
୧୬	କାଉପଡା – ୯୪୩୭୦୬୩୮୯୨	କାଉପଡା, ଚାଟରାଚକଡା, ଗୋଲରାହାଟ, କୁତୁରଙ୍ଗା
୧୭	ଏଣ୍ଡର – ୯୩୪୮୨୯୧୬୬୩	ଏଣ୍ଡର, ନରସିଂହପୁର, ଲକ୍ଷ୍ମୀନାରାୟଣପୁର
୧୮	ନହଙ୍ଗ – ୯୪୩୭୦୬୩୮୯୨	ନହଙ୍ଗ, ଛୋଟି, କୁତୁରଙ୍ଗା
୧୯	ପଟ୍ଟେଇ – ୮୮୪୭୮୩୨୯୪୨	ପଟ୍ଟେଇ, ଗୋଲରାହାଟ, ଚାନ୍ଦୋଳ, ଖମଳ
୨୦	ରଘୁଦେଇପୁର – ୯୦୯୦୩୩୯୪୯୧	ବେଣୀପୁର, ମଙ୍ଗଳପୁର, କୁତୁକଙ୍ଗା, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର
୨୧	ରତାଦିଆ, ଖଣ୍ଡସାହି – ୯୯୩୭୧୭୦୬୬୯	ରତାଦିଆ, ଖଣ୍ଡସାହି, ବସପୁର, ଦାନପୁର
	୩. ମହାକାଳପଡ଼ା ବ୍ଲକ୍– (ପ୍ରତି ରବିବାର, ମଙ୍ଗଳବାର, ଶୁକ୍ରବାର)	
୨୨	ଅକାଇଲୋ – ୯୯୩୭୭୨୨୨୫୨	ଅକାଇଲୋ, ରାଜଗଡ, ଦେଉଳପଡା
୨୩	ବାରଡାଙ୍ଗ – ୮୩୨୭୭୬୭୦୩୨	ବାରଡାଙ୍ଗ, ବଉଳକଣି, ଜମ୍ବୁ
୨୪	ବେଣାକନ୍ଦା – ୯୯୩୮୨୦୩୪୭୨	ବହଡିହ, ସୁନିତି, ଗୋଗୁଆ
୨୫	ବିଜୟନଗର – ୭୮୯୪୦୬୮୯୩୨	ବିଜୟ ନଗର, ଦେଉଳିପଡା, ବଳିପାଳ
୨୬	ଛତର – ୯୯୩୮୨୮୮୦୨୫	ବହଡିହ, ବଳିପାଳ
୨୭	ଯଦୁପୁର – ୯୯୩୮୬୪୮୬୩୫	ଯଦୁପୁର, ଜୟଚନ୍ଦ୍ରପୁର, ତେରଗାଁ
୨୮	କରମକୁଳ – ୯୧୭୮୪୭୧୮୮୪	ବଡକୁଳ
୨୯	କୋଟିକା – ୭୯୭୮୦୭୮୭୭୫	ରାମନଗର, ବରକନ୍ଦା
୩୦	ମହାକାଳପଡା – ୯୭୭୭୭୨୯୦୧୩	ମହାକାଳପଡା
୩୧	ମଙ୍ଗଳପୁର – ୯୪୩୮୨୨୦୧୦୫	ମଙ୍ଗଳପୁର, ବରକନ୍ଦା, ଖରନାସୀ, ବଟୀଘର
୩୨	କୋରଟପଙ୍ଗା – ୮୮୯୫୬୧୧୪୫୮	ପାଟକିପଙ୍ଗ, ଟିକରପଙ୍ଗା, ଖୁରୁସିଆ
୩୩	ରଡିଆ – ୭୮୯୪୯୦୫୪୯୬	ବଡିହ, ବିଜୟନଗର
୩୪	ବରକନ୍ଦା – ୯୪୩୮୨୨୦୧୦୫	ବରକନ୍ଦା, ଖରନାସି, ମଙ୍ଗଳପୁର, ବଟୀଘର
୩୫	ପାଟକିପଙ୍ଗ – ୮୬୫୮୦୪୨୨୦୩	ପାଟକିପଙ୍ଗ, ଖୁରୁସିଆ
୩୬	ନାଲୁରା – ୭୮୯୪୦୬୮୯୩୨	ଗୋଗୁଆ, ସୁନିତୀ
୩୭	ଅମେଇପାଳ – ୯୯୩୮୯୯୫୫୩୩	ଡିଖିରୀ, ଅମେଇପାଳ
୩୮	ତରାଦେଇପୁର – ୯୭୭୭୪୭୧୦୪୧	ଟିକରପଙ୍ଗା, ତେରଗାଁ
୩୯	ଗଡରୋମିତ – ୮୮୯୫୬୧୧୪୫୮	ଟିକରପଙ୍ଗା, ତେରଗାଁ
୪୦	କରଞ୍ଜ – ୯୯୩୮୬୨୯୦୦୫	କରଞ୍ଜ
୪୧	ମଧୁରଗଣ୍ଡ – ୭୨୦୫୬୫୯୬୨୬	ଅମେଇପାଳ, ଖୁରୁସିଆ
୪୨	ନୂଆଗାଁ – ୮୧୧୭୮୬୬୪୪୧	ଡିଖିରୀ ଅମେଇପାଳ
୪୩	ତେରଗାଁ – ୯୭୭୭୪୭୧୦୪୧	ତେରଗାଁ
୪୪	ବଡକୁଳ – ୯୫୫୬୩୮୯୬୨୬	ବଡକୁଳ
୪୫	ବେନୁପାଳ – ୯୯୩୭୦୬୩୮୮୧	ବଡକୁଳ, କରଞ୍ଜ
	୪. ମାର୍ଶାଘାଇ ବ୍ଲକ୍– (ପ୍ରତି ସୋମବାର, ବୁଧବାର, ଶନିବାର)	
୪୬	ଅଣ୍ଡେଇ – ୯୭୭୭୭୭୧୪୨୫	ଅଣ୍ଡେଇ, ତାଳସଙ୍ଗା, ମଙ୍ଗରାଜପୁର, ବେରୁହାଁ
୪୭	ବଟିରା – ୭୮୯୪୪୬୬୯୧୧	ବଟିରା, ଅଣ୍ଡେଇ, ମଙ୍ଗରାଜପୁର
୪୮	ଦ୍ୱମ୍ବକା – ୭୮୯୪୩୫୭୩୩୬	ଦ୍ୱମ୍ବକା, ଦଣ୍ଡିପୁର, ମାର୍ଶାଘାଇ
୪୯	ଗରଜଙ୍ଗା – ୭୦୦୮୭୬୩୯୬୨	ଗରଜଙ୍ଗା, ତାଳସଙ୍ଗା, ବେରୁହାଁ
୫୦	ଜମପଡା – ୯୯୩୮୧୫୨୩୯୭	ଜମପଡା, ମେହେନ୍ଦିନଗର, ଆଉଡିପୁର
୫୧	ମାର୍ଶାଘାଇ – ୯୭୭୮୩୨୨୨୩୫	ମାର୍ଶାଘାଇ, ମଣିକୁଣ୍ଡା, ଶିଳିପୁର, ପରକୁଳା
୫୨	କୁହୁଡି – ୯୪୩୭୧୮୩୩୧୨	କୁହୁଡି, ଅଙ୍ଗୁଲାଇ
୫୩	କରିଲୋପାଟଣା – ୯୯୩୭୩୦୭୫୫୬୧	କରିଲୋପାଟଣା, ଜଳପୋଲ, ଆଇଡିପୁର
୫୪	ବହରାଇ – ୯୯୩୭୩୦୭୫୬୧	ବହରାଇ, ବନ୍ଧକଟା, ମଣିକୁଣ୍ଡା
୫୫	ଆଖୁଆ ଦକ୍ଷିଣ – ୯୯୩୮୩୦୬୨୧୧	ଆଖୁଆ ଦକ୍ଷିଣ, ରାଘବପୁର, ପରକୁଳ
	୫. ରାଜନଗର ବ୍ଲକ୍– (ପ୍ରତି ରବିବାର, ମଙ୍ଗଳବାର, ଶୁକ୍ରବାର)	
୫୬	ବଡମୈକଣା – ୯୯୩୭୩୧୦୮୫୪	ବ୍ରାହ୍ମଣସାହି
୫୭	ଭାଟପଡା – ୯୪୩୮୮୭୭୩୨୨	ବନ୍ଧପଡା, ସାନବଡଗୋପାଳପୁର
୫୮	ଚାନ୍ଦିବାରିଶମୂଳ – ୯୧୭୮୫୦୧୫୨୯	ଚାନ୍ଦିବାରିଶମୂଳ, କଣ୍ଡିଆ
୫୯	ଡାଙ୍ଗମାଳ – ୮୬୫୮୪୮୬୭୭୬	ଈଶ୍ୱରପୁର, ଡାଙ୍ଗମାଳ, କଣ୍ଡିଆ
୬୦	ଡେରା – ୯୧୭୮୨୦୫୭୪୬	ଡେରା, ବ୍ରାହ୍ମଣସାହି
୬୧	କୋଇଲିପୁର – ୯୧୭୮୫୯୭୫୪୦	କୋଇଲିପୁର
୬୨	କୁରୁଣ୍ଡି – ୬୩୭୦୨୩୫୧୪୮	କୁରୁଣ୍ଡି, ମହୁଲିଆ, ଡେରା, ବ୍ରାହ୍ମଣସାହି
୬୩	ନୋଧାବସନ୍ତ – ୯୪୩୮୭୦୭୭୦୯	କୁରିଣ୍ଡି, ଡେରା, ଚାନ୍ଦିବାରିଶମୂଳ
୬୪	ତାଲଚୁଆ – ୯୪୩୭୯୦୦୫୫୯	ତାଲଚୁଆ, ରଙ୍ଗଣି
୬୫	ଓସ୍ତିଆ – ୮୯୦୮୩୧୭୦୫୭	ଓସ୍ତିଆ, ବାଲିସାହିପାଟଣା, ବନ୍ଧପଡା
୬୬	ରାଜନଗର – ୯୧୭୮୫୦୧୫୨୯	ରାଜନଗର, ମହୁଲିଆ
୬୭	ଗୋପାଳପୁର – ୯୯୩୮୨୧୦୦୯୩	ଗୁପ୍ତି, ସାତଭାୟା
୬୮	ବାଲିସାହିପାଟଣା – ୭୦୦୮୭୩୪୯୫୭	ବାଲିସାହିପାଟଣା, ଓସ୍ତିଆ, ସାନବଡ଼ଗୋପାଳପୁର
	୬. ପଟ୍ଟାମୁଣ୍ଡାଇ ବ୍ଲକ୍ – (ପ୍ରତି ରବିବାର, ମଙ୍ଗଳବାର, ଶୁକ୍ରବାର)	
୬୯	ବଡମୂଳବସନ୍ତ – ୯୦୯୦୨୫୬୦୪୦	ବଡମୂଳବସନ୍ତ, ରାଙ୍ଗପଡା, ନୀଳକଣ୍ଠପୁର, ପେଣ୍ଟପାଳ, ଡରଡିପାଳ, ଅଳପୁଆ, ସିଂଘଗାଁ, ଅଣରା, ଅମୃତମଣୋହି, ବରୁରିଆ
୭୦	ଖଡିଅଣ୍ଡା – ୯୯୩୮୯୧୦୮୪୯	ଖଡିଅଣ୍ଡା, ବାଲିପାଟଣା, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି
୭୧	ଡାମରପୁର – ୯୯୩୭୨୮୩୮୩୯	ଡାମରପୁର, ଶ୍ରୀରାମପୁର, ବଳଭଦ୍ରପୁର
୭୨	ଶ୍ୟାମସୁନ୍ଦରପୁର – ୯୯୩୮୯୧୦୮୪୯	ଦୋସିଆ, ବିଲିକଣା
୭୩	ସଂସାରଫଳ – ୯୮୫୩୮୩୧୭୬୮	ସଂସାରଫଳ, ଖନତା
୭୪	ଓଉପଡା – ୭୯୭୮୯୯୬୫୪୨	ଓଉପଡା, ଖନତା, ବିଲିକଣା
୭୫	ନରସିଂହପୁର – ୯୯୩୮୩୧୨୪୪୯	ନରସିଂହପୁର, ତିହପଡା
୭୬	ଅଳଭା – ୯୧୧୪୮୦୩୪୦	ଶାସନ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି
୭୭	ଚନ୍ଦନନଗର – ୯୯୩୮୦୦୧୭୮୮	ଚନ୍ଦନନଗର, ଶାସନ, ସଂସାରଫଳ, ଖନତା
୭୮	ସାନକରିଆ – ୯୯୩୭୫୬୭୯୧୮	ସାନକରିଆ, ଅରଡାପଲ୍ଲୀ, ବଡମୋହନପୁର
୭୯	ବଡ଼ପଡା – ୯୧୭୮୬୩୯୫୨୨	ବଡପଡା, ବିହୁଡିପୁର, ଦୋଷିଆ
୮୦	ତେରୋହି – ୭୭୦୯୯୪୮୯୬୨	ବିଲିକଣା
୮୧	କଷଣଅଣ୍ଡା – ୯୭୭୮୦୦୫୪୨୧	କଷଣଅଣ୍ଡା
୮୨	ପେଣ୍ଟପାଳ – ୬୩୭୦୦୪୯୧୨୩୩	ପେଣ୍ଟପାଳ
	୭. ଆଳି ବ୍ଲକ୍ – (ପ୍ରତି ରବିବାର, ମଙ୍ଗଳବାର, ଶୁକ୍ରବାର)	
୮୩	ଦେମାଳ – ୯୭୭୭୬୦୬୦୭୮	ଦେମାଳ, ନିଆଳ, ଟୁଙ୍ଗା
୮୪	ବାଟିପଡା – ୭୮୯୪୯୭୦୮୭୫	ବାଟିପଡା, ସାନମଙ୍ଗ, ନୂଆପଡା, ସହିରା
୮୫	ପଦ୍ମପୁର – ୯୯୩୭୭୯୧୩୩୨	ପଦ୍ମପୁର, ନରେନ୍ଦ୍ରପୁର, ସହିରା, ସିଙ୍ଗିରି, ବାହୁରା
୮୬	ସିଙ୍ଗିରି – ୯୯୩୮୧୨୮୯୧୭	ସିଙ୍ଗିରି, ଚଣ୍ଡିଆଗଡ଼ି, ମାଣିକପାଟଣା, ଅରେଇକଣା
୮୭	ନୂଆଗାଁ – ୯୭୭୬୫୩୫୯୫୫	ବାଳକାଟି, ବଡ଼ାସିଲା
୮୮	ଭୁଇଁପୁର – ୯୩୩୭୫୦୪୧୦୩	ସଂସିଦା, ଭୁଇଁପୁର, କଳସପୁର, ଟୁଙ୍ଗା
୮୯	ମହୁ – ୯୩୩୭୫୪୦୩୨୫୨	ମହୁ, କୋଇଡିହ, ଅଟାଳ, ବାଳକାଟି
୯୦	କଣ୍ଡିପୁର – ୯୪୩୯୭୦୩୨୯୭	ମେଣ୍ଟପୁର, ନିଆଳ, ବାଳକାଟି, ଅରେଇକଣା
୯୧	ଦେବାହି – ୯୯୩୮୪୧୫୭୦୨	ଦେବାହି, ଏରଡାଙ୍ଗ, କେନ୍ତୁଆପାଳ, ପାଳିମି
୯୨	ଗୋବିନ୍ଦପୁର – ୮୦୧୮୮୬୩୭୩୩	ଗୋବିନ୍ଦପୁର, କୁଆଁଣିଆ, ପେଟପଡା, ଏରଡାଙ୍ଗ, କେନ୍ତୁଆପାଳ
୯୩	ଡିମିରିପାଳ – ୮୧୧୭୮୮୮୮୩୪	ଡିମିରିପାଳ, ଅରଗଡ, ଭୁଇଁପୁର
	୮. ରାଜକନିକା ବ୍ଲକ୍ – (ପ୍ରତି ସୋମବାର, ବୁଧବାର, ଶନିବାର)	
୯୪	ବରାଡିଆ – ୬୩୭୦୧୯୬୧୬୨	ବରାଡିଆ, ଜୟନଗର
୯୫	କଣ୍ଡପଡା – ୮୮୪୭୮୬୬୮୦୬	କଣ୍ଡପଡା, ବାଘବୁଦା, ଜାଗୁଳାଇପଡା
୯୬	ସିକୋ – ୮୨୬୦୧୭୨୬୭୩	ସିକୋ, କୋରନ୍ଦ
୯୭	ଚରପଡା – ୮୨୪୯୮୧୫୦୦୩	ଚରପଡା, ନନ୍ତରା, ଦେଉଳିତରା, ପଦନିପାଳ
୯୮	ସିଙ୍ଗିଡ଼ି – ୯୯୩୮୨୬୫୭୩୫	କାଟଣାବଣିଆ, କୋଇଲିପୁର
୯୯	କାଟଣାବଣିଆ – ୯୯୩୭୭୩୪୦୭୭୦	କାଟଣାବଣିଆ, ଜୟନଗର, କୋଇଲିପୁର
୧୦୦	ସିହୋପଡା – ୭୭୪୯୭୦୯୦୪୦	ସିହୋପଡା, ଦେଉଳପଡା, ପ୍ରଧାନପଡା, ବରାହମଣ୍ଡା, ପାରିନୂଆପଡା
୧୦୧	ହାଟସାହି – ୯୭୭୭୦୧୬୯୯୧	ହାଟସାହି, ଅବଦୁଲପୁର, ପ୍ରଧାନପଡା, ପଣସଗଣ୍ଡ
୧୦୨	ବଡାଘର – ୯୪୩୭୫୪୧୨୫୮୨	ବାଘବୁଦା, କଣ୍ଡପଡା
୧୦୩	ଇନ୍ଦୁଣୀ – ୯୭୭୬୯୪୪୯୨୫	ଇନ୍ଦୁଣୀ, ଜାଗୁଳାଇପଡା, ବରାହିଦୋମୁଣ୍ଡା, ପେଗରପଡା
୧୦୪	ଭାରିଗଦା – ୯୬୬୮୧୦୮୭୩୯	ଭାରିଗଦା, ବରୁଣାଡିହା
୧୦୫	ବରୁଣା – ୮୮୪୭୮୬୬୮୦୬	ବରୁଣା, ପାରିନୂଆପଡା, ବଳରାମପୁର, ଓକାଉର, ହାବଳଗଣ୍ଡ, ପେଗରପଡା
୧୦୬	ତ୍ରିଲୋକ୍ୟପୁର – ୬୩୭୦୧୩୦୦୭୧୪	ତ୍ରିଲୋକ୍ୟପୁର, ଆକୁଳିପଡା, କୋଇଲିପୁର, ବରାଡିଆ, ଜୟନଗର
୧୦୭	କୋରନ୍ଦ – ୮୮୪୭୮୬୯୯୯୨	କୋରନ୍ଦ, ତ୍ରିଲୋକ୍ୟପୁର, ଆକୁଳିପଡା
୧୦୮	ଦେଉଳି – ୯୭୭୬୮୦୮୬୧୭	ବରାଡିଆ, କଣ୍ଡପଡା, ଆକୁଳିପଡା
୧୦୯	ତରାସ – ୯୩୪୮୧୮୩୦୩୯	ତରାସ, ଆକୁଳିପଡା, ବରାଡିଆ
	୯. ଗରଦପୁର ବ୍ଲକ୍ – (ପ୍ରତି ରବିବାର, ମଙ୍ଗଳବାର, ଶୁକ୍ରବାର)	
୧୧୦	ଗରଦପୁର – ୭୨୦୫୬୦୬୦୬୦	ଗରଦପୁର, କଳାବୁଦା, ପାଟକୁରା
୧୧୧	ବଡବେତରା – ୯୪୩୯୦୮୧୫୫୦	ବଡବେତରା, ମଧୁଶାସନ, ଭଗବାନପୁର
୧୧୨	ପାଖାଡ– ୮୩୪୨୯୫୪୬୩୭	ପାଖାଡ, ପାଟକୁରା
୧୧୩	ତେଣ୍ଡାକୁଡା – ୯୪୩୯୦୮୧୫୫୦	ତେଣ୍ଡାକୁଡା, ପଳସୁଧା, ବନ୍ତଳା
୧୧୪	ବଙ୍ଗାଳପୁର – ୮୬୬୩୫୨୮୧୯୩	ବଙ୍ଗାଳପୁର, ଭଗବାନପୁର
୧୧୫	ବେଡାରି – ୭୯୭୮୩୯୬୦୬୦	ବେଡାରି, ପଦ୍ମପୁର
୧୧୬	ତଳକୁସୁମା – ୯୪୩୮୩୬୭୫୮୬	ତଳକୁସୁମା, ବନ୍ତଳା, କଳାବୁଦା
୧୧୭	ନଡିଆବରେଇ – ୯୪୩୮୩୬୭୫୮୬	ନଡିଆବରେଇ, ରାମଚନ୍ଦ୍ରପୁର, ଟିକନପୁର
୧୧୮	ସାନଅଢଙ୍ଗା – ୯୯୩୮୫୩୨୭୭୨	ସାନଅଢଙ୍ଗା, ଟିକନପୁର, ଭଗବାନପୁର, ମଧୁଶାସନ, ବଡ଼ବେତରା

ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା

ସୌଜନ୍ୟ : ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ହେବ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

ରୌପ୍ୟ ଜୟନ୍ତୀ ଉତ୍ସବ

■ବର୍ଷକରେ ଅଡିଟୋରିୟମ

■ଶନିବାର ବସିବ ବୈଠକ

ଭୁବନେଶ୍ୱର,୪।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ସୁଜାତା ରାଉତ କାର୍ତ୍ତିକେୟନଙ୍କ ସହ ଅନ୍ୟ ଅତିଥି ମାନେ ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏହାର ୨୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରୌପ୍ୟ ଜୟନ୍ତୀ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଯୋଗଦେଇ କହିଛନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର କରାଯିବ। ଆସନ୍ତା ବର୍ଷ ଯେବେ ପ୍ରତିଷ୍ଠା ଦିବସ ପାଳନ ହେବ ନୂଆ ଅଡିଟୋରିୟମ କାମ ସରିଯାଇଥିବ। ସେଠାରେ ପ୍ରତିଷ୍ଠା ଦିବସ ପାଳନ ହେବ ବୋଲି ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ସେ ଆହୁରି କହିଛନ୍ତି, ଆମର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ବିଶ୍ୱରେ ଅନନ୍ୟ। ଏହାର ସଂରକ୍ଷଣ ନିମନ୍ତେ ସମସ୍ତେ ପ୍ରୟାସ ଜାରି ରଖିବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ଅଧ୍ୟାପନା କାର୍ଯ୍ୟକୁ ଆଗେଇ ନେବାରେ ଜାପାନଠାରୁ ଆରମ୍ଭ କରି ପୃଥିବୀର ବିଭିନ୍ନ ଦେଶର କଳା ଓ ଆମ ଦେଶର ସଂସ୍କୃତି ସହିତ ଐତିହ୍ୟକୁ କିପରି ସଂଯୋଗ କରାଯାଇପାରିବ ସେଥିନିମନ୍ତେ ଅନବରତ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ଶନିବାର ବୈଠକ ବସିବ ବୋଲି ସୂଚନା ଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟରେ ନୂଆକରି ସାଂସ୍କୃତିକ, ଐତିହ୍ୟ ଓ ସଂରକ୍ଷଣ ଏବଂ ସଂଗ୍ରହାଳୟ ବିଜ୍ଞାନରେ ଦୁଇଟି ସ୍ନାତକୋତ୍ତର ବିଭାଗ ଖୋଲିବା ସହ ସୁନନ୍ଦା ପଟ୍ଟନାୟକ, ସାରଳା ଦାସ, ଭୀମଭୋଇ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ୪ଟି ଚେୟାର ପ୍ରତିଷ୍ଠା କରାଯାଇଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ଡ. ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଦେବେନ୍ଦ୍ରନାଥ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଅମ୍ବିକା ନନ୍ଦ ଓ ଛାତ୍ର ହିମାଂଶୁ ମହନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ ସହ ଦୃଶ୍ୟକଳା ବିଭାଗର କାଟାଲଗ୍ 'ସୃଷ୍ଟି', ସାହିତ୍ୟଭିତ୍ତିକ ପତ୍ରିକା 'ରୂପାୟନ', ବିଶ୍ୱବିଦ୍ୟାଳୟର ସ୍ମରଣିକା 'ସଂସ୍କୃତି' ଏବଂ ଅଧ୍ୟାପକ ଡ. ଚକ୍ରଧର ବେହେରାଙ୍କ ଦ୍ୱାରା ରଚିତ 'ଦ କ୍ଲେ ଇମେଜ୍ ଆଣ୍ଡ୍ ପୋଟର୍ସ ଅଫ୍ ଓଡ଼ିଶା' ଉନ୍ମୋଚିତ ହୋଇଥିଲା। ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ସଂଘମିତ୍ରା

@ ମହେଶ

@ ସୌରଭ

@ପ୍ରଦୀପ୍ତ

@ ସୌଭାଗ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର', ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୀତ ଉତ୍ସବ, ସଂସ୍କୃତି ବିହାର, ମଦନପୁର, ପୂର୍ବାହ୍ନ ୧୧ଟା ୩୦।
- କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ୫ମ କଳିଙ୍ଗୱାନ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୩ଟା।

- ସଂଭାବନା ପକ୍ଷରୁ ପ୍ରଣବ ସଙ୍ଗୀତର ପ୍ରତିଯୋଗିତା, ଗୀତଗୋବିନ୍ଦ ସଦନ, ଅପରାହ୍ନ ୪ଟା ୩୦।

କଟକ

- ୧୧ତମ ବସନ୍ତ କୁମାର ଦାଶ ମେମୋରିଆଲ ଇଣ୍ଟର ସ୍କୁଲ ସିନିଅର ଫୁଟ୍‌ବଲ ଟୁର୍ନାମେଣ୍ଟ, ଏକାଡେମୀ ଗ୍ରାଉଣ୍ଡ, ଅପରାହ୍ନ ୩ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୫ତମ କଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, କଳାବିକାଶ କେନ୍ଦ୍ର, ଅପରାହ୍ନ ୫ଟା।
- ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ୧୪ତମ ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

ପଠାଣି ସାମନ୍ତ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଜ୍ୟୋତିର୍ବିଜ୍ଞାନୀ

ଆଷ୍ଟ୍ରୋଫିଜିକ୍ସ, ଆଷ୍ଟ୍ରୋନୋମି ଓ ଆଷ୍ଟ୍ରୋଲୋଜିକୁ ନେଇ ଜାତୀୟ ସମ୍ମିଳନୀ

ସମ୍ମିଳନୀରେ ଅତିଥିଙ୍କ ଗହଣରେ ଜ୍ୟୋତିର୍ବିଜ୍ଞାନୀ ଓ ଅନ୍ୟମାନେ।

ଭୁବନେଶ୍ୱର,୪।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଆଷ୍ଟ୍ରୋଫିଜିକ୍ସ, ଆଷ୍ଟ୍ରୋନୋମି ଓ ଆଷ୍ଟ୍ରୋଲୋଜିକୁ ନେଇ ଏକ ଜାତୀୟ ସମ୍ମିଳନୀ ଗୁରୁବାର ଭୁବନେଶ୍ୱରସ୍ଥିତ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପଠାଣି ସାମନ୍ତ ବା ସାମନ୍ତ ଚନ୍ଦ୍ରଶେଖରଙ୍କ ଉପରେ ଆଲୋଚନା ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ମହର୍ଷି ସାନ୍ଦିପନି ରାଷ୍ଟ୍ରୀୟ ବେଦବିଦ୍ୟା ପ୍ରତିଷ୍ଠାନ ଉଜ୍ଜୟିନୀର ଉପସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର କହିଲେ, ଜ୍ୟୋତିଷ ଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ଏବଂ ପଦାର୍ଥ ବିଜ୍ଞାନ ଆମ ସମାଜ ପାଇଁ ଅତ୍ୟନ୍ତ ଜରୁରୀ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ, ସାମନ୍ତ ଚନ୍ଦ୍ରଶେଖର କେବଳ ଓଡିଶାରେ ନୁହେଁ, ଭାରତର ଜଣେ ଭିନ୍ନ ବ୍ୟକ୍ତିତ୍ୱ ଥିଲେ। କାର୍ଯ୍ୟକ୍ରମର ପୃଷ୍ଠପୋଷକ ତଥା ଇଗ୍ନୁର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ କହିଲେ, ସାମନ୍ତ ଚନ୍ଦ୍ରଶେଖର ହେଉଛନ୍ତି ଜଣେ ମହାନ୍ ବୈଜ୍ଞାନିକ, ଯିଏ ସମଗ୍ର ଆକାଶର ଜଣେ ଖାଲି ଆଖି ଦର୍ଶକ ଥିଲେ। ଏହା କିପରି ସମ୍ଭବ? ଆଜି ବି ଏହା ଜ୍ୟୋତିର୍ବିଜ୍ଞାନୀ ଓ ବୈଜ୍ଞାନିକଙ୍କ ପାଇଁ ଏକ ଆହ୍ୱାନ। ବୈଜ୍ଞାନିକ ତଥା ନାଇଜରର ବରିଷ୍ଠ ପ୍ରଫେସର ବେଦାଙ୍ଗ ମହାନ୍ତି କହିଲେ, ସାମନ୍ତ ଚନ୍ଦ୍ରଶେଖର ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ନଗ୍ନ ଚକ୍ଷୁ ଜ୍ୟୋତିର୍ବିଜ୍ଞାନୀ। ସମ୍ମିଳନୀର ସଭାପତି ପ୍ରଫେସର ଜ୍ୟୋତିଷ ରଞ୍ଜନ ମହାନ୍ତି କହିଲେ, କମ୍ପନ ଶକ୍ତିରୁ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରିହର ହୋତା କହିଲେ, ଜ୍ୟୋତିଷ ହେଉଛନ୍ତି ବେଦର ଆଖି। ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ବରିଷ୍ଠ ବୈଜ୍ଞାନିକ ଡ. ବିକାଶ କୁମାର ଜେନା ଅତିଥି ପରିଚୟ ଦେଇଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସରର ଜ୍ୟୋତିଷ ବିଭାଗର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମତ ରଖିଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଧାପକ ଡ. ଗୌରୀଶଙ୍କର ସାହୁ। ଅନ୍ୟ ଅଧିବେଶନରେ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ, ଶିକ୍ଷାବିତ୍ ପ୍ରଫେସର ବିଜୟ କୁମାର ପରିଡା, ଲୋକପ୍ରିୟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁ, ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ, ଡ. ରଜତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭମ୍ ବେହେରା, ସଞ୍ଜୟ ପଟ୍ଟନାୟକ, ଅରୁଣ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ପ୍ରଭାସ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ଚନ୍ଦକା ଥାନା ପାଖରୁ ଅପହୃତ ଯୁବକ ଉଦ୍ଧାର

ବାରଙ୍ଗ,୪।୧(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ପାଖରୁ ଗୁରୁବାର ରାତିରେ ଅପରହଣ ହୋଇଥିବା ଜଣେ ଯୁବକଙ୍କୁ ପୋଲିସ ପାତ୍ରପଡ଼ା ଅଞ୍ଚଳରୁ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମର ଆଶିଷ ରଞ୍ଜନ ବେହେରା(୨୨)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅପହରଣ ହୋଇଥିବା ଅନୁମାନ କରାଯାଉଥିବାବେଳେ ଆଶିଷଙ୍କୁ ପୋଲିସ ପଚରାଉଚରା ଚଳାଇଛି। ଅପହରଣବେଳେ ଆଶିଷଙ୍କ ସାଙ୍ଗ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସାଙ୍ଗ ଜଣଙ୍କ ଥାନାରେ ଜଣାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ଅପହରଣକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ତେବେ ଥାନା ପାଖରେ ଏହି ଘଟଣା ଘଟିଥିବାରୁ ପୋଲିସ ପାଇଁ ଚିନ୍ତାର କାରଣ ସାଜିଛି।

ଜମି ଦେବା ନାଁରେ ୨ ଲକ୍ଷ ଠକେଇ, ପ୍ରୟୋଜକ ଗିରଫ

ଭୁବନେଶ୍ୱର,୪।୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଏମ୍‌ସ ଅଞ୍ଚଳରେ ଏକ ପ୍ଲଟ୍ ଦେବାକୁ କହି ଜଣେ ରିୟଲ ଇଷ୍ଟେଟ ବ୍ୟବସାୟୀଙ୍କଠାରୁ ୨ଲକ୍ଷ ଟଙ୍କା ଠକିନେବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରଯୋଜକ ସଚିକାନ୍ତ ଜେନା। ଅଭିଯୁକ୍ତମାନଙ୍କ ସହ ମିଶି ଜମି ଦେଖାଇବା ଓ ଟଙ୍କା କାରବାରରେ ସଂପୃକ୍ତ ଥିବା ଜଣାପଡିବା ପରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ତେବେ ଏହି ଘଟଣାରେ ପୂର୍ବରୁ ପୋଲିସ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା।

ଏଥର ୪୦୦ ଷ୍ଟଲ୍‌ରେ ୨୬ ରାଜ୍ୟର ସାମଗ୍ରୀ

ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ସୂଚନା ଦେଉଛନ୍ତି।

୬ରୁ ଶିଶିର ସରସ ମେଳା

ଭୁବନେଶ୍ୱର,୪।୧(ଶର୍ମିଷ୍ଠା ପାଣିଗ୍ରାହୀ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓର୍ମାସ ପକ୍ଷରୁ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ଜାତୀୟସ୍ତରୀୟ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ମସଲାର ମେଳା 'ଶିଶିର ସରସ-୨୦୨୪'। ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ଭୁବନେଶ୍ୱର ୟୁନିଟ-୮ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ ପରିସର ଓରମାସ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ଏହି ସୂଚନା ଦେଇଛନ୍ତି। ସେ କହିଲେ, ମେଳାରେ ମୋଟ ୪୦୦ଟି ଷ୍ଟଲ ଖୋଲାଯିବ। ଓଡ଼ିଶାର ୩୦ଟି ଜିଲା ସହିତ ୨୬ଟି ରାଜ୍ୟର ମହିଳା ଏସ୍‌ଏଚ୍‌ଜି, ଉତ୍ପାଦକ ଗୋଷ୍ଠୀ ଏବଂ ଉତ୍ପାଦକ ଉଦ୍ୟୋଗୀଙ୍କ ହାତ ତିଆରି ହସ୍ତଶିଳ୍ପ, ହସ୍ତତନ୍ତ ଓ ଖାଦ୍ୟ ମସଲା ସାମଗ୍ରୀ ଆଦି ବିକ୍ରି ହେବ। ୨୪ଟି ଷ୍ଟଲକୁ ନେଇ ସ୍ୱତନ୍ତ୍ର ଫୁଡ କୋର୍ଟ, ସେଲଫି ପଏଣ୍ଟ, ଓରମାସର ମାର୍କେଟିଂ, ଆଜିବୀକା ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମକୁ ନେଇ ସ୍ୱତନ୍ତ୍ର ଥିମ୍ ଷ୍ଟଲ ରହିବ। ମେଳାରେ ମନୋରଞ୍ଜନ ପାଇଁ ପ୍ରଖ୍ୟାତ କଳାକାରମାନେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ମେଳାକୁ ଆସୁଥିବା ପରିଦର୍ଶକଙ୍କ ପାଇଁ ଓପନ କୁଇଜ, ଛାତ୍ରୀଛାତ୍ରଙ୍କ ପାଇଁ ଡ୍ରଇଂ ପ୍ରତିଯୋଗିତା କରାଯିବ। ଏହି ମେଳା ପ୍ରତିଦିନ ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଖବରଦାତା ସମ୍ମିଳନୀରେ ଓରମାସର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ଗଜପତି

୧୭ରେ ଲୋକାର୍ପଣ ଉତ୍ସବ

ପୁରୀ, ୪।୧(ଅଜିତ୍ ମହାନ୍ତି)

ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଗଜପତି ମହାରାଜା କର୍ତ୍ତା ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନା କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଲୋକାର୍ପଣ କରିବେ। ଲୋକାର୍ପଣ ଉତ୍ସବରେ ଦେଶ ତଥା ରାଜ୍ୟର ବିଭିନ୍ନ ଦେବାଳୟର ପ୍ରତିନିଧି, ଅନେକ ବ୍ୟକ୍ତିବିଶେଷ, ଚାରିପୀଠର ଶଙ୍କରାଚାର୍ଯ୍ୟ, ନେପାଳ ରାଜା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବକୁ ଆଉ ଅଳ୍ପ କିଛିଦିନ ବାକିଥିବା ବେଳେ ସମସ୍ତ ପ୍ରସ୍ତୁତି ପର୍ବ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଗୁରୁବାର ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଗଜପତି ମହାରାଜା ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ନେଇ ଜିଲାପାଳ ବର୍ମା କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ କାର୍ଯ୍ୟ ଦ୍ୱରାନ୍ୱିତ ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୨ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଯଜ୍ଞ ଯେପରି ସୁରୁଖୁରୁରେ ହେବ ଏବଂ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ୧୭ ତାରିଖ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ଅତିଥିମାନେ କେଉଁଠି ବସିବେ, କିପରି ଯଜ୍ଞ ହେବ, କେଉଁ ସବୁ ବ୍ୟବସ୍ଥା ଗ୍ରହଣ କରାଯିବ ଇତ୍ୟାଦି ନେଇ ଆଲୋଚନା ହୋଇଥିଲା। ପୂର୍ବରୁ ସେବାୟତ ପ୍ରତିନିଧିମାନେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପ୍ରମୁଖ ମନ୍ଦିରକୁ ଯାଇ ନିମନ୍ତ୍ରଣ ଦେଇଛନ୍ତି। ସେହି ସବୁ ମନ୍ଦିରରୁ ଆସିବାକୁ ଥିବା ନିମନ୍ତ୍ରିତ ଅତିଥିମାନଙ୍କ ସହ ଯୋଗାଯୋଗ କରାଯାଉଛି। ସେମାନଙ୍କ ରହିବା ଓ ଆତିଥେୟତା ବ୍ୟବସ୍ଥା ଦାୟିତ୍ୱ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କୁ ଦିଆଯାଇଛି। ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ରଥଯାତ୍ରା ସମୟରେ ଯେଉଁ ଅଧିକାରୀମାନେ ଡେପୁଟେଶନରେ ଆସି କାର୍ଯ୍ୟ କରିଥାନ୍ତି, ସେମାନଙ୍କୁ ଦାୟିତ୍ୱ ବଣ୍ଟାଯିବ। ୧୭ ତାରିଖରେ ନିମନ୍ତ୍ରିତ ମନ୍ଦିର ପ୍ରତିନିଧିମାନେ ଯୋଗଦେବାର ବ୍ୟବସ୍ଥା ହୋଇଛି। ୧୮ ତାରିଖରୁ ଜାନୁଆରୀ ୩୧ ଭିତରେ ଆସିବା ପାଇଁ ଅନ୍ୟ ମନ୍ଦିର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯିବ। ଗୋଟିଏ ଦିନରେ ସମସ୍ତଙ୍କୁ ଡକାଯାଇପାରିବ ନାହିଁ। ୧୭ ତାରିଖରେ ଆସୁଥିବା ଅତିଥିମାନଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ପ୍ରସ୍ତାବଗୁଡିକ କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଯାହା ସବୁ କାର୍ଯ୍ୟ ହୋଇଛି, ସେ ନେଇ ଗଜପତିଙ୍କୁ ସୂଚନା ଦିଆଯାଇଛି। ସେହିପରି ଆସିଥିବା କିଛି ପରାମର୍ଶ ଉପରେ ମଧ୍ୟ ଆଲୋଚନା ହୋଇଛି। ଏନେଇ କାର୍ଯ୍ୟ କରାଯିବ ବୋଲି ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ରାଜପୁରୋହିତଙ୍କ ପରାମର୍ଶ କ୍ରମେ ଗଜପତି ମହାରାଜାଙ୍କ ରାଶି ଓ ନକ୍ଷତ୍ରକୁ ନେଇ ଯଜ୍ଞ ଆରମ୍ଭ କରାଯିବ। ଆସନ୍ତା ୧୨ତାରିଖ ସନ୍ଧ୍ୟାରେ ଶ୍ରୀନଅରରେ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆ ଟେକାଯାଇ ଯଜ୍ଞ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ। ୧୫ ତାରିଖ ସକାଳ ୭ଟାରେ ଶ୍ରୀମନ୍ଦିର ଐଶାନ୍ୟକୋଣରେ ଅଙ୍କୁରାରୋପଣ କରାଯିବ। ୧୭ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବେ।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୪।୧।୨୦୨୪

୩,୨୭,୮୧୯ ଟଙ୍କା	
ସୁନା	୧୧.୬୫୦ ଗ୍ରାମ୍
ରୁପା	୯୭.୨୦୦ ଗ୍ରାମ୍

ସଂକ୍ଷେପରେ

ଅନ୍ନପୂର୍ଣ୍ଣା ଦିବସ ପାଳିତ

ପୁରୀ,୪।୧(ଅଜିତ୍ ମହାନ୍ତି):

ରୋଟାରି କ୍ଲବ ପୁରୀ ଆନୁକୂଲ୍ୟରେ ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ 'ଅନ୍ନପୂର୍ଣ୍ଣା ଦିବସ' ପାଳିତ ହୋଇଯାଇଛି। ମହାପାତ୍ର ଓ ତାଙ୍କ ସହଧର୍ମିଣୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ତରଫରୁ ବାସୁଦେବପୁର ଉତ୍ତରହଣାସ୍ଥିତ ଆଶ୍ରମରେ ରହୁଥିବା ପିଲାଙ୍କୁ ଶୀତବସ୍ତ୍ର, କ୍ରୀଡ଼ା ସାମଗ୍ରୀ, ବିସ୍କୁଟ, ଚକୋଲେଟ୍ ବଣ୍ଟନ ସହ ମଧ୍ୟାହ୍ନଭୋଜନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ବର୍ଷୀୟାନ୍ ସମ୍ପାଦକ ନରସିଂହ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ସନ୍ତୋଷ କୁମାର ଲେଙ୍କା, ରାକେଶ ପଣ୍ଡା, ମକର ବେହେରା, ବିଜୟ କୁମାର ପତି, ଶୈଳେନ୍ଦ୍ର ବେହେରା, ପୁରୀ ଚାଇଲ୍ଡ କେୟାର ଅଧିକାରୀଙ୍କ ପ୍ରତିନିଧି ଶୁଭ୍ରାଂଶୁ ଶତପଥି, ପ୍ରଫୁଲ ସାମନ୍ତରାୟ, ସବ୍ୟସାଚୀ ରଥ, ସାନଭାଇ ନାରାୟଣ ମହାପାତ୍ର, ଦେବାଶିଷ ହୋତା ଏବଂ ମହାବୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ମାତୃଶକ୍ତି ମହିଳା ଗୋଷ୍ଠୀର ବନ୍ଧୁମିଳନ

ନିମାପଡ଼ା,୪।୧(ରଞ୍ଜନ ପଟ୍ଟନାୟକ):

ନିମାପଡ଼ାସ୍ଥିତ ଅଗ୍ରଣୀ ମହିଳା ସଂଗଠନ ମାତୃଶକ୍ତି ଫାଉଣ୍ଡେଶନ ଟ୍ରଷ୍ଟର ନୂତନବର୍ଷ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ହେଉଛନ୍ତି ସମାଜର ମେରୁଦଣ୍ଡ। ଏକ ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ। ଏକତ୍ରିତ ହୋଇ କାର୍ଯ୍ୟକଲେ ସବୁ ସମସ୍ୟା ସମାଧାନ ହୋଇଯିବ ବୋଲି ନିମାପଡ଼ା କଲେଜର ପୂର୍ବତନ ଇତିହାସ ବିଭାଗ ଅଧ୍ୟାପକ ନିରୋଦ ବରଣ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସଂଗଠନର ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖବରଦାତା ଜୟଶ୍ରୀ ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଶତାଧିକ ମହିଳା ସଦସ୍ୟ ଯୋଗଦେଇଥିଲେ।

ଥାନାରେ ସିନିୟର୍ ସିଟିଜେନ କାର୍ଡ ବଣ୍ଟନ

ପିପିଲି,୪।୧(ଦୁର୍ଗାମାଧବ ମିଶ୍ର):

ପିପିଲି ଥାନାରେ ଆଇଆଇସି ଦୀପକ ଖଣ୍ଡାୟତରାୟ ଗୁରୁବାର ୯ ଜଣ ସିନିୟର ସିଟିଜେନଙ୍କୁ କାର୍ଡ ବାଣ୍ଟିଛନ୍ତି। ଏଥିରେ ଥାନାର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ସିନିୟର ସିଟିଜେନଙ୍କୁ କାର୍ଡ ଦିଆଯିବ ବୋଲି ଆଇଆଇସି ଖଣ୍ଡାୟତରାୟ ପ୍ରକାଶ କରିଛନ୍ତି।

ଭକ୍ତଙ୍କ ସୁବିଧା ଆଳରେ ପୁରୀବାସୀଙ୍କୁ ହଇରାଣ କରୁଛି ପ୍ରଶାସନ

ପୁରୀ, ୪।୧(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଆସୁଥିବା ଭକ୍ତ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେଥିଲାଗି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପରିକ୍ରମା ପ୍ରକଳ୍ପ ନିର୍ମାଣ ହୋଇଛି। ଆଉ କିଛି ଦିନ ପରେ ଭକ୍ତମାନେ ପରିକ୍ରମା ପ୍ରକଳ୍ପ ଚାରିପଟେ ଯାତାୟାତ କରିପାରିବେ। ସେହିଭଳି ଅଧିକ ସମୟ ଖରା ଓ ବର୍ଷାରେ ଶିଝୁଥିବା ଭକ୍ତଙ୍କ ପାଇଁ ପ୍ରଶାସନ ପକ୍ଷରୁ ଏସି ଶେଡ୍ ବା ଟନେଲ ନିର୍ମାଣ କରାଯିବା ସହ ବିଶ୍ରାମ ବ୍ୟବସ୍ଥା କରାଯାଇଛି। ସରକାରଙ୍କ ସମସ୍ତ ପଦକ୍ଷେପକୁ ଆପତ୍ତି ନ କରି ପୁରୀବାସୀ ବିଶେଷକରି ଶ୍ରୀମନ୍ଦିର ଚାରିପାଖରେ ବସବାସ କରୁଥିବା ବାସିନ୍ଦା ସ୍ୱାଗତ କରୁଛନ୍ତି। ତେବେ ପ୍ରଶାସନ ସର୍ବଦା ଶ୍ରୀମନ୍ଦିର ଚାରିପାଖରେ ରହୁଥିବା ବାସିନ୍ଦା ଓ ପୁରୀବାସୀଙ୍କ ସମସ୍ୟା ତଥା ସୁବିଧା ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ଯାହାର ଏକ ଉଦାହରଣ ଗତ ୩୧ତାରିଖରେ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ସୁବିଧା ପାଇଁ ପୁରୀବାସୀ ଏକପ୍ରକାର ଗୃହବନ୍ଦୀ ପରି ଜୀବନ କାଟୁଛନ୍ତି। ଏସି ଶେଡ୍‌ରେ ଭକ୍ତ ଯିବାର ବ୍ୟବସ୍ଥା କରାଯାଥିବାରୁ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଥିବା ସମସ୍ତ ରାସ୍ତାକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସାହିବାସିନ୍ଦା ବଡ଼ଦାଣ୍ଡକୁ ଆସିବା ପାଇଁ ରାସ୍ତା ନ ଥିବାବେଳେ ଆବଶ୍ୟକ କାର୍ଯ୍ୟ ପାଇଁ ବୁଲି ବୁଲି ହଇରାଣ ହୋଇ ଆସୁଛନ୍ତି। ସେମାନଙ୍କୁ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ମଧ୍ୟ ହେବାକୁ ପଡୁଛି। ଏହାକୁ ସ୍ଥାନୀୟ ବାସିନ୍ଦା ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ଥର ପ୍ରଶାସନ ପକ୍ଷରୁ ମାର୍କେଟଛକଠାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ବ୍ୟାରିକେଡ୍ ଏବଂ ଧର୍ମଜ୍ୟୋତି ଧର୍ମଶାଳା ଠାରୁ ଏସି ଶେଡ୍ ନିର୍ମାଣ କରାଯାଇଛି। ନୂଆବର୍ଷରେ ଭକ୍ତଙ୍କ ସୁବିଧା ପାଇଁ ଏହି ବିରାଟ ବ୍ୟାରିକେଡ ନିର୍ମାଣ କରାଯାଇଥିଲା। ଭକ୍ତମାନେ ଏସି ଶେଡ୍, ଶ୍ରୀକୃଷ୍ଣ ସିନେମା ଛକ, ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଭ୍ୟର୍ଥନା କେନ୍ଦ୍ର ଓ ଦୋଳବେଦି କୋଣ ଦେଇ ବଡ଼ଆଖଡା ମଠ ପାର୍ଶ୍ୱ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। ଫଳରେ ଦୋଳବେଦିକୋଣ, ଶ୍ରୀକୃଷ୍ଣ ସିନେମା ହଲ ଛକ ରାସ୍ତାକୁ ପ୍ରଶାସନ ସମ୍ପୂର୍ଣ୍ଣ ସିଲ୍ କରିଦେଇଛି। ଅପରପକ୍ଷରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଭକ୍ତମାନେ ଉତ୍ତର ଦ୍ୱାର ଦେଇ ସତ୍ୟନାରାୟଣ ମନ୍ଦିର ପାର୍ଶ୍ୱ ଦେଇ ଶ୍ରୀକୃଷ୍ଣ ସିନେମା ହଲ ଛକଠାରେ ବାହାରୁଛନ୍ତି। ତେବେ ସେଠାରେ ମୁଖ୍ୟରାସ୍ତାକୁ ସିଲ କରାଯାଇଥିବା ବେଳେ ଏସି ଶେଡ୍ ପାଖରେ ମାତ୍ର ୬ରୁ ୮ ଫୁଟ ରାସ୍ତା ଦେଇ ଯାଇ ମରିଚିକୋଟ କିମ୍ବା ଶନି ମନ୍ଦିର ଛକଠାରେ ବଡ଼ଦାଣ୍ଡରେ ବାହାରୁଛନ୍ତି। ଦୋଳବେଦି କୋଣ ରାସ୍ତା ଓ ଶ୍ରୀକୃଷ୍ଣ ସିନେମା ଛକ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି। ରାସ୍ତା ସିଲ୍ ହେବା ଦ୍ୱାରା ଗତ ୬ଦିନ ହେବ ମାର୍କଣ୍ଡେଶ୍ୱର ସାହି, ଚୂଡ଼ଙ୍ଗ ସାହି, ବାସେଳି ସାହି, ନୂଆପାଟଣା ଗଳି, ମିଶ୍ର ସାହି ପ୍ରଭୃତି ସାହିର ବାସିନ୍ଦା ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଉକ୍ତ ସାହିଗୁଡ଼ିକୁ ରାସ୍ତା ନ ଥିବାରୁ କୌଣସି ଅଘଟଣ ଘଟିଲେ ଆମ୍ବୁଲାନ୍ସ ଆସିବାରେ ସମସ୍ୟା ଦେଖାଦେବ। ସେହିପରି ପ୍ରଶାସନର ଦୂରଦୃଷ୍ଟି ଅଭାବ କାରଣରୁ ୬ଫୁଟ ରାସ୍ତାରେ ଭକ୍ତ ଓ ଗାଡ଼ିମୋଟର ଚଳାଚଳ କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଦେଖାଯିବା ସହ ଦୁର୍ଘଟଣା ଘଟୁଛି। ତେଣୁ ଭକ୍ତଙ୍କ ସମେତ ସାହିବାସିନ୍ଦାଙ୍କ ସୁବିଧା ପାଇଁ ଦାବି କରାଯାଉଛି। ଏନେଇ ନୂଆପାଟଣା ଗଳିର ବଳଭଦ୍ର ଦାସ କହିଛନ୍ତି, ମନ୍ଦିର ପାଖରେ ଘର ହୋଇଥିବାରୁ ଅନେକ ଥର ବଡ଼ଦାଣ୍ଡକୁ ଯିବାକୁ ପଡ଼ିଥାଏ। ମୁଖ୍ୟତଃ ଶ୍ରୀକୃଷ୍ଣ ସିନେମା ଛକ ନ ହେଲେ ଦୋଳବେଦି କୋଣ ରାସ୍ତା ଦେଇ ଯାତାୟାତ କରିଥାଉ। ମାତ୍ର ପ୍ରଶାସନ କିଛିଦିନ ହେବ ଉକ୍ତ ଦୁଇ ରାସ୍ତାକୁ ସିଲ୍ କରିଦେଇଛି। ଫଳରେ ବୁଲିବୁଲି ଯିବାକୁ ପଡୁଛି। ଅପରପକ୍ଷରେ ଏସି ଶେଡ୍ ପାଖରେ ଅଣଅସାରିଆ ରାସ୍ତା ରହିଛି, ଯେଉଁଠାରେ ଯିବା ସମ୍ଭବ ହୋଇପାରୁନାହିଁ। ପ୍ରଶାସନର ବ୍ୟବସ୍ଥା ଓ ଉନ୍ନତୀକରଣକୁ ସ୍ୱାଗତ କରୁଛୁ, ମାତ୍ର ପୁରୀବାସୀଙ୍କ ମୌଳିକ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟିଦେବା ସହ ରାସ୍ତା ସବୁ ଖୋଲାଯିବା ଉଚିତ। ସେହିପରି ବାସେଳି ସାହି ମୁଦୁଲି ଯାଗା ଅଞ୍ଚଳର ଶକ୍ତିପ୍ରସାଦ ମିଶ୍ର କହିଛନ୍ତି, ପ୍ରଶାସନ ଭକ୍ତଙ୍କ ସୁବିଧା ଆଳରେ ପୁରୀବାସୀଙ୍କୁ ଦିନକୁ ଦିନ ଅଧିକ ସମସ୍ୟା ଭିତରକୁ ଠେଲିଦେଉଛି। ପରିକ୍ରମା ପ୍ରକଳ୍ପ ପାଇଁ ରାସ୍ତା ମରାମତି କରାଯାଉଥିବା ବେଳେ ବର୍ତ୍ତମାନ ଦର୍ଶନ ବ୍ୟବସ୍ଥା କାରଣରୁ ଦୁଇ ପ୍ରମୁଖ ରାସ୍ତା ଦୋଳବେଦି କୋଣ ଓ ଶ୍ରୀକୃଷ୍ଣ ସିନେମା ହଲ ପାଖ ରାସ୍ତାକୁ ସିଲ୍ କରାଯାଇଛି, ଯାହା ଗ୍ରହଣୀୟ ନୁହେଁ। ରାସ୍ତା ସିଲ୍ କାରଣରୁ ଅନେକ ବାଟ ବୁଲିବାକୁ ପଡୁଛି। ମାତ୍ର ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ନ ହେଲେ ପୁରୀବାସୀ ପ୍ରଶାସନର ଏପରି ମନମୁଖି କାର୍ଯ୍ୟକୁ ଘୋର ବିରୋଧ କରିବେ ବୋଲି ମିଶ୍ର ଚେତାବନୀ ଦେଇଛନ୍ତି।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପୁରୀ,୪।୧(ଅଜିତ୍ ମହାନ୍ତି)

ସଡ଼କ ସୁରକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଗଦାଧର ଉଚ୍ଚ ବିଦ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ସଚେତନତା ବାର୍ତ୍ତାମୂଳକ ଭିଡିଓ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ବିଦ୍ୟାର୍ଥୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍‌କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟରେ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବେ ସେ ବିଷୟରେ ବୁଝାଇଥିଲେ। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ମା' ବାପାମାନେ ବହୁତ କଷ୍ଟ ସହି ପିଲାମାନଙ୍କୁ ମଣିଷ କରନ୍ତି। ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ବିଷୟରେ ସଚେତନ ହେଲେ ଦେଶ ତଥା ପରିବାରର ମଙ୍ଗଳ ହୋଇଥାଏ। ସଭା ପରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍‌ର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପୁରୀ କିନ୍ନର ସଂଘ ପକ୍ଷରୁ ଦୁର୍ଗା ଦେବୀଙ୍କ ପୂଜା ପାଇଁ ଗୁରୁବାର କିନ୍ନରମାନେ ନରେନ୍ଦ୍ର ପୁଷ୍କରିଣୀରୁ ଜଳ ଆଣି ଶୋଭାଯାତ୍ରାରେ ଆସୁଛନ୍ତି ।

'ସୁସ୍ଥ, ଶୃଙ୍ଖଳିତ ସମାଜ ପାଇଁ ଯୋଗ ଆବଶ୍ୟକ'

ପୁରୀ, ୪।୧(ଅଜିତ୍ ମହାନ୍ତି)

ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ମହାମନ୍ତ୍ର ହିଁ ଯୋଗ। ଏଣୁ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ପାଇଁ ପ୍ରତ୍ୟେକ ବ୍ୟକ୍ତି ଯୋଗ ସହ ସଂଯୁକ୍ତ ହେବା ଆବଶ୍ୟକ ବୋଲି ପତଞ୍ଜଳୀ ଯୋଗ ସଂସ୍ଥାର ପ୍ରମୁଖ ଭାସ୍କର ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, କ୍ରୀଡ଼ାଗୁରୁ ଡ. ବିମଳ ପ୍ରସାଦ ମହାନ୍ତି, ଅଧିବକ୍ତା ପୁଷ୍କର ମହାପାତ୍ର, ଯୋଗଗୁରୁ ମନୋଜ କୁମାର ନାୟକ, ସଙ୍ଗଠକ ବଦ୍ରି ମିଶ୍ର, ଯୋଗ ଶିକ୍ଷୟିତ୍ରୀ ସ୍ନେହା ନନ୍ଦ, ଗୁରୁ ସସ୍ମିତା ଦାସ ଏବଂ ଉତ୍କଳ ବିଦ୍ୱତ ପରିଷଦର ମନୋଜ ରଥ ପ୍ରମୁଖ ଯୋଗଦେଇଥିଲେ। ମିଶନ ଓଡ଼ିଶା ପକ୍ଷରୁ ପୁରୀର ଆଖଣ୍ଡଳମଣି ଯୋଗ କେନ୍ଦ୍ର ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ମିଳିତ ଆନୁକୁଲ୍ୟରେ ଶରଧାବାଲି ମେଳା ମଞ୍ଚରେ ଆୟୋଜିତ 'ଯୋଗ ଓ ଯୁବସମାଜ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଏକ ସୁସ୍ଥ ସମାଜ ପାଇଁ ଯୋଗ କରିବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଜନମଞ୍ଚର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୟନ୍ତୀ ମହାପାତ୍ର, ଶିବରାମ ପ୍ରଧାନ, ଦେବରାଜ ଦାସ, କେଦାରନାଥ ମହାପାତ୍ର, ବଳରାମ ପାତ୍ର, ଡାକ୍ତର ରାଧାଶ୍ୟାମ ରଥ, ମଧୁମିତା ମହାପାତ୍ର, ସନ୍ତୋଷ ସେନାପତି, ନିହାରିକା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତରରେ ଭାଗ ନେଇଥିବା ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।

'ସାମନ୍ତ ଚନ୍ଦ୍ରଶେଖର ଯୁବପିଢ଼ିଙ୍କ ପାଇଁ ପ୍ରେରଣା'

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପୁରୀ,୪।୧(ଅଜିତ୍ ମହାନ୍ତି)

ମହାମହୋପାଧ୍ୟାୟ ଚନ୍ଦ୍ରଶେଖରସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ (ସାମନ୍ତ ଚନ୍ଦ୍ରଶେଖର)ଙ୍କ ୧୮୮ତମ ଜୟନ୍ତୀ ଗୁରୁବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ର ଏଥିରେ ସଭାପତିତ୍ୱ କରି ସାମନ୍ତ ଚନ୍ଦ୍ରଶେଖର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ହୋଇରହିବେ ବୋଲି କହିଥିଲେ। ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାମନ୍ତ ଚନ୍ଦ୍ରଶେଖରଙ୍କୁ ଜଣେ ଅଲିଭା ଅଗ୍ନିଶିଖା ସହ ତୁଳନା କରି ତାଙ୍କର ଦକ୍ଷତା, ସ୍ୱାଭିମାନ ଓ ଆଦର୍ଶକୁ ଅନୁସରଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପିକା ସସ୍ମିତା ପରମାଣିକ ଅତିଥି ପରିଚୟ ଏବଂ ଡ. ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ମାଛ ମାର୍କେଟ ନିର୍ମାଣ ନେଇ ହାଇକୋର୍ଟଙ୍କ ଜବାବ ତଲବ

କୋଣାର୍କ,୪।୧(ଜ୍ୟୋତିରାଜ ମହାନ୍ତି):

ବାଲୁଖଣ୍ଡ ଅଭୟାରଣ୍ୟର ଇକୋ ସେନ୍‌ସିଟିଭ ବା ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମାଛ ମାର୍କେଟ ନିର୍ମାଣ ପାଇଁ ଉଦ୍ୟମ କରାଯାଉଛି। ଏଥିନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ଗୁରୁବାର କେସ୍‌ରେ ପକ୍ଷଭୁକ୍ତ ଥିବା ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ, ନଗର ଉନ୍ନୟନ ସଚିବ, ମୁଖ୍ୟ ବନ ସଂରକ୍ଷକ, ଜିଲାପାଳ, ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ, ତହସିଲଦାର ଗୋପ, ଡିଏଫ୍‌ଓ, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସଚିବ ଆଦି ଆଠଜଣ ପ୍ରତିପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ଘଟଣାରୁ ପ୍ରକାଶ, କୋଣାର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୂର୍ଯ୍ୟମନ୍ଦିର ଅତି ନିକଟରେ ଇକୋ ସେନ୍ସିଟିଭ ଜୋନ୍‌ରେ ମାଛ ମାର୍କେଟ୍ ନିର୍ମାଣ ପାଇଁ ଉଦ୍ୟମ ଚାଲିଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜମି ହସ୍ତାନ୍ତର କରାଯାଇନାହିଁ। ଜିଲା ସାଇଟ୍ ସିଲେକ୍ସନ କମିଟି ମଧ୍ୟ ଜାଗା ଚିହ୍ନଟ କରିନାହିଁ। ଏଥିପାଇଁ ଇକୋ ସେନ୍‌ସିଟିଭ କମିଟି ମଧ୍ୟ ଅନୁମତି ଦେଇନି। ପୂର୍ବ ନିର୍ଦ୍ଧାରିତ ଜାଗାରେ ମଧ୍ୟ ଏହି ମାର୍କେଟ କରାଯାଉନି। ଏ ସମସ୍ତ ଅଭିଯୋଗ ନେଇ ଓଡ଼ିଶା ବାୟୋ ଡାଇଭରସିଟି କନ୍‌ଭର୍ସେସନ୍ ଫାଉଣ୍ଡେଶନ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁ(ସି) ୪୨୧୨୯/୨୦୨୩ ରୁଜୁ ହୋଇଥିଲା। ଏହାର ବିଚାର କରି ମୁଖ୍ୟ ବିଚାରପତି ଜଷ୍ଟିସ ବି. ଆର୍. ଷଡ଼ଙ୍ଗୀ ଓ ଜଷ୍ଟିସ୍ ମୁରହରି ଶ୍ରୀ ରମଣ ସମସ୍ତ ପ୍ରତିପକ୍ଷଙ୍କଠାରୁ ଜବାବ ତଲବ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓ ଆଇନଜୀବୀ ଶିବ ଶଙ୍କର ମହାନ୍ତି ଓ କୋଣାର୍କ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ଶ୍ରୀଜୟ କୁମାର ବରାଳ ମକଦ୍ଦମା ପରିଚାଳନା କରୁଛନ୍ତି। ଏହା ଫଳରେ ସୂର୍ଯ୍ୟ ମନ୍ଦିର ସନ୍ନିକଟରେ ଏନ୍‌ଏସିର ଏହି ବେଆଇନ ମାର୍କେଟ ନିର୍ମାଣ ଉଦ୍ୟମ ନେଇ ଅନିଶ୍ଚିତତା ଦେଖାଦେଇଛି।

ଆଜି ଗାଡ଼ି ଚଳାଚଳ ବନ୍ଦ ରଖିବ ପୁରୀ ଡ୍ରାଇଭର ସଂଘ

ପୁରୀ,୪।୧(ଅଜିତ୍ ମହାନ୍ତି)

କେନ୍ଦ୍ର ସରକାର ଗାଡ଼ିଚାଳକଙ୍କ ନିମନ୍ତେ କେତୋଟି ନୂଆ ନିୟମ ପ୍ରଣୟନ କରିଛନ୍ତି, ଯାହାକୁ ବିରୋଧ କରି ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାର ଗାଡ଼ି ଚଳାଚଳ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନେଇଛି। ଏହି ବନ୍ଦକୁ ମହାସଂଘର ପୁରୀ ଶାଖା ସମର୍ଥନ କରିଛି। କେନ୍ଦ୍ର ସରକାରଙ୍କ ଏହି ନୂଆ ନିୟମ ବୋଝ ଉପରେ ନଳିତାବିଡ଼ା ସଦୃଶ। ତେଣୁ ସରକାର ପୂର୍ବ ସମସ୍ତ ଦାବି ଓ ନୂଆ ଆଇନକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିବ। ବନ୍ଦରେ ତିନିଚକିଆଠାରୁ ଆରମ୍ଭ କରି ଟ୍ରଲର ପର୍ଯ୍ୟନ୍ତ ସମସ୍ତ ଗାଡ଼ିର ଡ୍ରାଇଭର ସାମିଲ ହେବେ ବୋଲି ମହାସଂଘର ପୁରୀ ଶାଖା ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ମହାସଂଘର ପୁରୀ ଜିଲା ଶାଖା ସଭାପତି ବୁଦ୍ଧିଆ ମହାପାତ୍ର, ପୁରୀ ଟାଉନ ସଭାପତି ପପୁ ମିଶ୍ର, ଟାଉନ ଉପସଭାପତି ବାପି, ଟାଉନ ସମ୍ପାଦକ ସନ୍ତୋଷ ବେହେରା, ଟାଉନ ସହ ସମ୍ପାଦକ ଚନ୍ଦନ ମୁଖାର୍ଜୀ, କୋଷାଧ୍ୟକ୍ଷ ଗଣେଶ ମହାନ୍ତି ଏବଂ ସହକୋଷାଧ୍ୟକ୍ଷ ଶିଶିର ପ୍ରମୁଖ ଉପସ୍ଥିତ ଥିଲେ।

'ଛାତ୍ରୀଛାତ୍ର ପାଠ ସହ ଅନ୍ୟ ପ୍ରତିଭାକୁ ଗୁରୁତ୍ୱ ଦିଅନ୍ତୁ'

କ୍ରୀଡ଼ା ପ୍ରତିଯୋଗିତା

ପୁରୀ,୪।୧(ଅଜିତ ମହାନ୍ତି):

ପୁରୀ ପୌରାଞ୍ଚଳ ପକ୍ଷରୁ 'ନୂଆ ଓ' କାର୍ଯ୍ୟକ୍ରମ ଆଧାରରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା'ର ବିବିଧ ପ୍ରତିଯୋଗିତା ଆରମ୍ଭ ହୋଇଛି। ତାଳବଣିଆ ସ୍ପୋର୍ଟ୍ସ ପଡ଼ିଆରେ ବୁଧବାର ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିବା ସହ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାର ପରିପ୍ରକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ପିଲାମାନେ ଯାହା ବି କରନ୍ତୁ, ସବୁଥିରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହ ନିଷ୍ଠାପର ଓ ଆତ୍ମବିଶ୍ୱାସୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ଜିଲା ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ମହାନ୍ତି ଯୋଗଦେଇ କହିଥିଲେ, ସମସ୍ତଙ୍କ ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି। ଏହାର ଉନ୍ମେଷ ଓ ବିକାଶ ପାଇଁ ଏହି ବ୍ୟବସ୍ଥା ଫଳପ୍ରଦ ହୋଇପାରିବ। ପାଠ ସହ ଅନ୍ୟାନ୍ୟ ପ୍ରତିଭାକୁ ସମ ଗୁରୁତ୍ୱ ଦେଇ ଏହାର ଉପଯୋଗ ପାଇଁ ଚେଷ୍ଟିତ ହେବାକୁ ଅତିଥି ଦ୍ୱୟ ପରାମର୍ଶ ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଏହି ପ୍ରତିଯୋଗିତାରେ ୮୪ଟି ଦଳ ଅଂଶଗ୍ରହଣ କରିଥିବା କହିଥିଲେ। ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କ୍ରୀଡ଼ାବିତ ଅମିତ କୁମାର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ସାହିବାସିନ୍ଦା

ମଦ ଦୋକାନ ସ୍ଥାନାନ୍ତର ଦାବି

ପୁରୀ,୪।୧(ଅଜିତ୍ ମହାନ୍ତି)

ବାସେଳିସାହି ଥାନା ଅନ୍ତର୍ଗତ ବାଳିନୋଳିଆ ସାହିଠାରେ ଥିବା ମଦ ଦୋକାନକୁ ବିରୋଧ କରି ସାହିର ଶତାଧିକ ମହିଳା ଓ ପୁରୁଷ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସାହିରୁ ତରନ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ବାଳିନୋଳିଆ ସାହି ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି, ଯଦି ଅଯୋଧ୍ୟାରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସୀମା ବାହାରକୁ ମଦ ଦୋକାନଗୁଡ଼ିକୁ ହଟାଯାଇପାରିଲା, ତେବେ ଶ୍ରୀକ୍ଷେତ୍ରରେ କାହିଁକି କରାଯାଇପାରିବ ନାହିଁ। ସାହିରେ ମଦ ଦୋକାନ ଯୋଗୁ ଲୋକଙ୍କ ପରିବାର ଉଜୁଡ଼ିବାକୁ ବସିଲାଣି। ସାହିର ମୁଖ୍ୟ ରାସ୍ତାରେ କାଚ ଭାଙ୍ଗି ପଡୁଥିବା ବେଳେ ଅସାମାଜିକଙ୍କ ଭିଡ ଜମୁଛି। ଫଳରେ ସ୍ଥାନୀୟ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପିଲାମାନେ ପାଠ ପଢିବା ପାଇଁ ଯିବାକୁ ସମସ୍ୟା ଭୋଗୁଛନ୍ତି। ସାହି ବାସିନ୍ଦାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ମଦ ଦୋକାନକୁ ସାହିରୁ ସ୍ଥାନାନ୍ତର କରାଯାଉ ବୋଲି ଦାବି କରାଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ସାହିବାସିନ୍ଦା ଦାବିପତ୍ର ଦେଇଛନ୍ତି। ମଦ ଦୋକାନ ସ୍ଥାନାନ୍ତର ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ସାହିବାସିନ୍ଦା କହିଛନ୍ତି।

ସଂକ୍ଷେପରେ

ବର୍ଷକରେ ୭୫ ଅଭିଯୁକ୍ତଙ୍କୁ ବାନ୍ଧିଛି ଏସ୍‌ଟିଏଫ୍

ଭୁବନେଶ୍ୱର,୪।୧(ସତ୍ୟଜିତ୍ ରାଉତ):

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୨୦୨୩ରେ ୪୧ ମାମଲାରେ ସମ୍ପୃକ୍ତ ୭୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୭ଜଣ ଅଭିଯୁକ୍ତ ବାହାର ରାଜ୍ୟରୁ ରହିଛନ୍ତି। ମଣିପୁର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆସାମ ଓ ଜମ୍ମୁକଶ୍ମୀରରୁ ଜଣେ ଲେଖାଏ ଅଭିଯୁକ୍ତ ରହିଥିବାବେଳେ ଦୁଇଜଣ ପଶ୍ଚିମବଙ୍ଗରୁ ରହିଛନ୍ତି। ଏସ୍‌ଟିଏଫ୍ ପକ୍ଷରୁ ଗୁରୁବାର ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ପଞ୍ଜୀକୃତ ହୋଇଥିବା ମୋଟ୍ ମାମଲାରୁ ୧୩ଟି ଏନ୍‌ଡିପିଏସ୍ ମାମଲା ରହିଛି। ଏହି ମାମଲାଗୁଡ଼ିକରେ ୮ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର, ୪୫୬ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ୨ କେଜି ୮୮୦ ଗ୍ରାମର ଅଫିମ ଜବତ ହୋଇଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୭୫ ଲକ୍ଷ ଟଙ୍କାର ସମ୍ପତ୍ତି ମଧ୍ୟ ଏସ୍‌ଟିଏଫ୍ ଜବତ କରିଛି। ସେହିପରି ୧୭ଟି ବନ୍ୟଜନ୍ତୁ ମାମଲାରେ ୧୪ଟି କଲରାପତରିଆ ବାଘଛାଲ, ଗୋଟିଏ ମହାବଳ ବାଘ ଛାଲ, ୧୦ଟି ଜୀବନ୍ତ ବଜ୍ରକାପ୍ତା, ୬ଟି ହରିଣ ଛାଲ, ଗୋଟିଏ ବାର୍‌ହା ଦାନ୍ତ ଓ ଗୋଟିଏ କଇଁଛ ଖପୁରି ଜବତ ହୋଇଛି। ସେହିପରି ଦୁଇଟି ନକଲି ନୋଟ୍ କାରବାର ମାମଲାରେ ୭୨ ଲକ୍ଷ ୪୩ ହଜାର ୫୦୦ ଟଙ୍କାର ନକଲି ନୋଟ୍ ମଧ୍ୟ ଜବତ ହୋଇଛି। ସେହିପରି ୫ଟି ମାମଲାରେ ବହୁ ଖଣିଜପଦାର୍ଥ ମଧ୍ୟ ଜବତ ହୋଇଛି। ଅନ୍ୟପକ୍ଷରେ ଏସ୍‌ଟିଏଫ୍ ପକ୍ଷରୁ ବହୁ ନିଶା ସାମଗ୍ରୀକୁ ନଷ୍ଟ କରିବା ପ୍ରକ୍ରିୟା ଜାରି ରହିଛି। ୨୦୨୩ରେ ୩୨ ମାମଲାରେ ଜବତ ୩୯ କେଜି ବ୍ରାଉନସୁଗାର ଓ ୨୨ ମାମଲାରେ ଜବତ ହୋଇଥିବା ୮୦ କୁଇଣ୍ଟାଲ୍ ଗଞ୍ଜେଇ ପୋଡ଼ାଯାଇ ନଷ୍ଟ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

କାର୍‌କୁ ଧକ୍କା ଦେଲା ନମ୍ବର ବିହୀନ ହାଇଡ୍ରା

ଦୁର୍ଘଟଣାଗ୍ରସ୍ତ କାର୍।

ମାହାଙ୍ଗା,୪।୧(ଯଯାତି ସିଂହ):

ମାହାଙ୍ଗା ଥାନା ଅନ୍ତର୍ଗତ ଛତିଆ -ସାଲେପୁର ପୂର୍ତ୍ତ ରାସ୍ତାର କୁଆଁପାଳ ବଜାର ଡାକଘର ନିକଟରେ ଏକ ନମ୍ବର ବିହୀନ ହାଇଡ୍ରା ଗାଡି ଦ୍ରୁତ ଗତିରେ ଆସି ଏକ କାରକୁ ମୁହାଁମୁହିଁ ଧକ୍କା ଦେଇଛି। ଫଳରେ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ସମୟରେ କାର ଚାଳକ ଗାଡ଼ିରୁ ଡ଼େଇଁ ପଡ଼ିବାରୁ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ମାହାଙ୍ଗା ଗ୍ରାମର ଚକ୍ରଧର ସାହୁ ତଥା ବଡ଼ଚଣା ପୂର୍ତ୍ତ ବିଭାଗ ଯନ୍ତ୍ରୀ ସକାଳେ କାର୍‌ରେ କାର୍ଯ୍ୟାଳୟକୁ ଯାଉଥିବାବେଳେ ବିପରୀତ ଦିଗରୁ ଏକ ନମ୍ବରବିହୀନ ଗାଡ଼ି ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଖବର ପାଇ ମାହାଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇଡ୍ରା ଗାଡିକୁ ଜବତ କରିବା ସହ ଗାଡି ଚାଳକଙ୍କୁ ଥାନାରେ ଅଟକ ରଖିଛି। ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି । ଜବତ ନମ୍ବର ବିହୀନ ହାଇଡ୍ରା ଗାଡିର କୌଣସି କାଗଜପତ୍ର ନ ଥିବା ଯାଞ୍ଚ ବେଳେ ଜଣାପଡ଼ିଛି ।

ବର୍ତ୍ତଗଲେ ଚାଳକ

ନୂଆ-ଓ ଉଦ୍‌ଯାପିତ, ପୁରସ୍କାର ବିତରଣ ଉତ୍ସବ

କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ ।

ଆଠଗଡ,୪।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ବ୍ଲକରେ ନୂଆ-ଓ ଆନୁକୂଲ୍ୟରେ ଚାଲିଥିବା କ୍ରୀଡ଼ାର ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଉପାଜ୍ଜିଲାପାଳ ପ୍ରଶାନ୍ତ କୁମାର ତରେଇ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରିକେଟ ଖେଳରେ ମହାବୀର ସ୍ପୋର୍ଟ୍ସ କ୍ଲବ, କୁମାରପୁର ବିଜେତାଙ୍କୁ ୨୦,୦୦୦ ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖୋଖୋ ଖେଳରେ ବିଜେତା ଭାବେ ମହାବୀର ଖୋଖୋ କ୍ଲବ, ୱାର୍ଡ ନମ୍ବର-୧୮, ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନଗଦ ଅର୍ଥ ରାଶି ୨୦, ୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଫୁଟବଲ ଖେଳରେ ବିଜେତାଭାବେ ଧବଳେଶ୍ୱର ୱାରିଅର, ଗୁରୁଦିଝାଟିଆକୁ ପୁରସ୍କୃତ କରାଯାଇଥିଲା। ଭଲି ବଲରେ ବିଜେତାଭାବେ ଏମ୍‌ଏମଏସି, ଜେନାପଦାକୁ ନଗଦ ଅର୍ଥ ରାଶି ୨୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କବାଡି ଖେଳରେ ବିଜେତାଭାବେ ବୃନ୍ଦାବନ ଚନ୍ଦ୍ର କ୍ଲବ, ଘାଣ୍ଟିଖାଲକୁ ନଗଦ ଅର୍ଥ ରାଶି ୨୦,୦୦୦ ଟଙ୍କା ସହ ଟ୍ରଫି ଦିଆଯାଇଥିଲା। ସର୍ବଶେଷରେ ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

ନିଶ୍ଚିନ୍ତକୋଇଲି,୪।୧
(ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ଥାନା ଅଧୀନ କଳାପୋଲ ନିକଟରେ ଗୁରୁବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଜଣଙ୍କ ଅବସ୍ଥା ସଙ୍କାଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଉଭୟ ହେଲେ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କୁଳଗାଁଇଶାଳୋ ଗ୍ରାମର ଚିରଞ୍ଜନ ସାହୁ(୩୮) ଓ ସୁକରପଡା ଗ୍ରାମର ସେକ ଅଜିମ(୨୦)। ପୋଲିସ ଘଟଣାସ୍ଥଳରୁ ୨ ବାଇକ ଜବତ କରିଛି। ଚିରଞ୍ଜନ ବାଇକ୍‌ରେ ନିଶ୍ଚନ୍ତକୋଇଲିକୁ ଆସୁଥିବାବେଳେ ବିପରୀତ ଦିଗରୁ ଅଜିମ(୨୦) ଓ ସୁକରପଡ଼ା ଗ୍ରାମର ମିର୍ଜା ଫୟାଜ ବେଗ ଘରକୁ ଆସୁଥିଲେ। କଟକ-ଚାନ୍ଦବାଲି ରାସ୍ତାର କଳାପୋଲ ନିକଟରେ ଉଭୟ ବାଇକ୍ ପରସ୍ପର ସହ ଧକ୍କା ହୋଇଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

ବାଙ୍କୀ,୪।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଉପଜିଲାପାଳଙ୍କ ସମ୍ମଳିନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ହୃଷୀକେଶ ତ୍ରିପାଠୀ ଏଥିରେ ଅଧକ୍ଷତା କରିଥିଲେ। ସାଧାରଣତନ୍ତ୍ର ଦିବସରେ ପ୍ରତ୍ୟୁଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନରେ ପ୍ରଚାର କରାଯିବା ସହ ସକାଳେ ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି କରାଯିବ। ଏହା ଟାଉନ୍ ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ସେଠାରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ମାଲ୍ୟାର୍ପଣ କରିବେ। ସକାଳ ୭ଟା ୩୦ରେ ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୮ଟା୪୫ ସମୟରେ ବାଙ୍କୀ କଚେରୀ ପଡ଼ିଆରେ ହେବାକୁ ଥିବା ସାଧାରଣତନ୍ତ୍ର ପରେଡରେ ମୁଖ୍ୟ ଅତିଥି ଉପଜିଲାପାଳ ମହାନ୍ତି ଯୋଗଦେଇ ମିଳିତ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିବେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମହାବିଦ୍ୟାଳୟ ଓ ବିଦ୍ୟାଳୟସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଓ ଦେଶାତ୍ମକବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଉପକାରାଗାରର ଅନ୍ତେବାସୀମାନଙ୍କୁ ଉପଜିଲାପାଳଙ୍କ ଦ୍ୱାରା ମିଷ୍ଟାନ ଓ ଫଳ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ଉକ୍ତ ଦିନ ବାଙ୍କୀ କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ କ୍ରିକେଟ୍ , ଫୁଟବଲ୍ ଓ ବ୍ୟାଡମିଣ୍ଟନ ଖେଳଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ସବିତା ସୋରେନ୍, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାତ୍ର, ବାଙ୍କୀ ଥାନା ସେକେଣ୍ଡ ଅଫିସର ସୁଶାନ୍ତ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଇନଜୀବୀ ଧର୍ମପ୍ରସାଦ ମଙ୍ଗରାଜ, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଶିକ୍ଷାବିତ୍ ଅଖିଳବୀର ହରିଚନ୍ଦନ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଅମ୍ଲାନ ଦାସ ପରିଚାଳନା କରିଥିଲେ। ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ସବିତା ସୋରେନ୍ ଧନ୍ୟବାଦ ଅର୍ପଣ କରିଥିଲେ।

ଅଭିଯୁକ୍ତଙ୍କ ଗିରଫ ଦାବିରେ ୧୧ରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ

କଟକ ସଦର,୪।୧(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ମାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଡିସେମ୍ବର ୧୨ରେ ଭାଜପା କର୍ମୀମାନଙ୍କୁ ଆକ୍ରମଣ କରାଯାଇଥିଲା। ଏନେଇ ଉକ୍ତ ଦିନ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ ଦଳ ପକ୍ଷରୁ ଆସନ୍ତା ୧୧ ତାରିଖରୁ କଟକ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଯୁବନେତା ପ୍ରକାଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। କଟକ ଏସ୍‌ପି ମିହିର କୁମାର ପଣ୍ଡାଙ୍କୁ ବୁଧବାର ସେ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆକ୍ରମଣ ଦିନ ଭାଜପା ନେତାମାନେ ମଧ୍ୟ କିଶନନଗର ଥାନା ସମ୍ମୁଖରେ ଧାରଣା ବସି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସାଲେପୁର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ରକ୍ଷାବାରେ ପୋଲିସ ବିଫଳ ହୋଇଛି ବୋଲି ଏସ୍‌ପିଙ୍କୁ ଜଣାଇଥିବା ସମ୍ପର୍କରେ ସେଠୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

ଭାଜପା କର୍ମୀଙ୍କୁ ଆକ୍ରମଣ ଘଟଣା

ଆଦ୍ୟ ଶୈଶବ ଯତ୍ନ ଓ ବିକାଶ ସମ୍ପର୍କିତ ତାଲିମ

ବଡ଼ମ୍ବା, ୪।୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ କଙ୍କଡ଼ାଯୋଡ଼ି ଓ ତାଳମୁଣ୍ଡଳୀ ପଞ୍ଚାୟତରେ ଗୁରୁବାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରରେ ଶିଶୁମାନଙ୍କ ପାଇଁ କାର୍ଯ୍ୟ କରିଥିବା ଅଗ୍ରଣୀ ସଂସ୍ଥା ମୋବାଇଲ କ୍ରେଚ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାର ସଙ୍ଗଠକ ଅଜିତ କୁମାର ବିଶୋଇ ସଂଯୋଜନା କରିଥିଲେ। ଏଥିରେ ଆଦ୍ୟ ଶୈଶବ ଯତ୍ନ ଓ ବିକାଶ ସମ୍ପର୍କରେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଂସ୍ଥାର ଅନ୍ୟତମ ସଙ୍ଗଠକ ଧନେଶ୍ୱର ରାଉତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୨ ପଞ୍ଚାୟତର ଜନପ୍ରତିନିଧି, ଅଙ୍ଗନଓ୍ୱାଡି କର୍ମୀ, ଅଙ୍ଗନଓ୍ୱାଡି ସହାୟିକା, ଆଶା କର୍ମୀ, ସ୍ୱେଚ୍ଛାସେବୀ,ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ତାଲିମଦାତା ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଇଆର୍‌ପି ଦେବବ୍ରତ ମାନସ କୁମାର ମାନସିଂହ, ପାରାଲିଗାଲ ଆକ୍ଟିଭିଷ୍ଟ ଓ ଶିଶୁ ଅଧିକାର

କର୍ମୀ ଚିନ୍ମୟ ଗୋଛି, ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କମ୍ୟୁନିଟି ହେଲଥ ଅଫିସର ଶାନ୍ତି କିଷାନ ପ୍ରମୁଖ ଯୋଗଦେଇଥିଲେ। କଙ୍କଡ଼ାଯୋଡ଼ି ଗ୍ରାମପଞ୍ଚାୟତ ସରପଞ୍ଚ ସୀତା ଦାଶ ଓ ତାଳମୁଣ୍ଡଳୀ ପଞ୍ଚାୟତ ସରପଞ୍ଚ ସତ୍ୟଭାମା ଦଳବେହେରା ଏହି ତାଲିମ କାର୍ଯ୍ୟକ୍ରମରେ ନିଜ ପଞ୍ଚାୟତ ପାଇଁ ଅଧକ୍ଷତା କରିଥିଲେ। କଙ୍କଡ଼ାଯୋଡ଼ି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସାମାଜିକ କର୍ମୀ ରମେଶ ଦାସ, ୱାର୍ଡ ସଭ୍ୟା ସୁଲୋଚନା ସାହୁ, ଅର୍ଜୁନ ସାହୁ, ଗୋକୁଳ ବାବୁ, ରଜନୀକାନ୍ତ ରାଉତ, ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଖ ସାଲି ମୁଦିନ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକ୍‌ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ନିଶ୍ଚିନ୍ତକୋଇଲି ୪।୧(ଅଶୋକ ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଆନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ ପରାମର୍ଶ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୩୧୯ ଜଣ ବେକାର ଯୁବତୀଯୁବକ ଯୋଗଦେଇ ନିଜ ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମକୁ ଏବିଡିଓ ଅଶୋକ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଦକ୍ଷତା ବିକାଶ ଅଧିକାରୀ ଶୁଭେନ୍ଦୁ ଦାସ ଯୋଗଦେଇ କର୍ମ ନିଯୁକ୍ତି ଓ ଦକ୍ଷତା ବିକାଶ ଉପରେ ଉପସ୍ଥିତ ଯୁବତୀଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ବିପିଏମ ତନୁଜା ସାହୁ,ବିଏଲସିଟିଙ୍କିନା ବିଶ୍ୱାଳ ଓ ମୋନାଲିସା ପଣ୍ଡା ଏହାକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୯ଟି କମ୍ପାନୀ ଓ ୫ଟି ବୈଷୟିକ ଶିକ୍ଷାନୁଷ୍ଠାନ ଯୋଗଦେଇଥିଲେ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ପ୍ରସ୍ତୁତି

ବୈଠକରେ ଯୋଗଦେଇଥିବା ଅତିଥିମାନେ ।

ନିଶ୍ଚିନ୍ତକୋଇଲି, ୪।୧
(ଅଶୋକ କୁମାର ମହାପାତ୍ର)

ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ଜାନୁଆରୀ ୧୭ରେ ଅନୁଷ୍ଠିତ ହେବ। ସେଥିପାଇଁ ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଯିବ। ପ୍ରତି ପଞ୍ଚାୟତରେ ରଥ ବାହାରିବା ସହ ଶୋଭାଯାତ୍ରା କରାଯିବ। ଏନେଇ ଗୁରୁବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଧର୍ମରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା,ପ୍ରାକ୍ତନ ଅଧକ୍ଷ ଗିରିଶ ମହାପାତ୍ର, ବୁହାଳୋ ସରପଞ୍ଚ ରମାକାନ୍ତ ମହାନ୍ତି, ଜ୍ୟୋତି ପ୍ରକାଶ ସ୍ୱାଇଁ ,ଏବିଡିଓ ଅଶୋକ କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ଆସନ୍ତା ଜାନୁଆରୀ ୮ରୁ ୧୨ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଉପାଧ୍ୟକ୍ଷ ଓଝା ସୂଚନା ଦେଇଛନ୍ତି।

ସଡ଼କ ସୁରକ୍ଷା ସପ୍ତାହରେ ଜୀବନ ରକ୍ଷାକୁ ଗୁରୁତ୍ୱ

ନିଶ୍ଚିନ୍ତକୋଇଲି, ୪।୧(ଅଶୋକ କୁମାର ମହାପାତ୍ର)

ଓଡିଶା ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ହାଟ ମଣ୍ଡପରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହାକୁ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉପାଧକ୍ଷ ଅଶୋକ କୁମାର ଓଝା ଯୋଗଦେଇ ସହର ସୁରକ୍ଷା ଓ ଜୀବନ ରକ୍ଷା ଉପରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପରିବହନ ବିଭାଗ କର୍ମଚାରୀ ତଥା ନାଟ୍ୟକାର ଅଭୟ କୁମାର ଦାସ ଯୋଗଦେଇ ଯାନ ବାହାନ ଚଳାଚଳ, ସରକାରଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାରଦା ପ୍ରସାଦ ମିଶ୍ର, ଶିକ୍ଷାବିତ ଫକୀର ଚରଣ ନାୟକ, ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ,କ ମଳା ଫାଉଁଡେଶନର ସଭ୍ୟ ତଥା

ସଂକ୍ଷେପରେ

ଅନ୍ନପୂର୍ଣ୍ଣା ଦିବସ ପାଳିତ

ପୁରୀ,୪।୧(ଅଜିତ୍ ମହାନ୍ତି)

ରୋଟାରି କ୍ଲବ ପୁରୀ ଆନୁକୂଲ୍ୟରେ ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ 'ଅନ୍ନପୂର୍ଣ୍ଣା ଦିବସ' ପାଳିତ ହୋଇଯାଇଛି। ମହାପାତ୍ର ଓ ତାଙ୍କ ସହଧର୍ମିଣୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ତରଫରୁ ବାସୁଦେବପୁର ଉତ୍ତରହଣାସ୍ଥିତ ଆଶ୍ରମରେ ରହୁଥିବା ପିଲାଙ୍କୁ ଶୀତବସ୍ତ୍ର, କ୍ରୀଡ଼ା ସାମଗ୍ରୀ, ବିସ୍କୁଟ, ଚକୋଲେଟ୍ ବଣ୍ଟନ ସହ ମଧ୍ୟାହ୍ନଭୋଜନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ବର୍ଷୀୟାନ୍ ସମ୍ପାଦକ ନରସିଂହ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ସନ୍ତୋଷ କୁମାର ଲେଙ୍କା, ରାକେଶ ପଣ୍ଡା, ମକର ବେହେରା, ବିଜୟ କୁମାର ପତି, ଶୈଳେନ୍ଦ୍ର ବେହେରା, ପୁରୀ ଚାଇଲ୍ଡ କେୟାର ଅଧିକାରୀଙ୍କ ପ୍ରତିନିଧି ଶୁଭ୍ରାଂଶୁ ଶତପଥି, ପ୍ରଫୁଲ ସାମନ୍ତରାୟ, ସବ୍ୟସାଚୀ ରଥ, ସାନଭାଇ ନାରାୟଣ ମହାପାତ୍ର, ଦେବାଶିଷ ହୋତା ଏବଂ ମହାବୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

'ଭାଷା, ସାହିତ୍ୟ ସୁରକ୍ଷାରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ପୁରୀ,୪।୧(ଅଜିତ୍ ମହାନ୍ତି)

ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା। ସେହିପରି ଓଡ଼ିଆ ଭାଷା କେନ୍ଦ୍ରର ଶାସ୍ତ୍ରୀୟ ମାନ୍ୟତା ପାଇଛି। ତେବେ ଆଧୁନିକ ଅପସଂସ୍କୃତିରେ ପ୍ରସ୍ତୁତ କେତେକ ଓଡ଼ିଆ ସଙ୍ଗୀତ ପାଇଁ ଆଜି ଆମ ଭାଷା ଓ ସାହିତ୍ୟ ଉପରେ ବିପଦ ଆସିଛି। ଏହାକୁ ରକ୍ଷା କରିବାକୁ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶରଧାବାଲିର ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ଆୟୋଜିତ 'ଓଡ଼ିଆ ଭାଷା-ସାହିତ୍ୟ ସୁରକ୍ଷାରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ବଦ୍ରି ମିଶ୍ର, କାଳିପଦ ପଣ୍ଡା, ତାରିଣୀ ପ୍ରସାଦ ମହାନ୍ତି ଏବଂ ପର୍ଶୁରାମ ବେହେରା ପ୍ରମୁଖ ଯୋଗଦେଇ ଏହି ମତ ରଖିଛନ୍ତି। କବି ଜୟନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଏବଂ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆର୍ତ୍ତତ୍ରାଣ ସାହୁ, ସ୍ୱର୍ଣ୍ଣଲତା ତ୍ରିପାଠୀ, ପ୍ରଶାନ୍ତ କର, ବିଷ୍ଣୁପ୍ରିୟା ପ୍ରତାପସିଂହ, କୁନି ତ୍ରିପାଠୀ, ପ୍ରେମାନନ୍ଦ କୁସୁମ, ସଞ୍ଜୟ ବରାଳ, ଗୌତମ ମହାରଣା, ବୃନ୍ଦାବନ ସୁବୁଦ୍ଧି, ବିକ୍ରମ ଚମ୍ପତି, ଜୟନ୍ତୀ ପାଣିଗ୍ରାହୀ, ସମ୍ପତ୍ତି ପଟ୍ଟନାୟକ, ସୁଧାଞ୍ଜଳି ମିଶ୍ର, ବିକ୍ରମ ବରାଳ, କୈଳାଶ ପଟ୍ଟନାୟକ, କନ୍ଦର୍ପ ସାହୁ, ଲୋହିତ ନାରାୟଣ ମହାପାତ୍ର, ଲଳିତେନ୍ଦୁ ପଲାଭାରୀଙ୍କୁ ସମ୍ମାନିତ କରାଯାଇଥିଲା। ନମାମୀ ନୃତ୍ୟ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ବିଜୟଲକ୍ଷ୍ମୀ ମହାକୁଡ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବାଉରୀବନ୍ଧୁ ବେହେରା, ପ୍ରଭାସିନୀ ମିଶ୍ର, ରାଜେଶ ନାୟକ ଓ ସୁଦର୍ଶନ ପାଢ଼ୀ ସଞ୍ଚାଳନ କରିଥିଲେ।

ପ୍ରେମ ସମ୍ପର୍କରେ ଅନ୍ୟର ପ୍ରବେଶକୁ ସହ୍ୟକରି ନ ପାରି ବନ୍ଧୁଙ୍କୁ ହତ୍ୟା

ଭୀମପଡ଼ା ଗାଁର ଯୁବକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ଖୋର୍ଦ୍ଧା/ନିରାକାରପୁର,୪।୧(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଶଗଡ଼ଭଙ୍ଗା ଅନ୍ତର୍ଗତ ଭୀମପଡ଼ା ଗ୍ରାମରେ ଗତ ୨ ତାରିଖରେ ଜଣେ ଯୁବକଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ପୋଲିସ କରିଛି। ସମଲିଙ୍ଗୀ ପ୍ରେମ ସମ୍ପର୍କ ମଧ୍ୟରେ ଅନ୍ୟ ଜଣେ ଯୁବତୀଙ୍କ ପ୍ରବେଶକୁ ସହ୍ୟ କରି ନ ପାରି ବନ୍ଧୁଙ୍କୁ ଲୁହାରଡରେ ଛେଚି ହତ୍ୟା କରିଥିଲେ ବୋଲି ଅଭିଯୁକ୍ତ ସ୍ୱୀକାର କରିଥିବା ଗୁରୁବାର ଜଙ୍କିଆ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ ଅଭିଯୁକ୍ତ ସୋମନାଥ ଲାଠି ଓରଫ ଜଗା(୨୪)ଙ୍କ ଘର ପୁରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ କୁଲେଇପଡ଼ା ଗ୍ରାମରେ। ରଶ୍ମିରଞ୍ଜନ ବଳିୟାରସିଂହ ଓରଫ ନିଲୁ(୩୧) ଏବଂ ସୋମନାଥ ଉଭୟ କଳାକାର। ଉଭୟେ ନାଟକରେ ଅଭିନୟ କରନ୍ତି। ଦୁହିଁଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେବ ଶାରୀରିକ ସମ୍ପର୍କ ରହିଥିବାବେଳେ ଉଭୟେ ଉଭୟଙ୍କୁ ସମଲିଙ୍ଗୀ ବିବାହ କରିବାକୁ ସ୍ଥିର କରିଥିଲେ। ତେବେ କିଛି ଦିନ ତଳେ ସେମାନଙ୍କ ମଧ୍ୟରେ ପ୍ରବେଶ କରିଥିଲେ ଜଣେ ଯୁବତୀ କଳାକାର। ରଶ୍ମିରଞ୍ଜନ ଏବଂ ଉକ୍ତ ଯୁବତୀଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ହେବାରୁ ସୋମନାଥ ଏହାକୁ ସହ୍ୟ କରିପାରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଘଟଣା ଦିନ କଥା କଟାକଟି ହୋଇଥିଲା। ପରେ ସୋମନାଥ ଉତ୍କ୍ଷିପ୍ତ ହୋଇ ରଶ୍ମିରଞ୍ଜନଙ୍କୁ ଏକ ଲୁହା ରଡ୍‌ରେ ପିଟି ହତ୍ୟା କରିଥିଲେ। ପରେ ଘର ଚାବି ପକାଇ ଏକ ବାଇକ୍ ଯୋଗେ ରାମେଶ୍ୱର ଛକକୁ ଆସି ସେଠାରେ ବାଇକ୍ ରଖି ଯାଜପୁର ଚାଲିଯାଇଥିଲେ। ରଶ୍ମିରଞ୍ଜନଙ୍କ ହତ୍ୟା ଖବର ପାଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ.୩/୨୦୨୪) ରୁଜୁ କରି ସୋମନାଥଙ୍କ ଫୋନ୍ ଟ୍ରାକିଂ କରି ତାଙ୍କୁ ଯାଜପୁରରୁ ଗିରଫ କରିଥିଲା। ପଚରାଉଚରା ସମୟରେ ସୋମନାଥ ଘଟଣା ସମ୍ପର୍କରେ ସବୁ କଥା ମାନିଥିଲେ। ତାଙ୍କ ଠାରୁ ପୋଲିସ ୮କିଲୋ ୪୭୫ ଗ୍ରାମର ଗୋଟିଏ ଲୁହାରଡ୍, ଗୋଟେ ମୋବାଇଲ ଓ ତାଲା ଚାବି ଜବତ କରିଛି। ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ କୁମାର ଦାଶ, ସ୍ଥାନୀୟ ଥାନା ଅଧିକାରିଣୀ ପ୍ରଜ୍ଞା ରିତୁଭରା କର ଓ ସିକୋ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୪।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଗୋମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥ ଉଚ୍ଚ ବିଦ୍ୟାପୀଠ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ସମିତିସଭ୍ୟା ମମତାମୟୀ ପ୍ରଧାନ, କୃଷ୍ଣପ୍ରସାଦ ଆଇଆଇସି ବସନ୍ତ କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ କାବିରାଜ ଜେନା, ବିଆର୍‌ସିସି ସତ୍ୟବ୍ରତ ସାହୁ, ବଡ଼ଖାଡ଼ ସରପଞ୍ଚ ସୁମିତ୍ରା ପାହାଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁକୁନା କୁମାର କର ମଞ୍ଚ ପରିଚାଳନା କରିଥିଲେ। ହକି, ଫୁଟ୍‌ବଲ, ଭଲିବଲ, ଖୋ ଖୋ, କବାଡି, କ୍ରିକେଟ ଆଦି ପ୍ରତିଯୋଗିତା ହେବାକୁ ଥିବା ବେଳେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୯୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ଅଜିତ କୁମାର ବାରିକ, ପୂର୍ବତନ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମ ଚରଣ ଜେନା, ଦୁର୍ଯ୍ୟୋଧନ ନାୟକ, ଅଶୋକ କୁମାର ସାମଲ, ପ୍ରକାଶ କୁମାର ସିଂହ, ପ୍ରମୋଦ କୁମାର ସାହୁ, ଅଶୋକ କୁମାର ପ୍ରଧାନଙ୍କ ସମେତ ଖେଳ ଶିକ୍ଷକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି ।

ଭକ୍ତଙ୍କ ସୁବିଧା ଆଳରେ ପୁରୀବାସୀଙ୍କୁ ହଇରାଣ କରୁଛି ପ୍ରଶାସନ

ପୁରୀ, ୪।୧(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଆସୁଥିବା ଭକ୍ତ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେଥିଲାଗି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପରିକ୍ରମା ପ୍ରକଳ୍ପ ନିର୍ମାଣ ହୋଇଛି। ଆଉ କିଛି ଦିନ ପରେ ଭକ୍ତମାନେ ପରିକ୍ରମା ପ୍ରକଳ୍ପ ଚାରିପଟେ ଯାତାୟାତ କରିପାରିବେ। ସେହିଭଳି ଅଧିକ ସମୟ ଖରା ଓ ବର୍ଷାରେ ଶିଝୁଥିବା ଭକ୍ତଙ୍କ ପାଇଁ ପ୍ରଶାସନ ପକ୍ଷରୁ ଏସି ଶେଡ୍ ବା ଟନେଲ ନିର୍ମାଣ କରାଯିବା ସହ ବିଶ୍ରାମ ବ୍ୟବସ୍ଥା କରାଯାଇଛି। ସରକାରଙ୍କ ସମସ୍ତ ପଦକ୍ଷେପକୁ ଆପତ୍ତି ନ କରି ପୁରୀବାସୀ ବିଶେଷକରି ଶ୍ରୀମନ୍ଦିର ଚାରିପାଖରେ ବସବାସ କରୁଥିବା ବାସିନ୍ଦା ସ୍ୱାଗତ କରୁଛନ୍ତି। ତେବେ ପ୍ରଶାସନ ସର୍ବଦା ଶ୍ରୀମନ୍ଦିର ଚାରିପାଖରେ ରହୁଥିବା ବାସିନ୍ଦା ଓ ପୁରୀବାସୀଙ୍କ ସମସ୍ୟା ତଥା ସୁବିଧା ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ଯାହାର ଏକ ଉଦାହରଣ ଗତ ୩୧ତାରିଖରେ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ସୁବିଧା ପାଇଁ ପୁରୀବାସୀ ଏକପ୍ରକାର ଗୃହବନ୍ଦୀ ପରି ଜୀବନ କାଟୁଛନ୍ତି। ଏସି ଶେଡ୍‌ରେ ଭକ୍ତ ଯିବାର ବ୍ୟବସ୍ଥା କରାଯାଇଥିବାରୁ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଥିବା ସମସ୍ତ ରାସ୍ତାକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସାହିବାସିନ୍ଦା ବଡ଼ଦାଣ୍ଡକୁ ଆସିବା ପାଇଁ ରାସ୍ତା ନ ଥିବାବେଳେ ଆବଶ୍ୟକ କାର୍ଯ୍ୟ ପାଇଁ ବୁଲି ବୁଲି ହଇରାଣ ହୋଇ ଆସୁଛନ୍ତି। ସେମାନଙ୍କୁ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ମଧ୍ୟ ହେବାକୁ ପଡୁଛି। ଏହାକୁ ସ୍ଥାନୀୟ ବାସିନ୍ଦା ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ଥର ପ୍ରଶାସନ ପକ୍ଷରୁ ମାର୍କେଟଛକଠାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ବ୍ୟାରିକେଡ୍ ଏବଂ ଧର୍ମଜ୍ୟୋତି ଧର୍ମଶାଳା ଠାରୁ ଏସି ଶେଡ୍ ନିର୍ମାଣ କରାଯାଇଛି।

'ସୁସ୍ଥ, ଶୃଙ୍ଖଳିତ ସମାଜ ପାଇଁ ଯୋଗ ଆବଶ୍ୟକ'

ପୁରୀ, ୪।୧(ଅଜିତ୍ ମହାନ୍ତି)

ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ମହାମନ୍ତ୍ର ହିଁ ଯୋଗ। ଏଣୁ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ପାଇଁ ପ୍ରତ୍ୟେକ ବ୍ୟକ୍ତି ଯୋଗ ସହ ସଂଯୁକ୍ତ ହେବା ଆବଶ୍ୟକ ବୋଲି ପତଞ୍ଜଳୀ ଯୋଗ ସଂସ୍ଥାର ପ୍ରମୁଖ ଭାସ୍କର ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, କ୍ରୀଡ଼ାଗୁରୁ ଡ. ବିମଳ ପ୍ରସାଦ ମହାନ୍ତି, ଅଧିବକ୍ତା ପୁଷ୍କର ମହାପାତ୍ର, ଯୋଗଗୁରୁ ମନୋଜ କୁମାର ନାୟକ, ସଙ୍ଗଠକ ବଦ୍ରି ମିଶ୍ର, ଯୋଗ ଶିକ୍ଷୟିତ୍ରୀ ସ୍ନେହା ନନ୍ଦ, ଗୁରୁ ସସ୍ମିତା ଦାସ ଏବଂ ଉତ୍କଳ ବିଦ୍ୱତ ପରିଷଦର ମନୋଜ ରଥ ପ୍ରମୁଖ ଯୋଗଦେଇଥିଲେ। ମିଶନ ଓଡ଼ିଶା ପକ୍ଷରୁ ପୁରୀର ଆଖଣ୍ଡଳମଣି ଯୋଗ କେନ୍ଦ୍ର ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ମିଳିତ ଆନୁକୁଲ୍ୟରେ ଶରଧାବାଲି ମେଳା ମଞ୍ଚରେ ଆୟୋଜିତ 'ଯୋଗ ଓ ଯୁବସମାଜ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଏକ ସୁସ୍ଥ ସମାଜ ପାଇଁ ଯୋଗ କରିବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଜନମଞ୍ଚର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୟନ୍ତୀ ମହାପାତ୍ର, ଶିବରାମ ପ୍ରଧାନ, ଦେବରାଜ ଦାସ, କେଦାରନାଥ ମହାପାତ୍ର, ବଳରାମ ପାତ୍ର, ଡାକ୍ତର ରାଧାଶ୍ୟାମ ରଥ, ମଧୁମିତା ମହାପାତ୍ର, ସନ୍ତୋଷ ସେନାପତି, ନିହାରିକା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତରରେ ଭାଗ ନେଇଥିବା ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।

ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଟାଙ୍ଗୀ,୪।୧(ରଘୁନାଥ ସାହୁ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡି, ସୁନ୍ଦରପୁର ଏବଂ ନୂଆଗଡ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳ (ବିଜେଡି)ର ଜନ ସମ୍ପର୍କ ପଦଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ଭୂଷଣ୍ଡପୁରସ୍ଥିତ ମା'ଉଗ୍ରତାରା ପୀଠରେ ପୂଜାର୍ଚ୍ଚନା ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ଉପରୋକ୍ତ ୩ ପଞ୍ଚାୟତର ପ୍ରତ୍ୟେକ ସାହି ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତଥା ବିକାଶର ବାର୍ତ୍ତା ପହଞ୍ଚାଇଥିଲେ। ଏଥିରେ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ଜୋନର ଜିଲାପରିଷଦ ସଭ୍ୟା ଅନସ୍ୱୟା ବେହେରା, ଟାଙ୍ଗୀ ବ୍ଲକ ବିଜେଡି ସଭାପତି ବିରଞ୍ଚି ନାରାୟଣ ସାମନ୍ତରାୟ, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲାଇ, ପୂର୍ବତନ ସମିତିସଭ୍ୟ ନୀଳକଣ୍ଠ ବେହେରା, ପୂର୍ବତନ ଜିଲାପରିଷଦ ସ୍ୱେଦେଶ ରାଉତରାୟ, ନୂଆଗଡ ପଞ୍ଚାୟତର ସମିତିସଭ୍ୟା ଗୀତାଞ୍ଜଳି ପାଟ୍ଟଶାଣି, ନୂଆଗଡ ସରପଞ୍ଚ ରଘୁନାଥ ମାଝୀ, ଯୁବନେତା ମାନସ ବଳିୟାରସିଂହଙ୍କ ସମେତ ବ୍ଲକସ୍ତରୀୟ ମହିଳା ମହାସଂଘ, ମିଶନ ଶକ୍ତି ସଦସ୍ୟାମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

ମାଛ ମାର୍କେଟ ନିର୍ମାଣ ନେଇ ହାଇକୋର୍ଟଙ୍କ ଜବାବ ତଲବ

କୋଣାର୍କ,୪।୧(ଜ୍ୟୋତିରାଜ ମହାନ୍ତି):

ବାଲୁଖଣ୍ଡ ଅଭୟାରଣ୍ୟର ଇକୋ ସେନ୍‌ସିଟିଭ ବା ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମାଛ ମାର୍କେଟ ନିର୍ମାଣ ପାଇଁ ଉଦ୍ୟମ କରାଯାଉଛି। ଏଥିନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ଗୁରୁବାର କେସ୍‌ରେ ପକ୍ଷଭୁକ୍ତ ଥିବା ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ, ନଗର ଉନ୍ନୟନ ସଚିବ, ମୁଖ୍ୟ ବନ ସଂରକ୍ଷକ, ଜିଲାପାଳ, ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ, ତହସିଲଦାର ଗୋପ, ଡିଏଫ୍‌ଓ, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସଚିବ ଆଦି ଆଠଜଣ ପ୍ରତିପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ଘଟଣାରୁ ପ୍ରକାଶ, କୋଣାର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୂର୍ଯ୍ୟମନ୍ଦିର ଅତି ନିକଟରେ ଇକୋ ସେନ୍‌ସିଟିଭ ଜୋନ୍‌ରେ ମାଛ ମାର୍କେଟ୍ ନିର୍ମାଣ ପାଇଁ ଉଦ୍ୟମ ଚାଲିଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜମି ହସ୍ତାନ୍ତର କରାଯାଇନାହିଁ। ଜିଲା ସାଇଟ୍ ସିଲେକ୍ସନ କମିଟି ମଧ୍ୟ ଜାଗା ଚିହ୍ନଟ କରିନାହିଁ। ଏଥିପାଇଁ ଇକୋ ସେନ୍‌ସିଟିଭ କମିଟି ମଧ୍ୟ ଅନୁମତି ଦେଇନି। ପୂର୍ବ ନିର୍ଦ୍ଧାରିତ ଜାଗାରେ ମଧ୍ୟ ଏହି ମାର୍କେଟ କରାଯାଉନି। ଏ ସମସ୍ତ ଅଭିଯୋଗ ନେଇ ଓଡ଼ିଶା ବାୟୋ ଡାଇଭରସିଟି କନ୍‌ଭର୍ସେସନ୍ ଫାଉଣ୍ଡେସନ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁ(ସି) ୪୨୧୨୯/୨୦୨୩ ରୁଜୁ ହୋଇଥିଲା। ଏହାର ବିଚାର କରି ମୁଖ୍ୟ ବିଚାରପତି ଜଷ୍ଟିସ ବି. ଆର୍. ଷଡ଼ଙ୍ଗୀ ଓ ଜଷ୍ଟିସ୍ ମୁରହରି ଶ୍ରୀ ରମଣ ସମସ୍ତ ପ୍ରତିପକ୍ଷଙ୍କଠାରୁ ଜବାବ ତଲବ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓ ଆଇନଜୀବୀ ଶିବ ଶଙ୍କର ମହାନ୍ତି ଓ କୋଣାର୍କ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ଶ୍ରୀଜୟ କୁମାର ବରାଳ ମକଦ୍ଦମା ପରିଚାଳନା କରୁଛନ୍ତି। ଏହା ଫଳରେ ସୂର୍ଯ୍ୟ ମନ୍ଦିର ସନ୍ନିକଟରେ ଏନ୍‌ଏସିର ଏହି ବେଆଇନ ମାର୍କେଟ ନିର୍ମାଣ ଉଦ୍ୟମ ନେଇ ଅନିଶ୍ଚିତତା ଦେଖାଦେଇଛି।

ପୂର୍ବ ଶତ୍ରୁତାରୁ ବଳାତ୍କାର ଉଦ୍ୟମ

ନିମାପଡ଼ା,୪।୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତା ଓ ପାରିବାରିକ କଳହକୁ କେନ୍ଦ୍ର କରି ଦେଢଶୁର ତାଙ୍କ ଭାଇବୋହୂଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ମହିଳାଙ୍କ ସ୍ୱାମୀ ଗୁରୁବାର ଅଭିଯୋଗ କରିଛନ୍ତି। ଏପରିକି ଦେଢଶୁର ଭାଇବୋହୂଙ୍କ ଘରୁ ସୁନା ଗହଣା, ଚାଉଳ ଆଦି ଲୁଟି ନେଇଛନ୍ତି। ଏହି ଘଟଣାରେ ଦେଢଶୁରଙ୍କ ସ୍ତ୍ରୀ, ପୁଅ ଓ ଝିଅ ମିଶି ବାରମ୍ବାର ଗଣ୍ଡଗୋଳ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏ ସମ୍ପର୍କରେ ନିର୍ଯ୍ୟାତନାକାରୀ ୪ ଜଣଙ୍କ ବିରୋଧରେ ୩/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ଼ ପାଇଁ ଆହ୍ୱାନ

ବେଗୁନିଆ,୪।୧(ହର ପ୍ରସନ୍ନ ପଣ୍ଡା)

ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏଥିପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ନିର୍ବାଚନ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବେଗୁନିଆ ମଣ୍ଡଳ ଭାଜପା ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟଙ୍କ ନେତୃତ୍ୱରେ ଗଡମାଣତୀର ମା' ରାମଚଣ୍ଡୀଙ୍କ ପୀଠ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ସୁମିତ୍ରା ବାହିନୀପତି, ମଧ୍ୟ ବେଗୁନିଆ ମଣ୍ଡଳ ସଭାପତି ଭଗବାନ ପଣ୍ଡା, ପାଞ୍ଚଗଡ ମଣ୍ଡଳ ସଭାପତି ଅଶୋକ ରାଉତ, ପିତୁକୁଳି ମଣ୍ଡଳ ସଭାପତି ଦୌଲତ ଅଲ୍ଲୀ, ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ପୂର୍ବତନ ଜିଲା ଉପସଭାପତି ରୁଦ୍ରନାରାୟଣ ବାହିନୀପତି, ବୋଲଗଡର ପ୍ରମୁଖ କାର୍ଯ୍ୟକର୍ତ୍ତା ସଞ୍ଜୟ ମହାପାତ୍ର, ବେଗୁନିଆ ପୂର୍ବତନ ମଣ୍ଡଳ ସଭାପତି ଅଜୟ ମାର୍ଥା, ରବିନାରାୟଣ ଚମ୍ପତି, ବୋଲଗଡ ମଣ୍ଡଳ ପୂର୍ବତନ ସଭାପତି ସମୀର ମହାରଥା, ପାଞ୍ଚଗଡ ପୂର୍ବତନ ସଭାପତି ସୌମ୍ୟରଞ୍ଜନ ବଳିୟାରସିଂହ, ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବ ସାହୁ, ନିରଞ୍ଜନ ସ୍ୱାଇଁ, ଇନ୍ଦ୍ରମଣି ରଣସିଂହ, ବସନ୍ତ ଭାରୀମଲ୍ଲଙ୍କ ସମେତ ୮ଟି ପଞ୍ଚାୟତ ଅଞ୍ଚଳର ସଭାପତି ସମ୍ପାଦକ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବେଗୁନିଆ ବ୍ଲକର ସମସ୍ତ ପଞ୍ଚାୟତର ଭାଜପା ସଭାପତିମାନଙ୍କୁ ସଙ୍ଗଠନ ସୁଦୃଢ଼ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ମଣ୍ଡଳ ସାଧାରଣ ସମ୍ପାଦକ ବିଜୟ ସୁବୁଦ୍ଧି ଧନ୍ୟବାଦ ଦେଇଥିବାବେଳେ ମଣ୍ଡଳର ଅନ୍ୟତମ ସାଧାରଣ ସମ୍ପାଦକ ଦୀନବନ୍ଧୁ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସିଡିପିଓଙ୍କ କାର୍ଯ୍ୟାଳୟ ଘେରିଲେ ଅଙ୍ଗନୱାଡ଼ି କର୍ମୀ

ବୋଲଗଡ଼,୪।୧(ଦେବବ୍ରତ ହୋତା)



ବିଭିନ୍ନ ଗ୍ରାମରେ ଗାଁ କଲ୍ୟାଣ ସମିତି ମାଧ୍ୟମରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସଚେତନତା, ପରିମଳ, ଅସହାୟ ଗର୍ଭବତୀ ଓ ବ୍ୟକ୍ତି ବିଶେଷଙ୍କୁ ସହାୟତା ପାଇଁ ୧୦ହଜାର ଟଙ୍କା ଲେଖାଏ ଯୋଗାଇ ଦେଉଛନ୍ତି। ଏଥିରେ ସ୍ଥାନୀୟ ୱାର୍ଡମେମ୍ବର ସଭାପତି ଓ ଅଙ୍ଗନୱାଡି କର୍ମୀ ଆବାହକ ରହି ଏକ କମିଟି ଗଠନ କରାଯାଇଛି। ତେବେ ଏହି ଟଙ୍କା ଖର୍ଚ୍ଚ ହେବ ନେଇ ରାଜନୈତିକ ଚାପ ସୃଷ୍ଟି ହେବାରୁ ଗତ ୩ବର୍ଷ ଧରି ଅଙ୍ଗନୱାଡି କର୍ମୀ ଏହି କାର୍ଯ୍ୟ ନ କରିବା ପାଇଁ ଆନ୍ଦୋଳନ ଜାରି ରଖିଥିବା ବେଳେ ବୋଲଗଡ଼ ବ୍ଲକର ସିଡିପିଓ କ୍ରିଷ୍ଣପ୍ରିୟା ପ୍ରଧାନ ୧୨୩ଟି ଗାଁ କଲ୍ୟାଣ ଦାୟିତ୍ୱରେ ଥିବା ୧୨୩ ଜଣ ଅଙ୍ଗନୱାଡି କର୍ମୀଙ୍କ ଡିସେମ୍ବର ମାସର ଦରମା ବନ୍ଦ ରଖିଛନ୍ତି। ଏହା ପ୍ରତିବାଦରେ ଭାରତୀୟ ମଜଦୁର ସଂଘ ସଲଗ୍ନ ଅଲ୍ ଓ ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ ପକ୍ଷରୁ ଗୁରୁବାର ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବିଭିନ୍ନ ସମସ୍ୟାକୁ ନେଇ ତୁରନ୍ତ ସିଡିପିଓଙ୍କ ବଦଳି ଦାବି କରିବା ସହିତ ଅଙ୍ଗନୱାଡି କର୍ମୀଙ୍କ ଡିସେମ୍ବରର ଦରମା ତୁରନ୍ତ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ସିଡିପିଓ କାର୍ଯ୍ୟାଳୟ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଘେରାଉରେ ସଂଘର ଖୋର୍ଦ୍ଧା ଜିଲା ସଭାନେତ୍ରୀ ପ୍ରଭାତି ପଟ୍ଟନାୟକ, ସଙ୍ଗଠନ ସମ୍ପାଦିକା ପ୍ରଭାତି ମଙ୍ଗରାଜ, ଜିଲା ସହ-ସମ୍ପାଦିକା ସୌମ୍ୟାସ୍ମିତା ସୁନ୍ଦରାୟ, ହରପ୍ରିୟା ମହାରଥା, ବୋଲଗଡ଼ ବ୍ଲକ ସଭାନେତ୍ରୀ ମେରିଆ ବେଗମ, ସମ୍ପାଦିକା ନମିତା ପ୍ରଧାନ, କୋଷାଧ୍ୟକ୍ଷା ପ୍ରତିମା ଦେଈ, ଭାରତୀୟ ମଜଦୁର ସଂଘର ରାଜ୍ୟ ମିଡିଆ ସେଲ ଅଧ୍ୟକ୍ଷ ଅକ୍ଷୟ ରାଉତରାୟ, ସଂଘର ବରିଷ୍ଠ ଉପଦେଷ୍ଟା ଗଙ୍ଗାଧର ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ଏନେଇ ସିଡିପିଓ କ୍ରିଷ୍ଣପ୍ରିୟା ପ୍ରଧାନ କହିଛନ୍ତି, ବୋଲଗଡ଼ ବ୍ଲକ ଅଞ୍ଚଳରେ ଗାଁ କଲ୍ୟାଣ ସମିତି ଗୁଡ଼ିକର କୌଣସି କାର୍ଯ୍ୟ ହେଉ ନ ଥିବାରୁ ଗତ ଜିଲାସ୍ତରୀୟ ବୈଠକରେ ଏନେଇ ସେମାନଙ୍କୁ ତାଗିଦ କରାଯାଇଥିଲା। ତେବେ କର୍ମୀମାନଙ୍କ ଦରମା ବନ୍ଦ ନୁହେଁ ହୋଲ୍ଡ ଅଫ୍ କରାଯାଇଛି। ଖୁବ୍‌ଶୀଘ୍ର ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ। ଅଙ୍ଗନୱାଡି କର୍ମୀମାନେ ଗତ ୨ବର୍ଷ ହେବ ଗାଁ କଲ୍ୟାଣ ସମିତି କାର୍ଯ୍ୟ କରୁନାହାନ୍ତି ତେଣୁ ସେମାନେ ଏହି କାର୍ଯ୍ୟକ୍ରମ କରନ୍ତୁ ବୋଲି ସେ କହିଛନ୍ତି।

ସଂକ୍ଷେପରେ

ମାଛ ମାର୍କେଟ ନିର୍ମାଣ ନେଇ ହାଇକୋର୍ଟଙ୍କ ଜବାବ ତଲବ

କୋଣାର୍କ,୪।୧(ଜ୍ୟୋତିରାଜ ମହାନ୍ତି): ବାଲୁଖଣ୍ଡ ଅଭୟାରଣ୍ୟର ଇକୋ ସେନ୍ସିଟିଭ ବା ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମାଛ ମାର୍କେଟ ନିର୍ମାଣ ପାଇଁ ଉଦ୍ୟମ କରାଯାଉଛି। ଏଥିନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ଗୁରୁବାର କେସ୍‌ରେ ପକ୍ଷଭୁକ୍ତ ଥିବା ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ, ନଗର ଉନ୍ନୟନ ସଚିବ, ମୁଖ୍ୟ ବନ ସଂରକ୍ଷକ, ଜିଲାପାଳ, ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ, ତହସିଲଦାର ଗୋପ, ଡିଏଫ୍‌ଓ, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସଚିବ ଆଦି ଆଠଜଣ ପ୍ରତିପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ଘଟଣାରୁ ପ୍ରକାଶ, କୋଣାର୍କ ଏନ୍‌ଏସି ପକ୍ଷରୁ ସୂର୍ଯ୍ୟମନ୍ଦିର ଅତି ନିକଟରେ ଇକୋ ସେନ୍ସିଟିଭ ଜୋନ୍‌ରେ ମାଛ ମାର୍କେଟ୍ ନିର୍ମାଣ ପାଇଁ ଉଦ୍ୟମ ଚାଲିଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜମି ହସ୍ତାନ୍ତର କରାଯାଇନାହିଁ। ଜିଲା ସାଇଟ୍ ସିଲେକ୍ସନ କମିଟି ମଧ୍ୟ ଜାଗା ଚିହ୍ନଟ କରିନାହିଁ। ଏଥିପାଇଁ ଇକୋ ସେନ୍ସିଟିଭ କମିଟି ଅନୁମତି ଦେଇନି। ପୂର୍ବ ନିର୍ଦ୍ଧାରିତ ଜାଗାରେ ମଧ୍ୟ ଏହି ମାର୍କେଟ କରାଯାଉନି। ଏ ସମସ୍ତ ଅଭିଯୋଗ ନେଇ ଓଡ଼ିଶା ବାୟୋ ଡାଇଭରସିଟି କନ୍ସର୍ଭେସନ୍ ଫାଉଣ୍ଡେଶନ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁ(ସି) ୪୨୧୨୯/୨୦୨୩ ରୁଜୁ ହୋଇଥିଲା। ଏହାର ବିଚାର କରି ମୁଖ୍ୟ ବିଚାରପତି ଜଷ୍ଟିସ ବି. ଆର୍. ଷଡ଼ଙ୍ଗୀ ଓ ଜଷ୍ଟିସ୍ ମୁରହରି ଶ୍ରୀ ରମଣ ସମସ୍ତ ପ୍ରତିପକ୍ଷଙ୍କଠାରୁ ଜବାବ ତଲବ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

‘ଭାଷା, ସାହିତ୍ୟ ସୁରକ୍ଷାରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ପୁରୀ,୪।୧(ଅଜିତ୍ ମହାନ୍ତି)

ଆଧୁନିକ ଅପସଂସ୍କୃତିରେ ପ୍ରସ୍ତୁତ କେତେକ ଓଡ଼ିଆ ସଙ୍ଗୀତ ପାଇଁ ଆଜି ଆମ ଭାଷା ଓ ସାହିତ୍ୟ ଉପରେ ବିପଦ ଆସିଛି। ଏହାକୁ ରକ୍ଷା କରିବାକୁ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶରଧାବାଲିର ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ଆୟୋଜିତ ‘ଓଡ଼ିଆ ଭାଷା-ସାହିତ୍ୟ ସୁରକ୍ଷାରେ ଗଣମାଧ୍ୟମର ଭୂମିକା’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ବଦ୍ରି ମିଶ୍ର, କାଳିପଦ ପଣ୍ଡା, ତାରିଣୀ ପ୍ରସାଦ ମହାନ୍ତି ଏବଂ ପର୍ଶୁରାମ ବେହେରା ପ୍ରମୁଖ ଯୋଗଦେଇ ଏହି ମତ ରଖିଛନ୍ତି। କବି ଜୟନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଏବଂ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆର୍ତ୍ତତ୍ରାଣ ସାହୁ, ସ୍ୱର୍ଣ୍ଣଲତା ତ୍ରିପାଠୀ, ପ୍ରଶାନ୍ତ କର, ବିଷ୍ଣୁପ୍ରିୟା ପ୍ରତାପସିଂହ, କୁନି ତ୍ରିପାଠୀ, ପ୍ରେମାନନ୍ଦ କୁସୁମ, ସଞ୍ଜୟ ବରାଳ, ଗୌତମ ମହାରଣା, ବୃନ୍ଦାବନ ସୁବୁଦ୍ଧି, ବିକ୍ରମ ଚମ୍ପତି, ଜୟନ୍ତୀ ପାଣିଗ୍ରାହୀ, ସମ୍ପତ୍ତି ପଟ୍ଟନାୟକ, ସୁଧାଞ୍ଜଳି ମିଶ୍ର, ବିକ୍ରମ ବରାଳ, କୈଳାଶ ପଟ୍ଟନାୟକ, କନ୍ଦର୍ପ ସାହୁ, ଲୋହିତ ନାରାୟଣ ମହାପାତ୍ର, ଲଳିତେନ୍ଦୁ ପଲାଭାରୀଙ୍କୁ ସମ୍ମାନିତ କରାଯାଇଥିଲା।

ମକରଯାତ୍ରା ପ୍ରସ୍ତୁତି ବୈଠକ

ଚୌଦ୍ୱାର,୪।୧(ଆଶୁତୋଷ ଦାସ)

ମଙ୍ଗରାଜପୁର ପଞ୍ଚାୟତ ଅଧୀନ କୋଟିଲୋ ନୂଆଗାଁସ୍ଥିତ ଉମଡମଣୀ ପୀଠରେ ପ୍ରସିଦ୍ଧ ମକର ଯାତ୍ରା ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଉକ୍ତ ପୀଠରେ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚୌଦ୍ୱାର ଥାନା ଏସ୍‌ଆଇ ସସ୍ମିତା ଖିଲାର, ଦିଲ୍ଲିପ ମର୍ଦ୍ଦରାଜ ଭୂୟାଁ, ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ, କମିଟି ସମ୍ପାଦକ ରବୀନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟା, ସଦସ୍ୟ ଯୋଗଦେଇଥିଲେ। ଦେବୀଙ୍କ ସମସ୍ତ ନୀତିକାନ୍ତି, ଅଖଣ୍ଡ ହୋମଯଜ୍ଞ ଓ ଭିଡ ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତିବର୍ଷ ମକର ମେଳାରେ ମା'ଙ୍କ ଦର୍ଶନ ଓ ପ୍ରାକୃତିକ ପରିବେଶରେ ବଣଭୋଜି କରିବା ପାଇଁ ବହୁ ଜନସମାଗମ ହୋଇଥାଏ। ଚଳିତବର୍ଷ ବହୁ ଜନସମାଗମ ହେବ ବୋଲି ଆଶା କରାଯାଇଛି।

ପ୍ରେମ ସମ୍ପର୍କରେ ଯୁବତୀଙ୍କ ପ୍ରବେଶ ସହି ନ ପାରି ବନ୍ଧୁଙ୍କୁ ହତ୍ୟା

ସମଲିଙ୍ଗୀ ସମ୍ପର୍କ ପାଇଁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ଖୋର୍ଦ୍ଧା/ନିରାକାରପୁର,୪।୧(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଶଗଡ଼ଭଙ୍ଗା ଅନ୍ତର୍ଗତ ଭୀମପଡ଼ା ଗ୍ରାମରେ ଗତ ୨ ତାରିଖରେ ଜଣେ ଯୁବକଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ପୋଲିସ କରିଛି। ସମଲିଙ୍ଗୀ ପ୍ରେମ ସମ୍ପର୍କ ମଧ୍ୟରେ ଅନ୍ୟ ଜଣେ ଯୁବତୀଙ୍କ ପ୍ରବେଶକୁ ସହ୍ୟ କରି ନ ପାରି ବନ୍ଧୁଙ୍କୁ ଲୁହାରଡରେ ଛେଚି ହତ୍ୟା କରିଥିଲେ ବୋଲି ଅଭିଯୁକ୍ତ ସ୍ୱୀକାର କରିଥିବା ଗୁରୁବାର ଜଙ୍କିଆ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ ଅଭିଯୁକ୍ତ ସୋମନାଥ ଲାଠି ଓରଫ ଜଗା(୨୪)ଙ୍କ ଘର ପୁରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ କୁଲେଇପଡ଼ା ଗ୍ରାମରେ। ରଶ୍ମିରଞ୍ଜନ ବଳିୟାରସିଂହ ଓରଫ ନିଲୁ(୩୧) ଏବଂ ସୋମନାଥ ଉଭୟ କଳାକାର। ଉଭୟେ ନାଟକରେ ଅଭିନୟ କରନ୍ତି। ଦୁହିଁଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେବ ଶାରୀରିକ ସମ୍ପର୍କ ରହିଥିବାବେଳେ ଉଭୟେ ଉଭୟଙ୍କୁ ସମଲିଙ୍ଗୀ ବିବାହ କରିବାକୁ ସ୍ଥିର କରିଥିଲେ। ତେବେ କିଛି ଦିନ ତଳେ ସେମାନଙ୍କ ମଧ୍ୟରେ ପ୍ରବେଶ କରିଥିଲେ ଜଣେ ଯୁବତୀ କଳାକାର। ରଶ୍ମିରଞ୍ଜନ ଏବଂ ଉକ୍ତ ଯୁବତୀଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ହେବାରୁ ସୋମନାଥ ଏହାକୁ ସହ୍ୟ କରିପାରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଘଟଣା ଦିନ କଥା କଟାକଟି ହୋଇଥିଲା। ପରେ ସୋମନାଥ ଉତ୍‌କ୍ଷିପ୍ତ ହୋଇ ରଶ୍ମିରଞ୍ଜନଙ୍କୁ ଏକ ଲୁହା ରଡ୍‌ରେ ପିଟି ହତ୍ୟା କରିଥିଲେ। ପରେ ଘର ଚାବି ପକାଇ ଏକ ବାଇକ୍ ଯୋଗେ ରାମେଶ୍ୱର ଛକକୁ ଆସି ସେଠାରେ ବାଇକ୍ ରଖି ଯାଜପୁର ଚାଲିଯାଇଥିଲେ। ରଶ୍ମିରଞ୍ଜନଙ୍କ ହତ୍ୟା ଖବର ପାଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ.୩/୨୦୨୪) ରୁଜୁ କରି ସୋମନାଥଙ୍କ ଫୋନ୍ ଟ୍ରାକିଂ କରି ତାଙ୍କୁ ଯାଜପୁରରୁ ଗିରଫ କରିଥିଲା। ପଚରାଉଚରା ସମୟରେ ସୋମନାଥ ଘଟଣା ସମ୍ପର୍କରେ ସବୁ କଥା ମାନିଥିଲେ। ତାଙ୍କ ଠାରୁ ପୋଲିସ ୮କିଲୋ ୪୭୫ ଗ୍ରାମର ଗୋଟିଏ ଲୁହାରଡ୍, ଗୋଟେ ମୋବାଇଲ ଓ ତାଲା ଚାବି ଜବତ କରିଛି। ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ କୁମାର ଦାଶ, ସ୍ଥାନୀୟ ଥାନା ଅଧିକାରିଣୀ ପ୍ରଜ୍ଞା ରିତୁଭରା କର ଓ ସିକୋ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୬ଜଣ ମତ୍ସ୍ୟଜୀବୀ ଅଟକ

ଅସ୍ତରଙ୍ଗ,୪।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ତେବେ ଗୁରୁବାର ଦେବୀ ମୁହାଣ ନିକଟରେ ମା' ଜାଗେଶ୍ୱରୀ ନାମକ ଟ୍ରଲର (ଆଇ ଏନ୍ ଡି -ଓ ଆର୍ -୦୫- ଏମ୍ ଏମ୍ -୩୩୯) ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଅସ୍ତରଙ୍ଗ ବନ ବିଭାଗ ପହଞ୍ଚି ତାକୁ ଜବତ କରିଛି। ଜବତ ଟ୍ରଲରରୁ ୬ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଅଟକ ରଖିଛି। ଟ୍ରଲର ଜବତ ସମୟରେ ବନବିଭାଗ ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ନିର୍ମଳ ପାତ୍ର, ଯୋଗେନ୍ଦ୍ର ପ୍ରଧାନ, ଶଶିକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଲିଭରିଡ୍‌ଲେ କଇଁଛଙ୍କ ଆଗମନ ଯୋଗୁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି। ତେବେ ନଭେମ୍ବର ୧ରେ ନିଷିଦ୍ଧାଞ୍ଚଳରୁ ପାରାଦୀପ ଅଞ୍ଚଳର ଏକ ଟ୍ରଲର ଜବତ ହୋଇଥିଲା, ନଭେମ୍ବର ୨ରେ ବାଲେଶ୍ୱର ଅଞ୍ଚଳର ମଙ୍ଗଳା ନାମକ ଟ୍ରଲର ଜବତ ମଧ୍ୟ ହୋଇଥିଲା।

ଆଜି ଆସିବ ଏଆଇଜି ଟିମ୍

କଟକ,୪।୧(ଶିକ୍ଷା ପ୍ରିୟଦର୍ଶିନୀ)

ଏସ୍‌ସିବିରେ ଲିଭର ପ୍ରତିରୋପଣ ବ୍ୟବସ୍ଥା

ଏସ୍‌ସିବି ମେଡିକାଲରେ ଲିଭର୍ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହେବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ଏଆଇଜି ଟିମ୍ ମେଡିକାଲକୁ ଆସିବ। ଉକ୍ତ ଟିମ୍‌ରେ ହାଇଦ୍ରାବାଦସ୍ଥିତ ଏଆଇଜି ଲିଭର୍ ଟ୍ରାନ୍ସପ୍ଲାଣ୍ଟର ନିର୍ଦ୍ଦେଶକ ପି. ବାଲ୍‌ଚନ୍ଦ୍ରନ ମେନନ୍ ଓ ଉପସଭାପତି ସନ୍ତୋଷ କୁମାର ସାହୁ ରହିବେ। ଟିମ୍ ଏସ୍‌ସିବିରେ ପହଞ୍ଚିବା ପରେ ହେପାଟୋଲୋଜି ବିଭାଗରେ ରୋଗୀମାନଙ୍କର ସ୍କ୍ରିନିଂ କରାଯିବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ସ୍କ୍ରିନିଂ ପ୍ରକ୍ରିୟା ଜାରି ରହିବ। ଯୋଗ୍ୟ ଦାତା ଏବଂ ଗ୍ରହୀତା ଚୟନ କରାଯିବା ପରେ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଉକ୍ତ ଟିମ୍ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବ। ଏଥିସହ ଲିଭର୍ ପ୍ରତିରୋପଣ ୟୁନିଟ୍‌ର ଭିତ୍ତିଭୂମି ଅନୁଧ୍ୟାନ କରିବ। ଏହାପରେ ମେଡିକାଲର ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଲିଭର୍ ପ୍ରତିରୋପଣ ବ୍ୟବସ୍ଥା ସମ୍ପର୍କରେ ବିଶେଷଜ୍ଞ ଟିମ୍ ସହ ଆଲୋଚନା ହେବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଉକ୍ତ ବୈଠକରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଲିଭର ପ୍ରତିରୋପଣ ବ୍ୟବସ୍ଥାର ନୋଡାଲ ଅଫିସର ଡା. ରାଜେଶ କୁମାର ଦୋରା, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ଉକ୍ତ ବିଭାଗର ବିଶେଷଜ୍ଞ ଓ ଲିଭର୍ ପ୍ରତିରୋପଣ ପାଇଁ ଗଠନ ହୋଇଥିବା ଟିମ୍ ସଦସ୍ୟଙ୍କ ସହ ଆଲୋଚନା କରାଯିବ।

ଭୁବନେଶ୍ୱର ଏଜି ଛକସ୍ଥିତ ଟ୍ରାଫିକ ଥାନାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗୁରୁବାର ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର।

‘ସୁସ୍ଥ, ଶୃଙ୍ଖଳିତ ସମାଜ ପାଇଁ ଯୋଗ ଆବଶ୍ୟକ’

ପୁରୀ, ୪।୧(ଅଜିତ୍ ମହାନ୍ତି)

ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ମହାମନ୍ତ୍ର ହିଁ ଯୋଗ। ଏଣୁ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ପାଇଁ ପ୍ରତ୍ୟେକ ବ୍ୟକ୍ତି ଯୋଗ ସହ ସଂପୃକ୍ତ ହେବା ଆବଶ୍ୟକ ବୋଲି ପତଞ୍ଜଳୀ ଯୋଗ ସଂସ୍ଥାର ପ୍ରମୁଖ ଭାସ୍କର ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, କ୍ରୀଡ଼ାଗୁରୁ ଡ. ବିମଳ ପ୍ରସାଦ ମହାନ୍ତି, ଅଧିବକ୍ତା ପୁଷ୍କର ମହାପାତ୍ର, ଯୋଗଗୁରୁ ମନୋଜ କୁମାର ନାୟକ, ସଙ୍ଗଠକ ବଦ୍ରି ମିଶ୍ର, ଯୋଗ ଶିକ୍ଷୟତ୍ରୀ ସ୍ନେହା ନନ୍ଦ, ଗୁରୁ ସସ୍ମିତା ଦାସ ଏବଂ ଉତ୍କଳ ବିଦ୍ୱତ ପରିଷଦର ମନୋଜ ରଥ ପ୍ରମୁଖ ଯୋଗଦେଇଥିଲେ। ମିଶନ ଓଡ଼ିଶା ପକ୍ଷରୁ ପୁରୀର ଆଖଣ୍ଡଳମଣି ଯୋଗ କେନ୍ଦ୍ର ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ମିଳିତ ଆନୁକୂଲ୍ୟରେ ଶରଧାବାଲି ମେଳା ମଞ୍ଚରେ ଆୟୋଜିତ ‘ଯୋଗ ଓ ଯୁବସମାଜ’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଏକ ସୁସ୍ଥ ସମାଜ ପାଇଁ ଯୋଗ କରିବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଜନମଞ୍ଚର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୟନ୍ତୀ ମହାପାତ୍ର, ଶିବରାମ ପ୍ରଧାନ, ଦେବରାଜ ଦାସ, କେଦାରନାଥ ମହାପାତ୍ର, ବଳରାମ ପାତ୍ର, ଡାକ୍ତର ରାଧାଶ୍ୟାମ ରଥ, ମଧୁମିତା ମହାପାତ୍ର, ସନ୍ତୋଷ ସେନାପତି, ନିହାରିକା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତରରେ ଭାଗ ନେଇଥିବା ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

୨ ଦିନିଆ ରିମାଣ୍ଡରେ ଶ୍ରୀବତ୍ସ

ଖୋର୍ଦ୍ଧା,୪।୧(ପ୍ରଭାତ ପାଣିଗ୍ରାହୀ)

ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ବରୁଣେଇ ନଗରର ଶ୍ରୀବତ୍ସ ପରମଗୁରୁଙ୍କୁ ଗିରଫ କରି ଜେଲକୁ ପଠାଇଥିଲା। ତେବେ ଦୁଇଦିନ ରିମାଣ୍ଡରେ ଶ୍ରୀବତ୍ସଙ୍କୁ ନେବା ପାଇଁ ପୋଲିସ ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ଲାଗି ଅନୁମତି ଦେଇଛନ୍ତି। ପୋଲିସ ପ୍ରଥମ ଦିନରେ ତାଙ୍କୁ ଜେରା କରିଛି। ଏହି ବନ୍ଧୁକ କେଉଁଠୁ ଆଣିଥିଲେ, ତାଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ଏହାର ଚେର କେଉଁଆଡେ ଲମ୍ବିଛି, ପୋଲିସ ଏହାର ଖୋଳତାଡ଼ କରିଛି। ପ୍ରକାଶ ଯେ, ଗତ ଜାନୁୟାରୀ ପହିଲାରେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଶ୍ରୀବତ୍ସଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କଠାରୁ ୩୨ହଜାର ୬ ଶହ ଟଙ୍କା, ଏକ ମାଗାଜିନ ଓ ୨ଟି ଗୁଳି ଜବତ ହୋଇଥିଲା। ଏହି ସମୟରେ ଅଭିଯୁକ୍ତଙ୍କ ସ୍ତ୍ରୀ କୌଶଳକ୍ରମେ ବନ୍ଧୁକ ଓ ଗୁଳି ନେଇ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଟାଙ୍ଗୀ,୪।୧(ରଘୁନାଥ ସାହୁ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡି, ସୁନ୍ଦରପୁର ଏବଂ ନୂଆଗଡ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳ (ବିଜେଡି)ର ଜନ ସମ୍ପର୍କ ପଦଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ଭୂଷଣ୍ଡପୁରସ୍ଥିତ ମା'ଉଗ୍ରତାରା ପୀଠରେ ପୂଜାର୍ଚ୍ଚନା ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ଉପରୋକ୍ତ ୩ ପଞ୍ଚାୟତର ପ୍ରତ୍ୟେକ ସାହି ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତଥା ବିକାଶର ବାର୍ତ୍ତା ପହଞ୍ଚାଇଥିଲେ। ଏଥିରେ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ଜୋନର ଜିଲାପରିଷଦ ସଭ୍ୟା ଅନସ୍ୱୟା ବେହେରା, ଟାଙ୍ଗୀ ବ୍ଲକ ବିଜେଡି ସଭାପତି ବିରଞ୍ଚି ନାରାୟଣ ସାମନ୍ତରାୟ, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲାଇ, ପୂର୍ବତନ ସମିତିସଭ୍ୟ ନୀଳକଣ୍ଠ ବେହେରା, ପୂର୍ବତନ ଜିଲାପରିଷଦ ସ୍ୱଦେଶ ରାଉତରାୟ, ନୂଆଗଡ ପଞ୍ଚାୟତର ସମିତିସଭ୍ୟା ଗୀତାଞ୍ଜଳି ପାଟ୍ଟଶାଣି, ନୂଆଗଡ ସରପଞ୍ଚ ରଘୁନାଥ ମାଝୀ, ଯୁବନେତା ମାନସ ବଳିୟାରସିଂହଙ୍କ ସମେତ ବ୍ଲକସ୍ତରୀୟ ମହିଳା ମହାସଂଘ, ମିଶନ ଶକ୍ତି ସଦସ୍ୟାମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

‘କଟକର ଗୌରବ ହରିଣ ପାର୍କ ରହିବ’

କଟକ,୪।୧(କାର୍ତ୍ତିକ ସାହୁ)

ପାର୍କ ପରିସରରେ ଥିବା ହରିଣପଲ।

■୧୦ରୁ ୨୦ ହରିଣ ରଖିବାକୁ ଅନୁମତି ପାଇଁ ପ୍ରକ୍ରିୟା ଆରମ୍ଭ

■ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯିବ

ମହାନଦୀ ରିଂ ବନ୍ଧ ପାର୍ଶ୍ୱସ୍ଥ ତୁଳସୀପୁର ମଧୁସୂଦନ ନଗର ଅଞ୍ଚଳରେ ଥିବା ହରିଣ ପାର୍କ କଟକର ଗୌରବ। ଏହି ଗୌରବ ବହନ କରୁଥିବା ପାର୍କରେ ଆକର୍ଷଣ ସାଜିଥିବା ହରିଣମାନେ ଆଇନଗତ କାରଣରୁ ଅନ୍ୟତ୍ର ସ୍ଥାନାନ୍ତର ହେବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ତେବେ ବିଭିନ୍ନ ମହଲରୁ ହରିଣ ସ୍ଥାନାନ୍ତର ନେଇ ପ୍ରତିବାଦର ସ୍ୱର ଉଠିଛି। ସ୍ଥାନୀୟ ବାସିନ୍ଦାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନ ଓ ବର୍ଗର ଲୋକେ ହରିଣ ପାର୍କ ସମ୍ପୂର୍ଣ୍ଣ ଉଚ୍ଛେଦକୁ ବିରୋଧ କରିଛନ୍ତି। ଭାଜପା କଟକ ନଗର ପକ୍ଷରୁ ମଧ୍ୟ ଏନେଇ ସ୍ୱର ଉତ୍ତୋଳନ କରାଯାଇଛି। ଶେଷରେ ଉକ୍ତ ପାର୍କରେ କିଛି ହରିଣ ରଖିବା ନିମନ୍ତେ ଆଇନଗତ ଦିଗ ତର୍ଜମା କରି ସରକାରୀ ନିୟମପ୍ରାପ୍ତ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ସିଏମ୍‌ସି ମେୟର ସୁବାସ ସିଂ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ୧୯୮୧ରେ ମହାନଦୀ ରିଂ ବନ୍ଧ ପାର୍ଶ୍ୱରେ ପ୍ରାୟ ୨.୫ ଏକର ପରିମିତ ଜମିରେ ଆରମ୍ଭ ହୋଇଥିଲା ହରିଣ ପାର୍କ। ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମତିକ୍ରମେ ପ୍ରାଥମିକ ଅବସ୍ଥାରେ ୬ଟି ହରିଣରୁ ଆରମ୍ଭ ହୋଇଥିଲା ଏହି ପାର୍କ। କ୍ରମାଗତ ଭାବରେ ହରିଣଙ୍କ ସଂଖ୍ୟାବୃଦ୍ଧି ଘଟି ଏବେ ୨୯୪ରେ ପହଞ୍ଚିଛି। ତେବେ ସୀମିତ ଜାଗାରେ ବହୁ ସଂଖ୍ୟକ ହରିଣ ରହିବା କାରଣରୁ ବିଭିନ୍ନ ସମସ୍ୟା ଉପୁଜିଲା। ହରିଣମାନେ ପରସ୍ପର ମଧ୍ୟରେ ଲଢ଼େଇ ଲାଗି ମୃତ୍ୟୁବରଣ କଲେ। ସ୍ୱଳ୍ପ ଜାଗାରେ ବେଶି ହରିଣ ହୋଇଯିବାରୁ ସେମାନଙ୍କ ରହିବା କଷ୍ଟକର ହୋଇ ପଡ଼ିଲା। ଏହାକୁ ନେଇ କିଛିବର୍ଷ ଧରି ବାଦବିବାଦ ଲାଗି ରହିଥିଲା। କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ୟତ୍ର ୨ୟ ହରିଣ ପାର୍କ କରିବା ପାଇଁ ବିଭିନ୍ନ ସମୟରେ ଉଦ୍ୟମ କରିଥିଲେ ସୁଦ୍ଧା ତାହା ଫଳପ୍ରଦ ହୋଇ ନ ଥିଲା। ଏନେଇ ହାଇକୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ବିଚାର କରି ସିଏମ୍‌ସିକୁ ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ମାନିବାକୁ ନିର୍ଦ୍ଦେଶ ଦେଇଥିଲେ। ମେୟର ସୁବାସ ସିଂଙ୍କ କହିବାନୁସାରେ, ପ୍ରତିବର୍ଷ ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ହରିଣ ପାର୍କ ଚଳାଇବା ପାଇଁ ଅନୁମତି ପ୍ରଦାନ କରିଆସୁଥିଲେ। ହେଲେ ଏଥର ଆଉ ଅନୁମତି ଦେଲେ ନାହିଁ। ଫଳରେ ହରିଣ ପାର୍କ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଥିବା ହରିଣଗୁଡ଼ିକ ପର୍ଯ୍ୟାୟକ୍ରମେ ଚନ୍ଦକା ଜଙ୍ଗଲକୁ ସ୍ଥାନାନ୍ତର କରାଯାଉଛି। ସେଠାରେ ତିଆରି କରାଯାଇଥିବା ଏନ୍‌କ୍ଲୋଜର ମଧ୍ୟରେ ସେମାନଙ୍କୁ ରଖାଯାଉଛି। ୬ ମାସ ଅଥବା ବର୍ଷେ ପରେ ସେମାନଙ୍କୁ ଜଙ୍ଗଲକୁ ଛଡ଼ାଯିବ। ଏବେ ହଠାତ୍ ଜଙ୍ଗଲକୁ ଛାଡ଼ିଦେଲେ ସେମାନଙ୍କ ବଞ୍ଚିବା କଷ୍ଟକର ହୋଇଯିବ। ବର୍ତ୍ତମାନ ସୁଦ୍ଧା ୫ଟି ପର୍ଯ୍ୟାୟରେ ୯୭ଟି ହରିଣଙ୍କୁ ସ୍ଥାନାନ୍ତର କରାଯାଇଛି। ସିଏମ୍‌ସି ପକ୍ଷରୁ ଏହି ହରିଣମାନଙ୍କର ସ୍ଥାନାନ୍ତର ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବିଭିନ୍ନ ମହଲରେ ହରିଣ ପାର୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ବିରୋଧ ହେବାକୁ ନେଇ ମେୟର କହିଛନ୍ତି, ହରିଣ ପାର୍କ କଟକର ଗର୍ବ ଓ ଗୌରବ। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ନାହିଁ। ପ୍ରାୟ ୧୦ରୁ ୨୦ଟି ହରିଣ ଏଠାରେ ରଖାଯିବାକୁ ଆଇନଗତ ପ୍ରକ୍ରିୟା କରାଯାଉଛି। ଭାରତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଅନୁମତି ପାଇଁ ଆବେଦନ କରାଯିବ। ଏହା ପୂର୍ବରୁ ବିଭିନ୍ନ ଆଇନଗତ ଦିଗକୁ ତର୍ଜମା କରାଯାଉଛି।

ବିଜେଡିରୁ ୨ ନିଲମ୍ବିତ

ଭୁବନେଶ୍ୱର,(ଅନିଲ ଦାସ): ଦଳ ବିରୋଧୀ କାର୍ଯ୍ୟ ପାଇଁ କେନ୍ଦୁଝର ଜିଲା ବିଜୁ ଯୁବ ଜନତା ଦଳର ସଞ୍ଜୟ କୁମାର ମିଶ୍ର ଏବଂ ଜିଲା ଉପସଭାପତି କରୁଣା ସାଗର ଖଟୁଆଙ୍କୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ନେଇ ଗୁରୁବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ବଦଳିବ ନା ଦୋହରାଇବ

ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ

ପାରଳାଖେମୁଣ୍ଡି, ୪।୧ (ଗିରିଧାରୀ ପରିଛା)

ଗଜପତି ଜିଲାର ୨ ବିଧାନସଭା ନିର୍ବାଚନମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡି। ମୋହନା ଆଦିବାସୀ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ପାରଳାଖେମୁଣ୍ଡି ଅଣସଂରକ୍ଷିତ। ଜିଲାର ଗୋଷାଣୀ, ଗୁମ୍ମା, କାଶୀନଗର, ପାରଳାଖେମୁଣ୍ଡି ପୌରପରିଷଦ ଓ କାଶୀନଗର ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍ଏସି)କୁ ନେଇ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଗଠିତ।

ନିକଟ ଅତୀତକୁ ଦେଖିଲେ ୨୦୦୯ରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଜେଡି ପାଖକୁ ଯାଇଥିଲା। ୨୦୧୪ରେ କଂଗ୍ରେସ ଏହାକୁ ନିଜ କବ୍ଜାକୁ ନେଇଥିଲା ବେଳେ ୨୦୧୯ ନିର୍ବାଚନରେ ଏହି କ୍ଷେତ୍ରରେ ଭାଜପା ପ୍ରାର୍ଥୀ ବାଜି ମାରି ନେଇଥିଲେ। ବର୍ତ୍ତମାନର ବିଧାୟକ କେ.ନାରାୟଣ ରାଓ ବିଜେଡିରୁ ଟିକେଟ ନ ପାଇ ଶେଷ ମୁହୂର୍ତ୍ତରେ ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରେ ସାମିଲ ହୋଇ ବିଜୟୀ ହୋଇଥିଲେ। ତେବେ ୨୦୨୪ ନିର୍ବାଚନ ଲାଗି ଶାସକ ବିଜେଡିରୁ ବହୁ ଆଶାୟୀ ପ୍ରାର୍ଥୀ ଥିବା ଜଣାପଡ଼ିଛି। ସେମାନେ ନିଜ ଶୈଳୀରେ ଲୋକଙ୍କ ପାଖକୁ ପହଞ୍ଚିବା ପାଇଁ ଚେଷ୍ଟା ଚଳାଇଛନ୍ତି। ୨୦୧୯ ନିର୍ବାଚନରେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୩୭,୦୮୦ ଖଣ୍ଡ ଭୋଟ ପାଇ ୨ୟ ସ୍ଥାନ ଅଧିକାର କରିଥିବା ହାଇଟେକ ଗ୍ରୁପ୍ ଅଧକ୍ଷ ତିରୁପତି ପାଣିଗ୍ରାହୀ ବର୍ତ୍ତମାନ ବିଜେଡିରେ ସାମିଲ ହୋଇ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଦେଖିବାକୁ ମିଳୁଛି। ଏଥିସହିତ ପୁଅ ରୂପେଶଙ୍କୁ ଦଳରେ ସାମିଲ କରି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟତର ହେଉଛନ୍ତି। ଅନ୍ୟପଟେ ୨୦୦୯ରୁ ବିଜେଡିରେ ସାମିଲ ହୋଇ ଜିଲା ଯୁବ ସଭାପତି ଏସ.ଲିଙ୍ଗରାଜ ମହାମାରୀ କୋଭିଡ ସମୟରେ ଲୋକଙ୍କୁ ସାହାଯ୍ୟ କରିଥିବାରୁ ସେ ଆଶାୟୀଙ୍କ ଦୌଡ଼ରେ ଅଛନ୍ତି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ସେହିପରି ପୂର୍ବତନ କଂଗ୍ରେସ ବିଧାୟକ କେ. ସୁରିୟା ରାଓ ବର୍ତ୍ତମାନ ବିଜେଡି ତରଫରୁ ଟିକେଟ ପାଇବା ପାଇଁ ଆଶା ରଖିଛନ୍ତି। ତେବେ ଯଦି ଟିକେଟ ମିଳେ ଲଢ଼ିବେ, ନଚେତ ହାଇକମାଣ୍ଡ ଯାହାକୁ ଟିକେଟ ଦେଲେ ମଧ୍ୟ ସେ ବିଜେଡି ପାଇଁ କାମ କରିବେ ବୋଲି କହିଛନ୍ତି। ଅବସରପ୍ରାପ୍ତ ଆଇଟିଡିଆଇ କର୍ମଚାରୀ ବି. ଜନାର୍ଦ୍ଦନ ରାଓ, ପୂର୍ବତନ ଜିଲା ସଭାପତି ତଥା ବିଜେଡି ରାଜ୍ୟ ସମ୍ପାଦକ ବସନ୍ତ କୁମାର ଦାଶ ଓ ପ୍ରଦୀପ ନାୟକଙ୍କ ସହ ପ୍ରାୟ ୧୦ରୁ ୧୫ ଜଣ ଆଶାୟୀ ରହିଥିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଯଦି ବିରୋଧୀଙ୍କ କଥା ଦେଖାଯାଏ, ବର୍ତ୍ତମାନର ପାରଳାଖେମୁଣ୍ଡି ବିଧାୟକ ତଥା ଭାଜପା ଜିଲା ସଭାପତି କେ.ନାରାୟଣ ରାଓଙ୍କୁ ଛାଡ଼ିଦେଲେ ଅନ୍ୟ ଆଶାୟୀଙ୍କ ନାମ ଆଗକୁ ଆସି ନ ଥିବା ଦେଖାଯାଉଛି। ଅନ୍ୟତମ ଜାତୀୟ ଦଳ କଂଗ୍ରେସର ରାଜ୍ୟ ପ୍ରଚାର କମିଟି ଅଧକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ପାରଳାଖେମୁଣ୍ଡିରେ ଏକପ୍ରକାର ଡେରା ପକାଇଛନ୍ତି। ନିର୍ବାଚନମଣ୍ଡଳୀକୁ ବିଭିନ୍ନ ସମୟରେ ଗସ୍ତ କରି ଦଳର ସ୍ଥିତି କିପରି ମଜଭୁତ ହେବ, ସେଥିପାଇଁ ସେ ଲାଗିପଡ଼ିଥିବା ଆଲୋଚନା ହେଉଛି। ୨୦୨୪ରେ ଏହି ନିର୍ବାଚନମଣ୍ଡଳୀ ଶାସକ ବିଜେଡି ହାତକୁ ଯାଉଛି ନା ବିରୋଧୀ ଅକ୍ତିଆର କରିବେ ସେ ନେଇ ଏବେଠୁ କହିବା ମୁସ୍କିଲ।

ମିଶ୍ରଣ ପର୍ବରେ ନାଚିଲେ ଦିବ୍ୟଶଙ୍କର

ଭବାନୀପାଟଣା,୪।୧ (ଉତ୍ତମ କୁମାର ଦାଶ)

ପୁଣି ଚର୍ଚ୍ଚାରେ କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର। କିଛିଦିନ ତଳେ ଜୁନାଗଡ଼ ବ୍ଲକ ତଳଜାରିଙ୍ଗଠାରେ ଏକ କାର୍ଯ୍ୟକ୍ରମରେ ସେ ଯୋଗଦେଇ ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଅଟୋରିକ୍ସା ଚଳାଉଥିବା ଦେଖିବାକୁ ମିଳିଥିଲା। ଏହାର କିଛି ଦିନ ପରେ ଏବେ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ମଞ୍ଚରେ ନାଚୁଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ବୁଧବାର କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାଲୋପଲାରେ ଅନୁଷ୍ଠିତ ବିଜେଡିର ମିଶ୍ରଣ ପର୍ବରେ ସେ ଯୋଗଦେଇଥିଲେ। ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବାକୁ ଯାଇ ବିଧାୟକ ସମ୍ବଲପୁରୀ ଲୋକପ୍ରିୟ ଗୀତ 'ରସର ଜାମୁ ଡାଲେ' ଗୀତରେ କଳାକାରଙ୍କ ସହ ନାଚିଥିଲେ। ତାଙ୍କ ନାଚ ଦେଖି ଉପସ୍ଥିତ ଦଳୀୟ କର୍ମୀମାନେ ମଧ୍ୟ ନାଚୁଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଗାୟକ ସର୍ବେଶ୍ୱର ଭୋଇ ମଧ୍ୟ ଯୋଗଦେଇ ନିଜ ଗୀତରେ ଦଳୀୟ କର୍ମୀଙ୍କୁ ମତୁଆଲା କରିଥିଲେ। ମିଶ୍ରଣ ପର୍ବରେ ଭାଜପା ଓ କଂଗ୍ରେସର ଅନେକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

ମୋକିମ୍, ଚିରଞ୍ଜୀବ ଏବଂ ଶ୍ରୀକାନ୍ତଙ୍କ ଉପରୁ ଉଠିବ ନିଲମ୍ବନ ଆଦେଶ

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ବାଲେଶ୍ୱର ଲୋକ ସଭା ଆସନରୁ ଏଥର ଲଢ଼ିପାରନ୍ତି ଶ୍ରୀକାନ୍ତ ଜେନା

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏବେଠାରୁ କଂଗ୍ରେସ ଘର ସଜାଡ଼ିବାକୁ ଉଦ୍ୟମ ଆରମ୍ଭ କରୁଛି। ବିଭିନ୍ନ ରାଜନୈତିକ କାରଣବଶତଃ ଦଳୀୟ କାର୍ଯ୍ୟାନୁଷ୍ଠାନର ଶିକାର ହୋଇ ବିଦା ହୋଇଥିବା ନେତାଙ୍କୁ ପୁଣି ଥରେ କଂଗ୍ରେସକୁ ଫେରାଇ ଆଣିବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଗତ ଜୁଲାଇରେ ନିଲମ୍ବିତ ବିଧାୟକ ମହମ୍ମଦ ମୋକିମ୍ ଓ ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ଆଦେଶ ଖୁବ୍‌ଶୀଘ୍ର ପ୍ରତ୍ୟାହାର କରାଯିବ ବୋଲି ସୂଚନା ମିଳିଛି। ପିସିସି ଶୃଙ୍ଖଳା କମିଟି ଅଧକ୍ଷ ସନ୍ତୋଷ ସିଂ ସାଲୁଜା ଗଣମାଧ୍ୟମକୁ ସୂଚନା ଦେଇ ଗୁରୁବାର କହିଛନ୍ତି , ବିଧାୟକ ମହମ୍ମଦ ମୋକିମ ଓ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ସମେତ ବରିଷ୍ଠ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବାକୁ ଦଳ ନିଷ୍ପତ୍ତି ନେଇଛି। ଖୁବ୍‌ଶୀଘ୍ର ଏନେଇ ନିର୍ଦ୍ଦେଶନାମା ଜାରି ହେବ। ଆସନ୍ତା ୬ତାରିଖରେ ନୂଆ ରାଜ୍ୟ ପ୍ରଭାରୀ ଅଜୟ କୁମାର ଆସିବେ ବୋଲି ମଧ୍ୟ ସେ କହିଛନ୍ତି। ଅନ୍ୟପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସ୍ତ୍ରୀ ହେମା ଗମାଙ୍ଗ ଆସନ୍ତା ୭ ତାରିଖରେ କଂଗ୍ରେସରେ ସାମିଲ ହେବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ନବନିଯୁକ୍ତ ପ୍ରଭାରୀ ଓଡ଼ିଶା ଗସ୍ତ ସାରି ଫେରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ମହମ୍ମଦ ମୋକିମ୍ ଓ ଚିରଞ୍ଜୀବ ବିଶ୍ୱାଳଙ୍କ ନିଲମ୍ବନ ନିର୍ଦ୍ଦେଶ ପ୍ରତ୍ୟାହାର ହୋଇପାରେ ବୋଲି କୁହାଯାଉଛି। ଆସନ୍ତା ନିର୍ବାଚନରେ ଶ୍ରୀକାନ୍ତ ବାଲେଶ୍ୱର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି।

ଫେବୃଆରୀରେ ଓଡ଼ିଶା ପହଞ୍ଚିବ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

ନୂଆଦିଲ୍ଲୀ,୪।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଜାନୁଆରୀ ୧୪ରୁ ଆରମ୍ଭ ହେଉଥିବାବେଳେ ଫେବୃଆରୀରେ ଏହା ଓଡ଼ିଶାରେ ପ୍ରବେଶ କରିବ। ୪ ଦିନରେ ଏହି ଯାତ୍ରା ରାଜ୍ୟର ୩୪୧ କିଲୋମିଟର ଅତିକ୍ରମ କରିବ। ନ୍ୟାୟ ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମ କରିବା ପରେ ଓଡ଼ିଶାରେ ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ରେ ଯାତ୍ରା ଶେଷ କରି ଛତିଶଗଡ଼ରେ ପ୍ରବେଶ କରିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଗୁରୁବାର ସୂଚନା ଦେବା ସହ ଏହାର ରୁଟ୍ ମ୍ୟାପ୍ ଜାରି କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ୋ ଯାତ୍ରାରେ ରାହୁଲ ଗାନ୍ଧୀ ପ୍ରତିଦିନ ୭୦ରୁ ୮୦ କିଲୋମିଟର ବସ୍ ଯୋଗେ ଏବଂ ୭ କିଲୋମିଟର ପାଦରେ ଚାଲି ଅତିକ୍ରମ କରିବେ। ସେ ଅର୍ଥନୀତି, ସାମାଜିକ ଓ ରାଜନୈତିକ ନ୍ୟାୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଦିଲ୍ଲୀରେ ଏନେଇ ଅନୁଷ୍ଠିତ ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇଥିଲେ। ତେବେ ଓଡ଼ିଶାରେ କେଉଁ ତାରିଖରେ ଭାରତ ଯୋଡ଼ୋ ଯାତ୍ରା ପ୍ରବେଶ କରିବ ତାହା ସ୍ଥିର ହୋଇନାହିଁ। ଦିଲ୍ଲୀରୁ ଏକ ଟିମ୍ ସୁରକ୍ଷା ସ୍ଥିତି ଅନୁଧ୍ୟାନ କଲା ପରେ ରୁଟ୍ ଚୂଡ଼ାନ୍ତ ହେବ ବୋଲି ପିସିସି ସଭାପତି କହିଛନ୍ତି।

ରାଉରକେଲାରେ ଆଜି ଭାଜପାର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ଦେଇଯାଇଥିବା କାମର ହିସାବ ନେବେ ବି.ଏଲ୍ ସନ୍ତୋଷ

ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ରାଉରକେଲା ଠାରେ ଶୁକ୍ରବାର ଅନୁଷ୍ଠିତ ହେବାକୁ ଯାଉଛି। ଏଥିନେଇ ଭାଜପା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଏବଂ ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ ଆସି ରାଉରକେଲାଠାରେ ପହଞ୍ଚିଛନ୍ତି। ତେବେ ଦୁଇ କେନ୍ଦ୍ରୀୟ ନେତା ଦଳର ସାଙ୍ଗଠନିକ ବୈଠକ ରାଉରକେଲାଠାରେ କରିବାକୁ ଯୋଜନା ତିଆରି କରିବା ପରେ ଏବେଠାରୁ ଚର୍ଚ୍ଚା ଜୋର୍ ଧରିଛି। ଭାଜପାର ସବୁ ମୋର୍ଚ୍ଚା ସଭାପତି ଏବଂ ସେମାନଙ୍କ କୋର୍ ଟିମ୍‌ଗୁଡ଼ିକୁ ଗତଥର ଆସିବା ସମୟରେ ଉଭୟ ନେତା କିଛି ଦାୟିତ୍ୱ ଦେଇ ଫେରିଥିଲେ। ତା'ର ହିସାବ ନେବା ଲାଗି ରାଉରକେଲାଠାରେ ଏହି ବୈଠକ ହେଉଥିବା ଜଣାପଡିଛି। ତେବେ ବାସ୍ତବରେ ବୈଠକରେ କ'ଣ ଆଲୋଚନା ହେବ ସେନେଇ କିଛି ବିଶେଷ ସୂଚନା ନାହିଁ। ଏହାଛଡ଼ା ଦଳର ବହୁ ବରିଷ୍ଠ ନେତା ରାଜ୍ୟ ସଭାପତି, ଅଧିକାଂଶ ବିଧାୟକ ମଧ୍ୟ ରାଉରକେଲା ଗସ୍ତ କରିଛନ୍ତି।

କଂଗ୍ରେସରେ ଯୋଗଦେଇପାରନ୍ତି ହେମା

ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

ରାୟଗଡ଼ା,୪।୧(ଆଶିଷ ରଞ୍ଜନ ପଣ୍ଡା)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଦଳବଦଳ କଥା ସେତେ ଉଠୁଛି। ଏବେ ଗୁଣପୁର କଂଗ୍ରେସରେ ଆରମ୍ଭ ହୋଇଗଲାଣି ଟଣାଓଟରା। ଜିଲା ପରିଷଦର ପୂର୍ବତନ ଅଧକ୍ଷ ସ୍ୱର୍ଗତ ପୁରୁଷୋତ୍ତମ ଗମାଙ୍ଗଙ୍କ ମୃତ୍ୟୁ ପରଠାରୁ ଦଳର ପ୍ରଭାବ କମି ଆସିଥିଲା। ତେବେ ଯୁବନେତା ସତ୍ୟଜିତ ଗମାଙ୍ଗ ଗୁଣପୁର ନିର୍ବାଚନମଣ୍ଡଳୀରେ କର୍ମୀଙ୍କୁ ସକ୍ରିୟ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିବାରୁ ଦଳ ଏବେ ସଳଖିଥିବା ଦେଖିବାକୁ ମିଳୁଛି। ଏଥିସହିତ ଦଳକୁ ଉକ୍ତ ଅଂଚଳରେ ସୁଦୃଢ଼ କରିବା ପାଇଁ ବରିଷ୍ଠ ନେତା ତଥା ଜିଲା ପରିଷଦ ପୂର୍ବତନ ଅଧକ୍ଷ ବିଜୟ ଗମାଙ୍ଗଙ୍କୁ ଜିଲା କଂଗ୍ରେସ ସଭାପତି କରାଯାଇଛି।

ଗୁଣପୁର ବିଧାନସଭା ଆସନ ପାଇଁ ୫ଜଣ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ ଆସନ୍ତା ୭ ତାରିଖରେ କଂଗ୍ରେସରେ ବିଧିବଦ୍ଧ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ପତ୍ନୀ ହେମା ଗମାଙ୍ଗ ଯୋଗଦେବା ନେଇ ଅଞ୍ଚଳସାରା ଚର୍ଚ୍ଚା ଚାଲିଛି। ହେମାଙ୍କ ସହିତ ସ୍ୱାମୀ ଗିରିଧର ଏବଂ ପୁଅ ଶିଶିର ମଧ୍ୟ କଂଗ୍ରେସରେ ଯୋଗଦେବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏନେଇ ହେମାଙ୍କୁ ପଚାରିବାରୁ ସେଭଳି ଯୋଜନା ରହିଛି ଓ ଯୋଗଦେବା ପରେ ନିଶ୍ଚୟ ଖବର ପାଇବେ ବୋଲି କହିଥିଲେ।

ହେମା କଂଗ୍ରେସରେ ଯୋଗଦେବା ପରେ ଗୁଣପୁର ନିର୍ବାଚନମଣ୍ଡଳୀରୁ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହେବା ନେଇ ଆଶାୟୀ ଥିବା ମଧ୍ୟ କର୍ମୀ ମହଲରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ସେ କଂଗ୍ରେସ ଟିକେଟରୁ କୋରାପୁଟ ଲୋକ ସଭା ଆସନରୁ ଥରେ ଏମ୍ପି ଏବଂ ଗୁଣପୁର ବିଧାନସଭା ଆସନରୁ ଥରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏଆଇସିସି ସମ୍ପାଦିକା ଦାୟିତ୍ୱରେ ମଧ୍ୟ ରହିଥିଲେ। ତେବେ ପରବର୍ତ୍ତୀ ସମୟରେ କଂଗ୍ରେସ ଛାଡ଼ି ଭାଜପା ଏବଂ ଗତବର୍ଷ ଭାରତ ରାଷ୍ଟ୍ର ସମିତି (ବିଆରଏସ୍)ରେ ସାମିଲ ହୋଇଥିଲେ। ବର୍ତ୍ତମାନ ପୁଣି ରାଜନୀତି ଜୀବନର ମୂଳ ଦଳ କଂଗ୍ରେସକୁ ଫେରିବା ସଂକ୍ରାନ୍ତ ହେଉଥିବା ଚାପା ଗୁଞ୍ଜରଣ ରାଜନୈତିକ ପରିମଣ୍ଡଳକୁ ଉଷ୍ମ କରାଇଦେଉଛି।

ହେମା ଗମାଙ୍ଗ

ଅନ୍ୟପଟେ ଗୁଣପୁର ଆସନ ପାଇଁ ଜିଲା ସଭାପତି ବିଜୟଙ୍କ ସମେତ ତାଙ୍କ ପୁଅ ଅବିନାଶ ଗମାଙ୍ଗ, ଭାସ୍କର ଜାଗାରାଙ୍ଗା, ଶାନ୍ତି ଜାଗାରାଙ୍ଗା ଏବଂ ଯୁବନେତା ସତ୍ୟଜିତ ଗମାଙ୍ଗ ଆଶାୟୀ ରହିଛନ୍ତି। ପୂର୍ବରୁ ୫ ଆଶାୟୀ ରହିଥିବା ବେଳେ ଯଦି ହେମା ଦଳକୁ ଫେରନ୍ତି ତାହା ହେଲେ ଆଶାୟୀଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇବ ବୋଲି କୁହାଯାଉଛି। କିନ୍ତୁ ଏହି ଖବର ଗୁଣପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ପାଇଁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି। ଅପରପକ୍ଷେ ବହୁ ପୂର୍ବରୁ ଯୁବନେତା ସତ୍ୟଜିତ ଗୁଣପୁର ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳ ବୁଲି ଲୋକ ସମ୍ପର୍କ ବଢ଼ାଇବା ସହ ପ୍ରଚାର ପ୍ରସାର କରି ଏମ୍ପି ସପ୍ତଗିରି ଉଲାକା ଓ ରାଜ୍ୟ ଶୀର୍ଷ ନେତୃତ୍ୱଙ୍କ ପ୍ରଶଂସାର ପାତ୍ର ହୋଇ ନିଜର ଟିକେଟ ସୁରକ୍ଷିତ କରିବା ବେଳେ ଦଳରେ ଜିଲା କଂଗ୍ରେସ ସଭାପତି ଓ ଅନ୍ୟ ୩ଜଣ ଆଶାୟୀ ବାହାରିଥିଲେ। ବର୍ତ୍ତମାନ ପୁଣି ହେମା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ସଂକ୍ରାନ୍ତ ଖବର ଗୁଣପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ପ୍ରକାର ଆଲୋଚନାକୁ ଖୋରାକ ଯୋଗାଇଛି। ଗମାଙ୍ଗ ପରିବାର କଂଗ୍ରେସକୁ ଫେରିବା ଦଳରେ ଗୋଷ୍ଠୀ କନ୍ଦଳ ବଢ଼ାଇବାର ଆଶଙ୍କା ରହିଥିବା ନେଇ ରାଜନୈତିକ ପର୍ଯ୍ୟବେକ୍ଷକ ମତ ପ୍ରକାଶ କରିଛନ୍ତି। ଗୁଣପୁର ପୌର ନିର୍ବାଚନ ଓ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ଆଗାମୀ ନିର୍ବାଚନରେ ଉଭୟ ଶାସକ ବିଜେଡି ଓ କଂଗ୍ରେସ ପାଇଁ କଣ୍ଟା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁମାନ କଲେଣି। ବାସ୍ତବରେ ହେମାଙ୍କ ଘରବାହୁଡ଼ା କଥା ଶୁଣି ଦଳୀୟ ଆଶାୟୀ ଚିନ୍ତାରେ ପଡ଼ିଯାଇଛନ୍ତି। ଏଥିସହିତ ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ, କାଲେ ଶିଶିର ଗମାଙ୍ଗ ଫୋନ୍ କରି ଯୁବନେତା ସତ୍ୟଜିତ୍‌ଙ୍କୁ ଗୁଣୁପୁରରୁ ପ୍ରାର୍ଥୀ ନ ହୋଇ ତାଙ୍କ ମା' ହେମାଙ୍କୁ ସମର୍ଥନ କରିବାକୁ ଚାପ ପକାଉଛନ୍ତି।

ଚା' ଖଟିରେ ଅପରାଜିତା, ପଦଯାତ୍ରାରେ ଶ୍ରୀମୟୀ

ଭୁବନେଶ୍ୱର ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀର ଏକ ଚ' ଖଟିରେ ଏମ୍ପି ଅପରାଜିତା ଷଡ଼ଙ୍ଗୀ।

ଖୋର୍ଦ୍ଧାର ଏକ ପଦଯାତ୍ରାରେ ଦଳୀୟ କର୍ମୀଙ୍କ ସହ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର।

ଖୋର୍ଦ୍ଧା,୪।୧ (ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଲୋକ ସଭା କ୍ଷେତ୍ର

ଭୁବନେଶ୍ୱର ଲୋକ ସଭା ଆସନ। ଦୀର୍ଘ ବର୍ଷ ଧରି ଏହା ବିଜେଡି ହାତରେ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ବିଜୟ ଲାଭ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଅପରାଜିତାଙ୍କୁ କିଏ ଟକ୍କର ଦେବେ, ତାହାକୁ ନେଇ ଘନଘନ ଚର୍ଚ୍ଚା ହେଉଛି। ଗତ ନିର୍ବାଚନରୁ ଭୁଲ ସୁଧାରିବାକୁ ଶାସକ ଦଳ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଗତଥର ଅପେକ୍ଷା ଚଳିତ ନିର୍ବାଚନ ହାୱା ଟିକିଏ ଅଲଗା ରହିଛି। ସେତେବେଳେ ଅପରାଜିତାଙ୍କୁ ବିଜେଡି ହାଲୁକା ଭାବେ ନେଇଥିଲା। ଏବେ ନିଆରା ଢଙ୍ଗରେ ନିର୍ବାଚନ ଲଢ଼ିବାକୁ ଆରମ୍ଭ କରିଛି। ଦଳରୁ ପ୍ରାର୍ଥିତ୍ୱକୁ ନେଇ କୌଣସି ଘୋଷଣା ହୋଇ ନ ଥିବା ବେଳେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର ଜନସମ୍ପର୍କ ଯାତ୍ରା ଓ ଘରକୁ ଘର ବୁଲୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଭୋଟରଙ୍କ ମନ ଜିଣିବା ପାଇଁ ଲାଗି ପଡ଼ିଛନ୍ତି। ଶ୍ରୀମୟୀଙ୍କ ପଛରେ ପୂରା ଶାସକଦଳ କର୍ମୀ, ନେତା ମଧ୍ୟ ପ୍ରଚାର ମଇଦାନରେ। ଭୁବନେଶ୍ୱର ୭ ନିର୍ବାଚନମଣ୍ଡଳୀରେ ଜଟଣୀକୁ ବାଦ୍ ବେଳେ ୬ ବିଜେଡି ବିଧାୟକ, ଜନପ୍ରତିନିଧି, ବିଭିନ୍ନ ଦାୟିତ୍ୱରେ ରହିଥିବା କର୍ମୀ ମଧ୍ୟ ଶ୍ରୀମୟୀଙ୍କ ପାଇଁ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ନିକଟରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଶ୍ରୀମୟୀଙ୍କ ପ୍ରାର୍ଥୀ ଘୋଷଣା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ସେହିପରି ବିଜେଡି ନେତା ଲେଲିନ ମହାନ୍ତି କୁଆଡ଼େ ଶ୍ରୀମୟୀଙ୍କୁ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ଲୋକ ସଭା ପ୍ରାର୍ଥୀ ହେବେ ବୋଲି କହିଦେଇଥିଲେ।

ଏପଟେ ଅପରାଜିତାଙ୍କ କ୍ରେଜ୍ ମଧ୍ୟ କିଛି କମ୍ ନୁହଁ। ଆଗ ଅପେକ୍ଷା ସେ ନିଆରା ଢଙ୍ଗରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଚଳିତବର୍ଷ ସେ ନୁହଁ, ବରଂ ଜନତା ତାଙ୍କ ପାଇଁ ପ୍ରଚାର କରିବେ ବୋଲି କୁଆଡ଼େ କହି ବୁଲୁଛନ୍ତି। ସଂସଦୀୟ କ୍ଷେତ୍ରର ବିଭିନ୍ନ ନିର୍ବାଚନମଣ୍ଡଳୀରେ ସେ ସକାଳୁଆ ଚା' ଖଟିରେ ଯୋଗ ଦେଉଛନ୍ତି। ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବୁଝୁଛନ୍ତି। ଦୈନିକ ସେ ଗୋଟିଏ ପରେ ଗୋଟିଏ ନିର୍ବାଚନମଣ୍ଡଳୀ ଗସ୍ତ କରୁଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଭାଜପା ପକ୍ଷରୁ କାନ୍ଥବାଡ଼ରେ 'ଏଥର ପୁଣି ଥରେ ଅପରାଜିତା' ପୋଷ୍ଟର, ବ୍ୟାନର ଛାଇଗଲାଣି।

ଚର୍ଚ୍ଚା ଅନୁଯାୟୀ ଚଳିତ ନିର୍ବାଚନରେ ଉଭୟେ ଟିକେଟ ପାଇଲେ ସେମାନଙ୍କ ମଧ୍ୟରେ କଡ଼ା ଟକ୍କର ହେବା ସମ୍ଭାବନା ରହିଛି। ଅପରାଜିତାଙ୍କ ଚା'ଖଟି ବନାମ ଶ୍ରୀମୟୀଙ୍କ ରୋଡ ଶୋ' ରୋଚକ ହେଉଥିବା ସୋସିଆଲ ମିଡିଆରେ ମଧ୍ୟ ଦେଖିବାକୁ ମିଳୁଛି। ସେପଟେ କଂଗ୍ରେସରୁ କିଏ ପ୍ରାର୍ଥୀ ହେବେ, ଦଳ କାହାକୁ ଏଥର ପ୍ରୋଜେକ୍ଟ କରିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। କଂଗ୍ରେସ ଚଳିତ ନିର୍ବାଚନରେ ଜଣେ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେଇପାରେ ବୋଲି ଆଲୋଚନା ହେଉଛି।

୨୦୧୯ରେ ବିଜେଡି ହାତରୁ ଖସିଥିଲା

୧୯୯୯ରୁ ୨୦୧୪ ପର୍ଯ୍ୟନ୍ତ ସାଧାରଣ ନିର୍ବାଚନରେ ବିଜେଡି ଭୋଟହାର ସର୍ବାଧିକ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଅପରାଜିତାଙ୍କ ଲୋକପ୍ରିୟତା ଆଗରେ ବିଜେଡି ପ୍ରାର୍ଥୀ ପରାଜୟ ବରଣ କରିଥିଲେ ଓ ଭୋଟ ହାର ମଧ୍ୟ କମିଥିଲା। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଖୋର୍ଦ୍ଧା, ବେଗୁନିଆ, ଜଟଣୀ ସମେତ ଭୁବନେଶ୍ୱର ମଧ୍ୟ, ଉତ୍ତର, ଏକାମ୍ର ଓ ଜୟଦେବ ନିର୍ବାଚନମଣ୍ଡଳୀ ଏପରି ମୋଟ ୭ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଏହି ଆସନ ଅଣସଂରକ୍ଷିତ। ୧୯୯୯, ୨୦୦୪, ୨୦୦୯, ୨୦୧୪ ନିର୍ବାଚନରେ ବିଜେଡିରୁ ପ୍ରସନ୍ନ ପାଟଶାଣୀ ଏମ୍ପି ରହିଥିଲେ। ୨୦୧୯ ନିର୍ବାଚନରେ ଅପରାଜିତା ୪ଲକ୍ଷ ୮୬ହଜାର ୯୯୧ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିରୁ ଅରୂପ ପଟ୍ଟନାୟକ ୪ଲକ୍ଷ ୬୩ହଜାର ୧୫୨ ଖଣ୍ଡ ଭୋଟ ସହ ୨୩ ହଜାର ୮୩୯ ବ୍ୟବଧାନରେ ପରାଜିତ ହୋଇଥିଲେ। ଭାଜପାର ଭୋଟ ହାର ୪୮.୪୫ ରହିଥିବା ବେଳେ ବିଜେଡିର ୪୬.୦୭ ରହିଥିଲା। ଭାଜପାର ଭୋଟ ୨୦ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିଜେଡିର ୩.୧୮ ପ୍ରତିଶତ ଭୋଟହାର କମିଥିଲା। ୨୦୧୪ ନିର୍ବାଚନକୁ ଦେଖିଲେ ଏହି ଆସନରୁ ବିଜେଡିରୁ ପ୍ରସନ୍ନ ୪,୩୯,୨୫୨ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପାରୁ ପୃଥ୍ୱୀରାଜ ହରିଚନ୍ଦନ ୨,୪୯,୭୭୫ ଖଣ୍ଡ ଭୋଟ ପାଇଥିଲେ। ବିଜେଡିର ଭୋଟହାର ୪୯.୨୫ ଥିବା ବେଳେ ଭାଜପାର ମାତ୍ର ୨୮ ପ୍ରତିଶତ ରହିଥିଲା। ୨୦୦୯ ନିର୍ବାଚନରେ ପ୍ରସନ୍ନ ୪ଲକ୍ଷ୪୭୨ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସରୁ ସନ୍ତୋଷ ମହାନ୍ତି ୧,୪୭,୭୧୨ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ବିଜେଡିର ଭୋଟହାର ୫୬.୩୧ ଥିବା ବେଳେ କଂଗ୍ରେସର ୨୦.୭୭ ରହିଥିଲା।

ସହରକୁ ସବୁଜମୟ କରିବା ନାଁରେ ଦୁର୍ନୀତି ହୋଇଛି: ଭାଜପା

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ନବୀନ ସରକାରରେ ପଞ୍ଚାୟତ ଠାରୁ ବ୍ଲକ ସବୁଆଡ଼େ ଅଫିସରମାନେ ଦୁର୍ନୀତିରେ ଉବୁଟୁବୁ। ଗତ ୨୪ ବର୍ଷର ସରକାର ଓଡ଼ିଶାବାସୀଙ୍କୁ କେବଳ ପ୍ରତାରଣା ନୁହେଁ ବରଂ ଦୁର୍ନୀତିର ପାହାଡ଼ ଭେଟି ଦେଇଛନ୍ତି। ବଡ଼ ବଡ଼ ପଦବୀରେ ରହିଥିବା ଅଫିସରମାନେ ଓଡ଼ିଶାର ଶାସନ ବ୍ୟବସ୍ଥା, ରାଜ୍ୟବାସୀଙ୍କୁ ପ୍ରତାରଣା ଓ ଓଡ଼ିଶାକୁ ବିଶ୍ୱାସଘାତ କରିଛନ୍ତି। ଯାହାର ଅନ୍ୟତମ ଉଦାହରଣ ହେଲା- ଚାରା ଦୁର୍ନୀତି। ହକି ମହାକୁମ୍ଭ ବେଳେ ଗଛ ଲଗାଇ ସହରକୁ ସବୁଜମୟ ବା ସରସ ସୁନ୍ଦର କରିବା ନାଁରେ ବିରାଟ ଦୁର୍ନୀତି ରାଜ୍ୟ ସରକାର କରିଛନ୍ତି। ଓଡ଼ିଶାର ମୁଖ କହିଲେ ଭୁବନେଶ୍ୱରକୁ ବୁଝାଏ, ଯଦି ଏଠାରେ ଏଭଳି ଚାରା ଦୁର୍ନୀତି ହୋଇଛି ତେବେ କୋରାପୁଟ, କଳାହାଣ୍ଡି, ମାଲକାନଗିରି ଓ କେନ୍ଦୁଝରରେ ଅବସ୍ଥା କ'ଣ ହେଉଥିବ ଆପଣମାନେ ଅନୁମାନ କରିପାରୁଥିବେ ବୋଲି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାବୁ କହିଛନ୍ତି ଯେ, ରାଜ୍ୟ ସରକାର ଭୁବନେଶ୍ୱରରେ ଗଛ ଲଗାଇବାରେ ୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି ଗଛଗୁଡ଼ିକ ଓଡ଼ିଶାର କୌଣସି ନର୍ସରୀରୁ କିଣା ନ ଯାଇ ବାହାର ରାଜ୍ୟରୁ କିଣାଯାଇଛି। ଚାରା ଦୁର୍ନୀତିର ତଦନ୍ତ ବ୍ୟାପକ ଏବଂ ସିବିଆଇ ଦ୍ୱାରା କରାଯାଉ ବୋଲି ବାବୁ ଦାବି କରିଛନ୍ତି।

ବିଦ୍ୟୁତ୍ ତାର ଛିଣ୍ଡି ସାଢ଼େ ୪ ଘଣ୍ଟା ଅଟକିଲା ଟ୍ରେନ୍

ପୁଣି ବାହାନଗା ରେଳଷ୍ଟେଶନ ନିକଟରେ ଅଘଟଣ

ବାହାନଗା,୪।୧ (ଅରୂପ୍ କୁମାର ଦାସ)

ବାହାନଗା ରେଳଷ୍ଟେଶନରେ ପୁଣି ଘଟିଛି ଅଘଟଣ। ବୁଧବାର ବିଳମ୍ବିତ ରାତିରେ ରେଳଲାଇନରେ ଥିବା ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ଟ୍ରେନ୍ ଚଳାଚଳ ଦୀର୍ଘ ୪ ଘଣ୍ଟା ବିଳମ୍ବ ହୋଇଥିଲା। ଫଳରେ ଡାଉନଲାଇନରେ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ଦିଲ୍ଲୀ ଯାଉଥିବା ପୁରୁଷୋତ୍ତମ ଏକ୍ସପ୍ରେସ, ଗରିବ ରଥ ଏକ୍ସପ୍ରେସ, ଶାଳିମାର ଏକ୍ସପ୍ରେସ, ଜଗନ୍ନାଥ ଏକ୍ସପ୍ରେସ ଓ ବାଘାଯତୀନ ପାସେଞ୍ଜର ରାତି ପ୍ରାୟ ୨ଟାଠାରୁ ଗୁରୁବାର ସକାଳ ୬ଟା ୩୦ ପର୍ଯ୍ୟନ୍ତ ଅଟକି ରହିଥିଲା। ତାର ଛିଣ୍ଡିବାର ୧ ଘଣ୍ଟା ମଧ୍ୟରେ ଟେକ୍ନିସିଆନମାନେ ମରାମତି କରିବା ପରେ ଧୀରେ ଧୀରେ ଡାଉନଲାଇନରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାକୁ ନେଇ ଯାତ୍ରୀମାନେ ଏକପ୍ରକାର ଭୟଭୀତ ହୋଇପଡ଼ିଥିଲେ। ରାତି ପ୍ରାୟ ୧ଟା ୪୮ମିନିଟ୍‌ରେ ଡାଉନ୍ ସାଲିମାର-ସିକନ୍ଦରାବାଦ ଏକ୍ସପ୍ରେସ ଓ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନ ଡାଉନଲାଇନରେ ପାସ୍ କରିବା ବେଳେ ଟ୍ରେନ୍ ଉପରେ ଥିବା ପେଣ୍ଟୋ(ଯାହାକି ଟ୍ରେନ ଇଞ୍ଜିନ ଉପରେ ରହି ବିଦ୍ୟୁତ ତାର ସହିତ ସଂଯୋଗ କରିଥାଏ) ସହ ବିଦ୍ୟୁତ୍ ତାର ଘସି ହୋଇ ଛିଣ୍ଡିଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଗତ ବର୍ଷ ବାହାନଗା ରେଳଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ ଦୁର୍ଘଟଣାର ୭ ମାସ ପରେ ପୁଣି ସେହି ଷ୍ଟେଶନ ନିକଟରେ ବିଦ୍ୟୁତ୍ ତାର ଛିଣ୍ଡିବା ବିଭାଗୀୟ ଇଲେକ୍ଟ୍ରି ଟେକ୍ନିସିଆନଙ୍କ କାର୍ଯ୍ୟ ପ୍ରତି ସନ୍ଦେହ ଦେଖାଦେଇଛି। ୭ ମାସ ମଧ୍ୟରେ ବାହାନଗା ରେଳଷ୍ଟେଶନର ଲାଇନ ଓ ସିଗ୍‌ନାଲ, ବିଦ୍ୟୁତ୍, ରେଳଧାରଣା ସବୁ ନୂତନ ଭାବେ ମରାମତି ଓ ସଂଯୋଗ ହେବା ପରେ ପୁଣି କିପରି ତାର ଛିଣ୍ଡିଯାଉଛି ସେଥିପ୍ରତି ବିଭାଗୀୟ ତଦନ୍ତ ଆବଶ୍ୟକ ହୋଇପଡ଼ିଛି। କିଛି ଦିନ ତଳେ ରେଳବିଭାଗର ପଦସ୍ଥ ଅଧିକାରୀ ଓ ଡିଆର୍‌ଏମ୍ ପ୍ରମୁଖ ବାହାନଗା ରେଳଷ୍ଟେଶନ ସମେତ ଦୁର୍ଘଟଣାସ୍ଥଳରେ ହେଉଥିବା କାମର ତଦାରଖ କରି ଫେରିବାର ମାସେ ନ ପୂରୁଣୁ ଏଭଳି ତାର ଛିଣ୍ଡିବା ବିଭାଗୀୟ କାର୍ଯ୍ୟ ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଷ୍ଟେଶନମାଷ୍ଟର ଏସ୍.କେ ପଟ୍ଟନାୟକ କହିଛନ୍ତି, ସେ ରାତିରେ ନ ଥିଲେ, ଡାଉନଲାଇନ୍‌ରେ ଦୁଇଟି ଏକ୍ସପ୍ରେସ୍ ଟ୍ରେନ୍ ଯିବା ବେଳେ ଖନ୍ତାପଡ଼ା-ବାହାନଗା ଷ୍ଟେଶନ ମଝିରେ ଟ୍ରେନ୍‌ର ପେଣ୍ଟୋ ବିଦ୍ୟୁତ୍ ତାରରେ ଘସି ହୋଇଯିବାରୁ ତାର ଛିଣ୍ଡି ଯାଇଥିବା ଖବର ପାଇଥିଲେ। ବାଲେଶ୍ୱରର ବିଭାଗୀୟ ଇଞ୍ଜିନିୟରମାନଙ୍କୁ ରାତିରେ ଖବର ଦେବା ପରେ ସେମାନେ ଆସି ୧ ଘଣ୍ଟା ମଧ୍ୟରେ ମରାମତି କରିବା ଯୋଗୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଗୁରୁବାର ସକାଳ ସାଢେ ୬ଟା ପରେ ଟ୍ରେନ୍ ଚଳାଚଳ କରିବା ନେଇ ପଚାରିବାରୁ ସେ ଅଧିକ କିଛି କହିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ।

୮ ଭାରତୀୟ ନୌସେନା ଅଧିକାରୀଙ୍କୁ ଅପିଲ୍ ପାଇଁ ୬୦ ଦିନ ମହଲତ ଦେଲା କାତାର

ନୂଆଦିଲ୍ଲୀ,୪।୧

ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ହୋଇ କାତାର ଜେଲରେ ଥିବା ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ସେମାନଙ୍କ ଦଣ୍ଡାଦେଶ ବିରୋଧରେ ଅପିଲ୍ ପାଇଁ ୬୦ ଦିନ ସମୟ ମିଳିଛି। କାତାର କୋର୍ଟ ଗତ ସପ୍ତାହରେ ସେମାନଙ୍କ ମୃତ୍ୟୁଦଣ୍ଡକୁ କୋହଳ କରି ଜେଲ ଦଣ୍ଡାଦେଶରେ ବଦଳାଇଥିଲେ। ସେମାନଙ୍କୁ ଭିନ୍ନ ଭିନ୍ନ ଅବଧିର ଜେଲଦଣ୍ଡ ମିଳିଥିବାବେଳେ ଏହା ବିରୋଧରେ ଅପିଲ ସୁଯୋଗ ପାଇଁ ୬୦ ଦିନ ସମୟ ମିଳିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

ଦାଉଦ୍‌ଙ୍କ ୪ ଜମି ଆଜି ନିଲାମ ହେବ

ମୁମ୍ବାଇ,୪।୧

ଭାରତର ମୋଷ୍ଟୱାଣ୍ଟେଡ୍ ଆତଙ୍କବାଦୀ ଦାଉଦ୍ ଇବ୍ରାହିମ୍‌ଙ୍କ ପରିବାର ନାଁରେ ମହାରାଷ୍ଟ୍ରର ରତ୍ନଗିରି ଜିଲାର ମୁମ୍ବାକେ ଗ୍ରାମରେ ଥିବା ୪ଟି ଚାଷଜମି ଶୁକ୍ରବାର ନିଲାମ ହେବ। ଦାଉଦ୍‌ଙ୍କର ଏହା ପୈତୃକ ସମ୍ପତ୍ତି। ନିଲାମ ପାଇଁ ଏହାର ରିଜର୍ଭ ପ୍ରାଇସ୍ ମାତ୍ର ୧୯ ଲକ୍ଷ ଟଙ୍କା ରଖାଯାଇଛି। ଏଥିପାଇଁ କେତେଜଣ ବିଡର ଆବେଦନ କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଅଣ୍ଡରୱାର୍ଲ୍ଡ ଡନ୍‌ଙ୍କ ଜନ୍ମସ୍ଥାନ ସମେତ ୩ଟି ସମ୍ପତ୍ତି ପାଇଁ ଆଇନଜୀବୀ ତଥା ଶିବସେନାର ପୂର୍ବତନ ସଦସ୍ୟ ଅଜୟ ଶ୍ରୀବାସ୍ତବ ସଫଳ ବିଡର ଥିଲେ। ତେବେ ଆଇନଗତ କାରଣରୁ ଉକ୍ତ ନିଲାମ ଅଟକି ରହିଥିଲା।

GOVERNMENT OF ODISHA No.B-1550:

OFFICE OF THE SUPERINTENDING ENGINEER
JHARSUGUDA (R&B) DIVISION, JHARSUGUDA

E-mail ID:eepwdjsg2014@gmail.com, Telephone:06645-271242, Kalimandir Road, Jharsuguda, 768202

"e" Procurement Notice
Bid Identification No.SE-R&B-JSG-14 of 2023-24

1.	The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single/Double Cover** system on ON-LINE mode from eligible contractors for Construction of **Civil Work/ Electrical Works as detailed in DTCN.**	
2.	Nature of Work	: **Civil Work & Electrical Work**
3.	Estimated Cost	: Rs.9.56 Lakhs to Rs.96.00 Lakhs
4.	No. of Work	: 03 (Three) Nos.
5.	Tender Cost	: Rs.4000/-, Rs.6000/- & Rs.10,000/- (as per DTCN)
6.	Class of Contractor	: "D", "C", "B", Electrical MV/HT
7.	Availability of bid document in the website	: **10.00 A.M. of 05.01.2024 to 5.00 P.M. of 19.01.2024**
8.	Date of Opening of Technical Bid (Cover-I)	: 6.00 PM on Dt.19.01.2024
9.	The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.	

Sd./- Executive Engineer, Jharsuguda (R&B) Division
OIPR-34094/11/0017/2324

ମାଟିତଳୁ ଖପୁରି କାଢ଼ି ପୂଜାର୍ଚ୍ଚନା

ତନ୍ତ୍ର ସାଧନା ସନ୍ଦେହ, ମୃତକଙ୍କ ପରିବାର ଲୋକେ ଭୟଭୀତ

କାମାକ୍ଷାନଗର, ୪।୧
(ସୁଧୀର କୁମାର ପରିଡ଼ା)

୬ ମାସ ତଳେ ପୋତା ଯାଇଥିବା ଜଣେ ବୃଦ୍ଧାଙ୍କ ମୃତଦେହରୁ ଖପୁରି କାଢ଼ି ପୂଜାର୍ଚ୍ଚନା କରାଯାଇଛି। ମୃତଦେହ ପୋତା ଯାଇଥିବା ସ୍ଥାନ ନିକଟରେ ଉକ୍ତ ଖପୁରି ରଖି ସିନ୍ଦୂର, ଅରୁଆଚାଉଳ ଆଦି ଦେଇ ପୂଜା କରାଯାଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଆଳତୁମା ଗ୍ରାମ ରାମିଆଳ ନଦୀକୂଳରେ ଘଟିଥିବା ଏପରି ଘଟଣା ଗୁରୁବାର ସକାଳୁ ଜଣାପଡ଼ିବା ପରେ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ତନ୍ତ୍ର ସାଧନା ଉଦ୍ଦେଶ୍ୟରେ କେହି ଏପରି କରିଥିବା ସନ୍ଦେହ କରାଯାଉଥିବା ବେଳେ ପରିବାର ଲୋକେ ଅତ୍ୟନ୍ତ ଭୟଭୀତ ଥିବା ସୂଚନା ମିଳିଛି। ପ୍ରକାଶ ଯେ, ଆଳତୁମା ଗ୍ରାମର ବୃଦ୍ଧା ଦ୍ରୌପଦୀ ନାଥଙ୍କ ଗତ ଜୁନ ୧୫ ଅର୍ଥାତ୍ ରଜ ସଂକ୍ରାନ୍ତି ପରଦିନ ସନ୍ଧ୍ୟାରେ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମରଶରୀରକୁ ନେଇ ରାମିଆଳ ନଦୀକୂଳରେ ଥିବା ନିଜ ଜମିରେ ପୋତି ଦେଇଥିଲେ। ମାତ୍ର ଗୁରୁବାର କେତେକ ଗ୍ରାମବାସୀ ସେଠାକୁ ଯାଇଥିବା ବେଳେ ମୃତଦେହ ପୋତା ହୋଇଥିବା ସ୍ଥାନ ଖୋଳାଯାଇଥିବା ଓ ଏକ ଖପୁରି ରଖାଯାଇ ପୂଜାର୍ଚ୍ଚନା କରାଯାଇଥିବା ଦେଖିବାକୁ ପାଇଥିଲେ।

GOVT. OF ODISHA No. O-2096

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

Tel.: 06766-258301 (O), email: se_nerwkjr@rediffmail.com

e-Procurement Notice for Bridge Work under BSY
Identification No. - Bridge Online NCB No. 413

No. 56 Date: 03.01.24

1. Name of the Work : Construction of Bridge Work under BSY in the District of Keonjhar.
2. No. of Work : 01 (One) No.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

Procurement Officer	Bid Identification No.	Availability of tender Online for Bidding		Last date & time of seeking tender clarification	Date & time of Opening of Tender in O/o. C.C.E., .R.W. Circle, Keonjhar	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Keonjhar	Bridge Online NCB No. 413	Dt.06.01.24 at 11.00 A.M.	Dt.20.01.24 upto 5.00 P.M.	Dt.19.01.24 upto 5.00 P.M.	Dt.22.01.24 at 11.00 A.M.	Will be intimated later

- Further details can be seen from the website: **www.tendersorissa.gov.in.**

OIPR-25177/11/0055/2324 Sd./- Chief Construction Engineer, R.W. Circle, Keonjhar

GOVERNMENT OF ODISHA No. O-2092

OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK

ee_rwbdk2@yahoo.co.in

"e" Procurement Notice for Building Works

Identification Online Tender 11/RWD/BDK-II/2023-24 Dtd.30.12.2023

1. Name of the Work:- Building Works as per Annexure. **2. Total Number of Works:-** 2 Nos. **3. Approximate Estimated Cost:-** Rs 58.82 lakhs - Rs.64.74 lakhs. **4. Class of Contractor:-** As Per Annexure. **5. Period of Completion:-** As Per Annexure. **6. Other details:-** The details are as follows.

Procurement Officer	Bid Identification No.	Availability of Tender Online for bidding		Last Date & Time of seeking tender clarification	Date & Time of Opening of Bid	
		From	To		Technical Bid	Financial Bid
1	2	3	4	5	6	7
Executive Engineer, R.W. Division-II, Bhadrak	11	09.01.2024 At 11.30 A.M.	19.01.2024 upto 5.00 P.M.	18.01.2024 upto 3.00 P.M.	20.01.2024 at 11.00 AM	Will be intimated later

7. Further details can be seen from the e-procurement portal "https://www.tendersorissa.gov.in".
8. Any other changes/Corrigedum may be seen only in website www.tendersorissa.gov.in

OIPR-25090/11/0022/2324 Sd./- Executive Engineer, R.W. Division-II, Bhadrak

OFFICE OF THE DIVISIONAL FOREST OFFICER, PHULBANI FOREST DIVISION

Phone: 06842-253617 (Off), Cell: 9437065299
Email: dfo.phulbani@odisha.gov.in

SHORT TENDER NOTICE

Bid Identification No. 07/DFO/PLB/CAMPA-2023-24, Dated: 04.01.2024

No. MM-402: The Divisional Forest Officer, Phulbani Foest Division, Phulbani in the District of Kandhamal on behalf of Governor of Odisha invites Percentage Rate Bids to be received in online mode for following works from eligible & experienced contractors in similar nature of work registered with State Govt. & Contractor of equivalent Grant/Class registered with Central Govt./Railways. Short tender notice is invited owing to shortage of work days for completion of the infrastrcutre works.

1	Nature of Work	: Construction of Barrack at Ranipathar of Sundrukumpa Range
		: Construction of ACF Quarter at Phulbani
		: Construction of Ministerial Quarter at Phulbani
2	No. of Work	: 03 (Three)
3	Period of Completion	: 65 days for each work
4	Cost of Tender Paper	: Rs.6000/- (Six thousands) only for each work
5	Estimated Cost (In Rs.) for above 3 works	: Rs.21.05 lakh
		: Rs.16.95 lakh
		: Rs.10.86 lakh
6	Class of Contractor	: D & C Only
7	Date & time of availability of bid document in portal	: 11 A.M. of 06.01.2024 to 17.00 P.M. of 16.01.2024
8	Receipt of Bid, Bid Cost, Bid Security documents etc.	: Online Only
9	Date & Time of Opening of Technical Bid	: 17.01.2024 at 11.00 A.M.
10	Other Details	: As mentioned in DTCN
11	Online/Website details	: **www.tendersodisha.gov.in** **www.odishaforest.in** **www.kandhamal.nic.in**
12	Any Addendum/ Corrigednum/ Cancellation	: Shall be mentioned in above websites
13	Concession if any	: 10% concession to SC/ST contractors over General Category contractors only on submission of Affidavit
14	Authority to accept/reject any tender	: Divisional Forest Officer, Phulbani Forest Division

Sd./- Divisional Forest Officer
OIPR-08098/11/0009/2324 Phulbani Forest Division

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୭, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୭, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୦୨ ବିଜ୍ଞାପନ ତା:୦୨।୦୧।୨୪

No. CAD-3562: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ଆଇଜି-୨-୭ (LIG-II-7) ଉନାପଦା, ଯାଜପୁର ଗୃହ ନିର୍ମାଣ ପ୍ରକଳ୍ପରେ ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ, (Mesco Kalinga Steel Ltd.) ପ୍ଲଟ ନଂ. ୩୧୧୫, ମେସ୍କୋ ଟାୱାର, ଲୁଇସ୍ ରୋଡ, କେଦାରଗୌରୀ ଛକ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା କମ୍ପାନୀ ଦ୍ୱାରା ନିଯୁକ୍ତ ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରଞ୍ଜିତ କୁମାର ବାରିକ (ଡିଜିଏମ୍, ଫାଇନାନ୍ସ, ଅଡ଼ିଟ, ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ.) ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଅଲେଖ ବେହେରା, ପିତା: କାମପାଳ ବେହେରା, ସା: ଭାଲିଆପାଟ, ପୋ: କାଶିପୁର, ଥାନା: ନିହାଲ ପ୍ରସାଦ, ଜିଲ୍ଲା: ଢେଙ୍କାନାଳଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0579/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OFFICE OF THE GENERAL MANAGER
WATCO DIVISION, PURI, ODISHA

Phone:06752-223447/ e-Mail:eephpuri@gmail.com

No.C-2267 INVITATIONS FOR BIDS (IFB)

Government of Odisha "e" Procurement Notice
Bid Identification No.39 of 2023-24, Dated 30.12.2023

1. Name of the Work : Procurement, Installation, Testing and Commissioning of 30HP Stainless Steel Surface Aerator in Sewerage Treatment Plant Pond No.2 at Mangalaghat, Puri.
2. Estimated Cost : Rs.29.21 Lakhs
3. Period of Completion : 12 days
4. Date & time of availability of bid documents in the portal : 08.01.2024 (11.00 AM) to 17.01.2024 (5.00 PM)
5. Last date / time for receipt of bids in the portal : 5.00 PM of 17.01.2024
6. Date & Time of Opening of bids : 12.30 P.M. of 18.01.2024
7. Name and address of the Officer Inviting Bid :- General Manager, WATCO Division Puri, Phone:06752-223447 Fax:06752-223447 E-mail: eephpuri@gmail.com
8. The bidders have to participate in ONLINE bidding only.

Sd./-General Manager, (WATCO, PURI)
OIPR-13206/11/0007/2324

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

(Tel. Phone No.: 06782-262011 and e-mail: cdmo.balasore1@gmail.com)

Advt. No. 04/Balasore Date: 01.01.2024

RE-ENGAGEMENT OF CONTRACTUAL RETIRED JUNIOR RADIOGRAPHERS/RETIRED JUNIOR LABORATORY TECHNICIANS

No. E-701: Applications are invited from eligible retire candidates for filling up the posts of Junior Radiographer/Junior Laboratory Technician of CDM&PHO, Balasore on temporary contractual basis for a period of 2 years only and can be extended for subsequent period of 2 years with the spells of 1 year each subject to satisfactory performance.

Sl. No.	Name of the Posts	No. of Vacancy	Remarks
1	Junior Radiographer	05	Applications are invited through Regd. Posts only.
2	Junior Laboratory Technician	05	

Eligible candidates are hereby informed to visit/login to the District Official website **www.baleswar.nic.in** to download the details terms, conditions & application format. The filled applications with required documents should reach at the O/o. the CDM&PHO, Balasore by 30.01.24 upto 5 P.M. on Regd. Post/Speed Post only.

The authority reserves the right to cancel/reject of any or all applications & modify the advertisement without assigning any reason thereof.

Sd./- Chief District Medical &
OIPR-10032/11/0019/2324 Public Health Officer, Balasore

GOVERNMENT OF ODISHA No.i-573

OFFICE OF THE PANCHAYAT SAMITI DANAGADI, JAJPUR

'E' PROCUREMENT NOTICE NO. Tender Online 04 Danagadi of 2023-24

1. Name of work : Construction of GPLF Training Centre, Dormitory with Toilet, Repair & renovation of CC road from Expressway to Tomka PHC and Repair & renovation of EMRS, Rampilo
2. Total No. of Work : 17 Nos. of work
3. Estimated Cost (Approx.) : 24,92,120.00 to 51,72,677.00 Lakhs
4. Period of completion : 1 month to 6 months
5. Class of contractors : A, B & C

Other details as follows:

a) Procurement Officer : Block Development Officer, Danagadi, Jajpur
b) Availability of tender online & submission of bid : 10.01.24 at 10.00 A.M. to 23.01.24 upto 5.00 PM
c) Last date & time of seeking of tender clarification : 22.01.24 upto 5.00 PM
d) Opening of Tender : 24.01.24 at 11.30 A.M.

Further details can be seen from the Govt. website
www.tendersodisha.gov.in

Sd./- Block Development Officer,
OIPR-19188/11/0003/2324 Danagadi

Government of Odisha No.TT-40
Sports & Youth Services Department
Kalinga Stadium Sports Complex, Nayapalli, Bhubaneswar-751012
e-mail: deptsportsodisha@gmail.com

Date: 03/01/2024

Request for Proposal

Sports & Youth Services Department, Government of Odisha invites bids from reputed agencies to the RfP for "**Engagement of Catering Agency for FIH Pro League 2023-24 at Kalinga Stadium, Bhubaneswar.**"

Sl. No.	RFP No.	Date
1	PT1-SYS-SEB-EVENTS-0013-2023/329	03/01/2024

The details of the documents are available at the below mentioned website.
Website: **https://sports.odisha.gov.in/**
Interested firms/ parties/ agencies are advised to study the RfP document carefully before submitting their bid.

Important Dates and Information:
Date of Publication- 03-January-2024
Last date and time for sending Pre-bid queries - Date: 09-January-2024; Time: 02.00 P.M.
Pre-bid Meeting - Date: 09-January-2024; Time: 03.00 P.M.
Last date and time of submission of proposal - Date: 19-January-2024; Time: 03.00 P.M.
Opening of the Technical Bid - Date: 19-January-2024; Time: 5.00 P.M.

Sd/- Commissioner-cum-Secretary

Government of Odisha
Sports & Youth Services Department
Kalinga Stadium Sports Complex, Nayapalli, Bhubaneswar-751012
e-mail: deptsportsodisha@gmail.com

Date: 03/01/2024

Request for Proposal

Sports & Youth Services Department, Government of Odisha invites bids from reputed agencies to the RfP for "**Engagement of Catering Agency for FIH Pro League 2023-24 at Birsa Munda Hockey Stadium, Rourkela.**"

Sl. No.	RFP No.	Date
1	PT1-SYS-SEB-EVENTS-0013-2023/330	03/01/2024

The details of the documents are available at the below mentioned website.
Website: **https://sports.odisha.gov.in/**
Interested firms/ parties/ agencies are advised to study the RfP document carefully before submitting their bid.

Important Dates and Information:
Date of Publication- 03-January-2024
Last date and time for sending Pre-bid queries - Date: 09-January-2024; Time: 02.00 P.M.
Pre-bid Meeting - Date: 09-January-2024; Time: 03.00 P.M.
Last date and time of submission of proposal - Date: 19-January-2024; Time: 03.00 P.M.
Opening of the Technical Bid - Date: 19-January-2024; Time: 5.00 P.M.

OIPR-29001/11/0147/2324 Sd/- Commissioner-cum-Secretary

OFFICE OF THE SUPERINTENDENT
GOVERNMENT MEDICAL COLLEGE & HOSPITAL, SUNDARGARH
At/P.O.: Sankara, Dist.: Sundargarh, PIN - 770020, Odisha
email: sundargarhmchsuperintendent@gmail.com

Letter No. 35/GMCH, SNG. Dated: 03.01.2024

TENDER CALL NOTICE
FOR SUPPLY OF HOSPITAL DIET (DRY, LIQUID, COOKED) FOR INDOOR PATIENTS OF GOVERNMENT MEDICAL COLLEGE & HOSPITAL, SUNDARGARH

No. E-697: Sealed tender is hereby invited from registered reputed Company/Firms/Society/Proprietor for outsourcing of Hospital Diet Service (Dry, Liquid, Cooked) for indoor patients of Government Medical College & Hospital, Sundargarh. Interested Company/Firm/Society/Proprietor should submit their proposal through Speed Post/Regd. Post/Courier directly to the Office of the Superintendent, Government Medical College & Hospital, Sundargarh, At/P.O.: Sankara, P.S.: Town, Sundargarh, Dist.: Sundargarh (Odisha) - 770020. The detail Tender Call Notice is available in the DMET, Odisha website **https://dmetodisha.gov.in/**, district website **sundergarh.nic.in** and GMCH, Sundargarh website **gmchsng.odisha.gov.in**.
The undersigned reserves the right to reject/cancel the Tender in full or part at any time without assigning any reason thereof.

Date of Publication of Tender	: 03.01.2024
Last Date of Receipt of Tender	: 25.01.2024
Pre-Bid Meeting	: 10.01.2024
Date of Opening of Technical Bid	: 29.01.2024

Sd./- Superintendent
Government Medical College & Hospital, Sundargarh
OIPR-10227/11/0003/2324

WORKS DEPARTMENT
OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA

No.B-1547: E-Mail Id - eepwdrkl@gmail.com

Government of Orissa "e" Procurement Notice
Bid Identification No.:109/ 2023-24 Dated:28.12.2023

1. Number of works : 1(One) number of Works
2. Estimated cost : Rs. 19.65 Lakhs
3. Period of completion : 3 (Three) calendar months
4. Date & Time of availability of bid document in the portal: : Dt. 05.01.2024 at 11.00 A.M.
5. Last date/ Time for receipt of bids in the portal: : Dt 19.01.2024 up to 05.00 P.M.
6. Date of opening of Bid : Dt.20.01.2024 at 11.00 A.M.
7. Name and Address of the Officer Inviting Bid : Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal **"http//tendersorissa.gov.in"**

Sd./-Superintending Engineer
Rourkela (R&B) Division
OIPR-34068/11/0031/2324

OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
GOVERNMENT OF ODISHA
"e" PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com

2nd Corrigendum to Bid Identification No. CE-W.B.P.(O) - 37/2023-24

No. B-1551: Following changes are made to the Invitation for the work "Construction of H.L. Bridge over river Brahmani at Talcher connecting Talcher to Khalpal in the District of Agnul under State Plan for the year 2023-24" vide Bid Identifcation No. CE-WBP(O)-37/2023-24.

- The last date of submission of tender is extended upto 5.00 P.M. of Dt. 11.01.2024.
- Bids received online shall be opened at 3.00 P.M. of 12.01.2024.

All other terms and conditions remain unchanged,

Sd./- Chief Engineer
OIPR-34003/11/0080/2324 World Bank Project, Odisha

ZILLA PARISHAD OFFICE, BALANGIR

Short Tender Call Notice No. / Date:

No. CAD-3572: C.D.O.-cum-E.O., Zilla Parishad Office, Balangir invites sealed tenders in Double Covers (Technical & Financial) from reputed and experienced Printing Press/Firms based in Odisha for Printing of Leaflets & Booklets for Documentation.

Last date for purchase/download of Tender documents is 12.01.2024, Last date for submission of Tender documents is 12.01.2024 by 5.00 P.M. and Bid will be opened on 16.01.2024 at 11.00 A.M. Detailed tender papers terms and conditions can be downloaded from Govt. website between 04.01.2024 to 12.01.2024. For details of the tender & downloading the paper please visit the district website **www.balangir.nic.in**.

Sd./- C.D.O.-cum-E.O., Zilla Parishad, Balangir
OIPR-19367/11/0005/2324

TENDER CALL NOTICE FOR EMPANELMENT OF MEDICINE STORES FOR SUPPLY OF DRUGS, CONSUMABLES & OTHER ITEMS TO BHIMA BHOI MEDICAL COLLEGE & HOSPITAL, BALANGIR FOR THE YEAR 2023-24

No.E-706: Sealed Tender is invited from intending medicine store owner for supply of Drugs, Consumables & other items to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before Dt.29.01.2024 upto 5.00 PM in the office of the Superintendent, BBMC&H, Balangir. The details and terms & conditon can be downloaded from https://bbmchbalangir.nic.in, www.balangir.nic.in, www.dmetodisha.gov.in.

Superintendent
OIPR-10141/11/0024/2324 Bhima Bhoi Medical College & Hospital, Balangir

CHIEF DISTRICT MEDICAL & PUBLIC HEALTH OFFICER, BOUDH, PIN - 762014
EXPRESSION OF INTEREST FOR HIRING OF VEHICLE

No. 08 Date: 03.01.2024

No. E-700: Sealed tenders are invited from the interested Travel Agencies/Individual for immediate hiring of vehicle including Driver for engagement in the Office of the CDM & PHO-cum-DMD, Boudh for monitoring and implementation of different health programmes by the programme wing officers on monthly/daily hiring basis. Interested travel agencies/individuals may submit offers mentioning monthly hiring charges & per Liter DOL consumption in KM. The tender papers along with terms & conditions will be available at district portal '**https://boudh.nic.in**'. The tender containing technical & financial bid in separate sealed cover should reach to the "CDM & PHO-cum-District Mission Director, Boudh, PIN - 762014 on or before 25.01.2024 along with all the relevant documents through Speed Post/Registered Post/Courier service only. The tender will be opened on 29.01.2024 in the office chamber of the undersigned.
The undersigned reservers the right to reject any or all tender without any reason thereof.

Sd./- CDM&PHO-cum-District Mission Director, Boudh
OIPR-10107/11/0009/2324

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER:JAJPUR
TENDER CALL NOTICE

Ref.No.193 Date:04.01.2024

No.E-702: "It is for information to all the parties concerned to submit their bid for (Supply of Medicines & Consumables for the year 2023-2024) to the office of the CDM&PHO, Jajpur on or before 25.01.2024 at 4 PM by Speed Post, Courier Service, registered post only. For terms and conditions regarding Tender Call, please log on to the website www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions."

Sd./- Chief District Medical
OIPR-10042/11/0013/2324 & Public Health Officer, Jajpur

OFFICE OF THE PANCHAYAT SAMITI, PALLAHARA
(E-Mail ID- ori-bangul@nic.in)

NOTICE NO.- 15 DATE- 03.01.2024

No.i-572:- The Block Development Officer, Pallahara invites Short Sealed Tenders for selection of Printing Press/Firms for **PRINTING OF LEAFLETS & BOOKLETS.** The sale of bid documents will be available in website of Angul www.angul.nic.in **from 05.01.2024 to 10.01.2024**. Interested parties may visit the website for detail information.

Sd./- Block Development Officer, Pallahara
OIPR-19276/11/0002/2324

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:......................................
ଜନ୍ମ ତାରିଖ: ....

ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

୨୦୨୩ରେ ୧୮୨ ଲକ୍ଷ କୋଟିର କାରବାର

ୟୁପିଆଇ କାରବାରରେ ୫୯% ବୃଦ୍ଧି

ନୂଆଦିଲ୍ଲୀ,୪।୧

କ୍ରମାଗତ ଭାବେ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ)ର ଚାହିଦା ଓ କାରବାର ବୃଦ୍ଧି ପାଉଛି। ଏପରିକି ୟୁପିଆଇର ବ୍ୟବହାର ସବୁ ବର୍ଗଙ୍କ ଲାଗି ଏକ ମାଧ୍ୟମ ପାଲଟିଯାଇଛି। ଫଳରେ ଲଗାତର ଭାବେ ୟୁପିଆଇ କାରବାରରେ ଅଭିବୃଦ୍ଧି ଘଟୁଛି। ଉଲ୍ଲେଖଯୋଗ୍ୟ,ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ୨୦୨୩ରେ ଉଲ୍ଲେଖନୀୟ ସଫଳତା ସହ ୧୦୦

ବିଲିୟନର ସ୍ତରକୁ ଅତିକ୍ରମ କରିଛି। ଏପରିକି ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ୧୧୭.୬ ବିଲିୟନ ଥର ୟୁପିଆଇ କାରବାର (ଟ୍ରାଞ୍ଜାକ୍ସନ) ହୋଇଥିବାବେଳେ ମୋଟ ୧୮୨ ଲକ୍ଷ କୋଟି ଟଙ୍କାର ନେଣଦେଣ (କାରବାର) ହୋଇଛି। ୨୦୨୨ ତୁଳନାରେ ଏହି ସଂଖ୍ୟା (କାରବାର ପରିମାଣ) ୪୫ % ଅଧିକ ବୋଲି କୁହାଯାଉଛି। ସେହିଭଳି ୨୦୨୩ ଡିସେମ୍ବରରେ ମୋଟ ୧୮.୨୩ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି। ୨୦୨୩ ନଭେମ୍ବର ତୁଳନାରେ ୫% ଅଧିକ ହୋଇଥିବାବେଳେ ୨୦୨୩ ଡିସେମ୍ବରରେ ୧୨.୦୨ ବିଲିୟନ ଥର କାରବାର ହୋଇଛି ବୋଲି କର୍ପୋରେଶନ ପକ୍ଷରୁ କୁହାଯାଇଛି।

■୧୦୦ ବିଲିୟନ ଅତିକ୍ରମ

■୧୧୭.୬ ବିଲିୟନ ଥର ବ୍ୟବହାର

ଅପରପକ୍ଷରେ ୨୦୨୩ ଡିସେମ୍ବର ଆଇଏମ୍‌ପିଏସ୍‌ରେ ମଧ୍ୟ ନେଣଦେଣ ୬% ବଢ଼ି ୪୯.୯ କୋଟି ହୋଇଛି, ଯେତେବେଳେକି ନଭେମ୍ବରରେ ଏହି ସଂଖ୍ୟା (କାରବାର ପରିମାଣ) ୪୭.୨ କୋଟି ଥିଲାବେଳେ ୨୦୨୩ ଡିସେମ୍ବରରେ ୪.୮୭ ଟ୍ରିଲିୟନ ନେଣଦେଣ ହୋଇଥିଲା ଏବଂ ଏଥିରେ ୫୮.୫ କୋଟି ଟଙ୍କା ରହିଥିଲା। ସେହିଭଳି ୨୦୨୩ ଡିସେମ୍ବରରେ ୩୪.୮ କୋଟି ଫାସ୍‌ଟାଗ୍ ନେଣଦେଣ ହୋଇଛି। ୨୦୨୩ ନଭେମ୍ବର ତୁଳନାରେ ଏହି ପରିମାଣ ପ୍ରାୟ ୩୨.୧ କୋଟି ରହିଛି।

ଅକ୍ଟୋବରରେ ଜିଓର ସର୍ବାଧିକ ଗ୍ରାହକ

ନୂଆଦିଲ୍ଲୀ,୪।୧

ଦେଶର ପ୍ରମୁଖ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ରିଲାଏନ୍ସ ଜିଓ ୨୦୨୩ ଅକ୍ଟୋବରରେ ୧.୮୮ ଲକ୍ଷରୁ ଅଧିକ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଛି। ଏ ନେଇ ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ଜିଓ ଓଡ଼ିଶାରେ ସର୍ବାଧିକ ପସନ୍ଦର ଏବଂ ୧ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ଆଧିପତ୍ୟ ବଜାୟ ରଖିଛି। ଏପରିକି ୨୦୨୩ ଅକ୍ଟୋବରରେ ଜିଓ ସର୍ବାଧିକ ସଂଖ୍ୟକ ମୋବାଇଲ ଗ୍ରାହକ ରାଜ୍ୟରେ ଯୋଡ଼ିଛି। ଲଗାତର ୨ୟ ମାସ ପାଇଁ ଜିଓ ଏକମାତ୍ର ସେବା ପ୍ରଦାନକାରୀ ଭାବେ ରାଜ୍ୟରେ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଥିବା ବେଳେ ଏୟାରଟେଲ, ବିଏସ୍‌ଏନ୍‌ଏଲ୍ ଓ ଭୋଡାଫୋନ୍ ଆଇଡିଆ (ଭି) ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୩ ଅକ୍ଟୋବରରେ ଜିଓ ଓଡ଼ିଶାରେ ୧.୮୮ ଲକ୍ଷରୁ ଅଧିକ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଛି। ଏହା ସହ ୨୦୨୩ ଅକ୍ଟୋବର ୩୧ ସୁଦ୍ଧା ଜିଓ ନେଟ୍‌ୱାର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧.୪୭ କୋଟିରେ ପହଞ୍ଚିଛି। ୨୦୨୩ ଅକ୍ଟୋବରରେ ରାଜ୍ୟର ଟେଲିକମ୍ ଗ୍ରାହକ ସଂଖ୍ୟାରେ ୧.୪୯ ଲକ୍ଷ ବୃଦ୍ଧିହୋଇଛି। ଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଅକ୍ଟୋବର ଶେଷ ସୁଦ୍ଧା ୩.୩୩ କୋଟିକୁ ବୃଦ୍ଧି ପାଇଛି। ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ୨୦୨୩ ର ପ୍ରଥମ ୧୦ମାସରେ ୭.୩୫ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ି ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଜିଓ ଜାତୀୟ ସ୍ତରରେ ମଧ୍ୟ ସର୍ବାଧିକ ୩୧.୫୯ ଲକ୍ଷରୁ ଅଧିକ ଗ୍ରାହକ ଅକ୍ଟୋବରରେ ଯୋଡ଼ିଛି। ଏଥିସହ ଦେଶରେ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୪୫.୨୩ କୋଟିକୁ ବୃଦ୍ଧି ପାଇଛି ଏବଂ କମ୍ପାନୀ ଦେଶର ୧ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି।

ସୂଚନାଯୋଗ୍ୟ, ରିଲାଏନ୍ସ ଜିଓ ରାଜ୍ୟରେ ସର୍ବାଧିକ ୪୪% ଗ୍ରାହକ ବଜାର ଅଂଶ ଏବଂ ଶିଳ୍ପରେ ସର୍ବାଧିକ ୫୨% ରାଜସ୍ୱ ବଜାର ଅଂଶ ସହିତ ଓଡ଼ିଶାର ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଓଡ଼ିଶାର ୧ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ ତା'ର ଟ୍ରୁ-୫ଜି ନେଟ୍‌ୱର୍କ ଏବଂ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓଫାଇବରକୁ ଦ୍ରୁତଗତିରେ ବିସ୍ତାର କରୁଛି ଏବଂ ରାଜ୍ୟର ସମସ୍ତ ଜିଲାରେ ୫ଜି ନେଟ୍‌ୱର୍କ ଉପସ୍ଥିତି ସୁନିଶ୍ଚିତ କରିବାରେ ଜିଓ ପ୍ରଥମ ଟେଲିକମ୍ ଅପରେଟର ହୋଇଛି।

ଦ୍ୱିତୀୟ ଜନ୍ମ ଦିନର ଶୁଭେଚ୍ଛା

ଦିବ୍ୟାଂଶୁ ଶେଖର ବେହେରା (ଆୟୁଷ)
ସୋମପୁର (ନନ୍ଦାଧାମରା) ବାନ୍ଦବାଳି, ଭଦ୍ରକ
ଦ୍ୱିତୀୟ ଜନ୍ମ ଦିବସ ଅବସରରେ ତୋର ଦୀର୍ଘାୟୁ କାମନା ସହ ଚଳାପଥ ସର୍ବଦା କୁସୁମିତ ରହୁ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
ବାପା, ବୋଉ, ଅଜା, ଆଇ, ମାମୁଁ, ମାଉସା, ଜେଜେ, ଜେଜେମା, ଭାଇ,ଭଉଣୀ, ପିଉସା, ପିଇସୀ, ବନ୍ଧୁ ଓ ପରିବାରବର୍ଗ।

ଧ-୨୧୭୭

ଶ୍ରୀଦୁର୍ଗାର ଲକି ଡ୍ର
ମିଭାନ ଜିତିଲେ 'ହାର୍ଲେ ଡେଭିଡ୍‌ସନ'

ଭୁବନେଶ୍ୱର,୪।୧ (ଅଭୟ ଦାଶ)

ଶ୍ରୀଦୁର୍ଗା ରିଟେଲ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଆରପିଏଲ୍) ର ବହୁ ପ୍ରତୀକ୍ଷିତ ତଥା ପାର୍ବଣ 'ଲକି ଡ୍ର' ମହୋତ୍ସବ ଗୁରୁବାର ଭୁବନେଶ୍ୱରର ଅଶୋକନଗରସ୍ଥିତ ଜନପଥ ଷ୍ଟୋରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ଗତ ଦୁର୍ଗାପୂଜାରେ ଆରମ୍ଭ ହୋଇଥିବା ଲକି ଡ୍ର'ଅଫରର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏପରିକି ଲକି ଡ୍ର ମହୋତ୍ସବ ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜନପଥ ଷ୍ଟୋର ପରିସରକୁ ଆସିଥିବା ଗ୍ରାହକମାନଙ୍କ ମଧ୍ୟରୁ ଜଣେ କୁନି ଗ୍ରାହକ ଉକ୍ତ ଲକି ଡ୍ର' କୁପନଗୁଡ଼ିକ ମଧ୍ୟରେ ଭାଗ୍ୟଶାଳୀ ବିଜେତାଙ୍କ ନାମ ଉଠାଇଥିଲେ। ତେବେ ଉକ୍ତ ଲକି ଡ୍ର' କୁପନ୍ ଉଠାଣରେ ଭୁବନେଶ୍ୱରର ମିଭାନ ସାମନ୍ତରାୟ 'ହାର୍ଲେ ଡେଭିଡ୍‌ସନ୍'ବାଇକ୍ ଜିତିଛନ୍ତି। ବିଶେଷକରି ସ୍ୱତନ୍ତ୍ର ଶପିଂର ନିଆରା ଅନୁଭୂତିରେ ସାମିଲ ହୋଇ ଗ୍ରାହକମାନେ ନିଶ୍ଚିତ ଉପହାର 'ସ୍ୱର୍ଣ୍ଣମୁଦ୍ରା' ଏବଂ ଲକି ଡ୍ର' ଜରିଆରେ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍ ଜିତିବାର ସୁବର୍ଣ୍ଣ ସୁଯୋଗ ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀଦୁର୍ଗାର ଭୁବନେଶ୍ୱରସ୍ଥିତ ଅଶୋକନଗର, ପାତ୍ରପଡ଼ା ଏବଂ ବ୍ରହ୍ମପୁରସ୍ଥିତ ବଡ଼ବଜାରଠାରେ ଥିବା ଏକ୍ସକ୍ଲୁସି ଶୋ'ରୁମ୍ ରହିଛି ।

ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୪।୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୩୨(୫୩୨.୪୫) ପଏଣ୍ଟ ବଢ଼ି ୭୨,୮୮୯ (୭୨,୮୮୯.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୧ (୧୪୧.୨୫) ପଏଣ୍ଟ ବୃଦ୍ଧି ଘଟି ୨୧,୬୫୯ (୨୧,୬୫୮.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

୨ଦିନିଆ ଭୁବନେଶ୍ୱର ଗସ୍ତରେ ଅତୁଲ

ଭୁବନେଶ୍ୱର,୪।୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅତୁଲ କୁମାର ଗୋଏଲ ୨ଦିନିଆ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘର ସହାୟକ ସାଧାରଣ ସମ୍ପାଦକ ବୈଲୋଚନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ (ସଂଘର ସଦସ୍ୟ) ଗୋଏଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପିଏନ୍‌ବି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡିଙ୍କ ସମେତ ବ୍ୟାଙ୍କର ଉପ ଆଞ୍ଚଳିକ ପ୍ରବନ୍ଧକ ଲକ୍ଷ୍ମୀକାନ୍ତ ମିଶ୍ର ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗସ୍ତ ଅବସରରେ ଗୋଏଲ ଗ୍ରାହକମାନଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଏପରିକି ସେ ମଧ୍ୟ ପାର୍ଲାମେଣ୍ଟାରି କମିଟି ବୈଠକରେ ମଧ୍ୟ ଯୋଗ ଦେବା ସହ ରାଜ୍ୟରେ ଥିବା ବ୍ୟାଙ୍କଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରିବେ। ବିଶେଷକରି ଓଡ଼ିଶାର ସମସ୍ତ ୩୦ଟି ଜିଲାରେ ପିଏନ୍‌ବିର ଶାଖା ରହିଛି।

ଏଚ୍‌ଏମ୍‌ଏସ୍‌ଆଇର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୪।୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୨୦୨୩ ଡିସେମ୍ବର ପାଇଁ ବିକ୍ରି ଫଳାଫଳ ସହ ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ କମ୍ପାନୀ ମୋଟ ୪୩,୮୪,୫୫୯ ୟୁନିଟ୍ ଗାଡ଼ି ବିକ୍ରି କରିଛି। ଏପରିକି ବାର୍ଷିକ ଗାଡ଼ି ବିକ୍ରିରେ ଏଚ୍‌ଏମ୍‌ଏସ୍‌ଆଇ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଥିଲାବେଳେ ବ୍ରାଣ୍ଡର ସବୁଠାରୁ ଶସ୍ତା ଏବଂ ଇନ୍ଧନ ଅନୁକୂଳ ମୋଟରସାଇକେଲ ସାଇନ୍ ୧୦୦ ସହିତ ବୈପ୍ଲବିକ ଆକ୍ଟିଭା ଏଚ୍-ସ୍ମାର୍ଟକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ବିଶେଷକରି ୨୦୨୩ ଡିସେମ୍ବରରେ କମ୍ପାନୀ ମୋଟ ୩,୧୭,୧୨୩ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ଏପରିକି ଦେଶ ଭିତରେ ୨,୮୬,୧୦୧ ୟୁନିଟ୍ ଗାଡ଼ି ବିକ୍ରି ହୋଇଥିବା ବେଳେ ମୋଟ ୩୧,୦୨୨ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି ବୋଲି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩ ଡିସେମ୍ବରରେ ଦେଶ ଭିତର ବିକ୍ରିରେ ବାର୍ଷିକ ୨୩% ବୃଦ୍ଧି ଘଟିଥିବା ବେଳେ ରପ୍ତାନି ଗତ ବର୍ଷର ସମାନ ସମୟ ତୁଳନାରେ ୮୨% ବୃଦ୍ଧି ପାଇଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ଆକ୍ଟିଭା ଲିମିଟେଡ୍ ସଂସ୍କରଣ ଏସ୍‌ପି୧୨୫ ସ୍ପୋର୍ଟସ୍ ସଂସ୍କରଣ ଏବଂ ହର୍ନେଟ ୨.୦ ଏବଂ ଡିଓ ୧୨୫ର ରେପ୍‌ସୋଲ୍ ସଂସ୍କରଣ ସମେତ କମ୍ପାନୀର ନ୍ୟୁ ଏସ୍‌ପି୧୬୦ ଏବଂ ନୂତନ ସ୍ପୋର୍ଟି, ଉନ୍ନତ ଏବଂ ସୁବିଧାଜନକ ଡିଓ୧୨୫କୁ ମଧ୍ୟ ଉନ୍ମୋଚିତ ହୋଇଥିଲା।

ଆର୍‌ଇସି ସହ ବିଓବିର ବୁଝାମଣା

ଭୁବନେଶ୍ୱର,୪।୧

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନ ସିପିଏସ୍‌ଇ ଆର୍‌ଇସି ଲିମିଟେଡ୍ ଏବଂ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଉକ୍ତ ବୁଝାମଣା ଜରିଆରେ ଉଭୟ ସଂସ୍ଥା ଆଗାମୀ ୩ ବର୍ଷ ମଧ୍ୟରେ ଦେଶରେ ଶକ୍ତି, ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ମିଳିତ ଭାବେ ଋଣ ମଞ୍ଜୁର ଦେବେ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଆର୍‌ଇସି ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ବିବେକ କୁମାର ଦେୱାଙ୍ଗନ ଏବଂ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ ଏବଂ ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲଳିତ କୁମାର ତ୍ୟାଗୀଙ୍କ ଉପସ୍ଥିତିରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ଏହା ଜରିଆରେ ଆମେ ମିଳିତ ଭାବେ ଶକ୍ତି, ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ପ୍ରକଳ୍ପ ପାଇଁ ଅର୍ଥ ଯୋଗାଇବାରେ ସକ୍ଷମ କରିବ। ଆର୍‌ଇସି ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ବିବେକ କୁମାର ଦେୱାଙ୍ଗନ କହିଥିଲେ, ଏହି ଐତିହାସିକ ଚୁକ୍ତି ଦେଶର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସହଯୋଗୀ ପ୍ରୟାସକୁ ସୂଚିତ କରିଥାଏ।

Classified Everyday
0674-2580101, 2549949

ମନେ ପଡ଼ନ୍ତି

REAL ESTATE

SALE

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-75092

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093

Relax, Refresh your body, Mind at Saikrupa Spa with best therapies. 8984068077. D-2080

Newly open Jyoti SPA positively health benefits (expert therapist). 8458067955. D-75182

Ashirvaad Salon and SPA get good massage for your health tha best therapy. 7077181074. D-75081

Newly open health benefits SPA special offer @ 799 Bapuji Nagar. 8018429809. D-75183

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75091

BUSINESS

Concrete Mixture Machine & Lift with Ladder available for Roof Slab Casting at Chief cost At- Phulanakhara, Cuttack. 8327792030 (HITULA), 9682013654 (ALLI BABU). D-75092

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

In the Court of the Senior Civil Judge, Talcher MAT No.- 50/2018

ମମତା ପ୍ରଧାନ, ବୟସ ୩୯ବର୍ଷ, ସ୍ୱାମୀ- ସୁକାନ୍ତ କିଶୋର ପ୍ରଧାନ, ସା- ରଞ୍ଜା, ପୋ.ଅ.- ଖମାର, ସ.ଡି.- ପାଲଲହଡ଼ା, ଜି- ଅନୁଗୋଳ, ହ.ସା.- ମାର୍ଫତ ମହେଶ୍ୱର ପ୍ରଧାନ (ପିତା), ସା- ବଢ଼ହୀରା, ପୋ.ଅ- କାକୁଡ଼ିଆ, ଥାନା- କଣିହାଁ, ସ.ଡି.- ତାଳଚେର, ଜି- ଅନୁଗୋଳ

......ଦରଖାସ୍ତକାରୀ

ବନାମ

ସୁକାନ୍ତ କିଶୋର ପ୍ରଧାନ, ବୟସ ୪୫ବର୍ଷ, ପିତା- ଦୟାନିଧି ପ୍ରଧାନ, ସା- ରଞ୍ଜା, ପୋ.ଅ- ଖମାର, ସ.ଡି.- ପାଲଲହଡ଼ା, ଜି- ଅନୁଗୋଳ

.....ଅପରପକ୍ଷ

ଅତ୍ର ବିଜ୍ଞାପନ ପ୍ରଚାର ଦ୍ୱାରା ମମତା ପ୍ରଧାନ ଦରଖାସ୍ତକାରିଣୀ ଉକ୍ତ ଅଦାଲତରେ ତାଙ୍କ ସ୍ୱାମୀ ଯଥା ଉପରୋକ୍ତ ଅପରପକ୍ଷ ସୁକାନ୍ତ କିଶୋର ପ୍ରଧାନ, ପିତା- ଦୟାନିଧି ପ୍ରଧାନ, ସା- ରଞ୍ଜା, ପୋ.ଅ.- ଖମାର, ସ.ଡି.- ପାଲଲହଡ଼ା, ଜି- ଅନୁଗୋଳଙ୍କ ନାମରେ ଉପରୋକ୍ତ ମକଦ୍ଦମା ଛାଡ଼ପତ୍ର ନିମନ୍ତେ ଆବେଦନ କରିଅଛନ୍ତି। ଉକ୍ତ ମକଦ୍ଦମାର ଅପରପକ୍ଷଙ୍କ ହାଜର ନିମନ୍ତେ ଆସନ୍ତା ତା ୧୯।୦୨।୨୦୨୪ ପୂର୍ବାହ୍ନ ୧୦.୩୦ମି. ଧାର୍ଯ୍ୟ କରାଯାଇଛି। ଯଦି ଉପରୋକ୍ତ ଅପରପକ୍ଷ ସୁକାନ୍ତ କିଶୋର ପ୍ରଧାନ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଦ୍ୱାରା ହାଜର ହୋଇ ଆପଣ ଆପଣାର ଜବାବ ତଲବ ଜଣାଇବା ନିମନ୍ତେ ପଦକ୍ଷେପ ନେବେ ନାହିଁ ବା ଆବେଦନକାରିଣୀଙ୍କ ପ୍ରାର୍ଥନା ବିରୁଦ୍ଧରେ ଆପତ୍ତି କରିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ ତେବେ ଉପରୋକ୍ତ ନିରୂପିତ ଦିବସରେ ଆଇନ ଅନୁଯାୟୀ ଅପରପକ୍ଷଙ୍କ ଅନୁପସ୍ଥିତିରେ ବିଚାର କରାଯିବ।

ଅଦ୍ୟ ତା ୦୨।୦୧।୨୦୨୪ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କ ମୋହର ଯୁକ୍ତେ ଦିଆଗଲା।

ସ୍ଥାନ- ତାଳଚେର

ସ୍ୱା./- ସିଭିଲ ଜଜ୍ ବରିଷ୍ଠ ବିଭାଗ, ତାଳଚେର

ଧ- ୨୧୭୯

୧୮ତମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଳଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଈଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।

ଧ-୨୧୭୭

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ବିଦ୍ୟାଧର ଦାସ
ପୂର୍ବତନ ସେନା କର୍ମଚାରୀ (EME)
ଗ୍ରାମ: ସାମଘୋରୀ, ମାର୍ଶାଘାଇ, କେନ୍ଦ୍ରାପଡ଼ା
ଆବିର୍ଭାବ-ତା.୨୧।୦୬।୧୯୪୧
ତିରୋଧାନ- ତା.୨୬।୧୨।୨୦୨୩
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭ କରୁ।
ଶୋକସନ୍ତପ୍ତ: ସ୍ତ୍ରୀ: ବୀଣାପାଣି, ପୁତ୍ର: ଶାରଦା, ବରଦା, ପୁତ୍ରବଧୂ: ଟିନିଆ, ଜିନା, ଭ୍ରାତା: ରବୀନ୍ଦ୍ର, କୈଳାଶ, ପୁତୁରା: ଦିଲୀପ, ସରୋଜ, ନୀର, ପାପୁ, ବାପିନା, ଝିଅ: ମିଟୁ, ସୁନନ୍ଦା, ରୀନା, ଜ୍ୱାଇଁ: ରଞ୍ଜନ, ଦିଲ୍ଲୁ, ନାତି/ନାତୁଣୀ: ଗେଲୁ, ଫେଲୁ, ସୁହାନା, ସୋନାକ୍ଷି, ଜୀବନ, ଶିଳା, ଦିପୁ, ଲିପୁ, ଗୁଡ୍ଡୁ, ବୁଟୁ, ସମୁଦୀ: ସୁଶାନ୍ତ, ବିଜୟ, ଦାସ ପରିବାର ଓ ବନ୍ଧୁବର୍ଗ।

ଧ-୨୧୮୦

ଆଇପିଏଲ୍‌ରେ ଟଙ୍କା ବର୍ଷା

ଆଇପିଏଲ୍‌ର ମିନି ଅକ୍ସନ ପ୍ରକ୍ରିୟାରେ ଅଷ୍ଟ୍ରେଲିଆ ଖେଳାଳି ଚାହିଦାରେ ରହିଥିଲେ। ପ୍ୟାଟ୍ କୁମିନ୍ସଙ୍କୁ ୨୦.୫ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ କିଣିବା ପରେ କୋଲକାତା ନାଇଟ୍ ରାଇଡର୍ସ ମିଚେଲ ଷ୍ଟାର୍କଙ୍କୁ ସର୍ବକାଳୀନ ରେକର୍ଡ ୨୪.୭୫କୋଟି ଟଙ୍କା ବିନିମୟରେ ନିଜ ଦଳରେ ସାମିଲ କରି ଇତିହାସ ରଚିଥିଲା...

ନିର୍ମଳ କୁମାର ମିଶ୍ର

ବିଶ୍ୱର ସବୁଠାରୁ ବ୍ୟୟବହୁଳ ପ୍ରଫେଶନାଲ କ୍ରିକେଟ ଲିଗ୍ ଆଇପିଏଲ୍-୧୭ ପାଇଁ ମିନି ଅକ୍ସନ ପ୍ରକ୍ରିୟା ସମାପ୍ତ ହୋଇଛି। ପ୍ରଥମ ଥର ପାଇଁ ଦେଶ ବାହାରେ ଦୁବାଇଠାରେ ଏହା ଅନୁଷ୍ଠିତ ହୋଇଥିଲା। ୨୦୨୫ରେ ଆଇପିଏଲ୍‌ର ମେଗା ଅକ୍ସନ ହେବ। ମାତ୍ର ଆଗାମୀ ସଂସ୍କରଣ ପାଇଁ ମିନି ଅକ୍ସନ ହୋଇଥିବାରୁ କିଛି ତାରକା ଖେଳାଳିଙ୍କୁ ନିଜ ଦଳକୁ ନେବାପାଇଁ ଫ୍ରାଞ୍ଚାଇଜ୍‌ମାନେ ଟଙ୍କା ବର୍ଷା କରିଥିବା ଦେଖାଯାଇଛି। ବିଶେଷ କରି ଅଷ୍ଟ୍ରେଲିଆ ୨୦୨୨ ଓ ୨୦୨୩ରେ କ୍ରିକେଟର ୩ଟି ଫର୍ମାଟରେ ବିଶ୍ୱ ଚାମ୍ପିୟନ ହେବା ପରେ ଏହି ଦଳର କେତେ ଜଣ ଷ୍ଟାର ଖେଳାଳିଙ୍କୁ ନିଜ ପାଖକୁ ନେବାଲାଗି କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଓ ଗୁଜରାଟ ଫ୍ରାଞ୍ଚାଇଜମାନଙ୍କ ମଧ୍ୟରେ ଲଢ଼େଇ ବେଶ୍ ରୋମାଞ୍ଚକ ହୋଇଥିଲା। ଖେଳାଳି ରିଟେନଶନ୍ ଓ ରିଲିଜ୍ ପ୍ରକ୍ରିୟା ସମୟରେ ଅନେକ ଫ୍ରାଞ୍ଚାଇଜ କିଛି ଖେଳାଳିଙ୍କୁ ରିଲିଜ କରିବା ଫଳରେ ଦଳର ସମୀକରଣ ବଦଳିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ବିବାଦ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଋଷଭ ପନ୍ତ, ଲୋକେଶ ରାହୁଲ, ଶ୍ରେୟସ ଆୟର, କେନ୍ ୱିଲିୟମସନ, ଜୋଫ୍ରା ଆର୍ଚ୍ଚର, କାଶିଗୋ ରାବାଡାଙ୍କ ପରି ନାମୀଦାମୀ ଖେଳାଳି ଆଘାତପ୍ରାପ୍ତ ହେବା ପରେ ଅନେକ ଫ୍ରାଞ୍ଚାଇଜ ଚିନ୍ତାରେ ରହିଥିଲେ।

ଆଇପିଏଲ୍ ୨୦୨୪ ପାଇଁ ମୋଟ ୧୧୬୬ ଖେଳାଳି ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ରହିଥିଲେ ୨୧୨ ଅନ୍ତର୍ଜାତୀୟ ଖେଳାଳି। ୯୦୯ ଜଣ ଅନ୍‌କ୍ୟାପ୍‌ଡ ଏବଂ ଆଇସିସି ଆସୋସିଏଟ୍ ମେମ୍ବର ଦେଶରୁ ୪୫ ଖେଳାଳି ମଧ୍ୟ ସାମିଲ ହୋଇଥିଲେ। ମାତ୍ର ଖେଳାଳି ନିଲାମ ପ୍ରକ୍ରିୟା ପାଇଁ ୧୧୬ ଅନ୍ତର୍ଜାତୀୟ, ୨୧୫ ଜଣ ଭାରତୀୟ ଏବଂ ୨ଜଣ ଆସୋସିଏଟ୍ ଖେଳାଳିଙ୍କ ନାମ ବିଚାରକୁ ନିଆଯାଇଥିଲା। ପରିଶେଷରେ ୧୦ଟି ଫ୍ରାଞ୍ଚାଇଜ ମଧ୍ୟରେ ୭୭ଟି ସ୍ଥାନ ପାଇଁ ୩୦ଜଣ ବିଦେଶୀ ଖେଳାଳି ରହିଥିଲେ। ନିଲାମ ପ୍ରକ୍ରିୟାରେ ଫ୍ରାଞ୍ଚାଇଜମାନେ ୭୨ ଜଣଙ୍କୁ କ୍ରୟ କରିଥିଲେ। ଏଥିପାଇଁ ୨୩୧ କୋଟି ଟଙ୍କା ବିନିଯୋଗ କରାଯାଇଥିଲା। ବିଶେଷ କରି ୩୦ ବିଦେଶୀ ଖେଳାଳିଙ୍କୁ କିଣିବା ପାଇଁ ଫ୍ରାଞ୍ଚାଇଜମାନେ ଲଗାଇଥିଲେ ସର୍ବାଧିକ ଅର୍ଥ। ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ଚାହିଦା ଅଧିକ ରହିଛି। ପ୍ୟାଟ୍ କୁମିନ୍ସଙ୍କୁ ୨୦.୫ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ କିଣିବା ପରେ କୋଲକାତା ନାଇଟ୍ ରାଇଡର୍ସ ମିଚେଲ ଷ୍ଟାର୍କଙ୍କ ପଛରେ ପଡିଥିଲା। ଷ୍ଟାର୍କ ୮ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରୁଥିଲେ ହେଁ ଆଇପିଏଲ୍ ଇତିହାସରେ ସର୍ବାଧିକ ଅର୍ଥରେ ବିକ୍ରି ହୋଇ ରେକର୍ଡ କଲେ। ଫର୍ମ, ଫିଟନେସ୍ ଓ ପ୍ରଦର୍ଶନ ପାଇଁ ଏହି ଦୁଇ ଅଷ୍ଟ୍ରେଲୀୟ ବୋଲର ଅଧିକ ଡିମାଣ୍ଡରେ ରହିଥିଲେ। ଷ୍ଟାର୍କଙ୍କୁ ନେବାପାଇଁ ଗୁଜରାଟ ଆଗ୍ରହ ପ୍ରକାଶ କରିଥିଲେ ହେଁ କୋଲକାତା ସର୍ବକାଳୀନ ରେକର୍ଡ ୨୪.୭୫କୋଟି ଟଙ୍କା ବିନିମୟରେ ନିଜ ଦଳରେ ସାମିଲ କରି ଇତିହାସ ରଚିଥିଲା। ଯାହାକି ସମସ୍ତଙ୍କର କଳ୍ପନା ବାହାରେ ରହିଥିଲା।

ଗତ ସଂସ୍କରଣରେ ପଞ୍ଜାବ କିଙ୍ଗ୍ସ ଇଂଲଣ୍ଡର ସାମ୍ କୁରାନଙ୍କୁ ୧୮.୫ କୋଟିରେ କିଣି ଚର୍ଚ୍ଚାରେ ରହିଥିଲା। ଏଥର ମିନି ଅକ୍ସନ ଥିବାରୁ କୌଣସି ଖେଳାଳିଙ୍କ ଦାମ୍ ୨୦ କୋଟି ଛୁଇଁପାରେ ବୋଲି ଆକଳନ କରାଯାଉଥିଲା। ତାହା ସତ ହେଲା। ଅନ୍ୟପକ୍ଷରେ ପଞ୍ଜାବକୁ କୁରାନ ସେପରି ସଫଳତା ଦେଇପାରି ନ ଥିବା ବେଳେ ଏହି ଫ୍ରାଞ୍ଚାଇଜ୍ ହର୍ଶଲ ପଟେଲଙ୍କୁ ୧୧.୭୫ କୋଟିରେ କିଣିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବ ସଂସ୍କରଣଗୁଡ଼ିକରେ କାମରନ ଗ୍ରୀନ୍, ବେନ ଷ୍ଟୋକ୍ସ, ସାମ କୁରାନ, କାଇଲ ଜେମିସନ, ପ୍ୟାଟ କୁମିନ୍ସ, ଗ୍ଲେନ ମାକ୍ସୱେଲଙ୍କ ପରି ବିଦେଶୀ ଖେଳାଳିମାନଙ୍କୁ ଫ୍ରାଞ୍ଚାଇଜମାନେ ଅଧିକ ଦାମରେ କିଣି ଆଖିଦୃଶିଆ ସଫଳତା ପାଇନାହାନ୍ତି। ଏହା ସତ୍ତ୍ୱେ ଗତ ଖେଳାଳି ନିଲାମରେ କୁମିନ୍ସ, ଷ୍ଟାର୍କ ଏବଂ ଆକ୍ରମଣାତ୍ମକ ଓପନର ଟ୍ରାଭିସ ହେଡ୍‌ଙ୍କ ମୂଲ୍ୟ ୫୦କୋଟି ପାର ହେବା କ୍ରିକେଟ ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏବେ ସେମାନଙ୍କର ପ୍ରଦର୍ଶନ କିପରି ରହୁଛି ତାହା ଦେଖିବାର ଅଛି।

ବିଦେଶୀ ଖେଳାଳିଙ୍କ ସମେତ କ୍ୱାଲିଟି ଭାରତୀୟ ଯୁବ ଖେଳାଳିଙ୍କ ଉପରେ ମଧ୍ୟ ଫ୍ରାଞ୍ଚାଇଜ୍‌ଙ୍କ ନଜର ରହିଥିଲା। ବିଶେଷ କରି ଯେଉଁମାନେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି, ତାମିଲନାଡୁ ପ୍ରିମିୟର ଲିଗ୍, ୟୁପି ପ୍ରିମିୟର ଲିଗ୍‌ରେ ସଫଳତା ପାଇଥିଲେ ସେମାନେ ଟାର୍ଗେଟରେ ରହିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ସମୀର ରିଜଭି, ଆଶୁତୋଷ ଶର୍ମା, ସ୍ୱସ୍ତିକ ଚିକାରା, ଅଭିମନ୍ୟୁ ସିଂ, ସୌରଭ ଚୌହାନଙ୍କ ପରି ପ୍ରତିଭା ସମ୍ପନ୍ନ ଖେଳାଳି। ଗତ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରିଥିବା ନ୍ୟୁଜିଲାଣ୍ଡ ଯୁବ ଅଲରାଉଣ୍ଡର ରାଚିନ ରବୀନ୍ଦ୍ରଙ୍କ ଉପରେ ସମସ୍ତଙ୍କର ନଜର ରହିଥିଲେ ହେଁ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୧.୮୦ କୋଟିରେ କିଣି ନେଇଥିଲା। ମିନି ଅକ୍ସନ୍‌ରେ ୨କୋଟି ବେସ୍ ପ୍ରାଇସ ଥିବା ଖେଳାଳିଙ୍କ ସଂଖ୍ୟା ଥିଲା ୨୩। ଏହା ମଧ୍ୟରେ ହାରି ବ୍ରୁକସ୍, ରିଲେ ରୁଷୋ, କ୍ରିସ ୱକ୍ସ, ଜୋସ ଇଂଲିସ, ଜୋସ ହାଜେଲଉଡ୍, ପ୍ୟାଟ କୁମିନ୍ସ, ମିଚେଲ ଷ୍ଟାର୍କ, ସେନ ଆବୋଟ, ଆଦିଲ୍ ରସିଦ୍, ଲୋକି ଫର୍ଗୁସନ, ଶାର୍ଦ୍ଦୂଳ ଠାକୁର, ହର୍ଶଲ ପଟେଲ, ଉମେଶ ଯାଦବଙ୍କ ପରି ନାମୀ ଖେଳାଳି ରହିଥିଲେ। କେତେକ ନାମୀ ବିଦେଶୀ ଖେଳାଳିଙ୍କୁ କେହି ସ୍ପ୍ରିଙ୍ଗ୍ ଫ୍ରାଞ୍ଚାଇଜ୍ ପସନ୍ଦ କରି ନ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଷ୍ଟିଭ ସ୍ମିଥ, ଜୋସ ଇଂଲିସ, ଜୋସ ହାଜେଲଉଡ, ଭାନ୍ ଡର ଡୁସେନ, ବେନ ଡକେଡ, ଫିଲିପ ସଲ୍ଟ, ସେନ୍ ଆବୋଟ, ଜାନସ ହୋଲ୍ଟର, କାଇଲ ଜେମିସନ, ଫିନ୍ ଆଲେନ, କରୁଣ ନାୟର, କୁଶାଲ ମେଣ୍ଡିସ, ବେନ୍ କଟିଂଙ୍କ ପରି ଖେଳାଳି। ଚେନ୍ନାଇ ସୁପର କିଙ୍ଗ୍ସ ଡାରେଲ ମିଚେଲଙ୍କୁ ୧୪ କୋଟିରେ କିଣି ନିଜ ଦଳକୁ ସଜ୍ଜିତ କରିଛି। ୧୭ତମ ଆଇପିଏଲ୍ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇ ମେ' ୨୯ ପର୍ଯ୍ୟନ୍ତ ଚାଲିବ। ମୋଟ ୭୪ଟି ମ୍ୟାଚ ଖେଳାଯିବ। ଦେଖିବାର କଥା ଏହି ମିନି ଅକ୍ସନରେ ଫ୍ରାଞ୍ଚାଇଜମାନେ ଖେଳାଳିଙ୍କ ଉପରେ ଯେପରି ଟଙ୍କା ବର୍ଷା କରିଛନ୍ତି ସେଥିରୁ ସଫଳତା ପାଉଛନ୍ତି କି ନାହିଁ।

ପ୍ୟାଟ୍ କୁମିନ୍ସ

ମିଚେଲ ଷ୍ଟାର୍କ

ପେସ୍ ଓ ଅମୃତରାଜ୍ ବିରଳ ସମ୍ମାନ

ରମେଶ ସାହୁ

ଭାରତର ଲିଆଣ୍ଡର ପେସ୍ ଓ ବିଜୟ ଅମୃତରାଜ୍ ପେସାଦାର ଟେନିସ୍ ଦୁନିଆର ଦୁଇ ଖ୍ୟାତନାମା ଖେଳାଳି। ସେମାନେ ତାଙ୍କ ଇପ୍ସିତ ଲକ୍ଷ୍ୟ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଟେନିସ୍ କ୍ରୀଡ଼ାରେ ସେମାନଙ୍କର ଯୋଗଦାନକୁ ଅବଶେଷରେ ସ୍ୱୀକୃତି ମିଳିଛି। ଲଣ୍ଡନର ଇଣ୍ଟରନ୍ୟାଶନାଲ ଟେନିସ୍ ହଲ୍ ଅଫ୍ ଫେମ୍ ସଂଗଠନରେ ଦୁଇ ଖେଳାଳିଙ୍କୁ ସାମିଲ କରାଯିବ। ଏହି ବିଶ୍ୱ ସଂଗଠନରେ ଯୋଗ ଦେବାରେ ଲିଆଣ୍ଡର ଓ ଅମୃତରାଜ୍ ଏସିଆ ମହାଦେଶର ପ୍ରଥମ ଖେଳାଳି। ଅନ୍ତର୍ଜାତୀୟ ପେସାଦାର ଟେନିସ୍‌ରେ ସଫଳତା, ଦଳଗତ ପ୍ରତିଯୋଗିତାର ପଥପ୍ରଦର୍ଶକ ଓ ଦୂରଦର୍ଶୀ ଟେନିସ୍ ବ୍ୟକ୍ତିତ୍ୱମାନଙ୍କର ଅବଦାନକୁ ବିଚାର କରି ବ୍ୟକ୍ତିବିଶେଷ ଅଥବା ଏକ ଦଳକୁ ଏଥିପାଇଁ ଚୟନ କରାଯାଇଥାଏ। ଲିଆଣ୍ଡର ପେସ୍ ଦୁଇଟି ଅଲିମ୍ପିକ୍ ସଂସ୍କରଣରେ ଭାଗ ନେବାର ଗୌରବ ହାସଲ କରିଛନ୍ତି। ସେ ୧୯୯୨ ବାର୍ସେଲୋନା ଅଲିମ୍ପିକ୍‌ରେ ସଫଳତା ପାଇ ନ ଥିଲେ ମଧ୍ୟ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଲିଆଣ୍ଡରଙ୍କ ପରେ ଆଉ ଏସିଆ ମହାଦେଶର ପ୍ରଥମ ଦୁଇ ଖେଳାଳିଭାବେ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି ଭାରତର ଲିଆଣ୍ଡର ପେସ୍ ଓ ବିଜୟ ଅମୃତରାଜ୍। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଭାରତୀୟ ଟେନିସ୍‌କୁ ନୂଆ ଦିଶା ଦେଇଥିଲେ ଲିଆଣ୍ଡର। ସେହିପରି ଅମୃତରାଜ୍ ୧୯୮୦ରେ ବିଶ୍ୱ ସିଙ୍ଗଲ୍ସର ର‍ୟାଙ୍କିଙ୍ଗର ୧୮ତମ ସ୍ଥାନକୁ ଉନ୍ନୀତ ହୋଇ ଆଗାମୀ ପିଢ଼ିପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଥିଲେ।

୧୬ଟି ସିଙ୍ଗଲ୍ସ ଓ ୧୩ଟି ଡବଲ୍ସ ଟାଇଟଲ୍ ଜିତିଥିଲେ। ୧୯୭୩ ୱିମ୍ବଲଡନ୍ ଓ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମରେ କ୍ୱାର୍ଟରଫାଇନାଲ, ୧୯୭୬ ୱିମ୍ବଲଡନ୍‌ରେ ସେମିଫାଇନାଲକୁ ଉଠିଥିଲେ। ସେହି ସମୟରେ ଅମୃତରାଜ୍ ତତ୍କାଳୀନ ବିଶ୍ୱର ଟପ୍ ଖେଳାଳି ଜନ୍ ବର୍ଗ, ଜିମି କର୍ନର, ଇଭାନ୍ ଲେଣ୍ଡଲ ଓ ଜନ ମ୍ୟାକ୍‌ନେରୋଙ୍କୁ ହରାଇଥିଲେ। ସେ ତାଙ୍କ ଖେଳ ଜୀବନରେ ବିଶ୍ୱ ମାନ୍ୟତାର ୧୬ତମ ସ୍ଥାନରେ ପହଞ୍ଚି ପାରିଥିଲେ। ୧୯୮୦ଦଶକରେ ଭାରତୀୟ ଡେଭିସ କପ୍ ଦଳର ମଙ୍ଗ ଅମୃତରାଜ୍‌ଙ୍କ ହାତରେ ଥିଲା। ସେ ତାଙ୍କ ଦାୟିତ୍ୱ ତୁଲାଇ ଦଳକୁ ବିଶ୍ୱ ପର୍ଯ୍ୟାୟକୁ ଉନ୍ନୀତ କରାଇଥିଲେ। ତାଙ୍କୁ ଭାରତୀୟ ଡେଭିସ କପ୍ ଦଳର ନାୟକ କୁହାଯାଉଥିଲା। ଭାରତ ସରକାର ତାଙ୍କୁ ୧୯୮୩ରେ ପଦ୍ମଶ୍ରୀ ସମ୍ମାନ ଦେଇ ସମ୍ମାନିତ କରିଥିଲେ। ଅମୃତରାଜ୍‌ଙ୍କ ଜନ୍ମ ତାମିଲନାଡୁରେ। ଇଣ୍ଟରନ୍ୟାଶନାଲ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ୨୭ଟି ଦେଶର ୨୬୪ଜଣ ଟେନିସ୍ ବ୍ୟକ୍ତିତ୍ୱ ଥିଲାବେଳେ ଏବେ ତାଲିକାରେ ଏହି ୨ଜଣ ସାମିଲ ହୋଇଛନ୍ତି। ଦେଶ ତାଲିକାର ୨୮ନମ୍ବରରେ ଭାରତର ନାମ ରହିବ।

–ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା, ମୟୂରଭଞ୍ଜ)

ମୂଲ୍ୟ

ଅନ୍ତିମ ଟି୨୦ ଜିତିଲା ଭାରତ
ଇଂଲଣ୍ଡ ବିପକ୍ଷ ଖେଳି
ସାଇକା ଇଶାକ, ଶ୍ରେୟଙ୍କା ପାଟିଲ
ମନ୍ଧାନା, ଜେମିମା ମିଳି
ସମ୍ଭାଳିଲେ ଟିମ୍ ପାଳି
ସିରିଜ ଗଲେ ବି
ସମ୍ମାନ ରହିଲା
ଧନ୍ୟ ଲେଡି ଟିମ୍ ମେଳି।

ଡବ୍ଲ୍ୟୁପିଏଲ୍‌ର ସେକେଣ୍ଡ ସଂସ୍କରଣ
ନିଲାମ ସରିଛି ଏଠି
ଆନାବେଲ ସଦରଲାଣ୍ଡ ପରେ ଆମ
କାଶଭି ମୂଲ୍ୟ ଦୁଇ କୋଟି
ଖେଳାଳି ଦୀନେଶ ବେଟି
ଫାଷ୍ଟ ଅନ୍‌କ୍ୟାପେଡ୍ ଭାବେ ଇତିହାସ
କଲା ଟପି ଏକ କୋଟି।

ସହରରେ ମାଳ ମାଳ
ୱାଇନ୍ ଶପ୍
ଉପାନ୍ତରେ ମଦଭାଟି
ଯଉତୁକ ନିର୍ଯାତନା
ରୋକିବାରେ
ଖୋଲୁନି କାହାର ପାଟି
ଏମିତି ହୁଅନ୍ତା ଜଟି
ବର ଯଦି କନ୍ୟା
ନିଲାମ କରନ୍ତା
ଯୌତୁକ ଯାଆନ୍ତା ଉଠି।

–ସୁବାସ ଚନ୍ଦ୍ର ପ୍ରଧାନ

ବ୍ୟାଡ୍‌ମିଣ୍ଟନ୍ ବିକାଶ-ସାତ୍ୱିକ

ବ୍ୟାଡ୍‌ମିଣ୍ଟନ ପରି ଏକ କ୍ରୀଡ଼ାରେ ଭାରତର ଦୁଇ ଖେଳାଳି ସାତ୍ୱିକ ସାଇରାଜ୍ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଶ୍ୱର ଶୀର୍ଷ ର‍ୟାଙ୍କିଙ୍ଗ୍ ପାଇବା ଏକ ବିଶେଷ ଉପଲବ୍ଧି। ଏସିଆର ଏହି ଅଗ୍ରଣୀ ଡବଲ୍ସ ଖେଳାଳି ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ଟୁର୍ନାମେଣ୍ଟ ଚାମ୍ପିୟନ୍ ହେବାସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କେବଳ ସେତିକି ନୁହେଁ, ଚାଇନାର ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ଭାରତକୁ ପ୍ରଥମଥର ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣପଦକ ଭେଟି ଦେବାସହ ବିଶ୍ୱସ୍ତରୀୟ ଥମାସ କପ୍ ବିଜୟ ମଧ୍ୟ ଏହି ଯୋଡ଼ିଙ୍କର ଆଉ ଏକ ବିଶେଷ ସଫଳତା...

ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ–ଚିରାଗ ସେଟ୍ଟୀ

ଭାରତର ଦୁଇ ବ୍ୟାଡ୍‌ମିଣ୍ଟନ ତାରକା ଚିରାଗ ସେଟ୍ଟୀ ଓ ସାତ୍ୱିକସାଇରାଜ୍ ରାଙ୍କିରେଡ୍ଡୀ ୨୦୨୩ ବର୍ଷ ପାଇଁ ଦେଶର ସର୍ବଶ୍ରେଷ୍ଠ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। କଠିନ ପରିଶ୍ରମ ସହ କ୍ୟାରିୟର ସଫଳତାକୁ ବିଚାର କରି ଏମାନଙ୍କ ନାମ ଜାତୀୟ କ୍ରୀଡ଼ା ପୁରସ୍କାର ସକାଶେ ଘୋଷଣା କରାଯାଇଛି। ଭାରତରେ ଜନପ୍ରିୟତା ଆଧାରରେ କ୍ରୀଡ଼ାଗୁଡ଼ିକ ଶ୍ରେଣୀଭୁକ୍ତ। ବ୍ୟାଡମିଣ୍ଟନ ଏକ ସହଜ ସୁଲଭ କ୍ରୀଡ଼ା। ବ୍ୟୟସାପେକ୍ଷ ହୋଇଥିଲେ ମଧ୍ୟ କ୍ରୀଡ଼ାଟି ଆଦୃତ। ଏହି କ୍ରୀଡ଼ାରେ ସାତ୍ୱିକ–ଚିରାଗ ବିଶ୍ୱର ଟପ୍ ର‍ୟାଙ୍କିଙ୍ଗ୍ ପାଇବା ଏକ ବିଶେଷ ସଫଳତା ଥିଲା। ଏସିଆର ଏହି ଅଗ୍ରଣୀ ଡବଲ୍ସ ଖେଳାଳି ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ଟୁର୍ନାମେଣ୍ଟ ଚାମ୍ପିୟନ୍ ହେବାସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏସିଆ ମହାଦେଶରେ ଚାଇନା ବ୍ୟାଡମିଣ୍ଟନର ଏକ ପାୱାର ହାଉସ୍। ଚାଇନାର ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସାତ୍ୱିକ–ଚିରାଗ ଭାରତକୁ ପ୍ରଥମଥର ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ଭେଟି ଦେଇଥିଲେ। ବିଶ୍ୱସ୍ତରୀୟ ଥମାସ କପ୍ ବିଜୟ ମଧ୍ୟ ଏହି ଯୋଡ଼ିଙ୍କର ଆଉ ଏକ ବିଶେଷ ସଫଳତା। ସାତ୍ୱିକ–ଚିରାଗ ଗତ ବର୍ଷ ୪ଟି ଟାଇଟଲ୍ ହାତେଇଛନ୍ତି। ସ୍ୱିସ୍ ଓପନ, କୋରିଆ ଓପନ ବିଜୟୀ ହେବାସହ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୋରିଆ ଓପନ ଫାଇନାଲ ମ୍ୟାଚ ଦୁଇ ଖେଳାଳିଙ୍କ ପାଇଁ ଚିର ସ୍ମରଣୀୟ ରହିବ। ଡେନମାର୍କର ମାଥିଅସ୍ ବୋ ହେଉଛନ୍ତି ସେମାନଙ୍କର ପ୍ରଶିକ୍ଷକ। ତେବେ ଖେଳରତ୍ନ ପ୍ରସଙ୍ଗରେ ଭାରତର ଚାମ୍ପିୟନ ତୀରନ୍ଦାଜ ଜ୍ୟୋତି ସୁରେଖା ଭେନାମ୍ ଅସନ୍ତୁଷ୍ଟ ଅଛନ୍ତି। ସୁରେଖା ଖେଳରତ୍ନ ପାଇବାକୁ ଯୋଗ୍ୟ ଥିଲେ ବୋଲି ଦାବି କରିଛନ୍ତି। ସେ ହାସଲ କରିଥିବା ସଫଳତା ଅଧିକ ମୂଲ୍ୟବାନ୍ ବୋଲି କହିଛନ୍ତି। ସୁରେଖା ଆର୍ଚେରୀ କ୍ରୀଡ଼ାରେ ଗତବର୍ଷ ୧୩ଟି ଅନ୍ତର୍ଜାତୀୟ ପଦକ ବିଜୟିନୀ ହୋଇଥିଲେ। ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ବ୍ୟକ୍ତିଗତ, ଦଳ ଓ ମିଶ୍ରିତ ଦଳ ବିଭାଗ ଆର୍ଚେରୀ ପ୍ରତିଯୋଗିତାରେ ୩ଟି ସ୍ୱର୍ଣ୍ଣ ପଦକ ପାଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ, ବିଶ୍ୱକପ୍‌ରେ ୪ ସ୍ୱର୍ଣ୍ଣ, ୨ ବୋଞ୍ଜ ଏବଂ ଏସିଆନ୍ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଏତେସବୁ ପରେ ବି ତାଙ୍କୁ ଅଣଦେଖା କରାଯାଇଥିବା ଜ୍ୟୋତି ସୁରେଖା ଭେନାମ୍ ପ୍ରକାଶ କରିଛନ୍ତି।

ନାଡାଲ ବ୍ରିସ୍‌ବେନ କ୍ୱାର୍ଟରରେ

ବ୍ରିସବେନ୍, ୪।୧(ଏପି)

ଏକ ବର୍ଷ ଆଘାତଜନିତ ସମସ୍ୟାରେ ରହିବା ପରେ ଟେନିସକୁ ଫେରିଥିବା ରାଫାଲ ନାଡାଲ ଜାସନ କୁବଲରଙ୍କୁ ୬-୧, ୬-୨ ସେଟ୍‌ରେ ହରାଇ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପିଠାରେ ଅସ୍ତ୍ରୋପଚାର ଯୋଗୁ ୨୨ଥର ଗ୍ରାଣ୍ଡସ୍ଲାମ ବିଜେତା ବର୍ଷେ ହେଲା ଟେନିସରୁ ଦୂରରେ ରହିବାରୁ ର୍ୟାଙ୍କିଙ୍ଗ ତାଲିକାର ୬୦୦ତମ ସ୍ଥାନକୁ ଖସି ଆସିଛନ୍ତି। ଚଳିତ ମାସରେ ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ଅଧିକରୁ ଅଧିକ ମ୍ୟାଚ ଜିତି ନିଜକୁ ଭଲରୂପେ ପ୍ରସ୍ତୁତ କରିବା ଲାଗି ଚାହୁଁଛନ୍ତି। ଗତଥର ଜାନୁୟାରୀ ପରେ ୩୭ ବର୍ଷୀୟ ସ୍ପାନିଶ ଖେଳାଳି ତାଙ୍କର ପ୍ରଥମ ପ୍ରତିଯୋଗିତାମୂଳକ ମ୍ୟାଚ ଗତ ମଙ୍ଗଳବାର ଜିତିଛନ୍ତି। ସେ ୨୦୨୦ ୟୁଏସ୍ ଓପନ ଚାମ୍ପିୟନ ତଥା ପୂର୍ବତନ ନମ୍ବର ୱାନ ର୍ୟାଙ୍କିଙ୍ଗପ୍ରାପ୍ତ ଡୋମିନିକ ଥିମ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ଭିକ୍ଟୋରିଆ ଆଜାରେଙ୍କା ଓ ଜେଲେନା ଓଷ୍ଟାପେଙ୍କା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଆଜାରେଙ୍କା ଫ୍ରାନ୍ସର କ୍ଲାରା ବୁରେଲଙ୍କୁ ୭-୫, ୬-୨ରେ ହରାଇ ଏଠାରେ ୫ମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୨ ଓ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ବର୍ତ୍ତମାନ ତୃତୀୟ ସିଡ୍ ଓଷ୍ଟାପେଙ୍କୋଙ୍କୁ ଭେଟିବେ। ୨୦୧୭ ଫ୍ରେଞ୍ଚ ଓପନ ଚାମ୍ପିୟନ ଓଷ୍ଟାପେଙ୍କା ୩ଥର ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ ବିଜେତା କାରୋଲିନା ପ୍ଲିସକୋଭାଙ୍କୁ ପରାସ୍ତ କରିଛନ୍ତି।

ବୟସ ଜାଲିଆତି ଯୋଗୁ ବିଦା

ସୁମିତ ଶର୍ମା

- ଓଡ଼ିଶା କ୍ରିକେଟର ସୁମିତ ଶର୍ମାଙ୍କୁ ୨ ବର୍ଷ ଅଯୋଗ୍ୟ ଘୋଷଣା କଲା ବିସିସିଆଇ
- ମ୍ୟାଚ ଖେଳିବା ପୂର୍ବରୁ ଓଡ଼ିଶା ଦଳରେ ପରିବର୍ତ୍ତନ
- ରଣଜୀ ଦଳରେ ତାରିଣୀ ସ'ଙ୍କୁ ସୁଯୋଗ

ଭୁବନେଶ୍ୱର, ୪।୧
(ତପନ ସ୍ୱାଇଁ)

ରଣଜୀ ଟ୍ରଫି ସିଜନ ଆରମ୍ଭ ପୂର୍ବରୁ ଓଡ଼ିଶାକୁ ଶକ୍ତ ଝଟ୍‌କା ଲାଗିଛି। ବୟସ ଜାଲିଆତି ଯୋଗୁ ଦଳର ଅନ୍ୟତମ ସଦସ୍ୟ ସୁମିତ ଶର୍ମାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ସିଜନର ପ୍ରଥମ ଦୁଇ ମ୍ୟାଚ ପାଇଁ ରାଜ୍ୟ ଚୟନ କମିଟି ମନୋନୀତ କରିଥିବା ୧୫ ଜଣିଆ ଦଳରେ ସୁମିତ ସାମିଲ ଥିଲେ। ମାତ୍ର ତାଙ୍କ ନାମରେ ବୟସ ଜାଲିଆତି ଅର୍ଥାତ୍ ଏକାଧିକ ଜନ୍ମ ପ୍ରମାଣପତ୍ର ଦାଖଲ ଅଭିଯୋଗ ହୋଇଛି। ୨୦୧୫-୧୬ରେ ଜୁନିୟର ସ୍ତରର କ୍ରିକେଟ ପାଇଁ ସୁମିତ ଦାଖଲ କରିଥିବା ପ୍ରମାଣପତ୍ର ଏବଂ ଚଳିତ ସିଜନ ପାଇଁ ଦେଇଥିବା ଜନ୍ମ ପ୍ରମାଣପତ୍ରରେ ମେଳ ରହିନାହିଁ। ଫଳରେ ଘରୋଇ କ୍ରିକେଟରୁ ତାଙ୍କୁ ୨ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରିଛି ବିସିସିଆଇ। ଏଥିପାଇଁ ସ୍ୱାଭାବିକଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିନ୍ଦିତ ହୋଇଛି। ପ୍ରକାଶ ଯୋଗ୍ୟ ଯେ, ବୟସ ଜାଲିଆତିରେ ଓଡ଼ିଶା କ୍ରିକେଟର ଛନ୍ଦିହେବା ଏହା ନୂଆ ନୁହେଁ। ସମାନ କାରଣ ପାଇଁ ଏହା ପୂର୍ବରୁ ଏକାଧିକ ଖେଳାଳିଙ୍କ ଯୋଗୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲେ ହେଁ ସମସ୍ୟାର ସମାଧାନ ହୋଇ ପାରିନାହିଁ। ବରୋଦା ବିପକ୍ଷ ମ୍ୟାଚ ପାଇଁ ସୁମିତଙ୍କ ସ୍ଥାନରେ ଓଡ଼ିଶା ଦଳରେ ତାରିଣୀ ସ'ଙ୍କୁ ସାମିଲ କରାଯାଇଛି। ଓଡ଼ିଶା-ବରୋଦା ମ୍ୟାଚ ଭଦୋଦରାର ମୋତିବାଗ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଆରମ୍ଭ ହେବ।

ଓଡ଼ିଶା ଦଳ: ଶାନ୍ତନୁ ମିଶ୍ର (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଜୟନ୍ତ ବେହେରା, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁନୀଲ କୁମାର ରାଉଳ, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ପ୍ରୟାସ ସିଂ, ତାରିଣୀ ସ'।

ସର୍ବଭାରତୀୟ ବେସାମରିକ ଭଲିବଲ ଓ କ୍ୟାରମ୍ ପାଇଁ ଖେଳାଳି ଚୟନ

ଭୁବନେଶ୍ୱର, ୪।୧(ତପନ ସ୍ୱାଇଁ)

ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫେବୃଆରୀ ୧୮ରୁ ୨୨ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଭଲିବଲ ପ୍ରତିଯୋଗିତା (ମହିଳା ଓ ପୁରୁଷ) ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ ପ୍ରକ୍ରିୟା ଚଳିତ ମାସ ୭ରେ ଭୁବନେଶ୍ୱର କ୍ଲବ ପଟ୍ଟପଟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ସେହିପରି ବିହାରର ପାଟନାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ କ୍ୟାରମ (ମହିଳା ଓ ପୁରୁଷ) ପ୍ରତିଯୋଗିତା ଆୟୋଜନ ହେବ। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ କାର୍ଯ୍ୟକ୍ରମ ଚଳିତ ମାସ ୭ ତାରିଖରେ ରାଜୀବ ଭବନ ପଛପାଖ ଓଏସ୍‌ଏସ୍-୨ ହାଉସଠାରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଯାଉଥିବା ସରକାରୀ କର୍ମଚାରୀମାନେ ଶୀଘ୍ର ନାମ ପଞ୍ଜୀକରଣ କରିପାରିବେ ବୋଲି ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲୟିଜ୍ ଆଥ୍‌ଲେଟିକ୍ ଆସୋସିଏଶନର କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଜଣାଇଛନ୍ତି।

୧୯୭ ରନ୍ ପଛରେ ଅଷ୍ଟ୍ରେଲିଆ

ସିଡ୍‌ନୀ,୪।୧(ପି.ଟି)

ସିଡ୍‌ନୀରେ ଅନୁଷ୍ଠିତ ଡେଭିଡ୍ ୱାର୍ନରଙ୍କ ବିଦାୟୀ ଟେଷ୍ଟର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୧୯୭ ରନ୍ ପଛରେ ରହିଛି। ପାକିସ୍ତାନ ପ୍ରଥମ ଇନିଂସ ୩୧୩ ରନ୍‌ରେ ସୀମିତ ରହିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଦଳ ୨ ଉଇକେଟରେ ୧୧୬ ରନ୍ କରିଛି। ଦ୍ୱିତୀୟ ଦିନରେ ବର୍ଷା ଓ ଖରାପ ଆଲୋକ କାରଣରୁ ମାତ୍ର ୪୬ ଓଭର ଖେଳ ସମ୍ଭବ ହୋଇଥିଲା। ଖେଳ ବନ୍ଦ ହେବା ବେଳକୁ ମାର୍ନଶ୍ ଲାବୁଶେନ୍ ୨୩ ଓ ଷ୍ଟିଭ୍ ସ୍ମିଥ୍ ୬ ରନ୍ କରି ଅପରାଜିତ ରହିଛନ୍ତି। ଦୁଇ ଓପନର ଉସ୍‌ମାନ ଖ୍ୱାଜା ୪୭ ଓ ଶେଷ ଟେଷ୍ଟ ଖେଳୁଥିବା ଡେଭିଡ୍ ୱାର୍ନର ୩୪ ରନ୍ କରି ଆଉଟ୍ ହୋଇଛନ୍ତି।





ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସର ଅନ୍ତିମ ଦିନରେ ପଦକ ବିଜେତା ଖେଳାଳି ଅତିଥିଙ୍କ ଗହଣରେ । କୋର୍ ବିଶେଶ୍ୱର ନନ୍ଦୀଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ଦୀପା କର୍ମକାର। ପଦକ ସହ ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର । (ଫଟୋ: ବିକାଶ ନାୟକ)

କେପ୍ ଟାଉନ୍‌ରେ ପ୍ରଥମ ବିଜୟ

କ୍ୟାରିୟର୍‌ର ନବମ ୫ ଉଇକେଟ ସଫଳତା ପରେ ଯଶପ୍ରୀତ୍ ବୁମ୍‌ରା ।

ଶତକ ହାସଲ ପରେ ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରମ ।

(ବଲ୍ ବୋଲିଂ ଦୃଷ୍ଟିରୁ)

୬୪୨: ଦକ୍ଷିଣ ଆଫ୍ରିକା ବନାମ ଭାରତ, କେପ୍ ଟାଉନ୍, ୨୦୨୪

୬୫୬: ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା, ମେଲବୋର୍ନ, ୧୯୩୨

୬୭୨: ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ, ବ୍ରିଜ୍‌ଟାଉନ୍, ୧୯୩୫

୭୮୮: ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ, ମାଞ୍ଚେଷ୍ଟର, ୧୯୮୮

୭୯୨: ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ, ଲର୍ଡ୍ସ, ୧୯୮୮

ଦକ୍ଷିଣ ଆଫ୍ରିକାରେ ଭାରତର ଟେଷ୍ଟ ବିଜୟ

୧୨୩ ରନ: ଜୋହାନ୍ସବର୍ଗ, ୨୦୦୬

୮୭ ରନ: ଡର୍ବାନ, ୨୦୧୦

୬୩ ରନ: ଜୋହାନ୍ସବର୍ଗ, ୨୦୧୮

୧୧୩ ରନ: ସେଞ୍ଚୁରିଅନ, ୨୦୨୧

୭ ଉଇକେଟ: କେପ୍ ଟାଉନ୍, ୨୦୨୪

(ପ୍ରଥମ ଏସୀୟ ଦଳଭାବେ ଭାରତ କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସରେ ଟେଷ୍ଟ ବିଜୟୀ ହୋଇଛି)

କମ୍ ରନ ବିଶିଷ୍ଟ ଟେଷ୍ଟ

(ଭାରତ–ଦକ୍ଷିଣ ଆଫ୍ରିକା)

୪୬୪: କେପ୍ ଟାଉନ୍, ୨୦୨୪

୬୫୨: ନାଗପୁର, ୨୦୧୫

୬୬୦: ଡର୍ବାନ, ୧୯୯୬

୬୭୮: ମୁମ୍ବାଇ, ୨୦୦୦

୬୯୪: ମୋହାଲି, ୨୦୧୫

ଭାରତ ସମ୍ପୃକ୍ତ ଥିବା ଦୁଇଦିନିଆ ଟେଷ୍ଟ

ଭାରତ ବନାମ ଆଫଗାନିସ୍ତାନ, ବେଙ୍ଗାଲୁରୁ, ୨୦୧୮

ଭାରତ ବନାମ ଇଂଲଣ୍ଡ, ଅହମଦାବାଦ, ୨୦୨୧

ଦକ୍ଷିଣ ଆଫ୍ରିକା ବନାମ ଭାରତ, କେପ୍‌ଟାଉନ୍, ୨୦୨୪

ରାକେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଉଦ୍‌ଯାପିତ

■ ଦୀପା କର୍ମକାରଙ୍କୁ ୩ ପଦକ

ଭୁବନେଶ୍ୱର,୪।୧
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି । ଅଲିମ୍ପିଆନ୍ ଦୀପା କର୍ମକାର ୩ ପଦକ ସହିତ ଅଭିଯାନ ଶେଷ କରିଥିବା ବେଳେ ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର ୪ ପଦକ ହାସଲ କରିଛନ୍ତି । ତ୍ରିପୁରାର ପ୍ରତିନିଧିତ୍ୱ କରୁଥିବା ଦୀପା ଅଲ ରାଉଣ୍ଡରେ ସ୍ୱର୍ଣ୍ଣ, ଭଲ୍ଟ ଓ ଅନ ଇଭିନ ବାର୍ସରେ ରୌପ୍ୟ ପଦକ ହାସଲ କରିଥିଲେ । ସେହିପରି ରାକେଶ କୁମାର ପାତ୍ର ଅଲରାଉଣ୍ଡ ଓ ରିଙ୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସିଲ୍ଲୁର ବାର୍‌ରେ ରୌପ୍ୟ ଓ ହରାଇଜଣ୍ଟାଲ ବାରରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଉଦ୍‌ଯାପନୀ ଦିବସରେ ରେଲୱେଜର ପ୍ରଣତି ଦାସ ଅନଇଭିନ୍ ବାର୍ସ ଓ ଫ୍ଲୋର ଏକ୍ସରସାଇଜରେ ଡବଲ୍ ଗୋଲ୍ଡ ହାସଲ କରିଥିଲେ । ଅନ୍ୟତମ ରେଲୱେଜ ଖେଳାଳି ତଥା ଓଡ଼ିଶାରେ ଅଭ୍ୟାସ କରୁଥିବା ପ୍ରଣତି ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଭଲ୍ଟରେ ସ୍ୱର୍ଣ୍ଣ ଓ ବାଲାନ୍ସ ବିମ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ ପ୍ରଣତି । ସର୍ଭିସେସ୍‌ର ପ୍ରତିନିଧିତ୍ୱ କରୁଥିବା ଗୌରବ କୁମାର ୪ ଓ ରେଲୱେଜର ସିଦ୍ଧାର୍ଥ ବର୍ମା ୩ଟି ପଦକ ସହ ଅଭିଯାନ ଶେଷ କରିଥିଲେ । ଓଡ଼ିଶା ସରକାରଙ୍କ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ସୁଧୀର ମିତ୍ତଲ ଓ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନର ସଦସ୍ୟ ଉପସ୍ଥିତ ଥିଲେ । ଦେଶର ଶ୍ରେଷ୍ଠ ଜିମ୍ନାଷ୍ଟ ମାନେ ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପରେ ପ୍ରଦର୍ଶନ କରିବା ଦେଖି ବେଶ ଖୁସି ଲାଗୁଛି ବୋଲି କହିଥିଲେ ଭିନିଲ କ୍ରିଷ୍ଣା । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଭିତ୍ତିଭୂମିର ଏହା ସର୍ବୋତ୍କୃଷ୍ଟ ଉପଯୋଗ ବୋଲି କହିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ କଳିଙ୍ଗ ଷ୍ଟାଡିୟମରେ ଆହୁରି ଅନେକ ଚାମ୍ପିୟନଶିପ୍ ଆୟୋଜନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

କ୍ରିକେଟ ନିୟମରେ ବଡ଼ ପରିବର୍ତ୍ତନ

ଦୁବାଇ,୪।୧(ପି.ଟି)

ଆଇସିସି ପକ୍ଷରୁ ଏହାର କ୍ରିକେଟ ନିୟମରେ କିଛି ବଡ ପରିବର୍ତ୍ତନ ଅଣାଯାଇଛି । ଏହା ମଧ୍ୟରେ ରେଫରାଲ୍ ବା ଡିଆରଏସ୍ ସମେତ କନ୍‌କସନ ସବ୍‌ଷ୍ଟିଚ୍ୟୁଟ୍ ସାମିଲ ରହିଛି । ଏହି ନୂତନ ନିୟମଗୁଡିକ ଜାନୁଆରୀ ୧୨ ତାରିଖରୁ ଲାଗୁ କରାଯିବ । ପୂର୍ବରୁ ଷ୍ଟମ୍ପିଂ ଆବେଦନ ସମୟରେ କଟ୍ ବିହାଇଣ୍ଡ ଚେକ୍ କରାଯାଉଥିଲା । ତେବେ ବର୍ତ୍ତମାନ ନୂତନ ନିୟମ ଅନୁଯାୟୀ ଏହାକୁ ପରିବର୍ତ୍ତନ କରାଯାଇଛି । ସମୟ ବଞ୍ଚାଇବା ପାଇଁ ଆଇସିସି ପକ୍ଷରୁ ଏହି ନିୟମ ଲାଗୁ କରାଯାଇଛି । ଯଦି କୌଣସି ଟିମ୍ କଟ୍ ବିହାଇଣ୍ଡ ଅପିଲ୍ କରୁଛନ୍ତି ତେବେ ତାଙ୍କୁ ଏଥିପାଇଁ ଡିଆରଏସ୍‌ର ବ୍ୟବହାର କରିବାକୁ ହେବ । ଭାରତ ବିପକ୍ଷ ସିରିଜ୍‌ରେ ଅଷ୍ଟ୍ରେଲିଆର ଉଇକେଟ କିପର ଆଲେକ୍ସ କେରୀ ଏଭଳି କରୁଥିବାର ଦେଖିବାକୁ ମିଳିଥିଲା । ଡିଆରଏସ୍ ନ ହରାଇ ସେ ଷ୍ଟମ୍ପିଂ ଆବେଦନ କରୁଥିବା ବେଳେ ଆପେ ଆପେ କଟ୍ ବିହାଇଣ୍ଡ ଚେକ୍ ମଧ୍ୟ ହେଉଥିଲା । ଏଥିରେ ଅଯଥା ସମୟ ଅପଚୟ ହେଉଥିବାରୁ ଏହାକୁ ରୋକିବା ପାଇଁ ଆଇସିସି ପକ୍ଷରୁ ନିୟମରେ ପରିବର୍ତ୍ତନ ଅଣାଯାଇଛି । ସେହିପରି କନ୍‌କସନ୍ ସବ୍‌ଷ୍ଟିଚ୍ୟୁଟ୍ ନିୟମରେ ମଧ୍ୟ ଆଇସିସି ଏକ ପରିବର୍ତ୍ତନ ଆଣିଛି । ଯଦି ଆହତ ହୋଇଥିବା ଖେଳାଳିଙ୍କ ବୋଲିଂ କରିବା ଉପରେ ରୋକ ଲଗାଯାଇଥାଏ ତେବେ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ମଧ୍ୟ ବୋଲିଂ କରିପାରିବେ ନାହିଁ ବୋଲି ନିୟମ ଲାଗୁ କରାଯାଇଛି । ଏହା ସହିତ ପଡିଆରେ ଆଘାତ ଚିକିତ୍ସା ପାଇଁ ୪ ମିନିଟରୁ ଅଧିକ ସମୟ ନେଇ ହେବ ନାହିଁ ବୋଲି ଆଇସିସି ପକ୍ଷରୁ କୁହାଯାଇଛି । ଏହା ସହିତ ପୂର୍ବରୁ ବିସିସିଆଇ ପକ୍ଷରୁ ରହିଥିବା ଡେଡ୍ ବଲ୍ ଓ ଓଭରରେ ଦୁଇଟି ବାଉନ୍ସର ନିୟମ ଲାଗୁ ରହିବ ବୋଲି କୁହାଯାଇଛି ।

ହକି ପ୍ରତି ଭାରତର ପ୍ରତିବଦ୍ଧତା ଦର୍ଶାଉଛି ଅଲିମ୍ପିକ୍ସ କ୍ୱାଲିଫାୟର୍ସ

ରାଞ୍ଚି,୪।୧(ପି.ଟି): ଅଲିମ୍ପିକ୍ସ ପାଇଁ ମହିଳା ହକି କ୍ୱାଲିଫାୟର୍ସ ରାଞ୍ଚିରେ ହେବାକୁ ଯାଉଥିବା ବେଳେ ଏହା ହକି ପ୍ରତି ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି କହିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କା । ଅନ୍ତର୍ଜାତୀୟ ସ୍ତରରେ ଏହା ଭାରତର ଗୁରୁତ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ସେ କହିଛନ୍ତି । ଭାରତ ସମେତ ୮ ଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ୩ଟି ଅଲିମ୍ପିକ୍ସ କୋଟା ପାଇଁ ଲଢେଇ ହେବ । ମାରାଙ୍ଗ ଗୋମକେ ଜୟପାଲ ସିଂ ଆଣ୍ଟୁ। ଟର୍ଫ ହକି ଷ୍ଟାଡିୟମରେ ଜାନୁୟାରୀ ୧୩–୧୯ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଟୁର୍ନାମେଣ୍ଟ ପାଇଁ ହକି ଇଣ୍ଡିଆ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଥିବା ବେଳେ ଦିଲୀପ ଏହି ବୟାନ ଦେଇଛନ୍ତି । ରାଞ୍ଚିରେ ହେଉଥିବା ଏହି ଟୁର୍ନାମେଣ୍ଟ ପୂର୍ବରୁ ଚାଇନାରେ ଖେଳା ଯିବାକୁ ସ୍ଥିର କରାଯାଇଥିଲା । ତେବେ ଏସିଆନ୍ ଗେମ୍ସ ଜିତି ଚାଇନା ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ପରେ ଏହା ଭାରତକୁ ସ୍ଥାନାନ୍ତର ହୋଇଥିଲା ।

କିସ୍, ଉତ୍କଳ, ରମାଦେବୀ ବିଜୟୀ

ଅତିଥିଙ୍କ ଗହଣରେ ରମାଦେବୀ ମହିଳା ଭଲିବଲ ଦଳ ।

ଭୁବନେଶ୍ୱର,୪।୧
(ସରୋଜ ଜେନା)

କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ୍ ଟୁର୍ନାମେଣ୍ଟର ପ୍ରଥମ ଦିନରେ କିସ୍, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଏଇଜିଆଇଏସ୍ ଓ ଏଆଇୟୁର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଉଛି । ଓଡ଼ିଶା ଭଲିବଲ୍ ଆସୋସିଏଶନ ବରିଷ୍ଠ ଉପସଭାପତି ବିଜୟ କୁମାର ଧଳ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର କ୍ରୀଡା ମହା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ଓଡ଼ିଶା ଭଲିବଲ୍ ଆସୋସିଏଶନ କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର, ରେଫରି ପ୍ରମୋଦ କୁମାର ବେହେରା, କିଟ୍‌ର ସହ କ୍ରୀଡା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଓ କିସ୍‌ର ସହ କ୍ରୀଡା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ୪୨ ବିଶ୍ୱ ବିଦ୍ୟାଳୟର ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାର ୬ ବିଶ୍ୱବିଦ୍ୟାଳୟ ଏଥିରେ ଭାଗ ନେଉଛନ୍ତି । କିସ୍, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱ ବିଦ୍ୟାଳୟ ନିଜର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୪ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୫/୨୦୨୪ Bhubaneswar, Friday, January 5/ 2024

30 YEARS OF FUELLING DESIRE IN INDIA

CELEBRATE 30 YEARS OF MERCEDES-BENZ IN INDIA
WITH EXCLUSIVE OFFERS AND DELIGHTFUL SURPRISES

Drive home the new GLC at an all-inclusive EMI starting from ₹85 000

Scan the QR code to connect with us on WhatsApp.

T&T Motors: 1160/2087, Khata No. 498/478, Gharabari Phulnakhra, Cuttack, Odisha - 754001 | Tel: +91 7852944122, 8093554278
Timings: 10:00 am - 6:30 pm | URL: www.tandtmotorsodisha.mercedes-benz.co.in
Accessories, colors and fitments shown may not be a part of standard specifications. For technical specification of the model available in India, please refer to the product brochure or contact the nearest Mercedes-Benz Franchise Partner. EMI and RoI is subject to change. Finance is at the sole discretion of the Financier, Mercedes-Benz Financial Services India Pvt. Ltd. (Formerly known as Daimler Financial Services India Pvt Ltd).
CIN: U67190TN2010FTC077890.

DSPL-505

ODISHA
INDIA'S BEST KEPT SECRET.

#ନୂଆ-ଓ
ଯୁବ ଓଡ଼ିଶା ନବୀନ ଓଡ଼ିଶା

ନୂଆ- ଓ ଉତ୍ସବ, କଟକ

ସ୍ଥାନ : ତଳ ବାଲିଯାତ୍ରା ପଡ଼ିଆ, କଟକ | ସମୟ : ପୂର୍ବାହ୍ନ ୧୦ ରୁ

୦୫ ଜାନୁଆରୀ, ୨୦୨୪

OIPR-29001/13/0146/2324

ଆମ ଓଡ଼ିଶା ନବୀନ ଓଡ଼ିଶା

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ